


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

Vol. 34 | ISSUE 66 | ଭାଗ ୩୪ | ସଂଖ୍ୟା ୬୬ Bhubaneswar | Thursday 29 May 2025 | Page 8 Rs. 4.00 ● ଭୁବନେଶ୍ୱର ଗୁରୁବାର ୨୯ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଓଡ଼ିଶାରେ ମାଡ଼ିଲା କରୋନା



# ଦିନକରେ ୫ ପଜିଟିଭ୍ ଚିହ୍ନଟ

**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଗତ ସପ୍ତାହରେ ଓଡ଼ିଶାରେ ଗୋଟିଏ କୋଭିଡ୍ ସଂକ୍ରମିତ ଠାବ ହୋଇଥିବା ବେଳେ ଆଜି ଅଚାନକ ୫ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଏଥିସହ ଓଡ଼ିଶାରେ ଏହି ଭୂତାଣୁ ତା'ର ପ୍ରଭାବ ବିସ୍ତାର କରିଥିବା ଚର୍ଚ୍ଚା ହେଉଛି ଓ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଭୟଭାବ ଦେଖାଯାଇଛି। ଆଜି ଚିହ୍ନଟ ହୋଇଥିବା ୫ ଜଣଙ୍କ ମଧ୍ୟରୁ ୪ ଜଣ ରାଜଧାନୀର ହୋଇଥିବା ବେଳେ ଅନ୍ୟ ଜଣେ ସଂକ୍ରମିତ ଖୋର୍ଦ୍ଧାର ବୋଲି ଜଣାପଡ଼ିଛି। ସେହିପରି ସଂକ୍ରମିତଙ୍କ ମଧ୍ୟରେ ୪ ଜଣ ପୁରୁଷ ରହିଥିବା ବେଳେ ଆଉ ଜଣେ ମହିଳା ଥିବା ସୂଚନା ମିଳିଛି। ଏମାନଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯିବା ପରେ ସମସ୍ତେ କରୋନା ପଜିଟିଭ୍ ଥିବା ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ ଯେ ଦେଶରେ ଦ୍ୱିତୀୟ ଥର ପାଇଁ କରୋନା ସଂକ୍ରମିତ ଆରମ୍ଭ ହୋଇଥିବା ବେଳେ ଏଥିରେ ମୁଖ୍ୟତଃ ଦୁଇଟି ପ୍ରଜାତି ରହିଛି। ଦେଶର ଅନ୍ୟାନ୍ୟ ରାଜ୍ୟରେ କରୋନା ସଂକ୍ରମଣ ସାମାନ୍ୟ ବ୍ୟାପକ ହୋଇଥିଲେ ହେଁ ଓଡ଼ିଶାରେ ଅନ୍ତିମ ଥର ପାଇଁ ଗତ ୨୨ ତାରିଖରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଉକ୍ତ ➪ପୃଷ୍ଠା-୬

## ଚଣ୍ଡିଗଡ଼ରେ ପ୍ରଥମ କୋଭିଡ ମୃତ୍ୟୁ

### କେରଳରେ ସର୍ବାଧିକ ୪୩୦ ସଂକ୍ରମିତ

**ଚଣ୍ଡିଗଡ଼:** ଦେଶରେ ମଧ୍ୟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଛି। ଆଜି ଚଣ୍ଡିଗଡ଼ରେ ଜଣେ ୪୦ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଫଳରେ ପଞ୍ଜାବରେ ପ୍ରଥମ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ସାମ୍ନାକୁ ଆସିଛି। ଉତ୍ତର ପ୍ରଦେଶ ଫିରୋଜାବାଦର ଏହି ବ୍ୟକ୍ତି ଜଣଙ୍କ କୋଭିଡ୍ ପଜିଟିଭ୍ ସାବ୍ୟସ୍ତ ହେବା ପରେ ତାଙ୍କୁ ଲୁଧିଆନାରୁ ଜିଏମସିଏଚ୍‌କୁ ରେଫର କରାଯାଇଥିଲା। ତେବେ ଏହି ସଂକ୍ରମିତଙ୍କ ନମୁନା ଦୁଇ ପ୍ରଜାତି ମଧ୍ୟରୁ କେଉଁ ପ୍ରଜାତିର ଥିଲା, ସେନେଇ କିଛି ବି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ସେହିପରି ଗତକାଲି ସୁଦ୍ଧା ➪ପୃଷ୍ଠା-୬

## ମୋହନଙ୍କ ଐତିହାସିକ ନିଷ୍ପତ୍ତି

# ସରକାରୀ ଚାକିରିରେ ବଢ଼ିଲା ବୟସ ସୀମା




**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ସରକାରୀ ଚାକିରି ପାଇଁ ବୟସ ସୀମାକୁ କୋହଳ କରିଛନ୍ତି ରାଜ୍ୟ ସରକାର। କେବଳ ୟୁନିଫର୍ମ ସର୍ଭିସକୁ ଛାଡିଦେଲେ ଅନ୍ୟ ବିଭିନ୍ନ ମୂଳ ପଦବୀ ଓ ସେବାରେ ପ୍ରବେଶ ପାଇଁ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରାଯାଇଛି। ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ନିଷ୍ପତ୍ତି ଅନୁସୂଚିତ ଜାତି (ଏସି), ଅନୁସୂଚିତ ଜନଜାତି (ଏସଟି), ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ (ଏସଇବିସି), ମହିଳା ଏବଂ ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ବିଶେଷ ଭାବେ ଲାଭଦାୟକ ହେବ। ଏହାଦ୍ୱାରା ଅଧିକ ସଂଖ୍ୟକ ଯୁବକ-ଯୁବତୀ ରାଜ୍ୟର ପ୍ରଶାସନିକ ସେବାରେ ଯୋଗଦେବାର ସୁଯୋଗ ପାଇବେ ବୋଲି କହିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମା ବୃଦ୍ଧି କରିବାକୁ ବିଭିନ୍ନ ମହଲରୁ ଦାବି ହେଉଥିବା ବେଳେ ରାଜ୍ୟ ସରକାର ଆଜି ଏହାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି।

- ବୟସ ସୀମା ୩୨ରୁ ୪୨କୁ ବୃଦ୍ଧି
- ଓଡ଼ିଶା ଏଆଇ ନୀତିକୁ କ୍ୟାବିନେଟ ମଂଜୁରୀ
- ପ୍ରତିଷ୍ଠା ହେବ ଏଆଇ ମିଶନ ଓ ସେଣ୍ଟର ଅଫ ଏକ୍ସିଲେନ୍ସ
- ଯୋରନ୍ଦା ଗାଦିର ବିକାଶ ଓ ଶୂନ୍ୟ ମଣ୍ଡପ ପାଇଁ ୧୭୧ କୋଟି
- ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ସହ ହେବ ରିହାତି ଚୁକ୍ତି

ସେହିଭଳି ରାଜ୍ୟ କ୍ୟାବିନେଟ ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି (ଏଆଇ) ୨୦୨୫କୁ ମଞ୍ଜୁର କରିଛି। ଏହି ନୀତି ରାଜ୍ୟର ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବା ସହ ରାଜ୍ୟର ପ୍ରଯୁକ୍ତିବିଦ୍ୟା ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ। ଏଆଇର ବ୍ୟବହାର ଦ୍ୱାରା ଏଣିକି ପ୍ରଶାସନିକ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବା ସହ ତଥ୍ୟ ସଂଗ୍ରହ ଓ ତଥ୍ୟ ଆଧାରିତ ନିଷ୍ପତ୍ତି ନେବାରେ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଓଡ଼ିଶା ଏଆଇ ନୀତି କୃତ୍ରିମ ବୁଦ୍ଧିମତା(ଏଆଇ)ର ମୌଳିକ ଭିତ୍ତିଭୂମି, ଦକ୍ଷତା, ଶକ୍ତି ଓ ନିୟନ୍ତ୍ରଣାତ୍ମକ ଢାଞ୍ଚା ଏହି ୪ଟି ସ୍ତମ୍ଭ ଉପରେ ଆଧାରିତ। ଏହା ରାଜ୍ୟର କମ୍ପ୍ୟୁଟିଂ କ୍ଷମତାକୁ ସରଳ କରିବା ସହ ପରିପକ୍ୱ କରିପାରିବ ଏବଂ ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ। ଏହାଦ୍ୱାରା ରାଜ୍ୟର ବୈଷୟିକ ଦକ୍ଷତା ବୃଦ୍ଧି ସହ ଏକ ପ୍ରଭାବୀ ବ୍ୟବସ୍ଥାକୁ ସୁନିଶ୍ଚିତ ➪ପୃଷ୍ଠା-୬

## କେନ୍ଦ୍ର ପରିବେଶ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

# ଦେବ୍ରିଗଡ଼ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷଣ ମାନ୍ୟତା ମିଳୁ



**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସହ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ସମ୍ବଲପୁର ଚିଡ଼ିଆଖାନାର ଉନ୍ନତିକରଣ ଉପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷଣ ମାନ୍ୟତା ପ୍ରଦାନ ଦିଗରେ ପଦକ୍ଷେପ ନେବା ସକାଶେ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ମଧ୍ୟ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଏପରି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ବାଘ ସଂରକ୍ଷଣକୁ ପ୍ରୋତ୍ସାହିତ କରାଯାଇପାରିବ ଓ ଏହା ପରୋକ୍ଷରେ ପର୍ଯ୍ୟଟନର ବିକାଶ ପାଇଁ ବାଟ ଫିଟାଇପାରିବ। ସମ୍ବଲପୁର ଚିଡ଼ିଆଖାନା ପରିଦର୍ଶନ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୟାସରେ ସମ୍ବଲପୁର ଚିଡ଼ିଆଖାନାକୁ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭାବେ ବିକଶିତ କରିବାର ଯୋଜନା ଥିବା ନିକଟରେ ସମ୍ବଲପୁର ଗସ୍ତ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଘୋଷଣା କରିଥିଲେ। ଏହି ଘୋଷଣାର ୪ ଦିନ ପରେ ଶ୍ରୀ ପ୍ରଧାନ କେନ୍ଦ୍ର ପରିବେଶ ମନ୍ତ୍ରୀଙ୍କୁ ଭେଟି ଏ ଦିଗରେ ତାଙ୍କର ଆନ୍ତରିକତାକୁ ସ୍ପଷ୍ଟ କରିଛନ୍ତି। ଆଜି ଶ୍ରୀ ପ୍ରଧାନ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି, ସମ୍ବଲପୁର ଚିଡ଼ିଆଖାନାକୁ ମଧ୍ୟମ ଚିଡ଼ିଆଖାନା ବର୍ଗରେ ସମ୍ପ୍ରସାରଣ ଏବଂ ଉନ୍ନତିକରଣ ପାଇଁ ତାଙ୍କର ହସ୍ତକ୍ଷେପ ପାଇଁ ନିବେଦନ କରିଛି। ଏହି ସମ୍ପ୍ରସାରଣ ନୂତନ ପ୍ରଜାତିକୁ ସାମିଲ କରିବା ସହ ଶିକ୍ଷା ଏବଂ ଗବେଷଣା ସୁବିଧାର ➪ପୃଷ୍ଠା-୬

## ଚାଷୀଙ୍କୁ ସରକାରଙ୍କ ବଡ଼ ଭେଟି

# ବଢ଼ିଲା ୧୪ ଖରିଫ ଫସଲ ଏମ୍‌ଏସ୍‌ପି




**ନୂଆଦିଲ୍ଲୀ,୨୮।୫:** ଆଜି କେନ୍ଦ୍ର କ୍ୟାବିନେଟ ବୈଠକରେ ଚାଷୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରାଯାଇଛି। ଏନେଇ ସୂଚନା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀଙ୍କ ସୂଚନାନୁସାରେ, ସରକାର ଧାନ, କପା, ସୋୟାବିନ୍ ଓ ମଟର ସମେତ ୧୪ଟି ଖରିଫ ଫସଲର ଏମ୍‌ଏସ୍‌ପି ବଢ଼ାଇଛନ୍ତି। କ୍ୟାବିନେଟ୍ ମଞ୍ଜୁରୀ ପରେ ଧାନର ନୂତନ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କାରେ ପହଞ୍ଚିଛି। ପୂର୍ବ ତୁଳନାରେ ଆଜି ଏଥିରେ ୬୯ ଟଙ୍କା ଯୋଡ଼ାଯାଇଛି। ଏମ୍‌ଏସ୍‌ପି ବଢ଼ାଯାଇଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ଏ ବାବଦରେ ୨ ଲକ୍ଷ ୭ ହଜାର କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ। ଏହା ପୂର୍ବ ଫସଲ ଋତୁ ତୁଳନାରେ ୭ ହଜାର କୋଟି ଟଙ୍କା ଅଧିକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ ବୈଠକରେ ୨୦୨୫-୨୬ ଖରିଫ ଋତୁ ପାଇଁ ବର୍ଦ୍ଧିତ ଏମ୍‌ଏସ୍‌ପିକୁ ମଞ୍ଜୁରୀ ଦିଆଯାଇଛି। ଏଥିରେ ମୋଟ ବ୍ୟୟ ପରିମାଣ ପ୍ରାୟ ୨ ଲକ୍ଷ ୭ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ବେଳେ ପ୍ରତ୍ୟେକ ଫସଲ ପାଇଁ ଖର୍ଚ୍ଚ ସହ ସର୍ବନିମ୍ନ ୫୦ ପ୍ରତିଶତ ହିସାବରେ ନିଆଯାଇଛି। ସେହିଭଳି କେନ୍ଦ୍ର ସରକାର କ୍ୟାବିନେଟ ବୈଠକରେ ୨୦୨୫-୨୬ ପାଇଁ କିଷାନ କ୍ରେଡିଟ୍ କାର୍ଡ ସୁଧ ସବସିଡି ଯୋଜନା ଜାରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ➪ପୃଷ୍ଠା-୬

● ଶିଳ୍ପମନ୍ତ୍ରୀଙ୍କ ବିରୋଧରେ ହେବ କି କାର୍ଯ୍ୟାନୁଷ୍ଠାନ?

# ସମ୍ପଦଙ୍କ ଅହେତୁକ ସମ୍ପତ୍ତି ଲୋଭ!



**ଭୁବନେଶ୍ୱର, ୨୮।୫ (ସଂଚାର ବ୍ୟୁରୋ) :** ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ କିଏ ଦେଉଛି ସୁରକ୍ଷା। ପାରାଦୀପରେ ଶିଳ୍ପମନ୍ତ୍ରୀଙ୍କ ବିରୋଧରେ ମାଳମାଳ ଅଭିଯୋଗ। କେତେବେଳେ ବ୍ୟବସାୟୀକ ଶତ୍ରୁତାରୁ ଅପହରଣ ଅଭିଯୋଗ ତ କେତେବେଳେ କ୍ଷମତାର ଅପବ୍ୟବହାର କରି ନିଜ ପାରିବାରିକ ବ୍ୟବସାୟ ବୃଦ୍ଧିର ଅଭିଯୋଗ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଆଇନ ଶୃଙ୍ଖଳାକୁ ସବୁବେଳେ ସମ୍ମାନ ଦେଉଥିବା ଏବଂ ସ୍ୱଚ୍ଛତାର ନାରା ଦେଉଥିବା ସରକାର କାହିଁକି ମନ୍ତ୍ରୀଙ୍କ ବିରୋଧରେ ଉଠିଥିବା ଅଭିଯୋଗର ତଦନ୍ତ କରାଉନାହାଁନ୍ତି ତାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ।


Paradeep Phosphates Limited
GST INVOICE

ପାରାଦୀପ ଫସଫେଟ ଲିମିଟେଡ (ପିପିଏଲ) ବର୍ଷ ବର୍ଷ ଧରି ବିଭିନ୍ନ ଟ୍ରେଡିଂ ସଂସ୍ଥାକୁ ଜିପସମ ବିକ୍ରି କରୁଥିଲା। ଏହି ବ୍ୟବସାୟରେ ୧୮ରୁ ୨୦ଟି ସଂସ୍ଥା ସାମିଲ ଥିଲେ ଏବଂ ଏହାଦ୍ୱାରା ହଜାରେରୁ ଅଧିକ ଲୋକ ରୋଜଗାର ପାଉଥିଲେ। କିନ୍ତୁ ସମ୍ପଦ ସ୍ୱାଇଁ ଶିଳ୍ପମନ୍ତ୍ରୀ ହେବା ପରେ ସମସ୍ତଙ୍କ ଭାତହାଣ୍ଡି ଭାଙ୍ଗିଦେଇ ନିଜ ପାରିବାରିକ ବ୍ୟବସାୟକୁ ବଢ଼ାଇବାରେ ଲାଗିଛନ୍ତି ବୋଲି ଅଭିଯୋଗ ହେଉଛି। ସଂଚାର ହାତରେ ଲାଗିଥିବା କଛି ତଥ୍ୟ ଅନୁଯାୟୀ ୨୦୨୪ ପୂର୍ବରୁ ପିପିଏଲ ବିଭିନ୍ନ ଟ୍ରେଡିଂ କମ୍ପାନୀକୁ ଜିପସମ ଟନ ପିଛା ୩୨୦ ଟଙ୍କାରେ ବିକ୍ରି କରୁଥିଲା। ସେମାନେ ତାହାକୁ ବଜାରରେ ୫୦୦ରୁ ୭୦୦ରେ ବିକ୍ରି କରୁଥିଲେ। କିନ୍ତୁ ସମ୍ପଦ ସ୍ୱାଇଁ ମନ୍ତ୍ରୀ ହେବା ପରେ ପିପିଏଲ ଉପରେ ପଡିଥିଲା ➪ପୃଷ୍ଠା-୬

# ଟ୍ରାକ୍‌ରୁ ଖସିଲା ମାଲବାହୀ ଟ୍ରେନ୍‌ର ୨୫ ବଗି

**ଜୟପୁର,୨୮।୫(ସଂଚାର ବ୍ୟୁରୋ):** ଆଜି ଏକ ମାଲ ବୋଝେଇ ଟ୍ରେନ ଲାଇନଚ୍ୟୁତ ହୋଇଥିବା ବେଳେ ଏହାର ୨୫ରୁ ଊର୍ଦ୍ଧ୍ୱ ବଗି ଧାରଣାରୁ ଖସିଯାଇଛି। ଫଳସ୍ୱରୂପ ସୁଡ଼ଙ୍ଗ ମଧ୍ୟରେ ଉକ୍ତ ଟ୍ରେନର ଅଧାରୁ ଅଧିକ ବଗି ରହିଯାଇଛି। ସ୍ଥାନୀୟ ଚିମିଡିପାଲି ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଉକ୍ତ ଲାଇନ୍‌ରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଆରୁକୁ-କୋତଓ୍ୱାଲାସା ମଧ୍ୟରେ ଚିମିଡିପାଲି ଷ୍ଟେସନ ନିକଟରେ ଘଟିଛି



ଦୁର୍ଘଟଣା। ତେବେ ଏଥିରେ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ କୋରାପୁଟ କୋତାବାଲସା-କିରନ୍ଦୁଲ ରେଳ ଲାଇନର ଡାଇଡ଼ା ଓ ଚିମଡିପାଲି ଷ୍ଟେସନ ନିକଟରେ ମାଲବାହୀ ଟ୍ରେନ୍‌ର ୨୫ରୁ ଊର୍ଦ୍ଧ୍ୱ ବଗି ଲାଇନଚ୍ୟୁତ ହୋଇଛି। କୋରାପୁଟ ବିଶାଖାପାଟଣା ରେଳ ➪ପୃଷ୍ଠା-୬

## ପାଟଣାଗଡ଼ ପାର୍ସଲ୍ ବୋମା ମାମଲା

# ପୁଞ୍ଜିଲାଲକୁ ଆଜୀବନ କାରାଦଣ୍ଡ

### ୭ ବର୍ଷର ବିଚାର ପରେ ଆସିଲା ପାଟଣାଗଡ଼ ଏଡିଜେ କୋର୍ଟଙ୍କ ରାୟ



**ପାଟଣାଗଡ଼,୨୮।୫(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଆସିଛି ରାୟ। ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି ପାଟଣାଗଡ଼ ଏଡିଜେ କୋର୍ଟ। ପୁଞ୍ଜିଲାଲକୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ କୋର୍ଟ ୫୦ ହଜାର ଟଙ୍କାର ଜୋରିମାନା ମଧ୍ୟ କରିଛନ୍ତି। ଦୀର୍ଘ ୭ ବର୍ଷର ନ୍ୟାୟିକ ତଦନ୍ତ ପରେ ଏହି ମାମଲାରେ ରାୟ ପ୍ରକାଶ ପାଇଛି। ୨ ହଜାର ପୃଷ୍ଠାବିଶିଷ୍ଟ ଚାର୍ଜସିଟ୍ ଓ ୬୦ରୁ ଅଧିକ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ସହ ପକ୍ଷ ଓ ପ୍ରତିପକ୍ଷଙ୍କ ଜୋରଦାର ଯୁକ୍ତିତର୍କ ପରେ ଶେଷରେ ପୁଞ୍ଜିଲାଲ୍ ଦୋଷୀ ସାବ୍ୟସ୍ତ ହୋଇଛି। ଗତ ୨୦୧୮ ଫେବ୍ରୁଆରୀ ୨୩ ତାରିଖରେ ସାରା ଓଡ଼ିଶାବାସୀଙ୍କୁ ଦୋହଲାଇ ଦେଇଥିଲା ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ। ନବବିବାହିତ ସୌମ୍ୟଶେଖର ସାହୁ ➪ପୃଷ୍ଠା-୬

## ଚିଠି ଦେଖାଇଥିଲା ବାଟ: ବୋଥ୍ରା

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ପୁଞ୍ଜିଲାଲଙ୍କୁ ଗିରଫ କରିଥିଲେ ତତ୍କାଳୀନ କ୍ରାଇମ ବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା। ୨୦୧୮ ଫେବ୍ରୁଆରୀ ୨୩ ତାରିଖରେ ବୋମା ବିସ୍ଫୋରଣ ହୋଇଥିଲା। ଅନେକ ଦିନ ଯାଏଁ ଘଟଣାରେ କେହି ଗିରଫ ହୋଇ ନଥିଲେ। ତତ୍କାଳୀନ କ୍ରାଇମ ବ୍ରାଞ୍ଚ ଆଇଜି ଶ୍ରୀ ବୋଥ୍ରାଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ତତ୍କାଳୀନ ଡିଜିପି ଆରପି ଶର୍ମା ଶ୍ରୀ ବୋଥ୍ରାଙ୍କ ଦକ୍ଷତା ଉପରେ ଭରସା କରି ତାଙ୍କୁ ଏହି ବହୁଚର୍ଚ୍ଚିତ ହତ୍ୟାକାଣ୍ଡର ତଦନ୍ତ ଭାର ଦେଇଥିଲେ। ୨୦୧୮ ଏପ୍ରିଲ ୨୪ ତାରିଖରେ ଅଭିଯୁକ୍ତ ପୁଞ୍ଜିଲାଲକୁ ଗିରଫ କରିଥିଲା କ୍ରାଇମ ବ୍ରାଞ୍ଚ। ବିନା କୌଣସି ସୁରାକରେ ➪ପୃଷ୍ଠା-୬



## କାନ ଡେରିଥା

ଖସିବ ଗୋଡ଼ ଦେଖିକି ଚାଲ
ଟ୍ରେନର ମୁହଁ ମେଲା
ବରଷା ଝଡ଼ରେ ପଡ଼ିଯିବ ଯଦି
ହୋଇବ ସବୁ ଝାମେଲା
ଜୀବନ ରହିଲେ ହେଲା...
ନେତା ମନ୍ତ୍ରୀ ପୁଣି ଆଶ୍ୱାସନା
ଦେବେ
ତାପରେ ହୋଇବେ ଢିଲା।

■ ଦେବାଶିଷ

# ଓଡ଼ିଶାରେ ଆଣ୍ଠେଇଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା



● ମନ ଦେଉନାହାନ୍ତି ବିଜୁଳି ବିତରଣ ସଂସ୍ଥା
● ଘରୋଇ ସଂସ୍ଥା ଉପରେ ଲୋକଙ୍କ ଭରସା ପାଉନି

**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ବହୁଆଂକାକ୍ଷିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଓଡ଼ିଶାରେ ଏକପ୍ରକାର ଆଣ୍ଠେଇପଡ଼ିଛି। ଫଳସ୍ୱରୂପ ଲୋକଙ୍କର ସୌରଶକ୍ତି ଜରିଆରେ ମାଗଣା ବିଜୁଳି ପାଇବାର ସ୍ୱପ୍ନ ବି କ୍ରମଶଃ ମିଳେଇଯାଉଛି। ରାଜ୍ୟରେ ଥିବା ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନଥିବା ବେଳେ ଘରୋଇ ସଂସ୍ଥାମାନଙ୍କ ଉପରେ ଲୋକଙ୍କ ଭରସା ପାଉନାହିଁ। ଫଳରେ ଡବଲ ଇଞ୍ଜିନ ସରକାର ସତ୍ତ୍ୱେ ଏହି କେନ୍ଦ୍ରୀୟ ଯୋଜନା ରାଜ୍ୟରେ ବେଶ୍ ମନ୍ଥର ଗତିରେ ଚାଲିଛି।

ଏହି କେନ୍ଦ୍ରୀୟ ଯୋଜନାରେ ହିତାଧିକାରୀମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ସବସିଡି ଯୋଗାଇ ଦେଉଛନ୍ତି। ନିଜ ଘର ଉପରେ ସୌର ପ୍ୟାନେଲ ବସାଇଲେ ଲୋକେ ଅଳ୍ପ ଅର୍ଥ ବ୍ୟୟ କରି ମାଗଣାରେ ବିଦ୍ୟୁତ୍ ଶକ୍ତି ପାଇପାରିବେ। ଏଥିପାଇଁ ଆଗ୍ରହୀ ଲୋକେ ବି ପଞ୍ଜିକରଣ କରୁଛନ୍ତି। ହେଲେ ଯେତିକି ଲୋକ ପଞ୍ଜିକରଣ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଅତି ନଗଣ୍ୟ ପରିମାଣର ଲୋକ ସୌର ପ୍ୟାନେଲ ବସାଉଛନ୍ତି। ଗତ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ପ୍ରାୟ ଲକ୍ଷେ ଲୋକ ଏଥିପାଇଁ ଆବେଦନ କରିଥିଲେ ହେଁ ସେମାନଙ୍କ ମଧ୍ୟରୁ ୩ ହଜାର ଲୋକଙ୍କ ଘରେ ବି ସୌରଶକ୍ତି ପ୍ୟାନେଲ ଲାଗିପାରିନଥିଲା।

ସବୁଠାରୁ ବଡ଼ କଥା ହେଉଛି, ଏହି ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ବିଦ୍ୟୁତ୍ ବିତରଣ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ହେଲେ କମ୍ପାନୀ ପକ୍ଷରୁ ଗ୍ରାହକମାନଙ୍କୁ ଯେଉଁଭଳି ସୂଚନା ଦିଆଯିବା କଥା ତାହା ହେଉନାହିଁ। ସରକାରୀ ନିୟନ୍ତ୍ରିତ ସଂସ୍ଥା ଆଗ୍ରହୀ ନଥିବା ବେଳେ ମାଳ ମାଳ ବେସରକାରୀ ସଂସ୍ଥା କିନ୍ତୁ ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଆଗେଇଆସୁଛନ୍ତି। କିନ୍ତୁ ସେମାନେ ଲୋକଙ୍କୁ ସବସିଡି ବାବଦରେ ଯେତେ ବୁଝାଇଲେ ମଧ୍ୟ ସାଧାରଣ ଲୋକଙ୍କ ଭରସା ଜିତିପାରୁନାହାଁନ୍ତି।

ନିକଟରେ ଖୋଦ୍ ରାଜ୍ୟପାଳ ସୌରଶକ୍ତି ସଂକ୍ରାନ୍ତରେ ସାଧାରଣ ଲୋକଙ୍କୁ ଅବଗତ ପାଇଁ ସାମ୍ବାଦିକ ସମ୍ମିଳନୀ ଡାକି ରାଜଭବନରେ କିଭଳି ସୌରଶକ୍ତି କାର୍ଯ୍ୟକାରୀ ହେଉଛି ତାହା ଦେଖାଇଥିଲେ। ଏହା ସତ୍ତ୍ୱେ ବି ରାଜଧାନୀରେ ସାଧାରଣ ଲୋକେ ନିଜ ନିଜ ଘରର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ବସାଇବାକୁ ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। କନ୍ଧମାଳ, କୋରାପୁଟ ଏପରିକି ପୁରୀ ଭଳି ଜିଲ୍ଲାରେ ଏହି ଯୋଜନା ଏକପ୍ରକାର ଶୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଉଲ୍ଲେଖନୀୟ ଯେ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଯେଉଁ ୩୦୦ ୟୁନିଟ୍ ମାଗଣା ବିଜୁଳି ସଂକ୍ରାନ୍ତରେ କୁହାଯାଇଥିଲା, ତାହା ବାସ୍ତବରେ ଥିଲା ଏହି ସୌର ପ୍ରକଳ୍ପ। ଲୋକେ ସୌର ପ୍ରକଳ୍ପ ସ୍ଥାପନ କଲେ କିଭଳି ମାଗଣାରେ ବିଜୁଳି ପାଇବେ ତାହା ବି କୁହାଯାଉଛି। ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିବା ଏବଂ ମାଗଣା ବିଜୁଳିକୁ ନେଇ ବିରୋଧୀ ଦଳ ବାରମ୍ବାର ସମାଲୋଚନା କରିବା ସତ୍ତ୍ୱେ ବି ରାଜ୍ୟରେ କାହିଁକି ➪ପୃଷ୍ଠା-୬

# ଗରଦପୁର ତହସିଲ କାର୍ଯ୍ୟାଳୟରେ ଅବ୍ୟବସ୍ଥା

- ଜମିଜମା ସମସ୍ୟାର ତ୍ୱରିତ ସମାଧାନ ହେଉନି
- ସରକାରୀ ଜମି ଜବରଦଖଲ ବଢୁଛି, ଉଚ୍ଛେଦ ନାହିଁ
- ଟ୍ରେସ୍‌ମ୍ୟାପ୍ ମିଳୁନି, ଆଗେଇ ପାରୁନି ଉନ୍ନୟନ କାର୍ଯ୍ୟ




**ଗରଦପୁର, ୨୮।୫(ସଂଚାର ବ୍ୟୁରୋ):** ଗରଦପୁର ତହସିଲ୍ କାର୍ଯ୍ୟାଳୟ ବ୍ୟାପକ ଅବ୍ୟବସ୍ଥା ଘେରରେ ଚାଲିଛି। ପ୍ରମାଣପତ୍ର ପ୍ରଦାନ ବ୍ୟତୀତ ଅନ୍ୟ କୌଣସି ସେବା ସଠିକ୍ ଭାବେ ମିଳୁନଥିବା ଅଭିଯୋଗ ହେଉଛି। ବିଶେଷ କରି ଜମିଜମା ସମ୍ପର୍କିତ ସମସ୍ୟାର ତ୍ୱରିତ ସମାଧାନ କରାଯାଉନଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୧୯୮୩ ମସିହା ଜମିଜମା ଆଇନ୍‌କୁ ପରିବର୍ତ୍ତନ କରି ମାଗଣା ଜମି ପଟ୍ଟା ପରିବର୍ତ୍ତନ କରିବା ପାଇଁ ଘୋଷଣା କରିଥିବା ବେଳେ ତାହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହେଉଛି। ଜମିଜମା ଖାତା ସଂଶୋଧନ କରି ଉତ୍ତରାଧିକାରୀଙ୍କ ନାଁରେ ରେକର୍ଡ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଲୋକମାନେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁଥିବା ବେଳେ ତାହା ହୋଇପାରୁନି। ସାଧାରଣ ଲୋକଙ୍କ କାମ ଦୂର କଥା, ଖୋଦ୍ ସରକାରୀ କାମ ମଧ ସଠିକ୍ ଭାବେ ହୋଇପାରୁନି। ସରକାରୀ କୋଠାବାଡ଼ି ନିର୍ମାଣ କିମ୍ବା ରାସ୍ତା ନିର୍ମାଣ ନିମନ୍ତେ ଜମିର ଟ୍ରେସ୍‌ମ୍ୟାପ୍ ଜରୁରୀ ହୋଇଥିବା ବେଳେ ତହସିଲ୍ ପକ୍ଷରୁ ତାହା ପ୍ରଦାନ କରାଯାଉନଥିବା ଜଣାଯାଇଛି। କାର୍ଯ୍ୟ ହେବାକୁ ଥିବା ଜମିର ଗୋଚର କିମ୍ବା ଜଙ୍ଗଲ ଜମି ସେ ନେଇ କିଛି ଜଣାପଡୁନି। ଯାହାଫଳରେ ଉନ୍ନୟନ କାର୍ଯ୍ୟ ଆଗେଇ ପାରୁନି। କେତେକ ସ୍ଥାନରେ ଠିକାଦାର ବିନା ଟ୍ରେସ୍‌ମ୍ୟାପ୍‌ରେ ଜଳାଶୟ, ଗୋଚର ଓ ଜଙ୍ଗଲ ଜମିରେ ନିର୍ମାଣ କାର୍ଯ୍ୟ କରୁଥିବା ଦେଖାଯାଉଛି। ଦାଖଲ ଖାରଜ, ଜମି ଚିହ୍ନଟ ଓ ମଡ଼ାଣ ଆଦି ମାମଲାର ଫଇସଲା ହୋଇପାରୁନି। ଜମିଜମା ସମସ୍ୟା ନେଇଲୋକେ ବାରମ୍ବାର ତହସିଲ୍ କାର୍ଯ୍ୟାଳୟକୁ ଦୌଡ଼ି ନିରାଶ ହୋଇ ଫେରୁଛନ୍ତି। ତହସିଲ୍ ଅଞ୍ଚଳରେ ଶତାଧିକ ସରକାରୀ ଜମି ଜବରଦଖଲରେ ରହିଛି। ତହସିଲ ପ୍ରଶାସନର କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ଜବରଦଖଲ ଯାଦୁଭଳି ମାଡ଼ି ଚାଲିଛି। ଜବରଦଖଲ ଉଚ୍ଛେଦ କରିବାକୁ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଗରଦପୁର ତହସିଲ୍‌ରେ ତାହା କାର୍ଯ୍ୟକାରୀ ହେଉନଥିବା ଦେଖାଯାଉଛି। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେବାରେ ମଧ ତତ୍ପରତା ପ୍ରକାଶ ପାଉନି। ଗରିବ ଭୂମିହୀନ ପ୍ରଜାଙ୍କୁ ଘରଡିହ ପଟା ବଣ୍ଟନ କରାଯାଉନଥିବାରୁ ସେମାନେ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଯାବତୀୟ ଅବ୍ୟବସ୍ଥା ମଧରେ ଚାଲିଛି ତହସିଲ୍ କାର୍ଯ୍ୟାଳୟ। ଯାହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଗରଦପୁର ତହସିଲଦାର ତୃପ୍ତି ଦାଶ ଙ୍କ ସହ ଯୋଗାଯୋଗ କରିଥିଲେ ମଧ କୌଣସି ଉତ୍ତର ମିଳିପାରିନାହିଁ।

# ବୀର ସଭରକରଙ୍କ ଜୟନ୍ତୀ ପାଳିତ




**କେନ୍ଦ୍ରାପଡା, ୨୮।୫(ସଂଚାର ବ୍ୟୁରୋ):** ରାଷ୍ଟ୍ରବାଦୀ ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସଭରକରଙ୍କ ୧୪୨ ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ପବ୍ଲିକ୍ ରିଡ଼ିଙ୍ଗ ରୁମ୍ ଠାରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭରକରଙ୍କୁ ଜଣେ ଅଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ଅବିହିତ କରିଥିଲେ। ସଭରକର କେବଳ ଜଣେ ସଂଗ୍ରାମି ଥିଲେ ତାହା ନୁହେଁ ବରଂ ଜଣେ ସମାଜ ସଂସ୍କାରକ ଥିଲେ। ତାଙ୍କ ଉଦ୍ୟମରେ ଭାରତରେ ହିନ୍ଦୁତ୍ୱ ବିଚାରଧାରାର ପ୍ରସାର ହୋଇ ପାରିଥିଲା। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜସେବୀ ଇଞ୍ଜିନିୟର ଅକ୍ଷୟ କୁମାର ପାଣି ସ୍ୱାଧୀନତା ପାଇଁ ସଭରକରଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ସହିତ ସଭରକରଙ୍କ କ୍ରାନ୍ତିକାରୀ ବିଚାରଧାରା କୁ ବାଦ୍ ଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଲେଖା ଯାଇ ପାରେନା ବୋଲି ମତବ୍ୟକ୍ତ କରିଥିଲେ। ଯୁବ ସାମ୍ବାଦିକ ସୁଶାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିରେନ୍ଦ୍ର କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଯୁବ ଆଇନଜୀବୀ ନୀତିଶ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ରାଷ୍ଟ୍ରପ୍ରେମୀ ଯୋଗଦେଇଥିଲେ।

# ଜୁତିଙ୍କ ସହିତ ଭିଡିଓ କଲ୍‌ରେ କଥା ହେଲେ ବିଡ଼ିଓ

## ପଚାରି ବୁଝିଲେ ସମସ୍ୟା, ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି




ସଂଚାର ପ୍ରଭାବ

**ମହାକାଳପଡ଼ା, ୨୮।୫(ସଂଚାର ବ୍ୟୁରୋ):** ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଆଜି ଜଣେ ଯୋଗ୍ୟ ଅସହାୟ ହିତାଧିକାରୀଙ୍କ ସହିତ ଭିଡିଓ କଲ୍ ରେ କଥା ହୋଇ ତାଙ୍କର ସମସ୍ୟା ଶୁଣିଛନ୍ତି। କେବଳ ସମସ୍ୟା ଶୁଣି ନାହାଁନ୍ତି ବରଂ ସମାଧାନ କରିବାକୁ ପ୍ରତିଶ୍ରୁତି ମଧ ଦେଇଛନ୍ତି। ବିଡ଼ିଓଙ୍କ ଦରଦୀ ଓ ସହଯୋଗୀ ପ୍ରୟାସ ତାଙ୍କର ସାଧାରଣ ଲୋକଙ୍କ ପ୍ରତି ରହିଥିବା ସେବା ମନୋବୃତ୍ତି କୁ ପ୍ରମାଣିତ କରିଛି। ଆଜି ସକାଳୁ ଏମିତି ଘଟଣା ଦେଖିବାକୁ ମିଳିଛି। ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଓଳିହା ଗ୍ରାମର ଜୁତି ବେୱା ପାଗଳ ପୁଅ ସହିତ ଦୁର୍ଦ୍ଦିନରେ ବଞ୍ଚୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘର ଖଣ୍ଡିଏ ନାହିଁ। ଯେଉଁ ନଡ଼ା ଛପର କୁଡିଆଟିଏ ରହିଛି ତାହା ଭାଙ୍ଗିରୁଜି ଗଲାଣି। ଚାଳ ଛପର ଉପରେ ପଡ଼ିଛି ଜରି ପାଲ। ତାହାରି ଭିତରେ ବିପଦ ସଙ୍କୁଳ ଅବସ୍ଥାରେ ବୁଢ଼ି ମାଉସୀ ତାର ମାନସିକ ବିକାରଗ୍ରସ୍ତ ପୁଅ ବିଭୂତି ଜେନା ସହିତ ରହୁଛନ୍ତି। ଏନେଇ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ମହାକାଳପଡ଼ା ବିଡ଼ିଓଙ୍କୁ ଅବଗତ କରାଇବା ସହିତ ଜୁତି ବେୱା ଙ୍କୁ ଭିଡିଓ କଲ୍ ରେ କଥା କରାଇଛନ୍ତି। ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଜୁତି ବେୱା ଙ୍କୁ ଭିଡିଓ କଲ୍ ରେ ସମସ୍ତ ସମସ୍ୟା ପଚାରି ବୁଝିଛନ୍ତି। ଘର ଖଣ୍ଡିଏ ପାଇଁ ଜୁତି ଜଣାଇବା ପରେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ତାଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଭିନ୍ନ ସମୟରେ ସରକାରୀ କର୍ମଚାରୀ ସାଧାରଣ ଲୋକଙ୍କ ସମସ୍ୟା ଶୁଣୁନଥିବା ଅଭିଯୋଗ ହେଉଛି। ହେଲେ ମହାକାଳପଡା ବିଡ଼ିଓ ସମସ୍ୟା ଶୁଣିବା ମାତ୍ରକେ ସମାଧାନ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ଯାହା ଆଜି ଦେଖିବାକୁ ମିଳିଛି। ନିଜର କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ସିଧାସଳଖ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପ୍ରୟାସ କରୁଛନ୍ତି। ମହାକାଳପଡ଼ା ବିଡ଼ିଓଙ୍କ ଏହି ପ୍ରୟାସ ପ୍ରଶାସନିକ ଅଧିକାରୀ ମାନଙ୍କ ପାଇଁ ଏକ ବିରାଟ ଉଦାହରଣ। ଯାହାକୁ ଦେଖି ଅଞ୍ଚଳବାସୀ ମହାକାଳପଡ଼ା ବିଡିଓଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛନ୍ତି।

# ଫାରମର୍ସ ପ୍ରଡ୍ୟୁସର୍ସ କମ୍ପାନୀର ଶୁଭାରମ୍ଭ



**ଗରଦପୁର, ୨୮।୫(ସଂଚାର ବ୍ୟୁରୋ):** ବୁଧବାର ପାଟକୁରା ଫାରମର୍ସ ପ୍ରଡ୍ୟୁସର୍ସ କମ୍ପାନୀ ସରକାରୀ ଅନୁବନ୍ଧିତ ଆଉଟଲେଟ ଗରଦପୁର ଗୋବରା ଛକଠାରେ ଶୁଭାରମ୍ଭ ହୋଇଯାଇଛି। ବ୍ଲକ ଅଧକ୍ଷ ଅଭୟ କୁମାର ମହାରାଜ, ମଣ୍ଡଳ ଉନ୍ନୟନ ଅଧିକାରୀ ଆଲୋକ କୁମାର ସେଠୀ, କୃଷି ଅଧିକାରୀ ଡ଼ଃ. ଗୌତମ ଦାସ, ବ୍ଲକ କୃଷି ଅଧିକାରୀ ଅନିରୁଦ୍ଧ, ଆତ୍ମା ଅଧକ୍ଷ ବାସୁଦେବ ବେହେରା ଓ ସମସ୍ତ ବୋର୍ଡ଼ ସଭ୍ୟ ଏବଂ ଚାଷୀ ଭାଇ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ଏହି କମ୍ପାନୀ କୃଷି ଏବଂ କୃଷକଙ୍କ ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ମତପୋଷଣ କରିଥିଲେ। ଚଳିତ ବର୍ଷ ଧାନ ବିହନ ସରକାରୀ ଦର ରେ କୋଡ଼ିଏ କେଜି ବିହନ କୁ ମାତ୍ର ଟ. ୮୨୫ ଟଙ୍କା ରେ ସବସିଡି ଦରରେ ଉପଲବ୍ଧ କରୁଛି। ଶାରଳା, ୧୦୬୧, ପୂଜା ଓ କଳା ଚମ୍ପା କିସମ ର ବିହନ ବର୍ତ୍ତମାନ ଉପଲବ୍ଧ ଅଛି। ଚାଷୀ ମାନଙ୍କ ଆବଶ୍ୟକ ବିହନ ଡିମାଣ୍ଡ ଅନୁସାରେ ଯୋଗାଇ ଦିଆଯିବ ସୂଚନା ଦେଇଛନ୍ତି।

# ଅବକାରୀ ବିଭାଗର ସୁନା ପୁଅ ସାଜିଛି ମଦ ମାଫିଆ

**ରାଜକନିକା, ୨୮।୫(ସଂଚାର ବ୍ୟୁରୋ):** ଚୋରା ମଦ ବେପାର ଏବେ ଗାଁ ଗାଁରେ ଛାଇ ହୋଇ ଗଲାଣି। ସେଥିରୁ ଉପାର୍ଜିତ ଅଜସ୍ର ଟଙ୍କା ବେପାରୀଙ୍କୁ ବେପାର କରିବା ପାଇଁ ପ୍ରୋତ୍ସାହିତ କରୁଛି।ଏଣୁ ଏହି ବେପାର ଏବେ ଛକ ବଜାର, ଗଳିକନ୍ଦି, ସାହିବସ୍ତି ସବୁଠି ଦେଖିବାକୁ ମିଳୁଛି।ଏନେଇ ବାରମ୍ବାର ଅଭିଯୋଗ ପରେ ବି ନା ଅବକାରୀ ବିଭାଗ କିଛି ପଦକ୍ଷେପ ନେଉଛି ନା ପୁଲିସ୍ କିଛି କରୁଛି।ସମସ୍ତେ ଯେମିତି ନିରବଦ୍ରଷ୍ଟା ପାଲଟି ଗଲେଣି।ଫଳରେ ସାଧାରଣ ଲୋକେ ଏନେଇ ପ୍ରଭାବିତ ହେଉଛନ୍ତି।ଅଭିଯୋଗ ଅନୁସାରେ ରାଜକନିକା ବ୍ଲକ ଓଳାଭରରେ ରହିଛି ସରକାରୀ ମଦ ଦୋକାନ।ହେଲେ ଏଠାରୁ ପାହାନ୍ତାରେ ବାଇକ୍, ସ୍କୁଟି, ବୋଲେରୋ ଆଉ ଅଟୋ ଯୋଗେ ଦେଉଳତରା ଛକ, କୈଥାପାଳ, ହାବଳଗଣ୍ଡ, ଖରିଅଣ୍ଟା, ନମତରା, କଣ୍ଡିଆ ଦୁର୍ଗା ଛକ, ସିହୋପଡା, ଦୋମଣ୍ଡା, ପଦନୀପାଳ, ଅବଦୁଲପୁର, ହାଟସାହି ପ୍ରମୁଖ ସ୍ଥାନମାନଙ୍କୁ ମଦ ପହଞ୍ଚିବାର ପ୍ରତ୍ୟକ୍ଷଦର୍ଶୀଙ୍କ ଅଭିଯୋଗ ହେଉଛି।ସ୍ୱତନ୍ତ୍ର ଭାବେ ମଦ ନେଇ ଠିକଣା ଯାଗାରେ ପହଞ୍ଚାଉ ଥିବା ସ୍କୁଟି ଆଉ ବାଇକ୍ ଆରୋହୀଙ୍କୁ ମଦ ବେପାରୀଙ୍କ ପକ୍ଷରୁ ମୋଟା ଅଙ୍କର ଟଙ୍କା ଦେବାର ଜଣା ପଡ଼ିଛି।ଏମିତିକି ଦିନରେ ଏକାଧିକବାର ମଦ ପାଖରେ ପହଞ୍ଚାଇ ଦିଆ ଯାଉଛି।ତାଛଡା ଚୋରାମଦ କାଉଣ୍ଟରରେ ଅଧିକ ମଦ ଆବଶ୍ୟକ ପଡ଼ିଲେ ପାହାନ୍ତା ପ୍ରହରରେ ବ୍ୟାପକ ମଦ ବୋଲେରୋ ଯୋଗେ ମିଳି ଯାଉଛି।କଣ୍ଡିଆ ଫାଣ୍ଡି ପାଖ ଦୁର୍ଗା ଛକରେ ଚୋରାମଦ ଏବେ ଖୁଲମଖୁଲା ବେପାର ହେଉ ଥିଲେ ବି ପୁଲିସର ନଜରକୁ ଆସୁ ନାହି କେମିତି ତାହା ସାଧାରଣରେ ଚକିତ କରୁଛି।ଦେଉଳତରା ଛକରେ ମଧ୍ୟ ଦୁଇ ମଦ ବେପାରୀ ପ୍ରତିଯୋଗୀତାମୂଳକ ଭାବେ ମଦ ବିକୁ ଥିବାରୁ ସରକାରୀ ମଦ କାଉଣ୍ଟରର ଭ୍ରମ ସୃଷ୍ଟି କରୁଛି କଇଥାପାଳ ଗାଁ ମଝିରେ ଥିବା ଧାର୍ମିକ ପୀଠ ସମ୍ମୁଖରେ ଚୋରା ମଦର ସାହାଣମେଳା ଗ୍ରାମବାସୀଙ୍କୁ ବ୍ୟଥିତ କଲାଣି।ସରକାରୀ ମଦ ଦୋକାନ ଭାଙ୍ଗି ଏକଦା ନମତରା ମହିଳା ସମଗ୍ର ରାଜ୍ୟରେ ଉଦାହରଣ ପାଲଟିଥିବା ବେଳେ କିନ୍ତୁ ଆଜି ସେଠାରେ ଖୋଲା ମେଳାରେ ବିକ୍ରି ହେଉଛି।ପଦନୀପାଳ ପୋଲ ପାଖରେ ସଞ୍ଜ ହେଲେ ମଦର ଆସର ଲାଗୁଥିବା ବେଳେ ବେପାରୀ ବୁଲି ବୁଲି ମଦ ବିକୁଛି।ଏଭଳି ଧାରାବାହିକ ଭାବେ ମଦ ବିକ୍ରି ଗ୍ରାମର ସାମାଜିକ ସ୍ଥିରତାକୁ ବିପନ୍ନ କରୁଛି।ମଦ ଖାଇ ଅଶାଳୀନ ମନ୍ତବ୍ୟ ଦେବା, ଅଶ୍ଳୀଳ ଇଙ୍ଗିତ କରିବା, ଗାଳି ଗୁଲଜ କରିବା, ମାଡଗୋଳ ଲାଗିବା ଭଳି ପରିସ୍ଥିତି ସୃଷ୍ଟି ହେବା କାରଣରୁ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ବି ପ୍ରକାଶ ପାଉଛି।ପୁଲିସ ଆଉ ଅବକାରୀ ବିଭାଗର ଛତ୍ରଛାୟା ତଳେ ମଦ ବେପାରୀ ଖୁଲମଖୁଲା ବେପାର କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଅଥଚ ବିଭାଗୀୟ କଟକଣା ଶୂନ୍ ହୋଇ ଥିବାରୁ ବଢ଼ି ବଢ଼ି ଚାଲିଲାଣି ଏହି ବେପାର। ବିବାହ ଋତୁରେ ଗାଁ ଗାଁରେ ଆଶାତୀତ ଭାବେ ବେପାର ବଢ଼ି ଚାଲିଥିବା ବେଳେ ପୁଣି ଆଗାମୀ ରଜପର୍ବ ନିମନ୍ତେ ମଧ୍ୟ ଏବେଠୁ ମହଜୁଦ୍ କରିବା ନେଇ ମାଫିଆ ସଜବାଜ ହେବାର ଜଣା ପଡ଼ିଲାଣି।

# ପୌରସଂସ୍ଥାରେ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ



**କେନ୍ଦ୍ରାପଡା, ୨୮।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥାର ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ସମୀକ୍ଷା ବୈଠକରେ ବିଧାୟକ ଗଣେଶ୍ୱର ବେହେରା ଯୋଗ ଦେଇଥିଲେ। ବିଧାୟକଙ୍କ ନିଜସ୍ୱ ପାଣ୍ଠି ଦ୍ୱାରା ପ୍ରକଳ୍ପ ଗୁଡ଼ିକୁ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୌରସଂସ୍ଥା ରେ ନିଯୁକ୍ତି ଥିବା ୩ଜଣ ଜେଇଙ୍କୁ ୭ଟି ଲେଖାଏଁ ୱାର୍ଡର ଦାୟିତ୍ୱ ଦିଆଯାଇ ୱାର୍ଡରେ ଚାଲିଥିବା କାର୍ଯ୍ୟ ଗୁଡ଼ିକୁ ଯୁଦ୍ଧ କାଳୀନ ଭିତିରେ ସାରିବା ପାଇଁ ପରାମର୍ଶ ଦିଆଯାଇଛି। ଏଥି ସହିତ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଯେଉଁ ଠିକାଦାର ମାନେ ପ୍ରକଳ୍ପ ଗୁଡ଼ିକୁ କରୁ ନାହାଁନ୍ତି, ସେମାନଙ୍କର କାର୍ଯ୍ୟକୁ ରଦ୍ଦ କରି ପୁନଃ ଟେଣ୍ଡର କରିବା ପାଇଁ ନିଷ୍ପତି ନିଆଯାଇଛି। ପୌରାଂଚଳ ର ରାସ୍ତା, ଡ୍ରେନ୍, ଆଲୋକୀକରଣ ଓ ନୂତନ ଅଫିସ ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି। ଆୟୋଜିତ ଏହି ବୈଠକରେ ପୌର ଅଧକ୍ଷା ସରିତା ସାହୁ, ଉପଧକ୍ଷ ଆକବରୀ ଖାତୁନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଏମଇ ବିଜୟ କେତନ ମହାପାତ୍ର, କାଉନସିଲର ନିରକାର ସ୍ୱାଇଁ, ସେକ ଅସଲମ, ଉମେଶ ଚନ୍ଦ୍ର ନାୟକ, ସୁକୁମାର ଚୌଧୁରୀ, ଫରଜନା ବେଗମ, ରଂଜିତା ସିଂହ ପ୍ରମୁଖଙ୍କ ସହ ପୌରସଂସ୍ଥା ର ସମସ୍ତ କାଉନସିଲର ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ୨୮।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ସଂପର୍କରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧକ୍ଷତା ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କଠିନ ବର୍ଜ୍ୟବସ୍ତୁ କିପରି ପୁନଃ ବ୍ୟବହାର କରାଯାଇ ପାରିବ ଓ ଏହାର ଖରାପ ଦିଗ ଉପରେ ଆଲୋଚନା କରା ଯାଇଥିଲା। କଠିନ ବର୍ଜ୍ୟବସ୍ତୁ ସମ୍ବନ୍ଧୀୟ କି କି ଆଇନ ମାନ ପ୍ରଜୁଜ୍ୟ ଅଛି ସେ ସଂପର୍କରେ ବିସ୍ତୃତ ଭାବେ ଅଲୋଚନା କରା ଯାଇଥିଲା। ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ସଚିବ ଶ୍ରୀ ମହାପାତ୍ରଙ୍କ ସହିତ ବରିଷ୍ଠ ଆଇନଜୀବି ରମଣୀ ରଂଜ ରାଉତରାୟ, ଗଗନ ବିହାରୀ ଖଟୁଆ, ସମୀର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ରେ ପ୍ରାଧିକରଣ ର କର୍ମଚାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ବରଦା ପ୍ରସନ୍ନ ମହାପାତ୍ର, ଦିପକ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷାବିତ ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ପରଲୋକରେ ଶୋକ

**ଡେରାବିଶ, ୨୮।୫(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ତିଳକପୁର ଗ୍ରାମ ନିବାସୀ ତଥା ଅଞ୍ଚଳରେ ଜଣେ ଶିକ୍ଷାବିତ ଭାବେ ଜଣାଶୁଣା ଦୁର୍ଯ୍ୟୋଧନ ସ୍ୱାଇଁ(୮୨) ଙ୍କ ପରଲୋକରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଦୁର୍ଯ୍ୟୋଧନ ବ୍ଲକ ଅଧିନସ୍ଥ ସବଳଙ୍ଗ କଣିପଡା ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ବେଳେ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଏପରିକି ଡେରାବିଶ ମହାବିଦ୍ୟାଳୟରେ ପ୍ରତିଷ୍ଠାତା ସଦସ୍ୟ ଓ ଡେରାବିଶ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଏକ ସିଟି ସ୍କୁଲ୍ ସ୍ଥାପନ କରି ଶହ ଶହ ବେକାର ଯୁବକ ଯୁବତୀ ମାନଙ୍କୁ କର୍ମ ନିଯୋଜନ ଯୋଗାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ।

# ଅପଗ୍ରେଡ଼ ହେଲା କୁସୁନପୁର ପ୍ରାଥମିକ ବିଦ୍ୟାଳୟ

## ଦୁଇ ବର୍ଷ ହେବ ଉପ୍ରା ବିଦ୍ୟାଳୟ ବନ୍ଦ ହୋଇଥିଲା




**ମାର୍ଶାଘାଇ, ୨୮।୫(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ କୁସୁନପୁର ପ୍ରାଥମିକ ବିଦ୍ୟାଳୟ ଅପଗ୍ରେଡ଼ ହୋଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାବରେ ଚଳିତ ବର୍ଷ ଠାରୁ ଶିକ୍ଷାଦାନ କରିବ। ଏ ନେଇ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ମନୋଜ କୁମାର ପାଢ଼ୀ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ପତ୍ରାଙ୍କ ୧୪୫୭୧/୨୮-୦୫-୨୦୨୫ ମାଧମରେ ଜଣାଇଛନ୍ତି। ୧୯୯୫ ମସିହାରୁ ପ୍ରତିଷ୍ଠା ହୋଇ ଷଷ୍ଠ ଏବଂ ସପ୍ତମ ଶ୍ରେଣୀରେ ପାଠ ପଢ଼ାଯାଉଥିବା ବେଳେ ଦୁଇ ବର୍ଷ ତଳେ ଏହି ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ନାମ ଲେଖା ବନ୍ଦ କରାଯିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବା ଜାଣିବା ପରେ ନିକଟସ୍ଥ ତିନି ଖଣ୍ଡି ଗ୍ରାମର ଲୋକମାନଙ୍କ ମଧରେ ଉଦବେଗ ପ୍ରକାଶ ପାଇଥିଲା। ଫଳରେ ପ୍ରାଥମିକ ବିଦ୍ୟାଳୟରୁ ପଞ୍ଚମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ର ଛାତ୍ରୀମାନେ ଷଷ୍ଠ ଶ୍ରେଣୀରେ ପଢିବା ପାଇଁ ତୁଳସୀପୁର ବିଦ୍ୟାଳୟ ଏବଂ ମାର୍ଶାଘାଇ ନୋଡାଲ ବିଦ୍ୟାଳୟକୁ ଯାଉଥିଲେ। କୁସୁନପୁର, ବୀରଭଦ୍ରପୁର, ବଡ଼ପାଳଡିଆ ଗ୍ରାମର ବୁଦ୍ଧିଜୀବୀ ଏବଂ ଗ୍ରାମବାସୀମାନେ କୁସୁନପୁର ପ୍ରାଥମିକ ବିଦ୍ୟାଳୟକୁ ଅପଗ୍ରେଡ଼ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରିବା ପାଇଁ ପ୍ରଶାସନିକ ସ୍ତରରେ ଆବେଦନ କରିବା ସହିତ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ମହାକାଳପଡ଼ା ବିଜେଡ଼ିକୁ ବଡ ଝଟକା ଦେଲା ଡବଲ୍ ଇଞ୍ଜିନ

## ❖ଅନାସ୍ଥା ଭୋଟରେ କଳ୍ପନା ହେଲେ ଗାଦିଚ୍ୟୁତ ❖ବିରୋଧରେ ପଡ଼ିଲା ୪୯ ଭୋଟ୍



**ମହାକାଳପଡ଼ା, ୨୮।୫(ସଂଚାର ବ୍ୟୁରୋ):** ବହୁ ବାଦ ବିବାଦ ଭିତରେ ଚର୍ଚ୍ଚାରେ ଥିବା ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ରାଜନୀତିରେ ଆଜି ପୂର୍ଣ୍ଣଛେଦ ପଡ଼ିଛି। ଅଧକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଆଜି ୪୯ ଜଣ ସଭ୍ୟ, ସରପଞ୍ଚ ଭୋଟ୍ ଦେଇଛନ୍ତି। ୪୯ ଜଣଙ୍କ ମଧରୁ ୨୭ ଜଣ ସରପଞ୍ଚ ରହିଥିବା ବେଳେ ୨୨ ଜଣ ସମିତି ସଭ୍ୟ/ସଭ୍ୟା ଅଧକ୍ଷାଙ୍କ ବିରୋଧରେ ଭୋଟ୍ ଦେଇଛନ୍ତି। ଯାହାଫଳରେ ଅଧକ୍ଷା କଳ୍ପନା ରାଉତ ତାଙ୍କର ପଦ ହରାଇଛନ୍ତି। ଅଧକ୍ଷାଙ୍କୁ ଗାଦିଚ୍ୟୁତ କରିବା ପରେ ମହାକାଳପଡ଼ାରେ ବିଜେଡିର ଶେଷ ଶକ୍ତି କୁହାଯାଉଥିବା ପଞ୍ଚାୟତ ସମିତି ଅଧକ୍ଷା ପଦ ହାତରୁ ଖସିଛି। ଏନେଇ ଶାସକ ବିଜେପି ଶିବିର ବେଶ୍ ଉଲ୍ଲସିତ ରହିଛି। ପୂର୍ବରୁ ତିନି ଥର ଅନାସ୍ଥା ପାଇଁ ଧାର୍ଯ୍ୟ ହୋଇଥିବା ତାରିଖ ବାତିଲ ହୋଇଥିଲା। ଥରେ ଏପ୍ରିଲ ୫ ରେ ତାରିଖ ଧାର୍ଯ୍ୟ କରିଥିଲା ପ୍ରଶାସନ। ହେଲେ ଠିକ୍ ଗୋଟିଏ ଦିନ ପୂର୍ବରୁ ୯ ଜଣ ସଦସ୍ୟ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନାସ୍ଥା ବୈଠକରେ ସାମିଲ ହୋଇ ନପାରିବା ଦର୍ଶାଇବାରୁ ଜିଲ୍ଲା ପ୍ରଶାସନ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନାସ୍ଥା ବୈଠକକୁ ସ୍ଥଗିତ ରଖିଥିଲେ। ପୁଣି ଏପ୍ରିଲ ୨୯ ତାରିଖରେ ଅନାସ୍ଥା ଭୋଟ୍ ପାଇଁ ବୈଠକ ସ୍ଥିର ହୋଇଥିଲା। ୩୦ ତାରିଖରେ ଅଦାଲତରେ ଅନାସ୍ଥା ସମ୍ପର୍କିତ ଶୁଣାଣୀ ଥିବାବେଳେ ପ୍ରଶାସନ ୨୯ ରେ ଅନାସ୍ଥା ବୈଠକ ପାଇଁ ଚିଠି କରିଥିବାରୁ ଅଦାଲତ ତରଫରୁ ପରବର୍ତ୍ତୀ ନିର୍ଦ୍ଦେଶ ନହେବା ପର୍ଯ୍ୟନ୍ତ ଅନାସ୍ଥା ବୈଠକ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁନର୍ବାର ମେ ୨୧ ତାରିଖରେ ଅନାସ୍ଥା ବୈଠକ ପାଇଁ ନୋଟିସ କରାଯାଇଥିଲା ହେଲେ ମାନ୍ୟବର ଅଦାଲତଙ୍କ ହସ୍ତକ୍ଷେପ ପରେ ପୁନର୍ବାର ନୂତନ କରି ଅନାସ୍ତା ପ୍ରସ୍ତାବ ଦାଖଲ କରି ସ୍ୱତନ୍ତ୍ର ବୈଠକ ତାରିଖ ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ପରୀପ୍ରେକ୍ଷୀରେ ୨୮ ତାରିଖ ଦିନ ଅନାସ୍ଥା ବୈଠକ ଆୟୋଜନ କରିବାକୁ ଚିଠି କରିଥିଲା ପ୍ରଶାସନ।ଆଜି ମହାକାଳପଡ଼ା ସଭାଗୃହ ପରିସରରେ ମୋଟ ୩୧ ପଞ୍ଚାୟତର ୬୨ ଜଣ ସରପଞ୍ଚ ଓ ସମିତି ସଭ୍ୟ/ ସଭ୍ୟା ମାନଙ୍କ ମଧରୁ ୪୯ ଜଣ ଅଧକ୍ଷାଙ୍କ ବିରୋଧରେ ଭୋଟ୍ ଦେଇ ବିଜେଡି ସମର୍ଥିତ କଳ୍ପନା ରାଉତଙ୍କୁ ଗାଦିଚ୍ୟୁତ କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ତରଫରୁ ହୋଇଥିବା ଚିଠି ନମ୍ବର ୯୦୬ ରେ ଓଡ଼ିଶା ପଞ୍ଚାୟତ ଅଧିନିୟମ ଧାରା ୪୬(ଖ) ପ୍ରକାରେ କଳ୍ପନାଙ୍କୁ ଗାଦିଚ୍ୟୁତ କରାଗଲା ଓ ଉପାଧକ୍ଷଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଅଧକ୍ଷା ପଦ ତୁଲାଇବାକୁ ଚିଠିରେ ଉଲ୍ଲେଖ କରିଛନ୍ତି।

# ଭାଗବତ ଟୁଙ୍ଗି ସ୍ଥାପନ ପାଇଁ ପାଣ୍ଠି ଯୋଗାଇବାକୁ ଦାବି

**କେନ୍ଦ୍ରାପଡା, ୨୮।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ କଳପଡା ପଞ୍ଚାୟତ ର ବଟ ମହାପୁରୁଷ ପୀଠରେ ଭାଗବତ ଟୁଙ୍ଗି ସ୍ଥାପନ ପାଇଁ ପାଣ୍ଠି ଯୋଗାଇ ଦେବାକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲପାଳ ସ୍ମୃତି ରଂଜନ ପ୍ରଧାନ ଓ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀଙ୍କୁ ଭାଗବତ ଟୁଙ୍ଗି ସ୍ଥାପନା କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକଳ୍ପିତ ଏହି ଭାଗବତ ଟୁଙ୍ଗି ର ନିଜସ୍ୱ ଗୃହ ନଥିବାରୁ ବଟ ମହା ପୁରୁଷଙ୍କ ପୀଠରେ ଗ୍ରାମବାସୀ ମାନେ ଦୈନିକ ଭାଗବତ ପଠନ ଓ ଆଲୋଚନା କରି ଆସୁଛନ୍ତି। ନିୟମିତ ଭାବେ ଭାଗବଗ ପାଠ କରା ଯାଉଥିବା ବେଳେ ପାଣିପାଗ ର ପରିବର୍ତ୍ତନ ରେ ବେଳେବେଳେ ନାନା ଅସୁବିଧା ସୃଷ୍ଟି ହେଉଛି। ଏହି ଭାଗବଗ ଟୁଙ୍ଗି ରାଜ୍ୟ ସରକାରଙ୍କ ପକ୍ଷରୁ ରେଜିଷ୍ଟ୍ରେସନ ନଂ-୪୧୦୭/୦୧ ମସିହା ୨୦୨୫/୨୬ ମୁତାବକ ପଞ୍ଜିକୃତ କରାଯାଇଛି। ଏହି ଟୁଙ୍ଗି ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ସର୍ବନିମ୍ନ ୩ ଲକ୍ଷ ଟଙ୍କା ଯୋଗାଇ ଦିଆଗଲେ ଗୃହକାର୍ଯ୍ୟ କରାଯାଇ ପାରିବ ବୋଲି ସଭାପତି ମିନତୀ ସ୍ୱାଇଁ ଓ ସଂପାଦକ ଭାରତୀ ସାମଲ ନିବେଦନ କରିଛନ୍ତି।

# ପାରଦର୍ଶିତାରେ ବ୍ୟାପକ ଅନିୟମିତତା ଅଭିଯୋଗ

**ସରକାରଙ୍କ ନିୟମ ଚୁଲିକି, ଧନୀ ଘର ପିଲା ଧନୀ ସ୍କୁଲରେ ପଢୁଛନ୍ତି ପାଠ!**




**ନିଶ୍ଚିନ୍ତକୋଇଲି, ୨୮।୫ (ସଂଚାର ବ୍ୟୁର):** ଦୁର୍ନିତି ଅନିତିର ଗନ୍ତାଘର ପାଲଟିଥିବା କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ବ ସରକାର ଅମଳରେ କାର୍ଯ୍ୟରତ ଡାଟାଏଣ୍ଟ୍ରି କର୍ମଚାରୀ ଶିକ୍ଷକ ମାନଙ୍କ ବଦଳି କରିଦେବା କହି ଶିକ୍ଷକ ମାନଙ୍କ ଠାରୁ ଲାଞ୍ଚ ଆକାରରେ ଟଙ୍କା ମାଗିବା ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଥାଇ ମଧ୍ୟ ଅଧିକାରି ମାନେ ତଦନ୍ତ ପାଇଁ ନିଶ୍ଚିନ୍ତକୋଇଲି ବିଇଓ ଅଫିସ୍ କୁ ଆସି ତଦନ୍ତ କରି ଫେରିଯିବାକୁ ବର୍ଷେ ବିତି ଯାଇଥିଲେ ମଧ୍ୟ ଉକ୍ତ ଦୁର୍ନିତି ଖୋର୍ ଡାଟାଏଣ୍ଟ୍ରି କର୍ମଚାରୀ ଓ ଏମ୍. ଆଇ.ଏସ୍ ବିରୋଧରେ କାର୍ଯ୍ୟନୁଷ୍ଠାନ ନହେବା ଘଟଣା ପଛରେ ବିଜେଡି ନେତାଙ୍କ ଚାପ ପ୍ରୟୋଗ ହୋଇଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଉକ୍ତ ଘଟଣାରେ ମୁଖ୍ୟ ଖଳନାୟକ ଡାଟାଏଣ୍ଟ୍ରି କର୍ମଚାରୀ ଜଣଙ୍କ ଚଳିତ ବର୍ଷ ଆର୍.ଟି.ଇ ପାରଦର୍ଶୀ ସରକାରୀ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ଧନି ସ୍କୁଲରେ ଗରିବ ପିଲା ପଢ଼ିବାର ନୀୟମ ଥିବା ବେଳେ ଶିକ୍ଷା ଅଧିକାର ଆଇନ୍ - ୨୦୦୯ର ପାରା ୧୨.୧(ସି) ଅନୁଯାୟୀ ବେସରକାରି ସ୍କୁଲର ୨୫% ସିଟରେ ଆର୍ଥିକ ଅନଗ୍ରସର ଓ ଦୁର୍ବଳ ଶ୍ରେଣୀର ପିଲାଙ୍କ ନାମଲେଖା ହେବା ପାଇଁ ଶିକ୍ଷାବର୍ଷରେ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପ୍ରକ୍ରିୟା ମାଧ୍ୟମରେ ନାମଲେଖା ପାଇଁ ନିୟମ ଥିବା ବେଳେ କିନ୍ତୁ ନିଶ୍ଚିନ୍ତକୋଇଲି ବିଇଓ ଅଫିସ୍ ରେ ସରକାରଙ୍କ ସବୁ ନିୟମରେ ବ୍ୟତିକ୍ରମ ଘଟାଇ ଡାଟା ଏଣ୍ଟ୍ରି କର୍ମଚାରୀ ଜଣଙ୍କ ବିଭିନ୍ନ ବେସରକାରୀ ବିଦ୍ୟାଳୟର ମାଲିକ ଓ ପ୍ରଧାନ ଶିକ୍ଷକ ମାନଙ୍କ ଜରିଆରେ ଟଙ୍କା ଗୋଟାଇ ଧନି ଶ୍ରେଣୀର ପିଲାମାନଙ୍କୁ ପ୍ରାଧାନ୍ୟ ଦେଇଥିବା କଥା ଏବେ ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ପାରଦର୍ଶୀତାରେ ପିଲା ମାନଙ୍କ ନାମଲେଖା ପୂର୍ବରୁ ବେସରକାରୀ ବିଦ୍ୟାଳୟର କିଛି ପ୍ରଧାନ ଶିକ୍ଷକ ଓ ସରକାରୀ ବିଦ୍ୟାଳୟର କିଛି ପ୍ରଧାନଶିକ୍ଷକ ମାନଙ୍କୁ ନେଇ ଏକ କମିଟି ଗଠନ ହେବାର ନିୟମ ଥିବା ସ୍ଥଳେ ଚଳିତ ବର୍ଷ ଏପରି କୌଣସି କାର୍ଯ୍ୟ ହୋଇନଥିବା ଜଣାପଡ଼ିଛି। ଏପରିକି ଉକ୍ତ ଡାଟା ଏଣ୍ଟ୍ରି କର୍ମଚାରୀ ଜଣଙ୍କ ପୂର୍ବରୁ ଆଦର୍ଶ ବିଦ୍ୟାଳୟ ଦାୟିତ୍ୱରେ ରହି ବିଦ୍ୟଳୟର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା କରି ପୂର୍ବତନ ବିଇଓଙ୍କୁ ହଡ଼ରଘଣାରେ ପକାଇ ବିଭିନ୍ନ କ୍ଷେତ୍ରରେ ଲଜ୍ଜିତ କରିଥିବା କଥା ସେତେବେଳେ ଅଞ୍ଚଳରେ ଚର୍ଚ୍ଚାର ଶିରୋନାମା ପାଲଟିଥିବା ବେଳେ ଚଳିତ ବର୍ଷ ପାରଦର୍ଶୀ ନାମଲେଖା ଅନିୟମିତତା ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବୀ ହୋଇଛି।

# ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ରାଉତଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପଟ୍ଟାମୁଣ୍ଡାଇ, ୨୮।୫ (ସଂଚାର ବ୍ୟୁର):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଲୁରିଆ ପଞ୍ଚାୟତର ପ୍ରଥମ ସରପଞ୍ଚ ଦିବଂଗତ ଜିତେନ୍ଦ୍ର ରାଉତଙ୍କ ଏକାଦଶାହ ଅବସରରେ ବଲୁରିଆ ଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟ ଦର୍ଶନୀ ତରାଇ ପୂର୍ବତନ ସରପଞ୍ଚ କ୍ଷମାନିଧି ସାମଲ, ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ, ବିଶ୍ୱଜିତ ମହାନ୍ତି, ପ୍ରଭାତ କୁମାର ମଲ୍ଲିକ, ଚକ୍ରଧର ମଲ୍ଲିକ, ବିକ୍ରମ ପରିଡା, ପ୍ରଦୋଷ ରାଉତ, ପ୍ରଭାତ ରାଉତ, ଜନ୍ମେଜୟ ନାୟକ, ତାପସ ଦାଶ ପ୍ରମୁଖ ବହୁ ମାନ୍ୟଗଣ୍ୟ ଯୋଗ ଦେଇ ଦିବଂଗତ ଜିତେନ୍ଦ୍ର ରାଉତଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# କୃଷକଙ୍କୁ ସଶକ୍ତ କରୁଛନ୍ତି ମୋଦି ସରକାର: ମନମୋହନ

## ● ଏମ୍‌ଏସ୍‌ପି ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ



**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଚାଷୀମାନେ ହେଉଛନ୍ତି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଚାଷୀର ପ୍ରଗତିରେ ଦେଶର ପ୍ରଗତି। କୃଷକଙ୍କ ଆୟ ବୃଦ୍ଧି ପାଇଁ ବିଜେପି ବଦ୍ଧପରିକର। ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ୨୦୧୪ରେ ଦେଶ ଶାସନର ଦାୟିତ୍ୱ ନେବା ପରେ କୃଷକର ଆୟକୁ ଦ୍ୱିଗୁଣିତ କରିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି। ସେତେବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କ୍ୱିଣ୍ଟାଲ ପ୍ରତି ୧୩୧୦ ଟଙ୍କା ଥିଲା। କିନ୍ତୁ ମୋଦି ସରକାର ୧୧ ବର୍ଷର ଶାସନ ଭିତରେ ଏହାକୁ କ୍ରମାଗତ ବଢ଼ାଇ ୨୩୬୯ ଟଙ୍କାରେ ପହଞ୍ଚାଇସାରିଛନ୍ତି। ସେହିପରି ଗ୍ରେଡ୍-ଏ’ ଧାନର ମୂଲ୍ୟ ମଧ୍ୟ ୨୩୮୯ ଟଙ୍କା କରାଯାଇଥିବାରୁ ଚାଷୀକୁଳ ଆଶ୍ୱସ୍ତ ହୋଇଛନ୍ତି। ସେହିପରି ଆଜି କେନ୍ଦ୍ରୀୟ କ୍ୟାବିନେଟରେ ଚାଷୀଙ୍କ ପାଇଁ ସୁଧ ରିହାତି ବଜାୟ ରଖିବା ଉପରେ ନିଷ୍ପତ୍ତି ହୋଇଛି। ଦେଶରେ ୭.୭୫ କୋଟିରୁ ଅଧିକ ଚାଷୀ କିଷାନ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳ ଥିବା ବେଳେ ସେମାନଙ୍କୁ ବିନା କୌଣସି ଗ୍ୟାରେଣ୍ଟିରେ ମାତ୍ର ୪ ପ୍ରତିଶତ ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ବ୍ୟବସ୍ଥା ହୋଇଛି। ଏହା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏକ ବଡ଼ ଲାଭ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଆଜି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ଅନୁଯାୟୀ ଧାନ ଓ ଅନ୍ୟାନ୍ୟ ୧୪ଟି ଖରିଫ ଫସଲର ଏମ୍‌ଏସ୍‌ପିକୁ ବୃଦ୍ଧି କରାଯାଇଛି। ଏପରି ଏକ ନିଷ୍ପତ୍ତି ପାଇଁ ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ସଦ୍ୟ ନିଷ୍ପତ୍ତି ଫଳରେ ଧାନର ଏମଏସପି ୬୯ ଟଙ୍କା ବୃଦ୍ଧି କରାଯାଇ ଏହାକୁ କ୍ୱିଣ୍ଟାଲ୍ ପିଛା ୨୩୬୯ ଟଙ୍କା ଓ ଗ୍ରେଡ୍-ଏ’ ଧାନର ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୮୯ ଟଙ୍କା ହୋଇଛି। ସେହିପରି ହରଡ ଡାଲି କ୍ୱିଣ୍ଟାଲ୍ ପିଛା ୪୫୦ ଟଙ୍କା ବୃଦ୍ଧି ପାଇ ୮୦୦୦, ମୁଗ ୮୬ ଟଙ୍କା ବୃଦ୍ଧି ପାଇ ୮୭୬୮, ଚିନାବାଦାମ ୪୮୦ ଟଙ୍କା ବୃଦ୍ଧି ପାଇ ୭୨୬୩, ସୂର୍ଯ୍ୟମୁଖୀ ବୀଜ ୪୪୧ ଟଙ୍କା ବୃଦ୍ଧି ପାଇ ୭୭୨୧, ଜୱାର (ହାଇବ୍ରିଡ୍) ୩୨୮ ଟଙ୍କା ବୃଦ୍ଧି ପାଇ ୩୬୯୯, ଜୱାର (ମାଲଦାଣ୍ଡି) ୩୨୮ ଟଙ୍କା ବୃଦ୍ଧି ପାଇ ୩୭୪୯, ବାଜରା ୧୫୦ ଟଙ୍କା ବୃଦ୍ଧି ପାଇ ୨୭୭୫, ରାଗୀ ୫୯୬ ଟଙ୍କା ବୃଦ୍ଧି ପାଇ ୪୮୮୬, ମକା ୧୭୫ ଟଙ୍କା ବୃଦ୍ଧି ପାଇ ୨୪୦୦, ସୋୟାବିନ ୪୩୬ ଟଙ୍କା ବୃଦ୍ଧି ପାଇ ୫୩୨୮, ରାଶି ୫୭୯ ଟଙ୍କା ବୃଦ୍ଧି ପାଇ ୯୮୪୬, ନାଇଜରସିଡ ୮୨୦ ଟଙ୍କା ବୃଦ୍ଧି ପାଇ ୯୫୩୭, ମଧ୍ୟମ ଆକାର କପା ୫୮୯ ଟଙ୍କା ବୃଦ୍ଧି ପାଇ ୭୭୧୦ ଓ ଲମ୍ବା କପା ୫୮୯ ଟଙ୍କା ବୃଦ୍ଧି ପାଇ ୮୧୧୦ ଟଙ୍କା କରାଯାଇଛି। ଅନ୍ୟାନ୍ୟ ଫସଲ ଓ ଡାଲି ଜାତୀୟ ଶସ୍ୟର ଏମଏସପି ବୃଦ୍ଧି କରାଯିବା ଫଳରେ ଆମ ରାଜ୍ୟର ଚାଷୀମାନେ ଅନ୍ୟାନ୍ୟ ଫସଲ ଚାଷ ପାଇଁ ପ୍ରୋତ୍ସାହିତ ହେବେ ବୋଲି ଶ୍ରୀ ସାମଲ ଆଶା ପ୍ରକାଶ କରିଛନ୍ତି।

# ଅନ୍ତର୍ଜାତୀୟ ଫୋରମ୍‌ରେ ଓଡ଼ିଶାର ଗୃହ ନିର୍ମାଣ ରଣନୀତି ପ୍ରଦର୍ଶିତ



**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଫିଲିପାଇନ୍ସର ମାନିଲାସ୍ଥିତ ଏଡିବି ମୁଖ୍ୟାଳୟରେ ଅନୁଷ୍ଠିତ ଏସୀୟ ବିକାଶ ବ୍ୟାଙ୍କର ଜଳ ଓ ନଗର ଉନ୍ନୟନ ଫୋରମ (ଏଡବ୍ଲ୍ୟୁୟୁଏଫ୍)-୨୦୨୫ ସହରାଞ୍ଚଳରେ ସୁଲଭ ଗୃହ ସମାଧାନର ଜରୁରୀ ଆବଶ୍ୟକତା ପ୍ରତି ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ଏହି ଫୋରମ ‘ସମସ୍ତଙ୍କ ପାଇଁ ଗୃହ’ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ଓ ଅନ୍ତର୍ଭୁକ୍ତ ରଣନୀତି ଉପରେ ବିଚାର କରିବା ପାଇଁ ଏକ ସହଯୋଗୀ ମଞ୍ଚ ଭାବେ କାର୍ଯ୍ୟ କରିଥିଲା।

### ଏଡବ୍ଲ୍ୟୁୟୁଏଫ୍ ୨୦୨୫
### ସହରାଞ୍ଚଳ ଅଭିବୃଦ୍ଧି ନେଇ ରୋଡମ୍ୟାପ୍ ଉପସ୍ଥାପିତ

ବିଶେଷକରି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ଏବଂ ନିମ୍ନ ଆୟ ଗୋଷ୍ଠୀ (ଏଲ୍‌ଆଇଜି) ଯେଉଁମାନେ ଉଚ୍ଚ ନିର୍ମାଣ ଏବଂ ସମ୍ପତ୍ତି ମୂଲ୍ୟ ଯୋଗୁଁ ପକ୍କା ଘର ମାଲିକାନା ହାସଲ ଦିଗରେ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଆଲୋଚନାରେ ଗୃହ ନିର୍ମାଣଠାରୁ ଆଗକୁ ଯାଇ ଜୀବନଧାରଣ ମାନଦଣ୍ଡରେ ଉନ୍ନତି, ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ପ୍ରବେଶ, ଦକ୍ଷତା ବିକାଶ ଓ ଜୀବିକା ସୁଯୋଗ ଭଳି ପ୍ରମୁଖ ସହରାଞ୍ଚଳ ବିକାଶ ଉପାଦାନଗୁଡ଼ିକୁ ଏକୀକୃତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ସମ୍ପୂର୍ଣ୍ଣ ସହରାଞ୍ଚଳ ପରିବର୍ତ୍ତନ ପାଇଁ ଜରୁରୀ।

ପ୍ରମୁଖ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ଓ ଦେଶ ଯଥା ୟୁଏନ୍-ହାବିଟାଟ୍, ମାଲେସିଆ, ଭାରତ ଓ ନେଦରଲ୍ୟାଣ୍ଡର ପ୍ୟାନେଲିଷ୍ଟ ଓ ବିଶେଷଜ୍ଞମାନେ ସେମାନଙ୍କ ଅଭିନବ ଅଭ୍ୟାସ ଓ ଅଭିଜ୍ଞତା ବାଣ୍ଟିଥିଲେ। ଏହି ଆଲୋଚନାରେ ଓଡ଼ିଶା ସରକାରଙ୍କ ପ୍ରତିନିଧିତ୍ୱ କରି ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦେବାଶିଷ ସିଂହ ବିଶ୍ୱସ୍ତରୀୟ ସମାବେଶକୁ ସମ୍ବୋଧିତ କରିବା ସହ ସମସ୍ତଙ୍କ ପାଇଁ ଗୃହ ନିର୍ମାଣ ଦୃଷ୍ଟିକୋଣ ହାସଲ ଦିଗରେ ଓଡ଼ିଶାର ଉଲ୍ଲେଖନୀୟ ଯାତ୍ରା ଉପରେ ଆଲୋକପାତ କରିଥିଲେ। ସେ ବିଭିନ୍ନ ସୁଲଭ ଗୃହ ନିର୍ମାଣ ପଦକ୍ଷେପ ଅଧୀନରେ ରାଜ୍ୟର ପ୍ରମୁଖ ସଫଳତା, ସହରାଞ୍ଚଳ ଗୃହ ଆବଶ୍ୟକତା ପୂରଣ କରିବାରେ ଆହ୍ୱାନ ଓ ପ୍ରତିବନ୍ଧକ, ଅନ୍ତର୍ଭୁକ୍ତି ଏବଂ ସ୍ଥାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଗ୍ରହଣ କରାଯାଇଥିବା ଅଭିନବ ମଡେଲ, ଗୃହ ସମାଧାନ ସ୍କେଲ କରିବା ପାଇଁ ରଣନୈତିକ ରୋଡମ୍ୟାପ୍ ଏବଂ ସୁଯୋଗ ଆଦି ଉପରେ ଚର୍ଚ୍ଚା କରିଥିଲେ। ଶ୍ରୀ ସିଂହ ସମସ୍ତଙ୍କ ପାଇଁ ବିଶେଷକରି ସହରାଞ୍ଚଳ ଗରିବଙ୍କ ପାଇଁ ଜୀବନର ଗୁଣବତ୍ତା ବୃଦ୍ଧି କରୁଥିବା ସ୍ଥିର ଓ ଅନ୍ତର୍ଭୁକ୍ତ ସହରାଞ୍ଚଳ ସ୍ଥାନ ସୃଷ୍ଟି କରିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶ୍ୱସ୍ତରୀୟ ଗୃହ ନିର୍ମାଣ ଏଜେଣ୍ଡା ଦିଗରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସେ ଜାତୀୟ, ଆଞ୍ଚଳିକ ଓ ସହର ସ୍ତରରେ ଦୃଢ଼ ସହଯୋଗ ପାଇଁ ମଧ୍ୟ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗୃହ ସଂକଟର ସମାଧାନ ଏବଂ ସମାନ, ବାସଯୋଗ୍ୟ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହର ନିର୍ମାଣ ପାଇଁ ବହୁସ୍ତରୀୟ ସହଭାଗୀତା ଓ ଜ୍ଞାନ ଆଦାନପ୍ରଦାନର ଆବଶ୍ୟକତା ନେଇ ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି।

# ୪ ଜିଲ୍ଲାକୁ ଅରେଞ୍ଜ ଓ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

**ଭୁବନେଶ୍ୱର, ୨୮।୫ (ସଂଚାର ବ୍ୟୁରୋ) :** ଆସନ୍ତା ୨୪ ଘଣ୍ଟା ପାଇଁ ଭଦ୍ରକ,କେନ୍ଦ୍ରାପଡ଼ା, ଜଗତସିଂହପୁର,ଗଞ୍ଜାମ, ଗଜପତି,ରାୟଗଡ଼ା,କୋରାପୁଟ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି ଅରେଞ୍ଜ ଆଲର୍ଟ । ଆସନ୍ତାକାଲି ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ଓ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି



ହୋଇଥିବାବେଳେ କେନ୍ଦୁଝର, ଯାଜପୁର, ଜଗତସିଂହପୁର, କଟକ, ଅନୁଗୁଳ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହ ବାକି ୨୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଜାରି ହୋଇଛି ଏଲୋ ୱାର୍ଣ୍ଣିଂ । ଏହି ସମୟରେ ବିଜୁଳି ଘଡଘଡି ସହ ଝଟକା ପବନ ୪୦ ରୁ ୫୦ କିମି ବେଗରେ ବହିବା ସମ୍ଭାବନା ରହିଛି । ସମୁଦ୍ର ଅଶାନ୍ତ ଥିବାରୁ ୩୧ ତାରିଖ ଯାଏ ମତ୍ସ୍ୟଜୀବି ମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି ।

# ଆଇନ୍ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା



**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଏକ ୭ଜଣିଆ ପ୍ରତିନିଧି ମଣ୍ଡଳୀ ଆଜି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ଆଇନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ୧୯୪ ଅଣଅନୁଦାନ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷକ ଓ କର୍ମଚାରୀମାନଙ୍କ ଚାକିରି ସର୍ତ୍ତାବଳୀ ଓ ପେନସନ୍ ପ୍ରଦାନ, ୧୯୯୪ ଅନୁଦାନ ନିୟମ ଆଧାରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମାକୁ ପାଳନ କରି ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟର ସରକାରୀକରଣ, ୧୯୦୦, ୨୨୦୦ ଓ ୨୮୦୦ ଗ୍ରେଡ୍ ପେ’ରେ ଥିବା ଅସଙ୍ଗତି ଦୂର କରିବା, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ କର୍ମଚାରୀ ନିଯୁକ୍ତି ଆଦି ବିଷୟରେ ଆଲୋଚନା ହୋଇଥିଲା ।

ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ନେଇ ଆଲୋଚନା କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାରେ ଏକାମ୍ର ନିର୍ବାଚନମଣ୍ଡଳୀ ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଗିରୀଶ ଚନ୍ଦ୍ର ସିଂ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝୀଙ୍କ ସମେତ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ସମନ୍ୱୟ ସମିତି ସଭାପତି ସୁକାନ୍ତ କୁମାର ବେହେରା, ସମନ୍ୱୟ ସମିତି ଆବାହକ ରଞ୍ଜନ କୁମାର ଦାଶ, ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ, ରଞ୍ଜନ କୁମାର ପଣ୍ଡା, ସୁରେଶ ଦାଶ, ପ୍ରମୋଦ କୁମାର ହୋତା, ସ୍ମୃତି ରଞ୍ଜନ ଷଡ଼ଙ୍ଗୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମରଣଯନ୍ତା ପାଲଟିଛି ହୁମ୍ମା ଗଳାଶଙ୍ଖ ରାସ୍ତା



**ଗଞ୍ଜାମ,୨୮।୫(ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ହୁମ୍ମା ପଞ୍ଚାୟତର ପୁରୁଷୋତ୍ତମପୁର ଯିବା ଗଳାଶଙ୍ଖ ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ଜଣାପଡ଼ିଛି। ସେଠାରେ ଛୋଟ ବଡ଼ ଗର୍ତ୍ତ ଥିବାରୁ ପ୍ରାୟ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଉକ୍ତ ଗଳାଶଙ୍ଖ ରାସ୍ତାଟି ମୁଖ୍ୟ ରାସ୍ତା ହୋଇଥିବା ହେତୁ ଦୈନନ୍ଦିନ ହଜାର ହଜାର ଗାଡି ବସ ବାଇକ୍ ଆଦି ଯାତାୟାତ କରୁଛି । ବର୍ଷା ଦିନ ହେଲେ ବହୁତ ଅସୁବିଧା ଭୋଗ କରୁଛନ୍ତି ସ୍ଥାନୀୟ ଅଞ୍ଚଳର ବାଇକ ଆରୋହୀମାନେ। ଏନେଇ ହୁମ୍ମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ ବାରମ୍ବାର ପ୍ରଶାସନଠାରେ ଅଭିଯୋଗ କରିଆସୁଛନ୍ତି। କୌଣସି ସୁଫଳ ମିଳୁ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବହୁ ବର୍ଷ ପୂର୍ବେ ଏହି ଗଳାଶଙ୍ଖ ନିର୍ମାଣ ହୋଇଥିଲେ ମଧ୍ୟ ତା’ର ମରାମତି ପ୍ରତି କେହି ବି ଦୃଷ୍ଟି ଦେଉନାହାନ୍ତି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ଥାୟୀ ସମାଧାନ ଦିଗରେ ପଦକ୍ଷେପ ନେବାକୁ ସମିତି ସଭ୍ୟ ଶ୍ରୀ ପଲାଇ ଦାବି କରିଛନ୍ତି।

# ଭିଜିଲାନ୍ସ ଜାଲରେ ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ



**ରାୟଗଡ଼ା, ୨୮।୫ (ସଂଚାର ବ୍ୟୁରୋ) :** ଠିକାଦାରଙ୍କଠାରୁ ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଜାଲରେ ପଡ଼ିଲେ ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସହଦେବ କିଶନ। ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଜବତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଅଧିକ୍ଷଣ ଯନ୍ତ୍ରୀ କିଷାନ ବୁଧବାର ସା ୭.୩୦ ସମୟରେ ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ନେଇ ଗାଡ଼ିରେ ଯିବା ବେଳେ ଭିଜିଲାନ୍ସ ସ୍ୱତନ୍ତ୍ର ଟିମ ମାଡ଼ି ବସିଥିଲା। ତାଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିଲା। ଖବର ଲେଖାଯିବା ସୁଦ୍ଧା ଶିରିଗୁଡ଼ା ସ୍ଥିତ ବିଭାଗୀୟ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ ଯାଞ୍ଚ କରୁଛି।

# ଭୁଶୁଡ଼ିଲା ପାଟଖଣ୍ଡା ପ୍ରାଥମିକ ବିଦ୍ୟାଳୟ ଛାତ



**ବାଲିଗୁଡ଼ା ୨୮।୫ (ସଂଚାର ବ୍ୟୁରୋ) :** କନ୍ଧମାଳ ଜିଲା ବାଲିଗୁଡ଼ା ସହର ମଧ୍ୟ ଭାଗରେ ଥିବା ପୁରାତନ ସରକାରୀ ପାଟଖଣ୍ଡା ପ୍ରାଥମିକ ବିଦ୍ୟାଳୟର ପରିସରରେ ଥିବା ଏକ ବିପଦସଙ୍କୁଳ ଗୃହ ଛାତ ଭୁଶୁଡି ପଡ଼ିଛି। ବିଦ୍ୟାଳୟ ବନ୍ଦ ରହିଥିବାରୁ ଏକ ବଡ଼ ଧରଣର ଅଘଟଣ ଟଳିଯାଇଛି। ଉକ୍ତ ପୁରାତନ ବିଦ୍ୟାଳୟ ପାଟଖଣ୍ଡା ମନ୍ଦିରକୁ ଲାଗି ରହିଛି। ୧୯୬୨ରୁ ସ୍ଥାପିତ ଏହି ବିଦ୍ୟାଳୟଟି ଅଦ୍ୟାବଧି ଆଜବେଷ୍ଟସ୍ ଛାଉଣି ଶ୍ରେଣୀ ଗୃହରେ ହିଁ ଶିକ୍ଷାଦାନ କରାଯାଉଛି। ଦୀର୍ଘଦିନ ଧରି ଉକ୍ତ ବିଦ୍ୟାଳୟ ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବା ବେଳେ ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଆକାରରେ ବାରମ୍ବାର ଜଣାଇଥିଲେ ମଧ୍ୟ କାହିଁକି ଦୃଷ୍ଟି ଦେଉ ନ ଥିଲେ, ତାହା ଏବେ ଅଭିଭାବକ ମହଲରେ ପ୍ରଶ୍ନ ସୃଷ୍ଟି କରିଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ଓଝାଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ ବିଦ୍ୟାଳୟ ପରିସରରେ ଥିବା ଗୋଟିଏ ଛାତ ଘରକୁ ଛାଡ଼ିଲେ ସମସ୍ତ ଗୃହ ଅତି ପୁରୁଣା ଓ ଭଙ୍ଗାରୁଜା ହୋଇ ପଡ଼ିରହିଛି। ଅଧିକ ଶ୍ରେଣୀ ଗୃହ ନ ଥିବାରୁ ବାଧ୍ୟ ହୋଇ ଆଜବେଷ୍ଟସ୍ ଘରେ ଓ ଏକ ଛାତ ଘର ରହିଛି ତାରି ଭିତରେ ପିଲାଙ୍କୁ ପାଠ ପଢାଉଛୁ। ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବା ଘରଟି ଭାଙ୍ଗି ଯାଇଛି। ପୁରୁଣା ଓ ବିପଦସଙ୍କୁଳ ଘର ମରାମତି କିମ୍ବା ନୂତନ ଗୃହ ନିର୍ମାଣ ସମ୍ପର୍କରେ ଆମେ ବାରମ୍ବାର ଆମ ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଇନାହାନ୍ତି ବୋଲି ମଧ୍ୟ କହିଛନ୍ତି। ତେଣୁ ବିଦ୍ୟାଳୟର ସମସ୍ତ ଗୃହ ନୂତନ ଭାବେ ନିର୍ମାଣ କରିବାକୁ ଅଭିଭାବକ ମହଲରେ ଦାବି ହୋଇଛି।

# ଆଜିଠୁ ବିକଶିତ କୃଷି ସଂକଳ୍ପ ଅଭିଯାନ



**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଆସନ୍ତାକାଲି ପୁରୀରୁ ଆରମ୍ଭ ହେବ ‘ବିକଶିତ କୃଷି ସଂକଳ୍ପ ଅଭିଯାନ’। କୃଷି ଉତ୍ପାଦନ ବଢ଼ାଇବା, ଉତ୍ପାଦନ ଖର୍ଚ୍ଚ କମାଇବା ସହ ଚାଷକୁ ଏକ ଲାଭଦାୟକ ବ୍ୟବସାୟରେ ପରିଣତ କରିବା ସକାଶେ ସରକାର ଉଦ୍ୟମ କରୁଛନ୍ତି। ଏହି ଅଭିଯାନ ମାଧ୍ୟମରେ ଚାଷ କ୍ଷେତକୁ ବୈଜ୍ଞାନିକମାନେ ଯିବେ ଓ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିବେ। ଚାଷ ଜମିରେ ଲ୍ୟାବ ରିସର୍ଚ୍ଚ ଇମ୍ପ୍ଲିମେଣ୍ଟ ହେବ। ଆଇସିଏଆର୍ କୃଷି ବୈଜ୍ଞାନିକ ସେଣ୍ଟରର ୧୬ ହଜାର ବୈଜ୍ଞାନିକ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷି ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ଏଥିପାଇଁ ୨୧୧୭ଟି ଟିମ ଗଠିତ ହୋଇଛି। ୧୫ ଦିନରେ ୬୦ ହଜାର ଗାଁକୁ ଯିବେ ଏହି ଟିମ୍। ପ୍ରତି ଟିମ୍‌ରେ ୪ ଜଣ ଲେଖାଏଁ ରହିଥିବା ବେଳେ ସେମାନେ ଚାଷୀଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଜାଣିପାରିବେ। ଫଳସ୍ୱରୂପ ଲ୍ୟାବରେ ହୋଇଥିବା ରିସର୍ଚ୍ଚ ସିଧା କ୍ଷେତକୁ ଯିବ। ଜଳବାୟୁ କ’ଣ ଅଛି, କେଉଁଠି କେଉଁ ଫସଲ ହୋଇପାରିବ, ସେ ନେଇ ବ୍ୟାପକ ଆଲୋଚନା ହେବ। ଚାଷୀର କ’ଣ ଆବଶ୍ୟକ ସେସବୁ ଜାଣିବା ସକାଶେ ବୈଜ୍ଞାନିକମାନେ ଉଦ୍ୟମ କରିବେ। କ୍ଷେତରେ କ’ଣ ସବୁ ସମସ୍ୟା ରହିଛି, ତା’ର ସମାଧାନ ବାଟ ବତାଇବେ ଏହି ବୈଜ୍ଞାନିକମାନେ। ଚାଷୀଙ୍କ ଇନପୁଟ କ’ଣ ସେ ବିଷୟରେ ମଧ୍ୟ ବିଚାର କରିବେ ବୈଜ୍ଞାନିକ। ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଏହି ଅଭିଯାନ ପାଇଁ ଭିଡିଓ ବାର୍ତ୍ତା ମଧ୍ୟ ଜାରି କରିବେ ବୋଲି କହିଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗ ମନ୍ତ୍ରୀ ଶିବରାଜ ସିଂ ଚୌହାନ। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଏଠାରେ ପହଞ୍ଚିଥିବା ଶ୍ରୀ ଚୌହାନ୍ ଏହି ଅଭିଯାନର ଶୁଭାରମ୍ଭ କରିବେ।

# ୧.୦୮ କୋଟି ଠକେଇ ମାମଲାରେ ୨ ଗିରଫ





**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଅନଲାଇନ ଗେମରେ କ୍ରିକେଟ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକେଇ ମାମଲାରେ ଆଜି ରାଜ୍ୟ କ୍ରାଇମବ୍ରାଞ୍ଚ ଟିମ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ଏସ୍‌କେ ୱାସିଉଲ୍ ଇସଲାମ୍ ଓରଫ ରୋହନ୍ ଏବଂ ସ୍ଥାନୀୟ ଖାରବେଳ ନଗର ଅଞ୍ଚଳର ଜ୍ୟୋତି ପ୍ରକାଶ ପଲାଇ। ପୁଲିସ ସେମାନଙ୍କଠାରୁ ପାସବୁକ୍, ଚେକ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ୍, ଆଧାର ଓ ପ୍ୟାନ କାର୍ଡ ଆଦି ଜବତ କରିଛି। ଏଥିସହ ସେମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ପୁଲିସ୍ ଫ୍ରିଜ୍ କରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଯାଜପୁର କଳିଙ୍ଗନଗର ଅଞ୍ଚଳର ଜନୈକ ବ୍ୟକ୍ତି ଅନଲାଇନ ଗେମରେ କ୍ରିକେଟ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ କରିଥିଲେ। ପ୍ରାରମ୍ଭରେ ସାଇବର ଅପରାଧୀମାନେ ତାଙ୍କୁ ଅନଲାଇନ କ୍ରିକେଟ୍ ବେଟିଂର ଦୁଇଟି ୱେବସାଇଟ୍ ଲିଙ୍କ୍ ଶେୟାର କରିଥିଲେ। ଅଳ୍ପ ଟଙ୍କା ଲଗାଇ କୋଟିପତି ହେବାର ଲୋଭ ଦୁଇ ସାଇବର୍ ଅପରାଧୀ ଉକ୍ତ ଯୁବକଙ୍କୁ ଦେଖାଇଥିଲେ। ଏହି ଲୋଭର ବଶବର୍ତ୍ତୀ ହୋଇ ଅଭିଯୋଗକାରୀ ଜଣଙ୍କ ପ୍ରଥମେ ଅଳ୍ପ କିଛି ଟଙ୍କା ବିନିଯୋଗ କରିଥିଲେ। ଅପରାଧୀମାନେ ମଧ୍ୟ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରି ବିଶ୍ୱାସ ଜନ୍ମାଇବାରେ ସକ୍ଷମ ହୋଇଥିଲେ। ପରେ ଅଭିଯୋଗକାରୀ ଜଣଙ୍କ ତାଙ୍କ ପତ୍ନୀ, ବନ୍ଧୁ ଓ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧.୦୮ କୋଟି ଟଙ୍କା ଦୁଇ ଗିରଫ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଜଣଙ୍କ ଟଙ୍କା ଫେରସ୍ତ ପାଇବାକୁ ଉଦ୍ୟମ କରିଥିଲେ ହେଁ ଏଥିରେ ନିରାଶ ହୋଇଥିଲେ। ଗତ ୨୦୨୨ ଅଗଷ୍ଟରୁ ୨୦୨୫ ଜାନୁଆରୀ ମଧ୍ୟରେ ଉକ୍ତ ଅଭିଯୋଗକାରୀ ଜଣଙ୍କ ଉପରୋକ୍ତ ଟଙ୍କା ଜମା କରିଥିଲେ। ତେବେ ଦିନ ଗଡ଼ିବା ସତ୍ତ୍ୱେ ଟଙ୍କା ଫେରସ୍ତ ନ ପାଇବାରୁ ଶେଷରେ ବ୍ୟକ୍ତି ଜଣଙ୍କ ବାଧ୍ୟ ହୋଇ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଭିତ୍ତି କରି କ୍ରାଇମ ବ୍ରାଞ୍ଚ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲା। ଉକ୍ତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶେଷରେ ଆଜି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କଟକ ଓପିଆଇଡି କୋର୍ଟରେ ହାଜର କରାଯାଇଛି।

# ଆସିଲା ମୌସୁମୀ, ଡ୍ରେନରେ ପଶିବ ପଙ୍କ





**ଭୁବନେଶ୍ୱର, ୨୮।୫:** ଓଡ଼ିଶାରେ ମୌସୁମୀ ପ୍ରବେଶ କରିଥିବାବେଳେ ଖୋଦ ରାଜଧାନୀରେ ଏବେ ରାସ୍ତାଘାଟ ଓ ନାଳ ସଫେଇକାମ ଲୋକଙ୍କ ପାଇଁ ସମସ୍ୟା ଭାବେ ଉଭା ହୋଇଛି। ଡ୍ରେନରୁ ବାହାରୁଥିବା ପଙ୍କ ଓ ରାସ୍ତାରୁ ଉଠୁଥିବା ବାଲିକୁ ବିଭିନ୍ନ ସ୍ଥାନରେ ଗଦାକରି ରଖାଯିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଏହା ପୂତିଗନ୍ଧମୟ ଅବସ୍ଥା ସୃଷ୍ଟି କରୁଛି।

ବିଭିନ୍ନ ସ୍ତରରୁ ସମାଲୋଚନାର ଶିକାର ହେବା ପରେ ପୌର କର୍ତ୍ତୃପକ୍ଷ ରାଜଧାନୀର ନାଳ ନର୍ଦ୍ଦମା ସଫା କରିବାରେ ଲାଗିଛନ୍ତି। ତେବେ ଆଗୁଆ ମୌସୁମୀ ଆସିବାର ସୂଚନା ପାଇ ମଧ୍ୟ ବିଭିନ୍ନ ସ୍ଥାନରେ ଠିକାଦାରମାନେ ନାଳ ନର୍ଦ୍ଦମା ସଫାକାର୍ଯ୍ୟ ଜାରି ରଖିଛନ୍ତି। ହେଲେ ନାଳରୁ ବାହାରୁଥିବା ମଇଳାକୁ ତତ୍କାଳ ଉଠାଇନେବା ବଦଳରେ ତାହାକୁ ଗଦାକରି ରଖୁଥିବା ଲକ୍ଷ୍ୟ କରାଯାଉଛି। ରାଜଧାନୀରେ ଏବେ ବର୍ଷା ଜାରି ରହିଥିବାରୁ ଯେଉଁସବୁ ସ୍ଥାନରେ ରାସ୍ତାଉପରେ ମାଟି ଓ ପଙ୍କ ଗଦା ହୋଇଥିଲା ତାହା ଧିରେ ଧିରେ ପୁଣି ଡ୍ରେନରେ ପଶିବା ଆରମ୍ଭ କରିଛି। ଗୋଦରାର ସାରୁ କିଆରି କୋଡିବା ଭଳି ଅବସ୍ଥା। ବ୍ୟାପକ ଅର୍ଥ ବ୍ୟୟରେ ଯେଉଁସବୁ ଅଳିଆ ଉଠିଥିଲା ତାହାକୁ କର୍ତ୍ତୃପକ୍ଷ ପୁଣିଥରେ ଉଠାଇବେ। ସେହିଭଳି ବିଭିନ୍ନ ସ୍ଥାନରେ ଲୋକଙ୍କ ଘର ଆଗରେ ଦିନ ଦିନ ଧରି ମାଟି, ବାଲି ଗଦାଇ ରଖିବା ଯୋଗୁଁ ଲୋକେ ମଧ୍ୟ ଯାତାୟତରେ ଅସୁବିଧା ଭୋଗୁଛନ୍ତି।

ସାଧାରଣ ଲୋକେ ଘର ତିଆରି ପାଇଁ ଇଟା, ଗୋଡି, ବାଲି ଆଦି ଘର ସାମ୍ନାରେ ରଖିଲେ ବିଏମ୍‌ସିର ଏନଫୋର୍ସମେଣ୍ଟ ଗାଡି ତୁରନ୍ତ ସେଠାରେ ପହଞ୍ଚି ନାଲିଆଖି ଦେଖାଇବା ସହିତ ଫାଇନ୍ କାଟୁଛନ୍ତି। ହେଲେ ରାସ୍ତା ଓ ନାଳ ସଫା କରୁଥିବା ଠିକାଦାରମାନେ ସପ୍ତାହ ବ୍ୟାପି ଆବର୍ଜନାକୁ ଲୋକଙ୍କ ଘର ଆଗରେ ଗଦାକରି ରଖୁଥିବାବେଳେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ କିଭଳି ଏହାକୁ ଦେଖିପାରୁ ନାହିଁ ତାହାକୁ ନେଇ ଏବେ ଅନେକ ପ୍ରଶ୍ନ କରୁଛନ୍ତି।

ପ୍ରତିବର୍ଷ ମୌସୁମୀ ଆଗମନର ଢେର ପୂର୍ବରୁ ସହରାଞ୍ଚଳରେ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ କର୍ତ୍ତୃପକ୍ଷ ନାଳ ନର୍ଦ୍ଦମା ଆଦିକୁ ସଫାକରିଥାନ୍ତି। ହେଲେ ଚଳିତବର୍ଷ ସେଥିରେ ବ୍ୟତିକ୍ରମ ଦେଖାଦେଇଛି। ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ସଫେଇ କାର୍ଯ୍ୟ ପୂରା ଦମ୍‌ରେ ଆରମ୍ଭ ହୋଇପାରି ନାହିଁ। ଆଗକୁ ବି ଆଉ ସଫା କରିବାର ସେଭଳି ସୁଯୋଗ ନାହିଁ। ଯେଉଁସବୁ ସ୍ଥାନରେ ନାଳଗୁଡିକ ସଫା ହୋଇଥିଲା ସେଠାରେ ବାହାରିଥିବା ଆବର୍ଜନା ପୁଣି ନାଳ ଭିତରେ ପଶିବା ଆରମ୍ଭ କରିଛି।

କର୍ତ୍ତୃପକ୍ଷ ଏବେ ସହରର ଛୋଟ ଛୋଟ ନାଳକୁ ସଫା କରୁଥିବା ବେଳେ ଜଳ ନିଷ୍କାସନ ପାଇଁ ଥିବା ୧୧ଟି ବଡ ବଡ ନାଳ କେବେ ସଫାହେବ ତାହାକୁ ନେଇ ଆଶଙ୍କା ପରିଲକ୍ଷିତ ହୋଇଛି। କାରଣ ବର୍ତ୍ତମାନ ରାଜଧାନୀରେ ଯେଭଳି କେତେକ ସ୍ଥାନରେ ହଠାତ୍ ବାଦଲଫଟା ବର୍ଷା ହେଉଛି ଯଦି ସେଭଳି ଅବସ୍ଥା ଲାଗିରହେ, ତା’ହେଲେ ରାଜଧାନୀବାସୀ ଜଳବନ୍ଦୀ ହେବା ଏକପ୍ରକାର ନିଶ୍ଚିତ।

ତେଣୁ ଯେଉଁସବୁ ସ୍ଥାନରେ ଠିକାଦାରମାନେ ରାସ୍ତାଉପରେ ନାଳ ନର୍ଦ୍ଦମାର ଆବର୍ଜନା ଗଦାଇ ରଖିଛନ୍ତି ତାହାକୁ ତୁରନ୍ତ ଉଠାଇବାପାଇଁ ପଦକ୍ଷେପ ନିଅନ୍ତୁ। ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ସ୍ଥାନୀୟ ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରଙ୍କ ଜରିଆରେ ଏ ଦିଗରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଗୁରୁବାର ୨୯ ମେ ୨୦୨୫, ଭୁବନେଶ୍ୱର
Thursday 29 May 2025, Bhubaneswar

# ଅର୍ଥନୈତିକ ସଫଳତାର ମାଇଲଖୁଣ୍ଟ

ଅର୍ଥନୈତିକ କ୍ଷେତ୍ରରେ ଭାରତ ଏବେ ଏକ ବଡ଼ ସଫଳତା ହାସଲ କରିଛି। ଜାପାନକୁ ପଛରେ ପକାଇ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ନିତି ଆୟୋଗ ସିଇଓ ବି ଭି ସୁବ୍ରମଣ୍ୟମ ଏହି ସୂଚନା ପ୍ରଦାନ କରିଛନ୍ତି। ଏହା ତାଙ୍କର ନିଜସ୍ୱ ଆକଳନ ନୁହେଁ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ)ର ତଥ୍ୟ ଆଧାରରେ ସେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ୨୦୨୫ରେ ଭାରତର ଜିଡିପି ୪.୧୮ ଟ୍ରିଲିୟନ ଡଲାର ରହିବ ବୋଲି ଆଇଏମଏଫ ଆକଳନ କରିଛି। ଜାପାନ ଏହାଠାରୁ ସାମାନ୍ୟ ପଛରେ ପଡ଼ିଛି। ପୂର୍ବରୁ ଭାରତ ବ୍ରିଟେନକୁ ପଛରେ ପକାଇ ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ଭାରତ ଯୋତେବେଳେ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହେଲା ସେତେବେଳେ ସମସ୍ତ ଭାରତୀୟ ଖୁସି ମନାଇଥିଲେ। କାରଣ ଯେଉଁ ଦେଶ ଦିନେ ସମଗ୍ର ବିଶ୍ୱକୁ କରାୟତ କରି ରକିଥିଲା ଏବଂ ଭାରତକୁ ଦୁଶ ଶହରୁ ଅଧିକ ବର୍ଷ ଧରି ଶାସନ କରିଥିଲା, ସେହି ଦେଶକୁ ଆମେ ଆଜି ପଛରେ ପକାଇଛୁ। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବର ବିଷୟ ଥିଲା। କିନ୍ତୁ ଏବେ ସରକାର ଚାପରେ। କାରଣ ସାଧାରଣ ଜନତା ଚାହୁଁଛନ୍ତି ଭାରତ ଶୀଘ୍ର ଜର୍ମାନକୁ ପଛରେ ପକାଇ କିପରି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ସମସ୍ତେ ଚାହୁଁଛନ୍ତି ଭାରତର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଉ। ଏହା ଆମେରିକା ଏବଂ ଚୀନ ସହ ସମକକ୍ଷ ହେଉ। କହିବା ବାହୁଲ୍ୟ ଯେ, ୨୦୧୪ରେ ଭାରତ ୧୧ତମ ସ୍ଥାନରେ ଥିଲା। ମାତ୍ର ୧୧ ବର୍ଷ ଭିତରେ ଏହା ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତର ଲକ୍ଷ୍ୟ ହେଲା ୨୦୩୦ ସୁଦ୍ଧା ୫ ଟ୍ରିଲିୟନ ଅର୍ଥନୀତି ହେବା। ଏହା ଦ୍ୱାରା ଭାରତ ଜର୍ମାନକୁ ପଛରେ ପକାଇ ତୃତୀୟ ସ୍ଥାନ ଦଖଲ କରିପାରିବ। ଆମେରିକା ଓ ଚୀନ ଏହି ତାଲିକାର ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସେମାନଙ୍କ ତୁଳନାରେ ଭାରତ ବହୁ ପଛରେ ପଡ଼ିଛି। ଭାରତର ଜିଡିପି ୪ ଟ୍ରିଲିୟନ ଡଲାର ଥିବା ବେଳେ ଆମେରିକା ପାଖାପାଖି ୩୦ ଟ୍ରିଲିୟନ ଡଲାର ରହିଛି। ଚୀନର ଅର୍ଥନୀତି ପାଖାପାଖି ୨୦ ଟ୍ରିଲିୟନ ଡଲାର ରହିଛି। ଏହାକୁ ବିଚାର କଲେ ଭାରତ ନିକଟ ଭବିଷ୍ୟତରେ ଆମେରିକା ଏବଂ ଚୀନର ନିକଟତର ହେବା ମଧ ସମ୍ଭାବନା ନାହିଁ। ଯଦି ୨୦୪୭ ସୁଦ୍ଧା ଭାରତ ୨୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚିଯିବ ସେତେବେଳକୁ ଚୀନ ୪୦ରେ ପହଞ୍ଚାଯାଇଥିବ। ଏବେ ଜାପାନ ଭାରତଠାରୁ ସାମାନ୍ୟ ପଛରେ ପଡ଼ିଛି, ଜର୍ମାନୀ ସାମାନ୍ୟ ଆଗରେ ରହିଛି। ଏଥିରେ ପରିବର୍ତ୍ତନ ମଧ ହୋଇପାରେ। ଆଗକୁ ଜାପାନ ଭାରତକୁ ପୁନର୍ବାର ଅତିକ୍ରମ କରିବା ଅସମ୍ଭବ ନୁହେଁ। ଜର୍ମାନୀ ମଧ ଭାରତଠାରୁ ଆହୁରି ଆଗକୁ ବଢ଼ିଯାଇପାରେ। ମୋଟ ଉପରେ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ସହିତ ଭାରତର ଅର୍ଥନୀତି ପାଖାପାଖି ରହିଛି। କିନ୍ତୁ ଜାପାନ, ଜର୍ମାନୀ, ଫ୍ରାନ୍ସ ଏବଂ ବ୍ରିଟେନ ବିକଶିତ ରାଷ୍ଟ୍ର ହୋଇଥିବା ବେଳେ ଭାରତ ବିକାଶମୁଖୀ ରାଷ୍ଟ୍ର। କାରଣ ଭାରତର ଜନସଂଖ୍ୟା ଏମାନଙ୍କ ତୁଳନାରେ ବହୁ ଅଧିକ। ତେଣୁ ଭାରତର ମୁଣ୍ଡପିଛା ଆୟ ବା ଜିଡିପି ବହୁ କମ। ମୁଣ୍ଡ ପିଛା ଆୟ ହିସାବରେ ଭାରତ ବହୁ ପଛରେ ପଡ଼ିଛି। ୟୁରୋପର ଅନେକ ଛୋଟ ଛୋଟ ଦେଶ ତାଲିକାର ଅନେକ ଆଗରେ ରହିଛନ୍ତି। ଭାରତ ତୁଳନାରେ ଜାପାନ ଏବଂ କୋରିଆ ଅଧିକ ଉନ୍ନତ ଏବଂ ସଶକ୍ତ। ଚୀନ କଥା ଛାଡ଼। ହଂକଂ, ସିଙ୍ଗାପୁର ଭଳି ଅନେକ ଛୋଟ ଛୋଟ ଦେଶ ଭାରତଠାରୁ ବହୁ ଆଗରେ।




ମାଲେସିଆ ମଧ ଭାରତ ତୁଳନାରେ ବହୁ ଆଗରେ। ଅଷ୍ଟ୍ରେଲିଆର ଜିଡିପି ଭାରତ ତୁଳନାରେ ଯଥେଷ୍ଟ କମ। କିନ୍ତୁ ଅଷ୍ଟ୍ରେଲିଆ ଭାରତ ତୁଳନାରେ ଏକ ସମୃଦ୍ଧ ରାଷ୍ଟ୍ର। ୟୁରୋପର ଅନେକ ଛୋଟ ଦେଶ ଯଥା ସ୍ୱିଡେନ, ସୁଇଜରଲାଣ୍ଡ, ଡେନମାର୍କ, ନେଦରଲାଣ୍ଡ, ପର୍ତ୍ତୁଗାଲ, ସ୍ପେନ, ଇଟାଲୀ, ଚେକ ରିପବ୍ଲିକ, ସ୍ଲୋଭାକ, ହଙ୍ଗେରୀ ଆଦି ଭାରତଠାରୁ ଆଗରେ। ତେଣୁ ବିଶ୍ୱ ଅର୍ଥନୀତିରେ ଭାରତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗୌରବର ବିଷୟ ହୋଇଥିଲେ ମଧ ଦେଶର କୋଟି କୋଟି ଗରିବ ଲୋକଙ୍କ ପାଇଁ ଏହା ମୂଲ୍ୟହୀନ। କାରଣ ସେମାନେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଏକ ସ୍ୱଚ୍ଛଳ ଏବଂ ସ୍ୱଚ୍ଛନ୍ଦ ଜୀବନ ବିତାଇବା ନିମନ୍ତେ ସେମାନଙ୍କ ନିକଟରେ ସାଧନ ନାହିଁ। ଭାରତରେ ଅତି ଧନୀ ବା ସୁପର ରିଚଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କିନ୍ତୁ ଭାରତର ଅତି ଗରିବ ଲୋକଙ୍କ ସଂଖ୍ୟା ମଧ ବହୁ ଅଧିକ, ଯାହା ୟୁରୋପର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ। ତେଣୁ ଭାରତରେ ମୁଣ୍ଡପିଛା ଆୟ ବା ଜିଡିପି ଯଥେଷ୍ଟ କମ। ଯେ ପର୍ଯ୍ୟନ୍ତ ଜନସଂଖ୍ୟା ନିୟନ୍ତ୍ରିତ ନହୋଇଛି ବା ସ୍ଥିର ନହୋଇଛି ସେ ପର୍ଯ୍ୟନ୍ତ ଭାରତ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ନାହିଁ। ଏଥିପାଇଁ ଠୋସ ପଦକ୍ଷେପ ନିଆଯିବା ଜରୁରୀ। ଯାହା ବି ହେଉ ଭାରତ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତିରେ ପରିଣତ ହେବା ଏକ ଗର୍ବର ବିଷୟ। କିନ୍ତୁ କିଛି ଲୋକ ବିଶେଷ କରି କଂଗ୍ରେସ ଏବଂ ଏହାର ସହଯୋଗୀମାନେ ଏହାକୁ ସହ୍ୟ କରିପାରୁନାହାଁନ୍ତି ଏବଂ ଏହି ତଥ୍ୟକୁ ମିଛ ବୋଲି କହୁଛନ୍ତି। ଏହା ହାସ୍ୟାସ୍ପଦ ଏବଂ ନିନ୍ଦନୀୟ। ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିରୋଧ କରିବାରେ କିଛି ଅସୁବିଧା ନାହିଁ। ସମସ୍ତଙ୍କର ସ୍ୱାଧୀନ ମତବ୍ୟକ୍ତ କରିବା ଏବଂ ନିଜସ୍ୱ ରାଜନୈତିକ ମତ ପୋଷଣ କରିବାର ଅଧିକାର ରହିଛି। କିନ୍ତୁ ସରକାରଙ୍କୁ ବିରୋଧ କରିବାର ଅର୍ଥ ନୁହେଁ ଯେ ଦେଶକୁ ବିରୋଧ କରିବା ଏବଂ ଦେଶର ଗୌରବକୁ ଅସ୍ୱୀକାର କରିବା। ଏବେ ଭାରତ ସରକାରଙ୍କର ଦାୟିତ୍ୱ ହେଲା ଦେଶର ମୁଣ୍ଡପିଛା ଆୟ ବୃଦ୍ଧି ଦିଗରେ ମନୋନିବେଶ କରିବା। ଏଥିପାଇଁ କେବଳ ଜନସଂଖ୍ୟା ନିୟନ୍ତ୍ରଣ ଜରୁରୀ ନୁହେଁ, ଏଥିପାଇଁ ଉଭୟ ଶିଳ୍ପ ଏବଂ କୃଷି ଉତ୍ପାଦନ ବୃଦ୍ଧି କରିବା, ଲୋକଙ୍କ ଆୟ ବୃଦ୍ଧି କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ଭାରତରେ ସୁପର ରିଚଙ୍କ ସଂଖ୍ୟା ଅଧିକ। କିନ୍ତୁ ଚୀନରେ ମଧ୍ୟବିତ୍ତ ବର୍ଗର ଲୋକଙ୍କ ସଂଖ୍ୟା ଅଧିକ। ଏବେ ଭାରତରେ ମଧବିତ୍ତ ବର୍ଗଙ୍କ ସଂଖ୍ୟା କିପରି ବଢ଼ିବ, ଦେଶରେ ଯେପରି କେହି ଅତି ଗରିବ ନରୁହନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ଭାରତର ଏକ ବଡ଼ ସମସ୍ୟା ହେଲା ଏହାର ଚାରିପଟେ ଶକ୍ତିଶାଳି ଶତ୍ରୁ ଅଛନ୍ତି। ଆତଙ୍କବାଦ ସହ ଭାରତକୁ ନିରନ୍ତର ସହ ଲଢ଼େଇ କରିବାକୁ ପଡୁଛି। ଏଥିପାଇଁ ପ୍ରତିରକ୍ଷା ବାବଦରେ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଅଷ୍ଟ୍ରେଲିଆ ଭଳି ଦେଶରେ ଏହା ନାହିଁ। କିନ୍ତୁ ଦେଶର ସୁରକ୍ଷା ସହିତ କଦାପି ସାଲିସ କରାଯାଇପାରିବ ନାହିଁ। ତେବେ ପ୍ରତିରକ୍ଷା ଶିଳ୍ପରେ ସ୍ୱାବଲମ୍ବୀ ହୋଇପାରିଲେ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ଭାରତ ଏକ କୃଷି ପ୍ରଧାନ ରାଷ୍ଟ୍ର। ତେଣୁ ଏକ ବିକଶିତ ଭାରତ ଗଠନ ଲାଗି କୃଷି ବିକାଶ ହେଉଛି ପ୍ରାଥମିକ ଆବଶ୍ୟକତା। ଏ କ୍ଷେତ୍ରରେ ଅନେକ କିଛି କରିବାକୁ ବାକି ଅଛି। ଏବେ ଭାରତର କୃଷି ଉତ୍ପାଦନ ଯାହା ଅଛି ସେଥିରେ ଆମର ଚାହିଦା ପୂରଣ ହୋଇପାରୁଛି। କିନ୍ତୁ କୃଷି ଜାତ ସାମଗ୍ରୀ ରପ୍ତାନୀ ପାଇଁ ଉତ୍ପାଦନ ଚାରିଗୁଣ ବଢ଼ାଇବାକୁ ପଡ଼ିବ। ଏହା ମଧ ସମ୍ଭବ। ଅନେକ ଜମି ପଡ଼ିଆ ପଡୁଛି। ଜଳସେଚନର ପ୍ରସାର ହୋଇପାରିଲେ ବର୍ଷ ତମାମ ଚାଷ ଏବଂ କୃଷି ଉତ୍ପାଦନ ସମ୍ଭବ ହୋଇପାରିବ। କୃଷିଜାତ ସାମଗ୍ରୀ ରପ୍ତାନୀ କରି ଆମେ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରିବା। ଏକ ବିକଶିତ ଭାରତ ଗଠନ କରିବାକୁ ହେଲେ ଆମକୁ ଶକ୍ତି ଉତ୍ପାଦନ ବିଶେଷକରି ଅକ୍ଷୟ ଶକ୍ତି ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ। ଫସିଲ ଫୁଏଲ ଉପରେ ନିର୍ଭରଶୀଳତା ହ୍ରାସ ପାଇଲେ ଆମର ପ୍ରଚୁର ବୈଦେଶିକ ମୁଦ୍ରା ସଞ୍ଚୟ ହୋଇପାରିବ। ଏଥିଲାଗି ଏକ ବିଧିବଦ୍ଧ ଯୋଜନା କାର୍ଯ୍ୟକାରୀ କରାଯିବା ଉଚିତ। ଏଥିନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜରୁରୀ। ଏ କ୍ଷେତ୍ରରେ ଶାସନ-ବିରୋଧୀ ଏକ ହେବା ଉଚିତ। କାଲି ସରକାର ବଦଳିପାରେ। କିନ୍ତୁ ଭାରତର ଆଭିମୁଖ୍ୟ, ଜନତାଙ୍କ ଆଶା-ଆକାଂକ୍ଷା ବଦଳିବନି। ଏହି ଦୃଷ୍ଟିଭଙ୍ଗୀ ରଖି ସମସ୍ତେ ଦେଶର ବିକାଶ ଏବଂ ଗୌରବ ନିମନ୍ତେ ଏକ ହୋଇ କାର୍ଯ୍ୟ କରିବା ଉଚିତ।

# ବାନୁ ମୁସ୍ତାକଙ୍କ 'ହାର୍ଟ ଲ୍ୟାମ୍ପ' କାହାଣୀ



ଡକ୍ଟର ଲକ୍ଷ୍ମଣ ସାହୁ

ବାନୁ ମୁସ୍ତାକଙ୍କ ଲେଖାର ସବୁଠାରୁ ବଡ଼ ଅବଦାନ ହେଉଛି ଯେ ସେ ମୁସଲିମ ମହିଳାମାନଙ୍କୁ ସେହି ରୀତିବାଦୀ ପ୍ରତିଛବିରୁ ମୁକ୍ତ କରିଥିଲେ , ଯେଉଁଥିରେ ସେମାନେ ପ୍ରାୟତଃ କାରାବରଣ କରନ୍ତି। ଏକ ସାକ୍ଷାତକାରରେ ସେ କହିଥିଲେ, 'ମୁଁ ସର୍ବଦା ସେହି ଧାର୍ମିକ ବ୍ୟାଖ୍ୟାଗୁଡ଼ିକୁ ଚ୍ୟାଲେଞ୍ଜ କରିଆସିଛି , ଯାହା ଅନ୍ଧବିଶ୍ୱାସ ଉପରେ ଆଧାରିତ।' ସମୟ ବଦଳୁଥିଲେ ମଧ ମହିଳା ଓ ଅବହେଳିତ ସମ୍ପ୍ରଦାୟର ସଂଘର୍ଷ ସମାନ ରହିଛି। ତାଙ୍କ କାହାଣୀଗୁଡ଼ିକ ଏହି କଥାର ପ୍ରମାଣ କରେ ଯେ ସାହିତ୍ୟ କେବଳ ମନୋରଞ୍ଜନ କରେ ନାହିଁ , ବରଂ ସମାଜକୁ ଏକ ଦର୍ପଣ ସଦୃଶ୍ୟ କାର୍ଯ୍ୟ କରେ। ବିଶ୍ୱର ପାଠକଙ୍କ ପାଖରେ ତାଙ୍କର ଲିଖିତ 'ହାର୍ଟ ଲ୍ୟାମ୍ପ'ର କାହାଣୀଗୁଡ଼ିକ ପହଞ୍ଚିଥିଲା। ବାସ୍ତବରେ ଏହାର ଶ୍ରେୟ ଏହାର ଅନୁବାଦକ ଦୀପା ଭାସ୍ତିଙ୍କୁ ମଧ ଯାଏ। ଦୀପା ଏହି କାହାଣୀଗୁଡ଼ିକର ଆତ୍ମାକୁ ପୂର୍ବବତ୍ ଅକ୍ଷୁର୍ଣ୍ଣ ରଖିଥିଲେ ଓ ସେଗୁଡ଼ିକୁ ଏକ ବିଶ୍ୱସ୍ତରୀୟ ମଞ୍ଚରେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ।

ଏବେ ବାନୁ ମୁସ୍ତାକଙ୍କ ନାମ ଏପରି ଏକ ବ୍ୟକ୍ତିତ୍ୱ ଭାବରେ ଉଭା ହୋଇଛି ଯିଏ କେବଳ କନ୍ନଡ ସାହିତ୍ୟ ଜଗତରେ ଏକ ଉଜ୍ଜ୍ୱଳ ତାରା ନୁହଁନ୍ତି ବରଂ ସେହି ସମସ୍ତ ମହିଳାଙ୍କ ସ୍ୱର ମଧ ଯେଉଁମାନେ ଦୀର୍ଘ ସମୟ ଧରି ସମାଜ ଦ୍ୱାରା ପାର୍ଶ୍ୱରେ ବାସନ୍ଦ ହୋଇରହିଛନ୍ତି। ୨୦୨୫ ମସିହାରେ ଯେତେବେଳେ ତାଙ୍କର କ୍ଷୁଦ୍ର ଗଳ୍ପ ସଂଗ୍ରହ 'ହାର୍ଟ ଲ୍ୟାମ୍ପ'କୁ ଆନ୍ତର୍ଜାତୀୟ ବୁକର ପୁରସ୍କାର ଦିଆଯାଇଥିଲା, ସେହି ମୁହୂର୍ତ୍ତଟି କେବଳ ତାଙ୍କ ପାଇଁ ନୁହେଁ ବରଂ ଭାରତୀୟ ଆଞ୍ଚଳିକ ଭାଷା ଓ ସେଥିରେ ସୃଷ୍ଟି ହେଉଥିବା ସାହିତ୍ୟିକ କୃତି ପାଇଁ ଏକ ଐତିହାସିକ ବିଜୟ ହୋଇଗଲା। ଏହି ପୁରସ୍କାର ଏକ ବାର୍ତ୍ତା - ବିଶ୍ୱ ଏବେ ରୋଷେଇ ଘରର ପରିଧିରୁ, ପୁସ୍ତକ ପଛରୁ ଓ ସାମାଜିକ ପ୍ରତିବନ୍ଧକର ଶିକୁଳିରୁ ବାହାରୁଥିବା କାହାଣୀଗୁଡ଼ିକୁ ଶୁଣିବାକୁ ପ୍ରସ୍ତୁତ। କେବଳ ତାହା ବାନୁର କାହାଣୀ। କହିବାକୁ ଗଲେ ଏହା ସାହିତ୍ୟ ନୁହେଁ, ବରଂ ଏକ ନୀରବ ବିପ୍ଳବ ଯାହା ନୀରବରେ କିନ୍ତୁ ଦୃଢ଼ ଭାବରେ ପୁରୁଷ କୈନ୍ଦ୍ରିକ ପ୍ରାଧାନ୍ୟ ବା ପୁରୁଷତନ୍ତ୍ର, ଧାର୍ମିକ କଠୋରତା ଓ ସାମାଜିକ ଅନ୍ୟାୟ ବିରୁଦ୍ଧରେ ଠିଆ ହୋଇଛି। ତାଙ୍କର ଲେଖା ଏକ ଦୀପ ସଦୃଶ, ଯାହା କେବଳ ଆଲୋକ ଦିଏ ନାହିଁ , ବରଂ ଆମେ ପ୍ରାୟତଃ ଅଣଦେଖା କରୁଥିବା ଅନ୍ଧକାରକୁ ମଧ ଆଲୋକିତ କରେ। ବାନୁ ମୁସ୍ତାକଙ୍କ ଜୀବନ ନିଜେ ଏକ କାହାଣୀ - ସଂଘର୍ଷ, ବିଦ୍ରୋହ ଓ ଆତ୍ମ-ଆବିଷ୍କାରର କାହାଣୀ।

କର୍ଣ୍ଣାଟକର ଏକ ଛୋଟ ମୁସଲିମ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ବାନୁଙ୍କ ପିଲାଦିନ ରାସ୍ତାରେ ବିତିଥିଲା। ଯେଉଁଠାରେ ପ୍ରତି ପଦକ୍ଷେପରେ ପ୍ରଥା ଓ ପରମ୍ପରା ଛାଇ ପରି ତାଙ୍କୁ ଅନୁସରଣ କରୁଥିଲା। ତାଙ୍କ ପିତାଙ୍କ ପ୍ରଗତିଶୀଳ ଚିନ୍ତାଧାରା ତାଙ୍କୁ ଏକ କନ୍ନଡ ମାଧମ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ଦେଇଥିଲା। ଯାହା ଫଳରେ ତାଙ୍କ ଜୀବନର ମୋଡ଼ ସାଜିଥିଲା। ଉର୍ଦ୍ଦୁରେ କୋରାନ ଶିଖିବା ସହିତ ଆରମ୍ଭ ହୋଇଥିବା ତାଙ୍କର ଯାତ୍ରା କନ୍ନଡ ସାହିତ୍ୟର ଜଗତକୁ ନେଇଗଲା। ଏଠାରେ ତାଙ୍କ ଭିତରେ ଥିବା କାହାଣୀ ଗୁଡ଼ିକ ଜନ୍ମଗ୍ରହଣ କରିଥିଲେ। ସେ ତାଙ୍କ ସ୍କୁଲ ଜୀବନରୁ ଲେଖିବା ଆରମ୍ଭ କରିଥିଲେ। କିନ୍ତୁ ବିବାହ ଓ ପାରିବାରିକ ଦାୟିତ୍ୱ ବାନ୍ଧି ହୋଇ କିଛି ସମୟ ତାଙ୍କ ଲେଖାକୁ ସ୍ଥଗିତ ରଖିଥିଲେ। ଯେତେବେଳେ ତାଙ୍କ ଜୀବନର ସବୁଠାରୁ କଷ୍ଟକର ସମୟ




ଥିଲା , ସେତେବେଳେ ସେ ମାନସିକ ଅବସାଦ ଓ ଘରୋଇ ବୋଝ ସହିତ ସଂଘର୍ଷ କରୁଥିଲେ। ଏକଦା ସେ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ମୁହୂର୍ତ୍ତଟି ତାଙ୍କ ଭିତରେ ଥିବା ନିଆଁ ଏକ ନୂତନ ରୂପ ନେଇଥିଲା। ଏହି ଯନ୍ତ୍ରଣା ତାଙ୍କ ଲେଖାକୁ ଏକ ନୂତନ ଗଭୀରତା ଦେଇଥିଲା। ପ୍ରକୃତରେ 'ହୃଦୟ ଲ୍ୟାମ୍ପ'ର କାହାଣୀଗୁଡ଼ିକ ଏହି ଲେଲିହାନ ଅଗ୍ନି ଶିଖାରୁ ସୃଷ୍ଟି ହୋଇଥିଲା।

'ହାର୍ଟ ଲ୍ୟାମ୍ପ'ର କାହାଣୀଗୁଡ଼ିକ ସାଧାରଣ ମହିଳାଙ୍କ ଅସାଧାରଣ କାହାଣୀ। ଏହି ମହିଳାମାନେ ଚିତ୍କାର କରନ୍ତି ନାହିଁ , କିମ୍ବା ସ୍ଲୋଗାନ ମଧ ଦିଅନ୍ତି ନାହିଁ। ସେମାନଙ୍କର ବିଦ୍ରୋହ ନୀରବ, କିନ୍ତୁ ଏତେ ଗଭୀର ଯେ ଏହା ପାଠକର ମନକୁ ଥରାଇ ଦିଏ। ବାନୁଙ୍କ କାହାଣୀରେ ଘରୋଇ ମହିଳା - ମା, ଭଉଣୀ, ସ୍ତ୍ରୀ - ଯେଉଁମାନେ ଦୈନନ୍ଦିନ ଜୀବନରେ ପୁରୁଷ କୈନ୍ଦ୍ରିକ ସମାଜର ପୁରୁଷତନ୍ତ୍ର ଓ ସାମାଜିକ ଚାପ ସହିତ କିଭଳି ସଂଘର୍ଷ କରନ୍ତି, ନିଚ୍ଛକ ଭାବରେ ସେମାନଙ୍କୁ ଦର୍ଶାଯାଇଛି। ତାଙ୍କ କାହାଣୀଗୁଡ଼ିକ ପ୍ରଶ୍ନ ଉଠାଏ - ନାରୀ ସ୍ୱାଧୀନତା କ'ଣ ? ଏହା କେବଳ ବାହ୍ୟ ବନ୍ଧନରୁ ମୁକ୍ତି, ନା ସମାଜର କୋଳାହଳରେ ବୁଡ଼ି ଯାଉଥିବା ସେହି ଅନ୍ତରର ସ୍ୱରକୁ ଶୁଣିବାର ସାହସ ? 'ହାର୍ଟ ଲ୍ୟାମ୍ପ' ହେଉଛି ସେହି ଅକଥିତ ପସନ୍ଦର କାହାଣୀ। ଏହି ପୁସ୍ତକ କେବଳ କାହାଣୀର ଏକ ସଂଗ୍ରହ ନୁହେଁ , ବରଂ ଏହା ଏକ ସାମାଜିକ ଦଲିଲ କହିଲେ ଅତ୍ୟୁକ୍ତି ହେବନାହିଁ।

ଯାହାକୁ ସାହିତ୍ୟରେ ପ୍ରାୟତଃ ଅଣଦେଖା କରାଯାଏ। ଏହା ହେଉଛି ବାନୁଙ୍କ ଲେଖାର ଶକ୍ତି । ଏହା ସାଧାରଣକୁ ଅସ୍ୱାଭାବିକ କରିଥାଏ। ଏହା କେବଳ ଉପେକ୍ଷିତ ଲୋକଙ୍କ କାହାଣୀକୁ ମୁଖ୍ୟଧାରାରେ ସାମିଲ କରିଥାଏ। ବାନୁଙ୍କ ସାହିତ୍ୟିକ ଯାତ୍ରା କେବଳ ଲେଖାଲେଖି ପର୍ଯ୍ୟନ୍ତ ସୀମିତ ନଥିଲା। ସେ ଜଣେ ସାମ୍ବାଦିକ ଓ ସାମାଜିକ କର୍ମୀ ଭାବରେ ମଧ ନିଜର ପରିଚୟ ସୃଷ୍ଟି କରିଥିଲେ। 'ବନ୍ଦୟା ଆନ୍ଦୋଳନ'ରେ ଯୋଗ ଦେଇ ସେ ସାହିତ୍ୟକୁ ସାମାଜିକ ପରିବର୍ତ୍ତନର ଏକ ଅସ୍ତ୍ର କରିଥିଲେ। ତାଙ୍କ ଲେଖାରେ ସାମ୍ବାଦିକତାର ବାସ୍ତବତା ଓ ସକ୍ରିୟତାର ଭାବନା ସ୍ପଷ୍ଟ ଭାବରେ ପ୍ରତିଫଳିତ ହୁଏ। ଯେତେବେଳେ ସେ ମସଜିଦରେ ମହିଳାମାନଙ୍କ ପ୍ରାର୍ଥନା କରିବାର ଅଧିକାର ବିଷୟରେ ଖୋଲାଖୋଲି ଲେଖିଲେ, ତାଙ୍କୁ ଧମକ, ଫତୱା ଓ ତାଙ୍କ ଜୀବନ ଉପରେ ଆକ୍ରମଣର ପ୍ରୟାସ ମଧ ମିଳିଥିଲା। କିନ୍ତୁ ବାନୁ ହାର ମାନି ନଥିଲେ। ବରଂ ସେ ଭ୍ରୂକ୍ଷେପ ନକରି ଲେଖିଲେ। ସ୍ପଷ୍ଟ, ନିର୍ଭୀକ ଓ ସଚ୍ଚୋଟ ଭାବରେ ଲେଖିଲେ ଚାଲିଲେ। ତାଙ୍କର ଏହି ସାହସ ତାଙ୍କ କାହାଣୀଗୁଡ଼ିକରେ ମଧ ଦୃଶ୍ୟମାନ। ଯେଉଁଠାରେ ଚରିତ୍ରମାନେ ଛୋଟ ଛୋଟ ବିଦ୍ରୋହ ମାଧମରେ ସେମାନଙ୍କର ସ୍ଥାନ ସୃଷ୍ଟି କରନ୍ତି।

ବାନୁ ମୁସ୍ତାକଙ୍କ ଲେଖା ଏକ ନୀରବ ନିଆଁ ପରି ଯାହା କୌଣସି ଶବ୍ଦ ନକରି ଜଳିଯାଏ। ଏହା କାନ୍ଥରେ ଫାଟ ସୃଷ୍ଟି କରେ। ତାଙ୍କ ଲେଖା ଆମକୁ ମନେ ପକାଇ ଦିଏ ଯେ ସାହିତ୍ୟ କେବଳ ସେତିକି ନୁହେଁ। ଏହା କାହାଣୀ କୁହେ ନାହିଁ ବରଂ ଶତାବ୍ଦୀ ଧରି ଦବିଯାଇଥିବା ସ୍ୱରଗୁଡ଼ିକୁ ଉଠାଇଥାଏ। ଏହି ପୁରସ୍କାର କେବଳ ଏକ ପୁସ୍ତକର ବିଜୟ ନୁହେଁ, ବରଂ ପ୍ରତ୍ୟେକ ମହିଳାଙ୍କ ଭିତରେ ଲୁଚି ରହିଥିବା ଆବେଗର ବିଜୟ। ଏହା ସେହି ନୀରବତାର ବିଜୟ, ଯାହା ସେମାନଙ୍କର ନୀରବତାରେ ମଧ ବହୁତ କିଛି କହିଥାଏ। ବାନୁ ମୁସ୍ତାକ କେବଳ କନ୍ନଡ ସାହିତ୍ୟକୁ ନୂତନ ଶିଖରରେ ପହଞ୍ଚାଇ ନଥିଲେ ବରଂ ଜଣେ ମହିଳାଙ୍କ କଲମ କେତେ ଶକ୍ତିଶାଳୀ ହୋଇପାରେ ତାହା ମଧ ବିଶ୍ୱକୁ ଦେଖାଇଥିଲେ। ସେମାନଙ୍କ କାହାଣୀ ଆମକୁ ଶିକ୍ଷା ଦିଏ ଯେ ବିଦ୍ରୋହ ସବୁବେଳେ ଶବ୍ଦ ସହିତ ହୁଏ ନାହିଁ - କେତେବେଳେ ଏହା ଏକ ନୀରବ ଦୀପ ପରି ଜଳେ, ଯାହା ଧୀରେ ଧୀରେ ସମସ୍ତ ଅନ୍ଧକାରକୁ ଦୂର କରିଦିଏ !!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋବାଇଲ୍: ୯୦୪୦୧୫ ୧୪୭୫**

# ବାପାଙ୍କ ମହତ୍ତ୍ୱ



ଡ଼ ସୀତାକାନ୍ତ ତ୍ରିପାଠୀ

ପିଲାବେଳେ ଲୋକମାନେ ମୋତେ ଅମୁକ ପୁଅ ଅମୁକ ନାତି ବୋଲି କହି ସମ୍ବୋଧନ କଲାବେଳେ ମୋ ମନରେ ଅଧିକାଂଶ ସମୟରେ ଅଭିମାନ ଆସେ ଆଉ ବେଳେବେଳେ ରାଗ ମଧ ହୁଏ। ମନେମନେ ଭାବେ ମୋର କ'ଣ ନାଁ ନାହିଁ ମୋ ନାଁ ରେ କାହିଁକି ଲୋକମାନେ ମୋର ପରିଚୟ ଦେଉନାହାନ୍ତି ଇତ୍ୟାଦି ଇତ୍ୟାଦି। ଦିନ ପରେ ଦିନ, ମାସ ଓ ବର୍ଷ ଗଡ଼ି ଚାଲିଲା ଲୋକମାନେ କହିଲେ ତୁ ବଡ଼ ଭାଗ୍ୟବାନ। ବାପାର ପୁଅ ହିସାବରେ ଦିନ କଟୁଛି। କଥାରେ ପରା ଅଛି 'ବାପା ଥିଲା ପୁଅ ସଭାରେ ହାରେନି' ମୁଁ ଭାବେ ମୋର ଯଦି ନିଜର କିଛି ଗୁଣ ନଥିବ ମୁଁ କ'ଣ ସବୁଠି ଜିତି ପାରିବି? ହାରିବା ଜିତିବା ତ ସଂସାରର ନିୟମ ବାପ ନଥିଲେ କ'ଣ ପୁଅ ଜିତିବନି ନା ବାପ ଥିଲେ ପୁଅ ହାରିବନି ବୋଲି କୌଣସି ଯୁକ୍ତି ଯୁକ୍ତତା ଅଛି? ପରବର୍ତ୍ତୀ ସମୟରେ ତୈତ୍ତିରୀୟ ଉପନିଷଦର ଅମୃତବାଣୀ ପଢ଼ିବାର ସୁଯୋଗ ମିଳିବାରୁ ସେଥିରେ ବାପାଙ୍କ ବିଷୟରେ ଲେଖାଥିଲା 'ପିତୃ ଦେବ ଭବଃ' ସେତେବେଳେ ମଧ ମଧରେ ସଂଶୟ ଜାତ ହେଲା ମୋ ବାପା କ'ଣ ସତରେ ଜଣେ ଦେବତା? ଜୀବନର ବିଭିନ୍ନ ପାହାଚରେ ଉଙ୍କି ମାରିଥିବା ଏସବୁ ଅଜବ ପ୍ରଶ୍ନର ଉତ୍ତର ଏବେ ମୋତେ ପ୍ରାୟତଃ ମିଳି ସାରିଛି। ଯେମିତି ଗୀତାର ଶ୍ଳୋକ 'ଯଥା ନଦୀନାଂ ବହବସବୁ ବେଗାଃ ସମୁଦ୍ର ମେବା ଭିମୂଖା ଦ୍ରବନ୍ତି'। ନଦୀର ଯେତେ ପାଣି ବୋହିଲେ ମଧ ସେସବୁ ସମୁଦ୍ରରେ ଯାଇ ମିଶିଥାଆନ୍ତି ସେହିଭଳି ପିଲା ମାନଙ୍କର ସବୁ ଅଳି ଅର୍ଦ୍ଦଳି, ଭଲ, ମନ୍ଦ, ହାନୀ-ଲାଭ ସବୁ ବାପାଙ୍କ ମୁଣ୍ଡରେ ଚାଲିଯାଏ। ବାପା ନଥିଲେ ଦୋଷ ମୁଣ୍ଡାଇବ କିଏ? ନା ଆଉ କାହା ମୁଣ୍ଡରେ ନେଇ ନିଜ ଦୋଷର ଅଠା ବୋଳିହେବ। କେବଳ ବାପା ହିଁ ସେ ସବୁକୁ ନିଜ ମୁଣ୍ଡକୁ ନେଇ ତାର ସମାଧାନ କରିବାର



ସିଦ୍ଧହସ୍ତ। 'ହାତୀ ଯେଉଁଠି ବୁଲିଲେ ସିଏ ରାଜାଙ୍କର' ନ୍ୟାୟରେ ପିଲାମାନେ ଯେଉଁଠି ଯାହା ନିନ୍ଦା ପ୍ରଶଂସା ଗୋଟାନ୍ତି ତାହା ବାପାଙ୍କ ନାଁରେ ଗଡ଼ିଯାଏ। ତା'ଛଡ଼ା ବିନା ଦ୍ୱିଧା ଓ ଶଙ୍କୋଚ ଓ ଅନାବିଳ ଭାବେ ଆଉ କିଏ ମୁଣ୍ଡରେ ହାତ ରଖି କହିବ ଆରେ ତୁ ଯାହା ଭାବୁଛୁ କରିଚାଲ ମୁଁ ପରା ଅଛି ଯାହା ହେବ ଦେଖାଯିବ। ଏହି ପଦକ କଥାରେ ହିଁ ଶତ ସିଂହର ବଳ ଓ ଉତ୍ସାହ ଆସିଯାଏ ଆଉ ସଫଳତା ହେଉକି ବିଫଳତା ସେସବୁକୁ ସଠିକ ଭାବେ ସାମ୍ନା କରିବା ପାଇଁ ମନର ବଳ ଦୃଢ଼ ହୋଇଯାଏ। ଆଉ ଯିଏ ଜୀବନର ପ୍ରତିଟି ପାହାଚରେ ମୋତେ ହାତଧରି ଚଲାଇ ଶିଖାଇଲେ ସିଏ ମୋ ପାଇଁ ଦେବତା ନୁହେଁ ତ ଆଉ କ'ଣ। କଥିତ ଅଛି ଦେବତା ମାନେ ଆଶୀର୍ବାଦ କଲେ ସେମାନେ ବିଭିନ୍ନ ଅସମ୍ଭବ କଥାକୁ ସମ୍ଭବ କରିଥାଆନ୍ତି। ଜୀବନର ସମସ୍ତ ସଙ୍କଟ ଟଳି ଯାଏ। ବାପା ତ ଏଥିରୁ କିଛି କମ୍ ନୁହଁନ୍ତି ତାଙ୍କର ଉପଦେଶ ଯୋଗୁଁ ଜୀବନର ଅନେକ ଘଡ଼ିସନ୍ଧି ମୁହୁର୍ତ୍ତକୁ ମୁଁ ସାମ୍ନା କରିବାର ଶକ୍ତି ସାମର୍ଥ୍ୟ ହାସଲ କରିପାରିଛି ଆଉ ଅନେକ ସଙ୍କଟରୁ ବର୍ତ୍ତି ଯାଇଛି। ଖାଦ୍ୟ, ପାନୀୟ, ଶିକ୍ଷା ଆଦି ସମସ୍ତ ସୁବିଧା ସୁଯୋଗ ମୋତେ ଦେଇଦେବା କେବଳ ଜଣେ ବାପାର କର୍ତ୍ତବ୍ୟ ଏବଂ ଦାୟିତ୍ୱ ମନେ କରିବା ମୂର୍ଖାମି କିମ୍ବା ବାପାଙ୍କ ଯୋଗୁଁ ମୁଁ ଧରାପୃଷ୍ଠକୁ ଆସିଥିବାରୁ ଏହା ତାଙ୍କ ପାଇଁ କରଣୀୟ ବୋଲି ମନେ କରିବା ମଧ ଗର୍ହିତ। କାରଣ ସନ୍ତାନ ହିସାବରେ ଆମେ ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ କେତେ ମାତ୍ରାରେ ଓ କିଭଳି ନିଭାଇ ପାରିଛନ୍ତି ତାହା ବିଚାର୍ଯ୍ୟ।

**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**

# କାରଣ, ନିରାକରଣ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଲୋକସଭାରେ ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ କହିଛନ୍ତି ଯେ ଦେଶରେ ପ୍ରତିଦିନ ୧୨୬୪ ରୁ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି। ପ୍ରତିଦିନ ଏହି ଦୁର୍ଘଟଣାରେ ୪୬୨ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୁଏ। ଦୁର୍ଘଟଣାରେ ଅଧିକାଂଶ ଲୋକଙ୍କର ବୟସ ୨୫ ରୁ ୩୫ ମଧରେ। ମନ୍ତ୍ରଣାଳୟ କହିଛି ଯେ ତାମିଲନାଡୁରେ ସର୍ବାଧିକ ସଡ଼କ ଦୁର୍ଘଟଣା ଘଟିଛି। ଏହା ପରେ ମଧ୍ୟପ୍ରଦେଶ, କେରଳ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ରାଜସ୍ଥାନ। ପ୍ରତିବର୍ଷ ଏପରି ଦୁର୍ଘଟଣାରେ ୧.୬ ଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରନ୍ତି। ଏହା ସମଗ୍ର ବିଶ୍ୱରେ ମୋଟ ମୃତ୍ୟୁର ୧୫ ପ୍ରତିଶତରୁ ଅଧିକ। ମନ୍ତ୍ରଣାଳୟ ଦ୍ୱାରା ଏହି ସଂଖ୍ୟା ୨୦୨୪ ମସିହା ପର୍ଯ୍ୟନ୍ତ ସାରା ଦେଶରେ ହୋଇଥିବା ସଡ଼କ ଦୁର୍ଘଟଣା ଏବଂ ଏଥିରେ ପ୍ରାଣ ହରାଇଥିବା ଲୋକଙ୍କ ଆଧାରରେ ଦିଆଯାଇଛି। ପ୍ରକୃତରେ, ଭାରତ ସମେତ ବିଶ୍ୱର ସମସ୍ତ ଦେଶରେ ଅଧିକାଂଶ ସଡ଼କ ଦୁର୍ଘଟଣା ଦ୍ରୁତ ଗତି, ଅବହେଳା କିମ୍ବା ସଚେତନତାର ଅଭାବ ଯୋଗୁଁ ହୋଇଥାଏ। ଏପରି ପରିସ୍ଥିତିରେ ଜୀବନ ରକ୍ଷା ପାଇଁ ସଡ଼କ ସୁରକ୍ଷା ଶିକ୍ଷା ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଡ଼କ ସୁରକ୍ଷା ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୧୦ ଲକ୍ଷ ୧୯ ହଜାର ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରନ୍ତି ଏବଂ ୨ କୋଟିରୁ ୫ କୋଟି ଲୋକ ଆଘାତ ହୁଅନ୍ତି। ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ମଧରୁ ଅଧାରୁ ଅଧିକ ହେଉଛନ୍ତି ପଦଯାତ୍ରୀ, ସାଇକେଲ ଚାଳକ, ମୋଟରସାଇକେଲ ଚାଳକ ଏବଂ ସେମାନଙ୍କ ସହଯାତ୍ରୀ। ବିକାଶଶୀଳ ଅର୍ଥନୀତିଗୁଡ଼ିକରେ ସଡ଼କ ଦୁର୍ଘଟଣାର ହାର ଅଧିକ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ର ରିପୋର୍ଟ ଅନୁଯାୟୀ, ୨୦୨୦ ମସିହାରେ ୧.୩୩ ଲକ୍ଷ ଏବଂ ୨୦୨୧ ମସିହାରେ ୧.୫୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ସର୍ବାଧିକ ମୃତ୍ୟୁ ଦୁଇଚକିଆ ଯାନ ଚାଳକଙ୍କର (୪୪.୫ ପ୍ରତିଶତ)। ମୋଟ ମୃତ୍ୟୁର ଅଧାରୁ ଅଧିକ ଦ୍ରୁତ ଗତି କାରଣରୁ । ବିପଦପୂର୍ଣ୍ଣ ଏବଂ ଅସାବଧାନତାପୂର୍ଣ୍ଣ ଗାଡି ଚାଳନା ଲୋକଙ୍କ ମୃତ୍ୟୁର ମୁଖ୍ୟ କାରଣ ଥିଲା। ରିପୋର୍ଟ ଅନୁଯାୟୀ, ୨୦୨୨ ମସିହାରେ ୪,୬୧,୩୧୨ଟି ସଡ଼କ ଦୁର୍ଘଟଣା ଘଟିଛି। ଅଧିକାଂଶ ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଛି (୧,୫୧,୯୯୭)। ରାଜସ୍ଥାନରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ମଧରୁ ବହୁ ସଂଖ୍ୟକ ୧୮ ରୁ ୨୫ ବର୍ଷ ବୟସ ବର୍ଗର ଯୁବକ। ୨୦୨୩ ମସିହାରେ, ୨,୭୮୦ ଜଣ ଯୁବକ ୧୮ ରୁ ୨୫ ବର୍ଷ ବୟସ ବର୍ଗର ଥିଲେ। ଏହି ପରିପ୍ରେକ୍ଷୀରେ, ସଡ଼କ ଦୁର୍ଘଟଣା ଯୋଗୁଁ ହେଉଥିବା ସାମାଜିକ-ଆର୍ଥିକ କ୍ଷତିକୁ ମଧ ବିଚାର କରାଯିବା ଆବଶ୍ୟକ। ଦୁର୍ଘଟଣା ଯୋଗୁଁ ହେଉଥିବା ଆର୍ଥିକ କ୍ଷତି ଏବଂ ଏହା ଦ୍ୱାରା ହେଉଥିବା ସାମାଜିକ କ୍ଷତିକୁ କ୍ୱଚିତ୍ ବିଚାର କରାଯାଏ। ଏଥିରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ, ଦୁର୍ଘଟଣାରେ ଆହତ ହୋଇଥିବା ଲୋକଙ୍କ ଉତ୍ପାଦନ ହ୍ରାସ ଏବଂ ପୁନର୍ବାସ ଏବଂ ପରିବାର ସଦସ୍ୟ ସମ୍ମୁଖୀନ ହେଉଥିବା ଅସୁବିଧା ଅନ୍ତର୍ଭୁକ୍ତ। ସଡ଼କ ଦୁର୍ଘଟଣା ଯୋଗୁଁ ହେଉଥିବା କ୍ଷତିକୁ ହ୍ରାସ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ। ସଡ଼କ ଦୁର୍ଘଟଣା କେବଳ ବ୍ୟକ୍ତି ପାଇଁ ଦୁଃଖଦ ନୁହେଁ, ବରଂ ଅର୍ଥନୀତି ପାଇଁ



ମଧ କ୍ଷତିକାରକ। ରାସ୍ତାକୁ ସୁରକ୍ଷିତ କରିବା, ଡ୍ରାଇଭରମାନଙ୍କୁ ତାଲିମ ଦେବା ଏବଂ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ଲାଗୁ କରିବା ଭଳି ବ୍ୟବସ୍ଥା କରି ଏହାର କ୍ଷତିପୂରଣ ଦିଆଯାଇପାରିବ।

ସଡ଼କ ଦୁର୍ଘଟଣା ପରିବାର ପାଇଁ ଅସୁବିଧା ଆଣିଥାଏ। ଏହା ଆୟ ହ୍ରାସ, ଜୀବନଧାରଣ ମାନରେ ହ୍ରାସ ଏବଂ ମାନସିକ ଚାପ ସୃଷ୍ଟି କରିପାରେ। ଦୁର୍ଘଟଣାରେ ମୃତ୍ୟୁ କିମ୍ବା ଆଘାତ ପରିବାରର ରୋଜଗାରକ୍ଷମ ସଦସ୍ୟଙ୍କ ଆୟ ବନ୍ଦ କରିଦିଏ। ଏହା ପରିବାରର ଆର୍ଥିକ ଅବସ୍ଥାକୁ ଖରାପ କରେ। ଗୁରୁତର ଆଘାତର ଚିକିତ୍ସା ପାଇଁ ବହୁତ ଖର୍ଚ୍ଚ ହୁଏ, ଯାହା ଫଳରେ ପରିବାର ଋଣରେ ବୁଡ଼ିଯାଏ। ଆକ୍ରାନ୍ତ ପରିବାର ଘର, ବ୍ୟବସାୟ ସବୁ ହରାଇଥାନ୍ତି । ଦୁର୍ଘଟଣା ପରେ ପରିବାର ସଦସ୍ୟଙ୍କ ମଧରେ ସାମାଜିକ ସମ୍ପର୍କ ହ୍ରାସ ପାଏ। ଦୁର୍ଘଟଣାଗ୍ରସ୍ତ ପରିବାର ସାମାଜିକ ଭାବରେ ଏକାକୀ ଅନୁଭବ କରେ। ପରିବାର ସଦସ୍ୟମାନଙ୍କୁ ସେମାନଙ୍କର ଶିକ୍ଷା କିମ୍ବା ବ୍ୟବସାୟ ମଝିରେ ଛାଡିବାକୁ ପଡ଼ିଥାଏ। ସଡ଼କ ଦୁର୍ଘଟଣା ପରିବାର ମଧରେ ମାନସିକ ଆଘାତ ଏବଂ ଚାପ ସୃଷ୍ଟି କରିପାରେ। ପ୍ରିୟଜନଙ୍କୁ ହରାଇ ପରିବାର ଦୁଃଖ ଏବଂ ହତାଶାରେ ବୁଡିଯାଏ। ସଡ଼କ ସୁରକ୍ଷା ବିଶେଷଜ୍ଞମାନେ କୁହନ୍ତି ଯେ ପ୍ରତିବର୍ଷ ବହୁ ସଂଖ୍ୟକ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ଖରାପ ରାସ୍ତା ଏବଂ ଲୋକଙ୍କ ମଧରେ ଟ୍ରାଫିକ ନିୟମ ପ୍ରତି ସଚେତନତାର ଅଭାବ। ଏହା ବ୍ୟତୀତ ଆହତମାନଙ୍କୁ ସମୟ ମଧରେ ଡାକ୍ତରଖାନା ନେଇ ନପାରିବା ମଧ ମୃତ୍ୟୁ ସଂଖ୍ୟା ବୃଦ୍ଧିର ଏକ ପ୍ରମୁଖ କାରଣ। ବିଶେଷଜ୍ଞମାନେ କୁହନ୍ତି ଯେ ସରକାରୀ ପ୍ରୟାସର ଫଳାଫଳ ଭୂମିରେ ଦେଖାଯାଉନାହିଁ। ଗ୍ରାମାଞ୍ଚଳରେ ସଚେତନତା ପ୍ରୟାସକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଅଛି। ଗ୍ରାମାଞ୍ଚଳ ଦେଇ ଯାଇଥିବା ରାସ୍ତା ଏବଂ ଜାତୀୟ ରାଜପଥରେ ବଡ଼ ବଡ଼ ଦୁର୍ଘଟଣା ଅଧିକ ଘଟୁଛି। ହେଲମେଟର ସଠିକ ଗୁଣବତ୍ତା ପ୍ରତି ଧ୍ୟାନ ଦେବା ଆବଶ୍ୟକ । ସଚେତନତା ସହିତ, ଚିକିତ୍ସା ସୁବିଧା ପ୍ରତି ମଧ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞମାନେ ସଡ଼କ ଦୁର୍ଘଟଣା ଏଡାଇବା ପାଇଁ ଦଶଟି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦିଅନ୍ତି। ପ୍ରଥମ ଗାଡ଼ି ଚାଳନା ପ୍ରତି ସଠିକ୍ ମନୋଭାବ ରହିବା ଦରକାର । ଦ୍ୱିତୀୟ, ସଠିକ୍ ତତ୍ତ୍ୱାବଧାନରେ ଗାଡ଼ି ଚାଳନା ଅଭ୍ୟାସ କରନ୍ତୁ। ତୃତୀୟ, ସର୍ବଦା ସୁରକ୍ଷା ବେଲ୍ଟ ପିନ୍ଧନ୍ତୁ। ଚତୁର୍ଥ, ଗାଡି ଚଲାଇବା ସମୟରେ ମଦ୍ୟପାନ ଏବଂ ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ପଞ୍ଚମ, ଯାତ୍ରୀଙ୍କ ସଂଖ୍ୟା ସୀମିତ କରନ୍ତୁ। ଷଷ୍ଠ, ରାତିରେ ଗାଡି ଚଲାଇବାର ଏକ ସୀମା ସ୍ଥିର କରନ୍ତୁ। ସପ୍ତମ, ଧୀରେ ଏବଂ ସୁରକ୍ଷିତ ଭାବରେ ଗାଡି ଚଲାନ୍ତୁ। ଅଷ୍ଟମ, ଖରାପ ପାଗରେ ଗାଡି ଚଲାଇବା ପାଇଁ ତାଲିମ ନିଅନ୍ତୁ। ନବମ, ଗାଡିକୁ ପାର୍ଶ୍ୱରେ ଅଟକାଇବା ପରେ ହିଁ ମୋବାଇଲରେ କଥା ହୁଅନ୍ତୁ। ଶେଷ ପରାମର୍ଶ ହେଉଛି ଯେ କୌଣସି ପରିସ୍ଥିତିରେ ସୁରକ୍ଷିତ ଭାବରେ ଗାଡି ଚଲାଇବା।ଏ ସମସ୍ତ ପ୍ରକ୍ରିୟାର ସଠିକ୍ ପାଳନ ଯାତ୍ରାକୁ ସୁରକ୍ଷିତ ଏବଂ ସହଜ କରିବ।

**ନୟାଗଡ଼ା, ମୋବାଇଲ୍: ୯୪୩୭୬୪୨୯୪୭**

## ୫୬ ବର୍ଷରେ ମାଟ୍ରିକ ପାସ୍



ରାଞ୍ଚି,୨୮।୫: ମାତ୍ର ୪୦ ଟଙ୍କାର ଅଭାବ ଯୋଗୁଁ ଦଶମ ଶ୍ରେଣୀରେ ପରୀକ୍ଷାରୁ ଦିନେ ବଞ୍ଚିତ ହୋଇଥିଲେ। ଆର୍ଥିକ ଅଭାବ ଆଗରେ ହାର ମାନି ନବମ ଶ୍ରେଣୀରେ ପାଠପଢ଼ାରେ ଡୋରି ବାନ୍ଧିଥିଲେ । ଆଉ ଆଜି ୫୬ ବର୍ଷ ବୟସରେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜର ଶିକ୍ଷାଗତ ଯୋଗ୍ୟତା ହାସଲ କରିପାରିଛନ୍ତି ଜଣେ ଦିନ ମଜୁରିଆ । ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ପାଇଁ ବୟସ ବାଧକ ସାଜିପାରେନି ବୋଲି ସାବ୍ୟସ୍ତ କରି ଦେଖାଇଛନ୍ତି ୫୬ ବର୍ଷୀୟ ଗଙ୍ଗା ଓରାଓନ । ସେ ଝାଡଖଣ୍ଡର ଖୁଣ୍ଟି ଠାରେ ଜିଲ୍ଲା ଶିକ୍ଷା ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏକ ଦିନ ମଜୁରିଆ ଭାବେ କାମ କରୁଥିଲେ । ଚଳିତବର୍ଷର ଦଶମ ଶ୍ରେଣୀ ପରୀକ୍ଷାରେ ସେ ୪୭.୨% ହାସଲ କରିଛନ୍ତି ।

### ୟୁଟ୍ୟୁବର୍ସ-ବ୍ଲଗରଙ୍କୁ ରୋକ

# ରେଳ ଷ୍ଟେସନର ଫଟୋ ଓ ଭିଡିଓ କରିବା ମନା




ନୂଆଦିଲ୍ଲୀ,୨୮।୫: ପୂର୍ବତଟ ରେଳବାଇ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହାର ଅଧିକାର କ୍ଷେତ୍ର ଅନ୍ତର୍ଗତ ଷ୍ଟେଶନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ କିମ୍ବା ଭିଡିଓ ନ କରିବାକୁ ଅନୁରୋଧ କରିଛି। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ଜ୍ୟୋତି ମାଲହୋତ୍ରାଙ୍କ ମାମଲାକୁ ଧ୍ୟାନରେ ରଖି ରେଳବାଇ ଏହି ପଦକ୍ଷେପ ନେଇଛି।

ପୂର୍ବତଟ ରେଳବାଇ କହିଛି ଯେ ସମ୍ପୃକ୍ତ ଅଧିକାରୀମାନେ ନଜର ରଖିବେ ଏବଂ ନିଶ୍ଚିତ କରିବେ ଯେ କେହି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକର ବିସ୍ତୃତ ଫଟୋଗ୍ରାଫ ନେଇପାରିବେ ନାହିଁ। ପୂର୍ବ ରେଳବାଇର ଜଣେ ମୁଖପାତ୍ର କହିଛନ୍ତି, 'ଷ୍ଟେଶନ ପରିସର ଏବଂ ପ୍ଲାଟଫର୍ମର ଫଟୋଗ୍ରାଫ କିମ୍ବା ଭିଡିଓ ନେବା ଉପରେ ପ୍ରତିବନ୍ଧକ ଲାଗୁ ହୋଇଛି। ଏବେ ଆମେ ସାରା ଦେଶରେ ସୃଷ୍ଟି ହେଉଥିବା ପରିସ୍ଥିତି ଏବଂ ସୁରକ୍ଷା ସତର୍କତା ସହିତ ନଜର ରଖିବାକୁ ନିଷ୍ପତ୍ତି ନେଇଛୁ।' ଅଧିକାରୀ କହିଛନ୍ତି ଯେ କିଛି ବ୍ଲଗର କିମ୍ବା ୟୁଟ୍ୟୁବର ରେଳ ଷ୍ଟେଶନଗୁଡ଼ିକର 'ଭିଡିଓ ବ୍ଲଗ' ତିଆରି କରିବାକୁ ଚେଷ୍ଟା କରନ୍ତି, ଯାହା ଖୁବ୍ ଚିନ୍ତାଜନକ। ସେ କହିଛନ୍ତି ଯେ ସମସ୍ତ ବିଭାଗ ଏବଂ ବିଭାଗରେ କଟକଣା ଜାରି ଅଛି, କିନ୍ତୁ କେତେକ ଲୋକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଚାହୁଁନାହାଁନ୍ତି। ସେ କହିଛନ୍ତି, 'ଆମେ ସମସ୍ତ ବ୍ଲଗର ଏବଂ ୟୁଟ୍ୟୁବରଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଏବେ ଏପରି କାର୍ଯ୍ୟକଳାପ କରନ୍ତୁ ନାହିଁ। ସୁରକ୍ଷା ସହିତ ସାଲିସ କରାଯାଇପାରିବ ନାହିଁ, ତେଣୁ ଏହି କଟକଣା ଜରୁରୀ ଥିଲା। ମୁଖପାତ୍ର କହିଛନ୍ତି ଯେ ଯଦି ଗଣମାଧ୍ୟମ କିମ୍ବା ନ୍ୟୁଜ ଚ୍ୟାନେଲଗୁଡ଼ିକୁ କୌଣସି କାର୍ଯ୍ୟକ୍ରମ କଭରେଜ କରିବାକୁ ପଡ଼େ, ତେବେ ଏଥିପାଇଁ ସ୍ୱତନ୍ତ୍ର ଅନୁମତି ନିଆଯାଇପାରିବ, କିନ୍ତୁ ସାଧାରଣ ନାଗରିକଙ୍କୁ ଷ୍ଟେଶନ କିମ୍ବା ଏହା ପରିସରର ଫଟୋ ଉଠାଇବା କିମ୍ବା ଭିଡିଓ ତିଆରି କରିବାର ଅନୁମତି ନାହିଁ। ସେ ପୁଣି ଥରେ କହିଛନ୍ତି ଯେ ଏପରି କଟକଣା ପୂର୍ବରୁ ରହିଛି, କିନ୍ତୁ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ କଡ଼ାକଡ଼ି ପାଳନ କରିବା ଆବଶ୍ୟକ। ତେଣୁ, ଏହାକୁ ପୁଣି ଥରେ ଦୋହରାଇ ଦିଆଯାଉଛି ଏବଂ କଡ଼ାକଡ଼ି କାର୍ଯ୍ୟକାରୀ କରାଯାଉଛି।

## ୨୦୨୭ ନିର୍ବାଚନ ଲଢ଼ିବେ ସିଦ୍ଧୁ ମୁସେୱାଲାଙ୍କ ବାପା



ନୂଆଦିଲ୍ଲୀ ୨୮।୫: ପ୍ରସିଦ୍ଧ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ପିତା ବଲକୌର ସିଂହ। ଏବେ ସେ ରାଜନୀତିରେ ପ୍ରବେଶ କରିବା ନେଇ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ସେ ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନରେ ମାନସା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବାଲକୌର ସିଂହ ଏକ ଘରୋଇ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ସେ ତାଙ୍କ ପୁଅ ସିଦ୍ଧୁ ମୁସେୱାଲାଙ୍କ ଐତିହ୍ୟକୁ ଆଗକୁ ବଢ଼ାଇବା ଏବଂ ନ୍ୟାୟ ପାଇଁ ଲଢ଼େଇକୁ ଦୃଢ଼ ଭାବରେ ଉଠାଇବା ଲକ୍ଷ୍ୟରେ ରାଜନୀତିରେ ପ୍ରବେଶ କରୁଛନ୍ତି। ବାଲକୌର ସିଂହ ତାଙ୍କ ବିବୃତ୍ତିରେ କହିଛନ୍ତି, ହଁ, ମୁଁ ନିର୍ବାଚନ ଲଢ଼ିବି। କେବଳ ବ୍ୟବସ୍ଥା ଭିତରେ ରହି ନ୍ୟାୟ ପାଇଁ ଲଢେଇ କରିପାରିବା। ସେ ପଞ୍ଜାବର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଟାର୍ଗେଟ୍ କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା ସବୁ ପ୍ରତାରଣା ବୋଲି ପ୍ରମାଣିତ ହୁଏ। ଯେତେବେଳେ ନିର୍ବାଚନ ଆସେ, ସେ ଜିତିବା ପାଇଁ କିଛି ବି କୁହନ୍ତି। ଗୋଲଡି ବ୍ରରଙ୍କ ଗିରଫଦାରୀ ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦାବି ଉପରେ ସେ କହିଛନ୍ତି, ମୁଁ ଏହା ଉପରେ ମନ୍ତବ୍ୟ ଦେବାକୁ ଇଚ୍ଛା କରୁନାହିଁ। କାରଣ ସେ ମିଛ କୁହନ୍ତି। ଯେତେବେଳେ ନିର୍ବାଚନ ଆସେ, ସେ ଜିତିବା ପାଇଁ କିଛି ନା କିଛି କୁହନ୍ତି। ହେଲେ ବାଲକୌର ସିଂହ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହାଁନ୍ତି ଯେ ସେ କେଉଁ ଦଳରୁ ନିର୍ବାଚନ ଲଢ଼ିବେ। ସେ ଏ ସମ୍ପର୍କରେ କୌଣସି ସରକାରୀ ଘୋଷଣା କରିନାହାଁନ୍ତି, କିନ୍ତୁ ସିଦ୍ଧୁ ମୁସେୱାଲାଙ୍କ ମୃତ୍ୟୁ ବାର୍ଷିକୀର ୨ ଦିନ ପୂର୍ବରୁ ସେ ଏହି ଘୋଷଣା କରିଛନ୍ତି। ବାଲକୌର ସିଂହଙ୍କ ଏହି ଘୋଷଣା ମୁସେୱାଲାଙ୍କ ସମର୍ଥକଙ୍କ ପାଇଁ ଏକ ନୂତନ ଆଶା ଉଦ୍ରେକ କରିଛି।

### ହରିୟାଣା ପରେ କେରଳ

## ଋଣ ପାଇଁ ଜୀବନ ହାରିଲେ ପରିବାରର ୪ଜଣ

ନୂଆଦିଲ୍ଲୀ ୨୮।୫: ଋଣ ଭାର ଯୋଗୁଁ ପୁଣି ଉଜୁଡ଼ି ଗଲା ସୁନାର ସଂସାର। ଅସହ୍ୟ ଋଣ ପାଇଁ ଜୀବନ ହାରିବାକୁ ପଛାଉ ନାହାନ୍ତି ପରିବାର । ଗତକାଲି ହରିୟାଣା ପରେ ଆଜି କେରଳରେ ଋଣ ଚିନ୍ତାରେ ଆଉ ଏକ ପରିବାର ଜୀବନ ହାରିଛନ୍ତି। ଋଣଗ୍ରସ୍ତ ହୋଇ ପୂରା ପରିବାର ଜୀବନ ଶେଷ କରିଥିବା ସନ୍ଦେହ କରାଯାଉଛି । କେରଳର ଇଦୁକ୍କି ଜିଲ୍ଲା ଉପୁଥୁରା ଗ୍ରାମରୁ ଗୋଟିଏ ପରିବାରର ୪ ଜଣଙ୍କର ମୃତଦେହ ଉଦ୍ଧାର ହୋଇଛି । ଗତକାଲି ହରିୟାଣାର ପଞ୍ଚକୁଲା ସେକ୍ଟର ୭ରେ ଗୋଟିଏ ପରିବାର ବିଷ ପିଇ ଆତ୍ମହତ୍ୟା କରିଥିଲେ । ଦୁଇ ଦିନରେ ଅକାଳରେ ୧୧ ଜଣଙ୍କର ଜୀବନ ଚାଲି ଯାଇଛି ।

କେରଳ ଉପୁଥୁରାରେ ବନ୍ଦ ଘରୁ ୪ ଜଣଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ବାପାମାଆ ଓ ଦୁଇ ପୁଅଝିଅ ଜୀବନ ହାରିଛନ୍ତି। ସେମାନେ ହେଲେ ୩୫ବର୍ଷୀୟ ସଞ୍ଜୀବ ମୋହନାନ, ୩୦ ବର୍ଷୀୟ ପତ୍ନୀ ରେଶମା ଏବଂ ସେମାନଙ୍କ ଦୁଇ ପୁଅଝିଅ। ପୁଅଟି ୬ ବର୍ଷର ହୋଇଥିବା ବେଳେ କ୍ଲାସ-୧ରେ ପଢୁଥିଲା। ଝିଅଟିର ବୟସ ୪ ବର୍ଷ ବୋଲି ଜଣାପଡିଛି। ଏନେଇ ପଡ଼ୋଶୀଙ୍କ କହିବା ଅନୁସାରେ ମୃତ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ । ଘରର କେହି ବାହାରକୁ ନ ଆସିବାରୁ ପଡୋଶୀ ଘର ଭିତରକୁ ଯିବାରୁ ଘଟଣା ବିଷୟରେ ଜଣାପଡ଼ିଥିଲା । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପରିବାର ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । ଘରୁ କୌଣସି ସୁଇସାଇଡ ନୋଟ ଜବତ ହୋଇନାହିଁ । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । କହିବାକୁ ଗଲେ, ଗତକାଲି ହରିୟାଣାର ପଞ୍ଚକୁଲାରେ ଜଣେ ବ୍ୟବସାୟୀ ପରିବାର ସମୂହ ଆତ୍ମହତ୍ୟା କରିଥିଲେ। ମୃତ ପରିବାର ଉତ୍ତରାଖଣ୍ଡର ପ୍ରବୀଣ ମିତ୍ତଲ, ତାଙ୍କ ପତ୍ନୀ, ବାପାମାଆ ଓ ୩ ପିଲା । ଋଣ ପରିଶୋଧ କରିନ ପାରି ଶେଷରେ ଜୀବନ ହାରିବାକୁ ଚରମ ନିଷ୍ପତ୍ତି ନେଇଥିଲେ ।

## ମଣିପୁରକୁ ତିନି ଭୂକମ୍ପ ଝଟକା

### ରିକ୍ଟର ସ୍କେଲରେ ୫.୨ ତୀବ୍ରତା ରେକର୍ଡ଼

ଗୌହାଟି, ୨୮।୫: ମଣିପୁରରେ ଆଜି ତିନି ଥର ଭୂକମ୍ପ ଝଟକା ମିଳିଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଏକ୍ସରେ ପୋଷ୍ଟ କରିଥିବା ସୂଚନା ଅନୁଯାୟୀ ସେମାନଙ୍କ ମଧ୍ୟରୁ ଦୁଇଟି ଚୁରାଚାନ୍ଦପୁର ଜିଲ୍ଲାରେ ଝଟକା ଦେଇଛି। ପ୍ରଥମ ଭୂକମ୍ପର ତୀବ୍ରତା ୫.୨ ଥିବା ବେଳେ ଏହା ଚୁରାଚାନ୍ଦପୁରରେ ୧.୫୪ ଏଏମରେ ଘଟିଥିଲା। ଏହା ମଣିପୁର ସହିତ ନାଗାଲାଣ୍ଡ, ମେଘାଳୟ, ମିଜୋରାମ ଏବଂ ଆସାମରେ ମଧ୍ୟ ଅନୁଭୂତ ହୋଇଥିଲା।

ଦ୍ୱିତୀୟ, ଯାହା ରିକ୍ଟର ସ୍କେଲରେ ୨.୫ ତୀବ୍ରତା ଥିଲା, ନୋନି ଜିଲ୍ଲାରେ ୨.୨୬ ଏଏମରେ ଅନୁଭୂତ ହୋଇଥିଲା। ୩.୯ ତୀବ୍ରତାର ତୃତୀୟ ଝଟକା ୧୦.୨୩ ଏଏମରେ ପୁଣି ଚୁରାଚାନ୍ଦପୁରରେ ଝଟକା ଲାଗିଥିଲା। ନୋନି ଏବଂ ଚୁରାଚାନ୍ଦପୁର ଉଭୟ ପାହାଡ଼ି ଜିଲ୍ଲା। ଏଥରେ କେହି ମୃତାହତ କିମ୍ବା ସମ୍ପତ୍ତି କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନାହିଁ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି। କିନ୍ତୁ, ଲଗାତାର ତିନୋଟି ଭୂମିକମ୍ପ ଯୋଗୁଁ ମଣିପୁରର ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ଆସି ଯାଇଥିଲେ। ମଣିପୁର ମିଆଁମାର ସହିତ ଏହାର ସୀମା ଅଂଶୀଦାର। ନିକଟରେ ମିଆଁମାରରେ ଏକ ଭୟଙ୍କର ଭୂମିକମ୍ପ ହୋଇଥିଲା, ଯାହା ଯୋଗୁଁ ଅନେକ ଲୋକ ପ୍ରାଣ ହରାଇଥିଲେ।

### ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ

## ପହଲଗାମରେ ସାଇକେଲ ଚଲାଇଲେ ଓମାର



ଶ୍ରୀନଗର, ୨୮।୬: ଆତଙ୍କବାଦୀଙ୍କ ଆକ୍ରମଣ ଓ ପରେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନାକୁ ନେଇ ଜମ୍ମୁ-କାଶ୍ମୀରରେ ପର୍ଯ୍ୟଟକ ଶିଳ୍ପର ଅଧିକ କ୍ଷତି ହୋଇଛି। ତେଣୁ ପୁଣି ଥରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରୟାସ ଆରମ୍ଭ କରିଛନ୍ତି। ମଙ୍ଗଳବାର ଦିନ ପହଲଗାମ ରାସ୍ତାରେ ସାଇକେଲ ଚଲାଇ ଉପତ୍ୟକାରେ ପର୍ଯ୍ୟଟନ ପାଇଁ ପ୍ରୟାସ କରିଥିଲେ ଓମାର। ଆତଙ୍କୀ ଆକ୍ରମଣ ପରେ ଏକ ଦୃଢ଼ ବାର୍ତ୍ତା ଦେଇ ଅବଦୁଲ୍ଲା କହିଛନ୍ତି ଯେ ଆତଙ୍କବାଦ ଏବଂ ରକ୍ତପାତ ଜମ୍ମୁ-କାଶ୍ମୀରରେ ପର୍ଯ୍ୟଟନ, ଖୁସି ଏବଂ ବିକାଶକୁ ବନ୍ଦ କରିପାରିବ ନାହିଁ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଅବଦୁଲ୍ଲା ପହଲଗାମର ରାସ୍ତାରେ ସାଇକେଲ ଚଲାଉଥିବାର ଫଟୋ ପୋଷ୍ଟ କରିଛନ୍ତି। ଆଜି ସନ୍ଧ୍ୟାରେ କିଛି ସମୟ ପାଇଁ ସହର ପରିକ୍ରମା କରିବା ପାଇଁ ପହଲଗାମରେ ରହିବାର ସୁଯୋଗ ନେଇଛି ବୋଲି ସେ ଲେଖିଛନ୍ତି। କେନ୍ଦ୍ର ଶାସିତ ଅଞ୍ଚଳର ଅର୍ଥନୀତିରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ଅବଦୁଲ୍ଲା କହିଛନ୍ତି ଯେ ପର୍ଯ୍ୟଟନ ଏକ ସଂଘର୍ଷ-ନିରପେକ୍ଷ କାର୍ଯ୍ୟକଳାପ ହେବା ଉଚିତ। କାରଣ ଏହା ଜମ୍ମୁ-କାଶ୍ମୀରର ହଜାର ହଜାର ପରିବାର ପାଇଁ ଏକ ଜୀବନରେଖା। କାପୁରୁଷ ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ-କାଶ୍ମୀରର ଲୋକମାନଙ୍କୁ, ବିଶେଷକରି ପହଲଗାମରେ ରହୁଥିବା ଲୋକମାନଙ୍କୁ ଦେଖାଇଥିବା ଅପାର ସାହସ ପାଇଁ ପ୍ରଶଂସା କରିଛନ୍ତି। ଓମାର ଅବଦୁଲ୍ଲା ମଙ୍ଗଳବାର ପହଲଗାମରେ ଏକ କ୍ୟାବିନେଟ ବୈଠକରେ ଅଧ୍ୟକ୍ଷତା ମଧ୍ୟ କରିଥିଲେ। ସେ କହିଥିଲେ ଯେ ଏହି ବୈଠକ 'କେବଳ ଏକ ନିୟମିତ ପ୍ରଶାସନିକ କାର୍ଯ୍ୟ ନୁହେଁ, ବରଂ ଏକ ସ୍ପଷ୍ଟ ବାର୍ତ୍ତା ଆମେ କାପୁରୁଷ ଆତଙ୍କବାଦ କାର୍ଯ୍ୟ ଦ୍ୱାରା ଭୟଭୀତ ନୁହେଁ।' ଶାନ୍ତିର ଶତ୍ରୁମାନେ କେବେବି ଆମର ସଂକଳ୍ପକୁ ଛଡାଇ ନେଇ ପାରିବେନାହିଁ। ଜମ୍ମୁ-କାଶ୍ମୀର ଦୃଢ଼, ମଜଭୁତ ଏବଂ ନିର୍ଭୟ ରହିଛି ବୋଲି ସେ କହିଛନ୍ତି।

# ପାକ୍ ସୀମାନ୍ତ ୪ ରାଜ୍ୟରେ ଆଜି ହେବ ମକଡ୍ରିଲ୍




ନୂଆଦିଲ୍ଲୀ ୨୮।୫: ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକରେ ପୁଣି କରାଯିବ ମକ୍ ଡ୍ରିଲ୍ । ନୂଆଦିଲ୍ଲୀ ଏବଂ ଇସଲାମାବାଦ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ପାକିସ୍ତାନ ସୀମାବର୍ତ୍ତୀ ରାଜ୍ୟ ଗୁଜରାଟ, ପଞ୍ଜାବ, ରାଜସ୍ଥାନ ଏବଂ ଜମ୍ମୁ-କାଶ୍ମୀରରେ ଏହି ମକ୍ ଡ୍ରିଲ୍ କରାଯିବ। ସଦ୍ୟ ସମାପ୍ତ ଚାରି ଦିନିଆ ସଂଘର୍ଷ ସମୟରେ ସୀମା ଆରପାରିରୁ ପ୍ରବଳ ଆକ୍ରମଣ ହୋଇଥିଲା। ଡ୍ରିଲ୍ ସମୟରେ ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯିବ। ଏହି ମକ୍ ଡ୍ରିଲ୍ର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ନିୟନ୍ତ୍ରଣ କକ୍ଷ ଏବଂ ବିମାନ ଆକ୍ରମଣ ଚେତାବନୀ ପ୍ରଣାଳୀର କାର୍ଯ୍ୟକ୍ଷମତା ପରୀକ୍ଷା କରିବା। ଏହା ୱାର୍ଡେନ ସେବା, ଅଗ୍ନି ନିର୍ବାପନ, ଉଦ୍ଧାର କାର୍ଯ୍ୟ, ଡିପୋ ପରିଚାଳନା ଏବଂ ସ୍ଥାନାନ୍ତର ଯୋଜନା ପ୍ରସ୍ତୁତି ଭଳି ନାଗରିକ ପ୍ରତିରକ୍ଷା ସେବାର ପ୍ରଭାବ ମୂଲ୍ୟାଙ୍କନ କରିବ। ବାରମେରର ଜିଲ୍ଲା କଲେକ୍ଟର ଆଇଏଏସ୍ ଅଧିକାରୀ ଟିନା ଡାବି କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଗୁରୁବାର ପାକିସ୍ତାନ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ମକ୍ ଡ୍ରିଲ୍ କରାଯିବ।

ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିବାର କିଛି ଘଣ୍ଟା ପୂର୍ବରୁ ଗୃହ ମନ୍ତ୍ରଣାଳୟ ମେ ୭ ତାରିଖରେ ଅପରେସନ୍ ଅଭ୍ୟାସ ଜରିଆରେ ଏକ ଦେଶବ୍ୟାପୀ ମକ୍ ଡ୍ରିଲ୍ - କରିବା ପରେ ପୁଣି ଏହି ମକ ଡ୍ରିଲ ହେବାକୁ ଯାଉଛି। ଶେଷ ମକ୍ ଡ୍ରିଲରେ ବିମାନ ଆକ୍ରମଣ ସତର୍କତା ସାଇରନ୍ ସକ୍ରିୟ କରାଯାଇଥିଲା। ସାଧାରଣ ନାଗରିକ ଏବଂ ଛାତ୍ରମାନଙ୍କୁ ଆକ୍ରମଣ ହେଲେ ନିଜକୁ ଏବଂ ସେମାନଙ୍କ ଆଖପାଖରେ ଥିବା ଅନ୍ୟମାନଙ୍କୁ କିପରି ସୁରକ୍ଷା ଦେବେ ସେ ବିଷୟରେ ନାଗରିକ ପ୍ରତିରକ୍ଷା ପ୍ରୋଟୋକଲ୍ ବିଷୟରେ ଅବଗତ କରାଯାଇଥିଲା। ଏପରି ମକ୍ ଡ୍ରିଲ୍ ୧୯୭୧ ମସିହାରେ ପାକିସ୍ତାନ ସହିତ ଯୁଦ୍ଧ ପରେ ଏହି ପ୍ରକାରର ପ୍ରଥମ ୩୩ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ୨୫୦ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ପାକିସ୍ତାନ ପଟରୁ ବାରମ୍ବାର କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ କରାଯାଇଥିଲା। ଯାହାକୁ ସଫଳତାର ସହ ପଣ୍ଡ କରିଥିଲା ଭାରତ। ଅପରେସନ୍ ସିନ୍ଦୁର ଅଧୀନରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଘାଟି ଉପରେ ଏକ ଆକ୍ରମଣ କରିଥିଲା, ଯେଉଁଥିରେ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। କିନ୍ତୁ ପାକିସ୍ତାନର ଆହୁରି ୧୨ଟି ଆତଙ୍କବାଦୀ ଘାଟିର ତାଲିକା ପ୍ରସ୍ତୁତ ହୋଇଛି। ପିଓକେରୁ ପାକିସ୍ତାନ ଭିତରେ ଆତଙ୍କବାଦର ମୂଳ ନଷ୍ଟ କରିବା ପାଇଁ ଅପରେସନ୍ ଚାଲିଛି। ପୂର୍ବରୁ ଭାରତ ସ୍ପଷ୍ଟ କରିଥିଲା ଯେ ଆତଙ୍କବାଦର ଅବଶିଷ୍ଟ ସ୍ଥାନକୁ ମଧ୍ୟ ନଷ୍ଟ କରାଯିବ। ଭାରତ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଭାରତର ସୀମାବର୍ତ୍ତୀ ଅଞ୍ଚଳରେ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ସତର୍କ ରହିଛି। ପାକିସ୍ତାନର ଆତଙ୍କ ଏବଂ ଏଲଓସି ଉପରେ ଗୁଳିମାଡ଼କୁ ଦୃଷ୍ଟିରେ ରଖି ସେନା କାଶ୍ମୀରର ୧୦ଟି ଜିଲ୍ଲାରେ ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରିଛି।

## ମଣିପୁରରେ ପୁଣି ବୀରେନ ସିଂ ସରକାର ଗଠନ ସମ୍ଭାବନା

● ବିଜେପି ବିଧାୟକଙ୍କ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟିଲେ



ଇମ୍ଫାଲ, ୨୮।୫ : ମଣିପୁରରେ ପୁଣି ଥରେ ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ ହୋଇଯାଇଛି। ବିଜେପି ବିଧାୟକମାନଙ୍କ ଏକ ୧୦ ଜଣିଆ ପ୍ରତିନିଧି ଦଳ ଆଜି ମଣିପୁରର ରାଜଭବନରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରିଛନ୍ତି। ଏନ୍. ବୀରେନ ସିଂଙ୍କ ଅନୁଗତ ବିଧାୟକ ଥୋକଚୋମ ରାଧେଶ୍ୟାମ ସିଂ ଏହି ବୈଠକ ପରେ ଘୋଷଣା କରିଛନ୍ତି ଯେ ତାଙ୍କ ପାଖରେ ୪୪ ଜଣ ବିଧାୟକଙ୍କ ସମର୍ଥନ ଅଛି, ଯେଉଁମାନେ ଏକ ଲୋକପ୍ରିୟ ଏବଂ ସ୍ଥିର ସରକାର ଗଠନ କରିବାକୁ ପ୍ରସ୍ତୁତ। ସୂତ୍ର ଅନୁସାରେ ପୁଣି ଥରେ ଏନ. ବୀରେନ ସିଂ ମଣିପୁରରେ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ ହୋଇଯାଇଛି। କିଛି ମାସ ପୂର୍ବରୁ ବିଧାୟକଙ୍କ ଆଭ୍ୟନ୍ତରୀଣ ବିରୋଧ ପରେ ରାଜ୍ୟରେ ବିଜେପି ସରକାରର ପତନ ଘଟିଥିଲା ଓ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା।

ବିଧାୟକ ରାଧେଶ୍ୟାମ ଗଣମାଧ୍ୟମକୁ କହିଛନ୍ତି, ଆମର ୪୪ ଜଣ ବିଧାୟକଙ୍କ ସମର୍ଥନ ଅଛି, ଏବଂ ସମସ୍ତ ବିଜେପି ବିଧାୟକ ଏକଜୁଟ ଏବଂ ଲୋକଙ୍କ ଇଚ୍ଛା ଅନୁଯାୟୀ ସରକାର ଗଠନ କରିବାକୁ ପ୍ରତିବଦ୍ଧ। ଆମେ ରାଜ୍ୟପାଳଙ୍କୁ ଆମର ସଂଖ୍ୟା ଗରିଷ୍ଠତାକୁ ସ୍ୱୀକାର କରିବାକୁ ଏବଂ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରୁଛୁ। ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ବିଧାୟକମାନଙ୍କ ସମର୍ଥନର ଏକ ଆନୁଷ୍ଠାନିକ ପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ ସେମାନେ ସେମାନଙ୍କର ସ୍ଥିତି ସ୍ପଷ୍ଟ କରିଥିଲେ। ରାଜ୍ୟରେ ବିଧାୟକଙ୍କ ସଂଖ୍ୟା ୬୦ ରହିଛି। ସରକାର ଗଠନ ନେଇ ମଧ୍ୟ କେନ୍ଦ୍ର ବିଜେପି ସରକାରକୁ ଜଣାଯାଇଛି। ଏକ ଗୁରୁତ୍ୱପୂର୍ଣ୍ଣ ଫ୍ଲୋର ଟେଷ୍ଟ ପୂର୍ବରୁ ବୀରେନ ସିଂହ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର କିଛି ଦିନ ପରେ ଜାତିଗତ ହିଂସା ପ୍ରଭାବିତ ରାଜ୍ୟରେ ଫେବୃଆରି ୧୩ ତାରିଖରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିଲା। ୨୦୨୩ ମେ ୩ ତାରିଖରେ ଘଟିଥିବା ଏହି ଜାତିଗତ ହିଂସାରେ ୨୫୦ ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି ଏବଂ ପ୍ରାୟ ୬୦,୦୦୦ ଲୋକ ବାସଚ୍ୟୁତ ହୋଇଥିବା ଜଣାପଡିଛି।

## ଇରାନରେ ୩ ଭାରତୀୟଙ୍କୁ ଅପହରଣ

### ଛାଡ଼ିବାକୁ ମାଗୁଛନ୍ତି ୧କୋଟି ଟଙ୍କା



ତେହରାନ, ୨୮।୫: ଇରାନରେ ନିଖୋଜ ହୋଇଯାଇଛନ୍ତି ୩ ଭାରତୀୟ ଯୁବକ। ଇରାନରେ ୩ ଯୁବକଙ୍କୁ ଅପହରଣ କରି ରଖାଯାଇଥିବା ଅଭିଯୋଗ ହେଉଛି । ଟ୍ରାଭେଲ୍ ଏଜେଣ୍ଟ ପଞ୍ଜାବର ୩ ଯୁବକଙ୍କୁ ଅଷ୍ଟ୍ରେଲିଆରେ କାମ ଦେବାକୁ କହି ଇରାନ୍ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି । ଯାହା ଫଳରେ ୩ ଭାରତୀୟ ଯୁବକ ଇାରନରେ ଠକଙ୍କ ଦ୍ୱାରା ବନ୍ଦୀ ଅଛନ୍ତି । ତେବେ ଏହି ୩ ଭାରତୀୟ ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ସେମାନେ ମେ ୧ ତାରିଖରୁ ଘର ସହ କୌଣସି ଯୋଗାଯୋଗ କରି ନାହାନ୍ତି।

ଅପହରଣର ୧୧ ଦିନ ପରେ ସେମାନଙ୍କ ପରିବାରକୁ ଠକଙ୍କ ତରଫରୁ ଭିଡିଓ କଲ କରାଯାଇଥିଲା। ଯେଉଁଥିରେ ୩ ଭାରତୀୟ ଯୁବକଙ୍କ ହାତ ବନ୍ଧାଥିବା ସହ ଦେହରେ କଟା ଦାଗ ଥିବା ଦେଖିବାକୁ ମିଳିଥିଲା । ଠକ ଏମାନଙ୍କୁ ମାରି ଦେବାକୁ ଧମକ ଦେବା ସହ ଛାଡିବାକୁ କୋଟିଏ ଟଙ୍କା ମାଗୁଥିବା ପରିବାର ଲୋକେ ଅଭିଯୋଗ କରିବା ସହ ସେମାନଙ୍କ ପିଲାଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ତେବେ ଇରାନରେ ଥିବା ଭାରତୀୟ ଦୂତାବାସ ଇରାନ ସରକାରଙ୍କ ଉପରେ ଏହି ଘଟଣା ନେଇ ଅବଗତ କରାଇଥିବା ବେଳେ ୩ ଯୁବକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ଅନୁରୋଧ କରିଛନ୍ତି ଏବଂ ଭାରତରେ ଥିବା ସେମାନଙ୍କ ପରିବାର ସହ ଯୋଗାଯୋଗରେ ଅଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ନୂଆଦିଲ୍ଲୀରେ ସମ୍ପ୍ରତି କୂଟନୈତିକ ଆଲୋଚନା ସମୟରେ ଇରାନ ଉପ-ବୈଦେଶିକ ମନ୍ତ୍ରୀ ମାଜିଦ ରାଭାଞ୍ଚିଙ୍କ ସହ ସିଧାସଳଖ ଏହି ପ୍ରସଙ୍ଗ ଉଠାଇଛନ୍ତି। ନିଖୋଜ ତିନି ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ହୁଶନପ୍ରୀତ ସିଂହ (ସଙ୍ଗରୁର), ଜସପାଲ ସିଂହ (ଏସବିଏସ ନଗର) ଏବଂ ଅମୃତପାଲ ସିଂହ (ହୋସିଆରପୁର)। ସେମାନେ ସମସ୍ତେ ମେ ୧ ତାରିଖରେ ତେହେରାନରେ ପହଞ୍ଚିବାର କିଛି ସମୟ ପରେ ନିଖୋଜ ହୋଇଯାଇଥିଲେ।

## ହିନ୍ଦୁ ମନ୍ଦିର ଯାଇ ଦର୍ଶନ କଲେ ସରଫରାଜ ଅହମଦ



ପାନାମା ୨୮।୫: ଭାରତୀୟ ସାଂସଦଙ୍କ ପ୍ରତିନିଧି ମଣ୍ଡଳ ଏବେ ବିଦେଶ ଗସ୍ତରେ ଅଛନ୍ତି। ଏହି କ୍ରମରେ ବରିଷ୍ଠ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପାନାମା ପହଞ୍ଚିଥିବା ବେଳେ ପାନାମା ସିଟି ସ୍ଥିତ ହିନ୍ଦୁ ମନ୍ଦିର ପରିଦର୍ଶନ କରିଛନ୍ତି। ତେବେ ସବୁଠୁ ଖାସ କଥା ହେଉଛି ଏହି ପ୍ରତିନିଧି ମଣ୍ଡଳରେ ମୁସଲମାନ ସାଂସଦ ସରଫରାଜ ଅହମ୍ମଦ ମଧ୍ୟ ସାମିଲ ଥିଲେ ଓ ସେ ଅନ୍ୟ ସାଂସଦଙ୍କ ସହିତ ଦର୍ଶନ ନିମନ୍ତେ ମନ୍ଦିର ଯାଇଥିଲେ।

ମନ୍ଦିର ଦର୍ଶନ ନିମନ୍ତେ ସରଫରାଜଙ୍କ ନିଷ୍ପତ୍ତିକୁ ଶଶି ଥରୁର ଉଚ୍ଚ ପ୍ରଶଂସା କରିଛନ୍ତି। ଏ ନେଇ ଥରୁର କିଛି ଫଟୋ ମଧ୍ୟ ସେୟାର କରିଛନ୍ତି। ଥରୁର ଲେଖିଛନ୍ତି 'ବହୁଦଳୀୟ ସାଂସଦଙ୍କ ପ୍ରତିନିଧି ଦଳ ପାନାମା ସିଟିରେ ଭାରତୀୟ ସଂସ୍କୃତି କେନ୍ଦ୍ର ଗସ୍ତ କରିଛନ୍ତି ଓ ସେଠାରେ ସୁନ୍ଦର ମନ୍ଦିରକୁ ଯାଇ ଦର୍ଶନ କରିଛୁ। ତେବେ ଏହା ଦେଖିବା ସବୁଠୁ ଭାବୁକ କ୍ଷଣ ଥିଲା ଯେଉଁଥିରେ ଆମ ସହକର୍ମୀ ସରଫରାଜ ଅହମ୍ମଦ ତାଙ୍କର ହିନ୍ଦୁ ଓ ଶିଖ୍ ସାଥୀଙ୍କ ଗହଣରେ ମନ୍ଦିର ଦର୍ଶନ କରିଛନ୍ତି। ଏଥିରେ ସରଫରାଜ ପରେ କହିଥିଲେ ଯେ 'ଯଦି ନିମନ୍ତ୍ରଣଦାତାଙ୍କ ଆପତ୍ତି ନାହିଁ ତେବେ ନିମନ୍ତ୍ରିତ ଯିବାକୁ ଆପତ୍ତି କରିବେ କାହିଁକି?'। ଏହି ପ୍ରତିନିଧି ମଣ୍ଡଳରେ ସଦସ୍ୟ ରୂପେ ସରଫରାଜ ଅହମ୍ମଦ (ଜେଏମଏମ), ଜି.ଏମ. ହରିଶ ବାଲଯୋଗୀ (ଟିଡିପି), ଶଶାଙ୍କମଣି ତ୍ରିପାଠୀ (ବିଜେପି), ଭୁବନେଶ୍ୱର କେ ଲତା (ବିଜେପି), ତେଜସ୍ୱୀ ସୂର୍ଯ୍ୟା (ବିଜେପି), ମିଲିନ୍ଦ ଦେବରା (ଶିବସେନା) ଓ ଆମେରିକାରେ ଭାରତର ପୂର୍ବତନ କୂଟନୀତିଜ୍ଞ ତରନଜିତ ସିଂହ ସନ୍ଧୁ ପ୍ରମୁଖ ଅଛନ୍ତି।

## ହମାସ ଗାଜା ମୁଖ୍ୟ ସିନୱାର ମୃତ

ତେଲ୍ଅଭିବ, ୨୮।୫ : ଗାଜାରେ ହମାସର ମୁଖ୍ୟ କମାଣ୍ଡର ମହମ୍ମଦ ସିନୱାରକୁ ଇସ୍ରାଏଲୀ ସେନା ଏକ ଏୟାରଷ୍ଟ୍ରାଇକରେ ହତ୍ୟା କରିଛି। ଗତ ବର୍ଷ ଇସ୍ରାଏଲ ସେନା ହମାସର ମିଲିଟାରି ମୁଖ୍ୟ ୟାହ୍ୟା ସିନୱାରକୁ ହତ୍ୟା କରିବା ପରେ ତାର ସାନଭାଇ ମହମ୍ମଦ ସିନୱାର ଗଜାରେ ହମାସର ନେତୃତ୍ୱ ନେଉଥିଲେ। ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ବୁଧବାର ଘୋଷଣା କରିଛନ୍ତି ଯେ ହମାସର ଗାଜା ମୁଖ୍ୟ ମହମ୍ମଦ ସିନୱାରଙ୍କୁ ଇସ୍ରାଏଲୀ ସେନା ହତ୍ୟା କରିଛି। ମେ ୧୩ ତାରିଖରେ ଇସ୍ରାଏଲ ଦ୍ୱାରା କରାଯାଇଥିବା ଏକ ବଡ଼ ବିମାନ ଆକ୍ରମଣରେ ହମାସ ମୁଖ୍ୟ ଗୁରୁତର ଆହତ ହୋଇଥିବା ରିପୋର୍ଟ ଆସିଥିଲା। ସେତେବେଳେ ଇସ୍ରାଏଲ ପ୍ରତିରକ୍ଷା ବାହିନୀ ମହମ୍ମଦ ସିନୱାରଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି କି ନାହିଁ ତାହା ନିଶ୍ଚିତ କରି ନଥିଲା। କିନ୍ତୁ ବର୍ତ୍ତମାନ ତାଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି ଏବଂ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନିଜେ ମଧ୍ୟ ଏହା ଘୋଷଣା କରିଛନ୍ତି। ମହମ୍ମଦ ସିନୱାର ଏକ ବଙ୍କରରେ ଲୁଚି ରହିଥିଲା ଯାହାକୁ ହମାସ ଏକ କମାଣ୍ଡ ସେଣ୍ଟର ଭାବରେ ବ୍ୟବହାର କରୁଥିଲା।

### ଭାରତର ପ୍ରଚଣ୍ଡ ଆକ୍ରମଣ ବେଳେ | ସାମ୍ନାକୁ ଆସିଲା କ୍ଷତିଗ୍ରସ୍ତ ଦୃଶ୍ୟ

# ପାକିସ୍ତାନ ଭୋଲାରୀ ଏୟାରବେସ ଛାରଖାର



ନୂଆଦିଲ୍ଲୀ, ୨୮।୫: ସାମ୍ନାକୁ ଆସୁଛି ଅପରେସନ ସିନ୍ଦୂର ପରେ ପାକିସ୍ତାନରେ ହୋଇଥିବା କ୍ଷୟକ୍ଷତିର ଗୋଟେ ପରେ ଗୋଟେ ଚିତ୍ର। ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣରେ ଛାରଖାର ହୋଇଛି ପାକିସ୍ତାନର ଭୋଲାରୀ ଏୟାରବେସ୍। ଅପରେସନ ସିନ୍ଦୂର ବେଳେ ଭାରତ ପକ୍ଷରୁ ୧୨ରୁ ଅଧିକ ପାକିସ୍ତାନୀ ଏୟାର ବେସ୍ ଉପରେ ଆକ୍ରମଣ ହୋଇଥିବା ବେଳେ ଏବେ ଭୋଲାରୀ ଏୟାରବେସର କ୍ଷତିଗ୍ରସ୍ତ ଦୃଶ୍ୟ ସାମ୍ନାକୁ ଆସିଛି । ଭୋଲାରୀ ଏୟାରବେସର ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆକ୍ରମଣ କରାଯାଇଥିବା ବେଳେ ସେଠାରେ ୪ଟି ଲଢୁଆ ବିମାନ ସହ ଅନେକ ଯୁଦ୍ଧାସ୍ତ୍ର ଥିଲା ବ୍ରହ୍ମୋସ୍ ମିସାଇଲ୍ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ବେଳେ ଭୋଲାରୀ ଏୟାରବେସର ଭୟଙ୍କର କ୍ଷୟକ୍ଷତି ହୋଇଛି । କୁହାଯାଉଛି ୬ ଜଣ ପାକିସ୍ତାନୀ ବାୟୁସେନାର ଯବାନ ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି । ଭୋଲାରୀ ଏୟାରବେସ ପାକିସ୍ତାନର ସବୁଠାରୁ ଉନ୍ନତମାନର ଯୁଦ୍ଧବିମାନ ସୁରକ୍ଷିତ ରହୁଥିବା ସ୍ଥାନ ହୋଇଥିବା ବେଳେ ପାକିସ୍ତାନକୁ ପାନେ ଦେବାକୁ ଭାରତ ପାକିସ୍ତାନ ଛାତିରେ ପଶି ପାକିସ୍ତାନର ଏୟାରବେସକୁ ଛାରଖାର କରିଛି । ଯାହାର ସାଟେଲାଇଟ୍ ଚିତ୍ର ସାମ୍ନାକୁ ଆସିଛି ।

ଅପରେସନ୍ ସିନ୍ଦୂର ଜରିଆରେ ଭାରତ ପାକିସ୍ତାନରେ କେବଳ ଆଡ୍ଡା ଜମାଇଥିବା ଆତଙ୍କବାଦୀଙ୍କ ଠିକଣା ଧ୍ୱଂସ କରିନି ବରଂ ଭୋଲାରୀ ଏୟାରବେସ୍ ପରି ଅନେକ ଏୟାରବେସକୁ ମଧ୍ୟ ମାଟିରେ ମିଶାଇଛି। ପାକ୍ ସେନାର ମେରୁଦଣ୍ଡ କୁହାଯାଉଥିବା ନୁରଖାନ, ମୁରିଦ, ସରଗୋଧା, ରଫିକି, ଛକଲାଲା, ରହିମ ୟାର ଖାନ ଓ ଛୁନିଆନ ଏୟାରବେସ୍କୁ ଧ୍ୱଂସ କରିଛି ଭାରତ । ପୂର୍ବରୁ ଭିଡିଓ ଜାରି ହୋଇଥିବା ବେଳେ ଏବେ ସାମ୍ନାକୁ ଆସିଛି ସାଟେଲାଇଟ୍ ଫଟୋ । ରାୱଲପିଣ୍ଡିରେ ଥିବା ନୁରଖାନ ଏୟାରବେସ୍ର ଧ୍ୱଂସ ଚିତ୍ର ସାମ୍ନାକୁ ଆସିଛି। ପାକ୍ ସେନା ମୁଖ୍ୟାଳୟଠୁ କେବଳ ୧୦ କିଲୋମିଟର ଦୂରରେ ରହିଥିବା ଏହି ଏୟାରବେସରେ ତାଣ୍ଡବ ରଚିଥିଲା ଭାରତ । ଯେଉଁଠି ପାକ୍ ସେନା ପ୍ରତିରକ୍ଷା ଉପକରଣ, ଯୁଦ୍ଧାସ୍ତ୍ର, ଯୁଦ୍ଧ ବିମାନ ଠୁଳ କରିଥିଲା। ତେବେ ଆକ୍ରମଣରେ ପାକିସ୍ତାନ ଭାରିମାତ୍ରାର କ୍ଷତି ସହିଥିବା ବେଳେ ଭୋଲାରୀ ଏୟାରବେସରେ ଭୟଙ୍କର କ୍ଷତି ହୋଇଥିବା ମାନିଛନ୍ତି ପାକିସ୍ତାନ ସିନ୍ଧର ମୁଖ୍ୟମନ୍ତ୍ରୀ ।

# ୩୦ ଲକ୍ଷ ଟଙ୍କା ଜରିମାନା ଦେବେ ପନ୍ତ



**ନୂଆଦିଲ୍ଲୀ, ୨୮ା୫:** ଆଇପିଏଲ୍ ଚଳିତ ସିଜିନର ଶେଷ ଲିଗ ପର୍ଯ୍ୟାୟ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଅଧିନାୟକ ରିଷଭ ପନ୍ତ ଆରସିବି ବିପକ୍ଷରେ ୧୧୮ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହି ମ୍ୟାଚ୍‌ରେ ସେ 'ଫ୍ଲିପ' କରି ତାଙ୍କର ଶତକ ପାଳନ କରିଥିଲେ। ଏହା ତାଙ୍କ ପାଇଁ ଏକ ସନ୍ତୋଷଜନକ ଇନିଂସ ଥିଲା। କାରଣ ଏହା ପୂର୍ବରୁ ସମଗ୍ର ସିଜିନରେ ତାଙ୍କ ବ୍ୟାଟ୍‌ରୁ କେବଳ ୧୫୧ ରନ ଆସିଥିଲା। ମ୍ୟାଚ ପରେ, ବିସିସିଆଇ ଅଧିନାୟକ ପନ୍ତଙ୍କ ଉପରେ ୩୦ ଲକ୍ଷ ଟଙ୍କାର ଏକ ବଡ଼ ଜରିମାନା ଲଗାଇଥିଲା। ଦିଗବେଶ ରାଠି ସମେତ ସମସ୍ତ ଖେଳାଳିଙ୍କ ମ୍ୟାଚ ଫିସ ମଧ୍ୟ କାଟି ଦିଆଯାଇଥିଲା। ଆରସିବି ବିପକ୍ଷ ମ୍ୟାଚ୍‌ରେ ସ୍ଲୋ ଓଭର ରେଟ ବଜାୟ ରଖିବା ପାଇଁ ଏଲଏସ୍‌ଜି ଅଧିନାୟକ ରିଷଭ ପନ୍ତ ଏବଂ ତାଙ୍କ ଦଳକୁ ଜରିମାନା କରାଯାଇଥିଲା। ସ୍ଲୋ ଓଭର-ରେଟ ଅପରାଧ ସହିତ ଜଡ଼ିତ ଆଇପିଏଲ୍‌ର ଆଚରଣ ସଂହିତା ଅନୁଯାୟୀ, ସିଜିନରେ ଏହା ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ତୃତୀୟ ଅପରାଧ ହୋଇଥିବାରୁ, ଦଳର ଅଧିନାୟକ ରିଷଭ ପନ୍ତଙ୍କୁ ୩୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଏହି ମ୍ୟାଚ୍‌ରେ ପ୍ଲେଇଂ ଇଲେଭେନର ଅନ୍ୟ ଖେଳାଳିଙ୍କ ସହିତ ଇମ୍ପାକ୍ଟ ପ୍ଲେୟାରଙ୍କୁ ବ୍ୟକ୍ତିଗତ ଭାବରେ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଆପିଏଲ୍ ୨୦୨୫ରେ ପନ୍ତଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ମଧ୍ୟ ଭଲ ନ ଥିଲା, ସେ ଶେଷ ମ୍ୟାଚ ପୂର୍ବରୁ ଖେଳାଯାଇଥିବା ୧୩ ଇନିଂସରେ କେବଳ ୧୫୧ ରନ କରିଥିଲେ। ଶେଷ ମ୍ୟାଚ୍‌ରେ, ସେ ୧୧୮ ରନ୍‌ର ଅପରାଜିତ ଇନିଂସ ଖେଳି ଦଳର ସ୍କୋରକୁ ୨୨୭ରେ ପହଞ୍ଚାଇଥିଲେ। ତଥାପି, ଏଲ୍‌ଏସ୍‌ଜି ଏହି ବଡ଼ ସ୍କୋରକୁ ରକ୍ଷା କରିବା ସମୟରେ ମଧ୍ୟ ପରାସ୍ତ ହୋଇଥିଲା। ରିଷଭ ପନ୍ତ ଆପିଏଲ୍ ୨୦୨୫ର ୧୪ ମ୍ୟାଚ୍‌ରେ ୨୪.୪୫ ହାରରେ ୨୬୯ ରନ କରିଥିଲେ। ତାଙ୍କୁ ଲକ୍ଷ୍ନୌ ୨୭ କୋଟି ଟଙ୍କାରେ କିଣିଥିଲା, ଆଶା କରାଯାଉଥିଲା ଯେ ସେ ଦଳ ପାଇଁ ଟାଇଟଲ ଜିତିବେ କିନ୍ତୁ ତାଙ୍କ ଦଳ ଲିଗ ପର୍ଯ୍ୟାୟରୁ ହିଁ ବାଦ ପଡ଼ିଥିଲା।



## ପଡ଼ିଆରେ ଥାଇ ଅନୁଷ୍କାଙ୍କୁ 'ଫ୍ଲାଇଙ୍ଗ କିସ୍' ଦେଲେ ବିରାଟ

**ନୂଆଦିଲ୍ଲୀ,୨୮ା୫:** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଲକ୍ଷ୍ନୌ ବିପକ୍ଷରେ ଐତିହାସିକ ବିଜୟ ହାସଲ କରି କ୍ୱାଲିଫାୟର ୧ରେ ନିଜର ସ୍ଥାନ ସୁରକ୍ଷିତ କରିଛି। ଲିଗ ପର୍ଯ୍ୟାୟରେ ଆର୍‌ସିବିର ଯାତ୍ରା ୨ ନମ୍ବରରେ ଶେଷ ହୋଇଛି। ଆର୍‌ସିବି ୧୪ ମ୍ୟାଚରେ ୯ମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ସ୍ତ୍ରୀ ଅନୁଷ୍କା ଦଳକୁ ଚିୟର କରିବା ପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ମ୍ୟାଚ ପରେ, କୋହଲି ତାଙ୍କୁ 'ଫ୍ଲାଇଙ୍ଗ କିସ' ଦେଇଥିଲେ, ଜବାବରେ ଅନୁଷ୍କା ମଧ୍ୟ ସେହିପରି କରିଥିଲେ, ଯାହାର ଭିଡିଓ ଭାଇରାଲ ହେଉଛି। ଅନୁଷ୍କା ସିଜିନର ପ୍ରାରମ୍ଭିକ ମ୍ୟାଚରେ ଷ୍ଟାଡିୟମକୁ ଆସୁ ନ ଥିଲେ, କିନ୍ତୁ ଆପିଏଲ୍ ପୁଣି ଆରମ୍ଭ ହେବା ପରଠାରୁ, ଅନୁଷ୍କା କୋହଲିଙ୍କ ସହିତ ଅଛନ୍ତି। ଏହି ମଧ୍ୟରେ, ଟେଷ୍ଟରୁ ଅବସର ନେବା ପରେ, କୋହଲି ଅନୁଷ୍କାଙ୍କ ସହିତ ବୃନ୍ଦାବନ ଯାଇଥିଲେ। ଅନୁଷ୍କା ଲକ୍ଷ୍ନୌରେ ଖେଳାଯାଇଥିବା ଆର୍‌ସିବିର ଦୁଇଟି ମ୍ୟାଚରେ ଷ୍ଟାଡିୟମରେ ପହଞ୍ଚିଥିଲେ। ଏହି ମ୍ୟାଚ ପୂର୍ବରୁ, ଉଭୟେ ଅଯୋଧ୍ୟା ପରିଦର୍ଶନ କରିବାକୁ ମଧ୍ୟ ଯାଇଥିଲେ। ବିରାଟ କୋହଲି ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍ ଜିତିବା ପରେ ବହୁତ ଖୁସି ଥିଲେ। ଏହି ବିଜୟ ପରେ, କୋହଲି ମଧ୍ୟ ମଜା କରୁଥିବା ସମୟରେ ସିଡ଼ି ଦେଇ ତଳକୁ ଓହ୍ଲାଇବାର ଦେଖାଯାଇଥିଲା, ଯାହାକୁ ଦେଖି ଅନୁଷ୍କା ଶର୍ମା ମଧ୍ୟ ହସିବାକୁ ଲାଗିଲେ।

## ରୋହିତ ଓ କୋହଲିଙ୍କ ପରେ କ୍ରିକେଟରୁ ଅବସର ନେବେ ୫ ଭାରତୀୟ ଖେଳାଳି!

**ନୂଆଦିଲ୍ଲୀ,୨୮ା୫:** ଭାରତୀୟ କ୍ରିକେଟ ବର୍ତ୍ତମାନ ଏକ ପାଳବଦଳର ସମୟ ମଧ୍ୟ ଦେଇ ଗତି କରୁଛି। ଦୀର୍ଘ ବର୍ଷ ଧରି ଭାରତୀୟ ଦଳକୁ ନେତୃତ୍ୱ ଦେଇଥିବା ଦୁଇ ଦିଗ୍ଗଜ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ରୋହିତ ୨୦୨୫ ମସିହା ମେ ୭ ତାରିଖରେ ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ବେଳେ ବିରାଟ ମଧ୍ୟ ମେ ୧୨ରେ ତାଙ୍କ ଟେଷ୍ଟ କ୍ୟାରିୟରକୁ ଅଲବିଦା କହିଛନ୍ତି। ଏହି ଦୁଇ ଷ୍ଟାର ଖେଳାଳିଙ୍କ ଅବସର ପରେ ଭାରତୀୟ କ୍ରିକେଟ ଦଳରେ ଏକ ବ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଏହା ମଧ୍ୟରେ ଆଲୋଚନା ଜୋର ଧରିଛି ଯେ ଆଉ କେଉଁ ଖେଳାଳିମାନେ ୨୦୨୫ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇପାରନ୍ତି। ସୂଚନା ଅନୁସାରେ, ଆଉ କେତେଜଣ ବରିଷ୍ଠ ଖେଳାଳି ନିକଟ ଭବିଷ୍ୟତରେ ଅବସର ନେବାର ସମ୍ଭାବନା ରହିଛି। କେଉଁ ଖେଳାଳିମାନେ ଅବସର ନେଇପାରନ୍ତି? ୧. ରବୀନ୍ଦ୍ର ଜାଡେଜା: ଭାରତୀୟ ଦଳର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ତାଙ୍କ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଅଛନ୍ତି। ୨୦୨୪ରେ ଟି-୨୦ ଆନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଜାଡେଜା ଚମ୍ପିଆନ୍ସ ଟ୍ରଫି ୨୦୨୫ରେ ଭାରତକୁ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ପୂର୍ବତନ କ୍ରିକେଟର ଆକାଶ ଚୋପ୍ରାଙ୍କ ମତରେ, ଚମ୍ପିଆନ୍ସ ଟ୍ରଫି ଜାଡେଜାଙ୍କ ଶେଷ ଆଇସିସି ଇଭେଣ୍ଟ ହୋଇପାରେ। ତାଙ୍କ ବୟସ ଓ ଦଳରେ ନୂଆ ଖେଳାଳିଙ୍କୁ ସୁଯୋଗ ଦେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାଡେଜା ଟେଷ୍ଟ କିମ୍ବା ଏକଦିବସୀୟ କ୍ରିକେଟରୁ ଅବସର ନେଇପାରନ୍ତି। ୨. ମହମ୍ମଦ ଶାମି: ଭାରତୀୟ ଦଳର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମୀ ମଧ୍ୟ ଅବସରର ସମ୍ଭାବନା ମଧ୍ୟରେ ଅଛନ୍ତି। ଶାମୀ ନିକଟରେ ଚମ୍ପିଆନ୍ସ ଟ୍ରଫିରେ ଦମଦାର ପ୍ରଦର୍ଶନ କରିଥିଲେ, ଯେଉଁଠାରେ ସେ ୪ଟି ମ୍ୟାଚରେ ୮ଟି ୱିକେଟ ନେଇଥିଲେ। ତଥାପି, ତାଙ୍କ ବୟସ ଓ ଶାରୀରିକ ସ୍ଥିତିକୁ ଦୃଷ୍ଟିରେ ରଖି ସେ ନିକଟ ଭବିଷ୍ୟତରେ ଅବସର ନେବା ବିଷୟରେ ଚିନ୍ତା କରିପାରନ୍ତି। ୩. ଚେତେଶ୍ୱର ପୂଜାରା: ଟେଷ୍ଟ କ୍ରିକେଟରେ ଭାରତର ଏକ ନିର୍ଭରଯୋଗ୍ୟ ବ୍ୟାଟସମ୍ୟାନ ଚେତେଶ୍ୱର ପୂଜାରା ମଧ୍ୟ ତାଙ୍କ କ୍ୟାରିୟରର ଶେଷ ଦିଗରେ ଅଛନ୍ତି। ୨୦୨୪ରେ ଦଳରୁ ବାଦ ପୂଜାରାଙ୍କୁ ପୁନର୍ବାର ଦଳକୁ ଫେରାଇବାର ସମ୍ଭାବନା କମ ଥିବାରୁ ସେ ଅବସର ନେଇପାରନ୍ତି। ୪. ଅଜିଙ୍କ୍ୟ ରାହାଣେ: ଆଉ ଜଣେ ବରିଷ୍ଠ ଟେଷ୍ଟ ଖେଳାଳି ଅଜିଙ୍କ୍ୟ ରାହାଣେ ମଧ୍ୟ ଅବସରର କଗାରରେ ଥାଇପାରନ୍ତି। ଗତ କିଛି ବର୍ଷ ଧରି ଅନିୟମିତ ପ୍ରଦର୍ଶନ ଯୋଗୁଁ ରାହାଣେ ଦଳରେ ସ୍ଥାୟୀ ସ୍ଥାନ ହରାଇଛନ୍ତି। ତେଣୁ ସେ ୨୦୨୫ରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିପାରନ୍ତି। ୫. ଆର୍. ଅଶ୍ୱିନ: ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇତିମଧ୍ୟେ ୨୦୨୪ ଡିସେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ତେଣୁ ତାଙ୍କ ନାମ ଏହି ତାଲିକାରେ ଏକ ଉଦାହରଣ ଭାବେ ରହିଛି, ଯିଏ ରୋହିତ ଓ କୋହଲିଙ୍କ ପୂର୍ବରୁ ଅବସର ନେଇଛନ୍ତି।

## ଅରେଞ୍ଜ କ୍ୟାପ ରେସରେ କୋହଲି



**ନୂଆଦିଲ୍ଲୀ,୨୮ା୫:** ଆଇପିଏଲ୍ ୨୦୨୫ର ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ମଙ୍ଗଳବାର ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଆରସିବି ଲକ୍ଷ୍ନୌକୁ ପରାସ୍ତ କରି ପଏଣ୍ଟ ଟେବୁଲରେ ସେମାନଙ୍କର ଦ୍ୱିତୀୟ ସ୍ଥାନ ନିଶ୍ଚିତ କରିଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ଏବଂ ଆରସିବି ଅନେକ ରେକର୍ଡ କରିଥିଲେ। ବିରାଟ ଆରସିବି ପାଇଁ ୯ ହଜାର ରନ୍ ମଧ୍ୟ ପୂରଣ କରିଥିଲେ, ସେ ଗୋଟିଏ ଦଳ ପାଇଁ ସର୍ବାଧିକ ରନ୍ ସ୍କୋରର୍ ମଧ୍ୟ ହୋଇଥିଲେ। ଏହି ଇନିଂସ ପରେ, କୋହଲି ଅରେଞ୍ଜ କ୍ୟାପ୍ ଦୌଡ଼ରେ ଶ୍ରେଷ୍ଠ ୫ ଖେଳାଳିଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ପର୍ପଲ କ୍ୟାପ୍ ପାଇଁ ଲଢ଼େଇ ମଧ୍ୟ ରୋମାଞ୍ଚକର ହୋଇଗଲାଣି। ଆସନ୍ତୁ ଜାଣିବା ବର୍ତ୍ତମାନ ଅରେଞ୍ଜ ଏବଂ ପର୍ପଲ କ୍ୟାପ୍ କାହା ପାଖରେ ଅଛି? ଏହି ପୁରସ୍କାର ପାଇଁ ଲଢ଼େଇରେ ସାମିଲ ଥିବା ଶ୍ରେଷ୍ଠ ୫ ଖେଳାଳି କିଏ ଏବଂ ସେମାନଙ୍କର ରେକର୍ଡ କିପରି ରହିଛି। ଅରେଞ୍ଜ କ୍ୟାପ୍ ବର୍ତ୍ତମାନ ଗୁଜରାଟ ଟାଇଟାନ୍ସ ବ୍ୟାଟସମ୍ୟାନ୍ ସାଇ ସୁଦର୍ଶନଙ୍କ ପାଖରେ ଅଛି। ସେ ୧୪ ମ୍ୟାଚ୍‌ରେ ୬୭୯ ରନ୍ କରିଛନ୍ତି, ଯେଉଁଥିରେ ସେ ୫ ଅର୍ଦ୍ଧଶତକ ଏବଂ ୧ ଶତକ କରିଛନ୍ତି। ଆଇପିଏଲ ୨୦୨୫ରେ, ସେ ଏପର୍ଯ୍ୟନ୍ତ ୭୮ ଚୌକା ଏବଂ ୨୦ ଛକା ମାରିଛନ୍ତି। ସାଇ ସୁଦର୍ଶନ (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୬୭୯ ରନ କରିଥିବାବେଳେ ଶୁଭମନ ଗିଲ୍ (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୬୪୯ ରନ୍, ସୂର୍ଯ୍ୟକୁମାର ଯାଦବ (ମୁମ୍ବାଇ ଇଣ୍ଡିଆନ୍ସ)- ୧୪ ମ୍ୟାଚ୍‌ରେ ୬୪୦ ରନ୍, ମିଚେଲ୍ ମାର୍ଶ (ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ)- ୧୩ ମ୍ୟାଚ୍‌ରେ ୬୨୭ ରନ୍, ବିରାଟ କୋହଲି (ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର)- ୧୩ ମ୍ୟାଚ୍‌ରେ ୬୦୨ ରନ୍ କରିଛନ୍ତି । ସେହିପରି ପର୍ପଲ କ୍ୟାପ୍ ବର୍ତ୍ତମାନ ଚେନ୍ନାଇ ସୁପର କିଙ୍ଗ୍ସ ବୋଲର ନୁର ଅହମ୍ମଦଙ୍କ ପାଖରେ ଅଛି। ସେ ୧୪ ମ୍ୟାଚ୍‌ରେ ୨୪ ୱିକେଟ୍ ନେଇଛନ୍ତି। ତଥାପି, ତାଙ୍କ ଦଳ ସିଏସ୍‌କେ ପ୍ଲେଅଫ୍ ଦୌଡ଼ରୁ ବାହାରିଯାଇଛି । ତେଣୁ ଏହି କ୍ୟାପ୍ ତାଙ୍କଠାରୁ ଶୀଘ୍ର ଚାଲିଯାଇପାରେ। ଏପର୍ଯ୍ୟନ୍ତ ସର୍ବାଧିକ ୱିକେଟ୍ ନେଇଥିବା ଶ୍ରେଷ୍ଠ ୫ ବୋଲରଙ୍କ ତାଲିକାରେ, ନୁରଙ୍କ ବ୍ୟତୀତ ସମସ୍ତଙ୍କ ଦଳ ପ୍ଲେଅଫ୍‌ରେ ପହଞ୍ଚିଛି। ନୁର ଅହମ୍ମଦ (ଚେନ୍ନାଇ ସୁପର କିଙ୍ଗ୍ସ)- ୧୪ ମ୍ୟାଚ୍‌ରେ ୨୪ ୱିକେଟ୍ ନେଇଥିବାବେଳେ ପ୍ରସିଦ୍ଧ କୃଷ୍ଣା (ଗୁଜରାଟ ଟାଇଟାନ୍ସ)- ୧୪ ମ୍ୟାଚ୍‌ରେ ୨୩ ୱିକେଟ, ଟ୍ରେଣ୍ଟ ବୋଲ୍ଟ (ମୁମ୍ବାଇ ଇଣ୍ଡିଆନ୍ସ)- ୧୪ ମ୍ୟାଚ୍‌ରେ ୧୯ ୱିକେଟ, ଜୋଶ୍ ହାଜେଲଉଡ୍ (ଆରସିବି)- ୧୦ ମ୍ୟାଚ୍‌ରେ ୧୮ ୱିକେଟ, ଅର୍ଶଦୀପ ସିଂହ (ପଞ୍ଜାବ କିଙ୍ଗସ)- ୧୪ ମ୍ୟାଚ୍‌ରେ ୧୮ ୱିକେଟ ନେଇଛନ୍ତି ।

## ବରବାଦ ହେଲେ ସଞ୍ଜିବ ଗୋଏଙ୍କା!



**ନୂଆଦିଲ୍ଲୀ,୨୮ା୫:** ଆଇପିଏଲ୍ ୨୦୨୫ରେ, ଲକ୍ଷ୍ନୌ ସୁପର ଜାଏଣ୍ଟସ(ଏସ୍‌ଏଲଜି)ର ଯାତ୍ରା ଲିଗ ପର୍ଯ୍ୟାୟରେ ହିଁ ଶେଷ ହୋଇଥିଲା। ଏହା ପଏଣ୍ଟ ଟେବୁଲରେ ଷଷ୍ଠ ସ୍ଥାନରେ ରହିଥିଲା। ଦଳ ୧୪ ମ୍ୟାଚରୁ ୬ଟିରେ ବିଜୟୀ ହୋଇଥିଲା। ୨୭ମେ'ରେ ଲକ୍ଷ୍ନୌ ଆରସିବି ବିପକ୍ଷରେ ଏହାର ଶେଷ ଲିଗ ମ୍ୟାଚ ଖେଳିଥିଲା। ଏହି ମ୍ୟାଚରେ ମଧ୍ୟ ଏହାକୁ ପରାଜୟର ସାମ୍ନା କରିବାକୁ ପଡିଥିଲା। ଲକ୍ଷ୍ନୌ ସୁପର ଜାଏଣ୍ଟସର ସମ୍ପୂର୍ଣ୍ଣ ସିଜିନ ବିଷୟରେ କହିବାକୁ ଗଲେ, ଦଳର ଯାତ୍ରା କ'ଣ କରିବ ଏବଂ କ'ଣ କରିବ ନାହିଁ ତାହା ନେଇ ବିତିଯାଇଥିଲା। ଆଘାତ ଯୋଗୁ ଦଳର ଅନେକ ପ୍ରମୁଖ ଖେଳାଳି ଅସୁବିଧାରେ ପଡ଼ିଥିବା ଦେଖାଯାଉଥିଲେ। ତଥାପି, ସବୁଠାରୁ ନିରାଶ କରିଥିବା ଖେଳାଳି ଥିଲେ ଅଧିନାୟକ ରିଷଭ ପନ୍ତ। ତଥାପି, ଅଧିନାୟକ ରିଷଭ ପନ୍ତ ଶେଷ ଲିଗ ମ୍ୟାଚରେ ଶତକ ହାସଲ କରି ଏହି ସିଜିନ ଶେଷ କରିଥିଲେ। ପନ୍ତ ଲକ୍ଷ୍ନୌ ପାଇଁ ୧୪ମ୍ୟାଚରେ ୨୪.୪୫ହାରରେ ଏବଂ ୧୩୩.୧୬ ଷ୍ଟ୍ରାଇକ ରେଟରେ ମୋଟ ୨୬୯ରନ କରିଥିଲେ। ସେ ଆରସିବି ବିପକ୍ଷରେ ୧୧୭ରନର ଅପରାଜିତ ଇନିଂସ ଖେଳିଥିଲେ। ଏହା ପୂର୍ବରୁ, ତାଙ୍କୁ ଖରାପ ଫର୍ମ ସହିତ ସଂଘର୍ଷ କରୁଥିବା ଦେଖାଯାଇଥିଲା। ବିଶେଷ କଥା ହେଉଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ନିଲାମରେ ରିଷଭ ପନ୍ତଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା। ପନ୍ତ ଆଇପିଏଲ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। କିନ୍ତୁ, ତାଙ୍କର ପ୍ରଦର୍ଶନ ତାଙ୍କ ଫଜ ଅନୁଯାୟୀ ନଥିଲା। ଅର୍ଥାତ୍ ଏହା ବଡ଼ ନାମ ଏବଂ ଛୋଟ ଦେଖାଯିବାର କାହାଣୀ ଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାରୀ...

କରାଯାଇପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି ନୀତି ଆଧାରରେ ଏକ ଏଆଇ ମିଶନ ସୃଷ୍ଟି କରାଯିବ। ଏହି ମିଶନ ବିଭାଗଗୁଡିକ ମଧ୍ୟ ଏଆଇର ବ୍ୟବହାର ସାଙ୍ଗକୁ ଏହାର କାର୍ଯ୍ୟାନ୍ୱୟନର ସର୍ବୋଚ୍ଚ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ। ଏଆଇ ମିଶନରେ ଏଆଇ ଟାସ୍କଫୋର୍ସ ଓ ଏଆଇ ସେଲ ଗଠନ କରାଯିବ। ରାଜ୍ୟରେ ଏଆଇକୁ ମୁଖ୍ୟତଃ ସ୍ୱାସ୍ଥ୍ୟ, କୃଷି ଓ ବିପର୍ଯ୍ୟୟ ପରିଚାଳନାରେ ସାମିଲ କରି ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରାଯିବ।

ଏଥିସହ ରାଜ୍ୟ ସରକାର ମୈତି ଓ ନାସକମ ସହ ସହଭାଗିତାରେ ରାଜ୍ୟରେ ଏକ ଏଆଇ ସେଣ୍ଟର ଅଫ ଏକ୍ସିଲେନ୍ସ ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ରାଜ୍ୟର ବୈଷୟିକ ଗବେଷଣା, ଆବିଷ୍କାର ଓ ଦକ୍ଷତା ବିକାଶ ସହଜ ହୋଇପାରିବ। ସରକାରୀ କର୍ମଚାରୀଙ୍କ ପାଇଁ ୱାଧୱାନି ଫାଉଣ୍ଡେସନର ସହଯୋଗରେ ଦକ୍ଷତା ବିକାଶ କର୍ମଶାଳା କରାଯିବ।

ରାଜ୍ୟ କ୍ୟାବିନେଟ ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ଗାଦୀରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ୧୭୧ କୋଟି ୧୧ଲକ୍ଷ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି କାମ ଆଇରନ ଟ୍ରାଏଙ୍ଗଲ ଲିମିଟେଡକୁ ପ୍ରଦାନ କରାଯାଇଛି। ୩୬ ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ସେହିଭଳି ରାଜ୍ୟ କ୍ୟାବିନେଟ ଆଜି ସରକାର ଓ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ମଧ୍ୟରେ ହେବାକୁ ଥିବା ରିହାତି ଚୁକ୍ତିନାମାର ସ୍ୱାକ୍ଷର ପାଇଁ ଅନୁମତି ପ୍ରଦାନ କରିଛି। ଜଗତସିଂହପୁରରେ ଇସ୍ପାତ କାରଖାନା ଓ ନିଜସ୍ୱ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ ପାଇଁ ୨୦୧୭ରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ଏହାକୁ ଉଚ୍ଚସ୍ତରୀୟ କ୍ଷମତା ସମ୍ପନ୍ନ କମିଟି ମଞ୍ଜୁରୀ ଦେଇଥିଲା। ପରେ ଇସ୍ପାତ କାରଖାନା ପାଇଁ ଆବଶ୍ୟକ କଞ୍ଚାମାଲ ଆମଦାନୀ ଓ ରପ୍ତାନୀ ପାଇଁ ଜଟାଧାରୀ ମୁହାଣରେ ଏକ ସର୍ବକାଳୀନ ନିଜସ୍ୱ ଜେଟି ସ୍ଥାପନ ପାଇଁ କମ୍ପାନୀ ପ୍ରସ୍ତାବ ଦେଇଥିଲା। ୨୦୧୮ରେ ସରକାର ଏହି ଜେଟି ପାଇଁ ଅନୁମୋଦନ ଦେବା ସହ ୨୦୨୨ରେ ରାଜ୍ୟ ସରକାରଙ୍କ ସହ ଏକ ଚୁକ୍ତି ହୋଇଥିଲା। ଆଜି ରାଜ୍ୟ କ୍ୟାବିନେଟ ରିହାତି ଚୁକ୍ତିନାମା ସ୍ୱାକ୍ଷର ପାଇଁ ମଞ୍ଜୁରୀ ଦେବା ସହ ଏହି ଜେଟିର ପ୍ରଗତି, ପରିଚାଳନା, କାର୍ଯ୍ୟକାରିତା, ତଦାରଖ ପାଇଁ ଓଡ଼ିଶା ସାମୁଦ୍ରିକ ବୋର୍ଡକୁ ଅନୁମତି ଦେଇଛନ୍ତି।

### ବଢ଼ିଲା...

ସୁଧ ସବସିଡି ଯୋଜନା (ଏମ୍‌ଆଇଏସ୍‌ଏସ୍) ଜାରି ରଖିବାକୁ ମଧ୍ୟ ଅନୁମୋଦନ ମିଳିଛି। ଏଥିପାଇଁ ଆବଶ୍ୟକୀୟ ପାଣ୍ଠି ମଧ୍ୟ ସ୍ଥିର ହୋଇଛି। ଏହି ଯୋଜନା କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ଚାଷୀମାନଙ୍କୁ କମ ସୁଧ ହାରରେ ଋଣ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ।

ଆଜି ଅନୁମୋଦିତ ଏମ୍‌ଏସ୍‌ପିରେ ସର୍ବାଧିକ ଫାଇଦା ମିଳିଛି ନାଇଜରସିଡ୍ ଚାଷୀମାନଙ୍କୁ। ଏହା ଉପରେ ଏମ୍‌ଏସ୍‌ପିକୁ ସର୍ବାଧିକ ୮୨୦ ଟଙ୍କା ବୃଦ୍ଧି କରାଯାଇଛି। ସେହିପରି ଗ୍ରେଡ୍-ଏ' ଧାନର ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୮୯ ଟଙ୍କା ହୋଇଛି। ତା'ଛଡ଼ା ହରଡ ଡାଲି କ୍ୱିଣ୍ଟାଲ୍ ପିଛା ୪୫୦ ଟଙ୍କା ବୃଦ୍ଧି ପାଇ ୮୦୦୦ ଟଙ୍କାରେ ପହଞ୍ଚିଥିବା ବେଳେ ମୁଗ ୮୬ ଟଙ୍କା ବୃଦ୍ଧି ପାଇ ୮୭୬୮ ଟଙ୍କାରେ, ଚିନାବାଦାମ ୪୮୦ ଟଙ୍କା ବୃଦ୍ଧି ପାଇ ୭୨୬୩ ଟଙ୍କାରେ, ସୂର୍ଯ୍ୟମୁଖୀ ବୀଜ ୪୪୧ ଟଙ୍କା ବୃଦ୍ଧି ପାଇ ୭୭୨୧ ଟଙ୍କାରେ, ଜଓ୍ୱାର (ହାଇବ୍ରିଡ୍) ୩୨୮ ଟଙ୍କା ବୃଦ୍ଧି ପାଇ ୩୬୯୯ ଟଙ୍କାରେ ପହଞ୍ଚିଛି। ସେହିପରି ଜଓ୍ୱାର (ମାଲଦାଣ୍ଡି) ଏମ୍‌ଏସ୍‌ପି ୩୨୮ ଟଙ୍କା ବୃଦ୍ଧି ପାଇ ୩୭୪୯ ଟଙ୍କା ହୋଇଥିବା ବେଳେ ବାଜରା ୧୫୦ ଟଙ୍କା ବୃଦ୍ଧି ପାଇ ୨୭୭୫ ଟଙ୍କା, ରାଗୀ ୫୯୬ ଟଙ୍କା ବୃଦ୍ଧି ପାଇ ୪୮୮୬ ଟଙ୍କା, ମକା ୧୭୫ ଟଙ୍କା ବୃଦ୍ଧି ପାଇ ୨୪୦୦ ଟଙ୍କା, ସୋୟାବିନ ୪୩୬ ଟଙ୍କା ବୃଦ୍ଧି ପାଇ ୫୩୨୮ ଟଙ୍କା, ରାଶି ୫୭୯ ଟଙ୍କା ବୃଦ୍ଧି ପାଇ ୯୮୪୬ ଟଙ୍କା, ନାଇଜରସିଡ ୮୨୦ ଟଙ୍କା ବୃଦ୍ଧି ପାଇ ୯୫୩୭ ଟଙ୍କା, ମଧ୍ୟମ ଆକାର କପା ୫୮୯ ଟଙ୍କା ବୃଦ୍ଧି ପାଇ ୭୭୧୦ ଟଙ୍କା ଓ ଲମ୍ବା କପା ୫୮୯ ଟଙ୍କା ବୃଦ୍ଧି ପାଇ ୮୧୧୦ ଟଙ୍କାରେ ପହଞ୍ଚିଛି।

### ସମ୍ପଦଙ୍କ...

ଚାପ। ପୂର୍ବରୁ ମଧ୍ୟ ପ୍ରଦୂଷଣ ଅଭିଯୋଗରେ ପିପିଏଲ ପ୍ରାୟ ଦେଢ଼ ପାଇଁ ବନ୍ଦ ହୋଇଥିଲା। ତେଣୁ ସେଇ ପ୍ରଦୂଷଣ ଆଇନର ଉଲ୍ଲଂଘନ କରୁଥିବା ଧମକ ଦେଇ ଶିଳ୍ପ ମନ୍ତ୍ରୀ ପିପିଏଲ ସହ ଫିକ୍ସିଂ କରିଥିବା ଅଭିଯୋଗ ହୋଇଛି। ଯେଉଁ ଜିପସମକୁ ପିପିଏଲ ୩୨୦ରେ ବିକ୍ରି କରୁଥିଲା ଏବେ ମନ୍ତ୍ରୀଙ୍କ ଘରୋଇ କମ୍ପାନୀ ଏନକେଏସ କନଷ୍ଟ୍ରକସନ ଆଣ୍ଡ ଇଂଜିନିୟରିଂ ପ୍ରାଇଭେଟ ଲିମିଟେଡକୁ ମାତ୍ର ୧୦୦ ଟଙ୍କାରେ ବିକ୍ରି କରୁଛି। ସବୁଠୁ ଉଦବେଗର କଥା ହେଉଛି ପିପିଏଲ ଏନେଇ ଏନକେଏସ କନଷ୍ଟ୍ରକସନ ସହ ଏକ ଚୁକ୍ତି କରିଛି। ତଦନୁଯାୟୀ ଆଉ କୌଣସି ଟ୍ରେଡର ପିପିଏଲରୁ ମାଲ ଉଠାଇପାରୁନାହାଁନ୍ତି। ଏନକେଏସ କମ୍ପାନୀ ପିପିଏଲରୁ ୧୦୦ ଟଙ୍କାରେ ଜିପସମ କିଣି ବଜାରରେ ୪୦୦ ଟଙ୍କାରେ ବିକ୍ରି କରୁଛି। ହେଲେ ଅନ୍ୟ ଟ୍ରେଡରମାନେ ହାତବାନ୍ଧି ବସିଛନ୍ତି। କେବଳ ସେତିକି ନୁହେଁ ସେ ଇଫକୋରୁ ମାଲ ଉଠାଇବା ପାଇଁ ମଧ୍ୟ ଆଉ ଏକ ଫିକ୍ସିଂ କରିଛନ୍ତି ବୋଲି ଅଭିଯୋଗ ହେଉଛି। ଏହି ଅଭିଯୋଗକୁ ନେଇ ଗତକାଲିଠାରୁ ଆମେ ଶିଳ୍ପମନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରୁଛୁ। କିନ୍ତୁ ସେ ଏଡାଇ ଚାଲିଛନ୍ତି। ତେବେ ପ୍ରଶ୍ନ ଉଠୁଛି ପାରାଦୀପରେ ବ୍ୟବସାୟୀକ ଦାଦାଗିରି ଚଳାଇଥିବା ସମ୍ପଦ ସ୍ୱାଇଁଙ୍କ ବିରୋଧରେ ସରକାର କାହିଁକି କାର୍ଯ୍ୟାନୁଷ୍ଠାନ ନେଉନାହାଁନ୍ତି। ଏପରିକି ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ବହୁ ଆଇନ ଶୃଙ୍ଖଳା ସମ୍ପର୍କିତ ଅଭିଯୋଗ ହୋଇଛି। କିନ୍ତୁ ପୋଲିସ ଓ ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛନ୍ତି। ଏପଟେ ପାରାଦୀପର ଜିପସମ ଫିକ୍ସିଂ ଅଭିଯୋଗ ଉପରେ ଗତ ଦୁଇ ଦିନ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିଲେ ବି ଡବଲ ଇଞ୍ଜିନ ସରକାର ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଦେବ୍ରିଗଡ଼...

ବିକାଶକୁ ସହଜ କରିବ। ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷଣ ମାନ୍ୟତା ପାଇଁ ମଧ୍ୟ ଅନୁରୋଧ କରିଛି, ଯାହା ଏହି ଅଞ୍ଚଳରେ ବାଘ ସଂରକ୍ଷଣକୁ ପ୍ରୋତ୍ସାହିତ କରିବ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ।

ଗତ ରବିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଚିଡ଼ିଆଖାନା ପରିଦର୍ଶନ କରିବା ସହ ଏହାକୁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଓଡ଼ିଶାର ଦ୍ୱିତୀୟ ନନ୍ଦନକାନନ କରିବା ପାଇଁ ଯୋଜନା କରାଯିବ ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରାଯିବ। ଏଥିପାଇଁ ୩ ମାସରେ ଲକ୍ଷେରୁ ଅଧିକ ଗଛ ଲାଗିବ। ବିଶ୍ୱ ପରିବେଶ ଦିବସ ଜୁନ୍ ୫ରୁ ଜୁଲାଇ ଓ ଅଗଷ୍ଟ ମାସ ପର୍ଯ୍ୟନ୍ତ ଗଛ ଲାଗିବ। ଜିଲ୍ଲା ପ୍ରଶାସନ ଓ ବନ ବିଭାଗ ସହ ଏହି ଅଭିଯାନରେ ବହୁ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ମାତୃଶକ୍ତି, ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହେବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଥିଲେ।

### ଦିନକରେ...

ଆକ୍ରାନ୍ତ ଜଣଙ୍କ ରାଜଧାନୀ ଭୁବନେଶ୍ୱରର ବାସିନ୍ଦ ହୋଇଥିଲେ ହେଁ ନିକଟରେ ସେ ଦିଲ୍ଲୀରୁ ଫେରିଥିବାରୁ ସେଠାରେ ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ଉକ୍ତ ସଂକ୍ରମିତ ଜଣଙ୍କ ପୁରୁଷ ହୋଇଥିବା ବେଳେ କରୋନା ପଜିଟିଭ୍ ଭାବେ ଚିହ୍ନଟ ହେବା ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଦିନକରେ ୫ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯିବା ପରେ ରାଜ୍ୟବାସୀଙ୍କ ମନରେ ଛନକା ପଶିଛି ଓ ସମସ୍ତେ ସତର୍କତା ଅବଲମ୍ବନ ଦିଗରେ ପଦକ୍ଷେପ ନେଉଥିବା ପରିଲକ୍ଷିତ ହୋଇଛି।

### ଚଣ୍ଡିଗଡ଼ରେ...

ହରିୟାଣାରେ ମୋଟ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା କୁହାଯାଇଛି। ଏହାଛଡ଼ା ରାଜସ୍ଥାନରେ ଜଣେ ୧୬ ମାସର ଶିଶୁ ସଂକ୍ରମିତ ହେବା ପରେ ଏଠାରେ ଆଜି ପର୍ଯ୍ୟନ୍ତ ୩୨ ଜଣ ସଂକ୍ରମିତ ହୋଇସାରିଛନ୍ତି। ତେବେ କେରଳରେ ସର୍ବାଧିକ ୪୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହାଛଡ଼ା ଅରୁଣାଚଳ ପ୍ରଦେଶରେ ଆଜି ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଛି। ଜନୈକା ୩୪ ବର୍ଷୀୟା ଗର୍ଭବତୀ ମହିଳାଙ୍କ ନମୁନାରେ କୋଭିଡ୍ ଭୂତାଣୁ ଥିବା ବେଳେ ତାଙ୍କ ଜନ୍ମିତ ଶିଶୁ ବି ସଂକ୍ରମିତ ଥିବା କୁହାଯାଇଛି।

### ପୁଞ୍ଜିଲାଲକୁ...

ଓ ପତ୍ନୀ ରୀମାରାଣୀଙ୍କ ବାହାଘର ଭୋଜିରେ ମିଳିଥିବା ଉପହାର ପାର୍ସଲ ଖୋଲୁଥିବା ବେଳେ ଘଟିଥିଲା ଭୟଙ୍କର ବିସ୍ଫୋରଣ। ଘଟଣାସ୍ଥଳରେ ସୌମ୍ୟଙ୍କ ଜେଜେ ମା'ଙ୍କର ମୃତ୍ୟୁ ହୋଇଥିବା ବେଳେ ବଲାଙ୍ଗୀର ମେଡିକାଲରେ ସୌମ୍ୟଙ୍କ ପ୍ରାଣ ଯାଇଥିଲା। ଗୁରୁତର ଅବସ୍ଥାରେ ରୀମାରାଣି କଟକ ବଡ଼ ମେଡିକାଲ୍‌ରେ ଭର୍ତ୍ତି ହୋଇ ଦୀର୍ଘଦିନର ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଥିଲେ। ତେବେ ଦୀର୍ଘ ୭ ବର୍ଷର ବିଚାର ପରେ ଆଜି ହତ୍ୟାକାରୀ ପୁଞ୍ଜିଲାଲ୍‌କୁ କୃତକର୍ମ ପାଇଁ ଆଜୀବନ ସଜା ମିଳିଛି। ଦୀର୍ଘ ଦିନର ସଂଘର୍ଷ ପରେ ନ୍ୟାୟ ମିଳିଥିବାରୁ ପୁଅର ଆତ୍ମାକୁ କିଛି ମାତ୍ରାରେ ଶାନ୍ତି ମିଳିଥିବ ବୋଲି କୋହଭରା କଣ୍ଠରେ କହିଛନ୍ତି ମୃତ ସୌମ୍ୟଙ୍କ ବାପା-ମା'। ମା' ସଂଯୁକ୍ତା କହିଛନ୍ତି ଯେ ବାସ୍ତବରେ ପୁଞ୍ଜିଲାଲ୍ ସୈତାନ୍ କି ରାକ୍ଷସ, ତା' ତ ଜଣାପଡ଼ିନାହିଁ। କିନ୍ତୁ ଅମଣିଷ ପୁଞ୍ଜିଲାଲ୍‌କୁ ଆଜୀବନ କାରାଦଣ୍ଡାଦେଶ ହେବା ପରେ ଆଜି ଆମକୁ ଯଥେଷ୍ଟ ଆଶ୍ୱସ୍ତି ଲାଗୁଛି। ସେହିପରି ପିତା ରବୀନ୍ଦ୍ର ବି ଲୁହ ଓ କୋହକୁ ଚାପି ରଖି ଦୋଷୀକୁ ଫାଶି ନ ହୋଇଥିଲେ ବି ସେ ଆଜୀବନ କାରାଦଣ୍ଡ ପାଇଛି, ଏହା ଆମ ପାଇଁ ଖୁସିର ଖବର। ନ୍ୟାୟପାଳିକା ଉପରେ ଆମର ଭରସା ଥିଲା ଆଉ ଆଜି ଏହି ଭରସା ସାକାର ହୋଇଛି ବୋଲି ରବୀନ୍ଦ୍ର କହିଛନ୍ତି।

### ଚିଠି...

ତଦନ୍ତ ଆରମ୍ଭ କରିଥିଲା କ୍ରାଇମ ବ୍ରାଞ୍ଚ। କିନ୍ତୁ ଖୁବ୍ କମ ସମୟ ଭିତରେ ପୁଞ୍ଜିଲାଲଙ୍କ ପାଖରେ ପହଞ୍ଚି ପାରିଥିଲା। ସେହିପରି ପୁଞ୍ଜିଲାଲ ଲେଖିଥିବା ଚିଠି କ୍ରାଇମ୍ ବ୍ରାଞ୍ଚକୁ ବାଟ ଦେଖାଇଥିଲା ବୋଲି କହିଛନ୍ତି ବୋଥ୍ରା। ସେ କହିଛନ୍ତି ଯେ ପୁଞ୍ଜିଲାଲ୍‌ରର ଭାଷା ଓ ଲେଖିବା ଶୈଳୀ ଉଚ୍ଚକୋଟିର ଥିଲା। ଜଣେ ଇଂରାଜୀରେ ଦକ୍ଷତାସମ୍ପନ୍ନ ବ୍ୟକ୍ତି ହିଁ ଏପରି ଲେଖିପାରିବ ବୋଲି ସ୍ପଷ୍ଟ ହୋଇଥିଲା। ତେଣୁ ପୁଞ୍ଜିଲାଲକୁ କେହି ସନ୍ଦେହ କରୁ ନଥିଲେ ବି ଆମେ ତାକୁ ଗିରଫ କରିଥିଲୁ। ଆଉ ବୋମା ତିଆରି ପାଇଁ ଡେମୋ ଦେଖାଇବା ପର୍ଯ୍ୟନ୍ତ ତାକୁ ଆମେ ମନାଇଥିଲୁ। ସେ ଯାହା ବି ହେଉ କୋର୍ଟଙ୍କ ରାୟ ଆମ ପୂରା ଟିମ୍‌କୁ ଖୁସି କରିଛି ବୋଲି ବୋଥ୍ରା କହିଛନ୍ତି ।

### ଟ୍ରାକ୍‌ରୁ ...

ଚଳାଚଳ ବାଧାପ୍ରାପ୍ତ ହୋଇଛି। ମାଲବାହୀ ଟ୍ରେନ୍ କିରୋଣ୍ଡୁଲଠାରୁ ଲୁହା ପଥର ନେଇ ବିଶାଖାପାଟଣା ଯାଉଥିବା ସମୟରେ ଉକ୍ତ ମାଲଗାଡ଼ିଟି ଦୁର୍ଘଟଣାର ଶିକାର ହୋଇଛି। ଫଳରେ ବିଶାଖାପାଟଣାରୁ କିରୁଣ୍ଡୁଲକୁ ଟ୍ରେନ ଚଳାଚଳ ବନ୍ଦ ରହିଛି। ବିଶାଖାପାଟଣାରୁ କିରୁଣ୍ଡୁଲ ରାୟଗଡ଼ା ଦେଇ ଦିନ ବେଳା ଓ ରାତ୍ରିକାଳୀନ ଗାଡ଼ି ଚଳାଚଳ କରିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖବର ପାଇ ବିଭାଗୀୟ ଅଧିକାରୀ ବୈଷୟିକ ଟିମ୍ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଲାଇନଚ୍ୟୁତ ବଗି ରେଳଧାରଣାରୁ ହଟାଇ ମରାମତି କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି।

### ଓଡ଼ିଶାରେ...

ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାଟି ଆଗେଇପାରୁନାହିଁ, ତା'ର ଉତ୍ତର କାହାରି ପାଖରେ ବି ନାହିଁ।

ଇତିମଧ୍ୟରେ ରାଜ୍ୟ ସରକାର ନିଜସ୍ୱ ଅକ୍ଷୟଶକ୍ତି ଯୋଜନା ଆଣିବେ ବୋଲି ଘୋଷଣା କରିବା ପରେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ବର୍ତ୍ତମାନ ସୌରଶକ୍ତି ପ୍ରକଳ୍ପ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସବସିଡି ଦେଉଥିବା ବେଳେ ନୂତନ ନୀତିରେ ସରକାର ସବସିଡି ବଢ଼ାଇବେ କି ଅନ୍ୟ କିଛି ସୁବିଧା ଦେବେ, ତାହାକୁ ସମସ୍ତେ ଚାହିଁରହିଥିବା ବେଳେ ବିଦ୍ୟୁତ୍ ବିତରଣ କମ୍ପାନୀ କାହିଁକି ଏ କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି, ତା'ର ସମୀକ୍ଷା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ଓଡ଼ିଶାରେ ଆରମ୍ଭ ହେଲା 'ଅଙ୍କୁର'

**ଭୁବନେଶ୍ୱର,୨୮ା୫(ସଂଚାର ବ୍ୟୁରୋ):** ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୁନଃପରିଭାଷିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ଆଜି ଅଙ୍କୁର - ଅଟଳ ନେଟୱାର୍କ ଫର ନଲେଜ୍, ସହରୀକରଣ ଏବଂ ସଂସ୍କାର ଆରମ୍ଭ କରିଛି । ଏହା ରାଜ୍ୟ ସାରା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଅଭିନବ ସହର ବିକାଶକୁ ଗଢ଼ି ତୋଳିବା ପାଇଁ ଏକ ରଣନୈତିକ ପଦକ୍ଷେପ। ଗୃହ ଓ ନଗର ଉନ୍ନୟନ ବିଭାଗ ବିଭାଗ ଏବଂ ସହର ବିକାଶ ଇକୋସିଷ୍ଟମରେ କାର୍ଯ୍ୟ କରୁଥିବା ୬ଟି ପ୍ରମୁଖ ଅନୁଷ୍ଠାନ ଏବଂ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ଡକ୍ଟର ମହାପାତ୍ର କହିଥିଲେ ଯେ "ଅଙ୍କୁର" ଏକ ସାମୂହିକ ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ - ଦକ୍ଷ, ସ୍ମାର୍ଟ ଏବଂ ସର୍ବୋପରି ନାଗରିକ-କୈନ୍ଦ୍ରିକ ସହର ନିର୍ମାଣ କରିବା। ଏହା ବିକଶିତ ଓଡ଼ିଶା ଆଡ଼କୁ ଏକ ଆନ୍ଦୋଳନ, ଯାହା ସମ୍ପ୍ରଦାୟ, ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସହଭାଗୀ। ବିଭାଗର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଜାତୀୟ ଏବଂ ଆନ୍ତର୍ଜାତୀୟ ଅଂଶୀଦାରମାନେ ଖାରବେଳଭବନ ୮ମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏମଓୟୁ ସ୍ୱାକ୍ଷର ସମାରୋହରେ ଉପସ୍ଥିତ ଥିଲେ।

## ଅସ୍ତ୍ରବିରତି ପାଇଁ ଦୁଇ ଥର ଗୁହାରି କରିଛି ପାକିସ୍ତାନ

**ନୂଆଦିଲ୍ଲୀ,୨୮ା୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦୀଙ୍କ ଉପରେ ଶକ୍ତିଶାଳୀ ଆକ୍ରମଣ କରି ପ୍ରତିଶୋଧ ନେଇଥିଲା। ଏହି ଆକ୍ରମଣ ପରେ ପାକିସ୍ତାନ କ୍ରମାଗତ ଭାବେ ଅସ୍ତ୍ରବିରତି ଉଲ୍ଲଘଂନ କରି ଚାଲିଥିଲା। ଏହାର ବି କଡ଼ା ଜବାବ ଦେଇଥିଲା ଭାରତ। ଏହାପରେ ଭାରତ-ପାକିସ୍ତାନ ମଧ୍ୟରେ ଅନିର୍ଦ୍ଧିଷ୍ଟକାଳ ଯାଏ ଅସ୍ତ୍ରବିରତି ଜାରି ରହିବା ନେଇ ସେନା ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଏହି ଅସ୍ତ୍ରବିରତି ସକାଶେ ପାକିସ୍ତାନ ଥରେ ନୁହେଁ, ବରଂ ଦୁଇ ଥର ଭାରତୀୟ ପ୍ରତିପକ୍ଷଙ୍କୁ ନିବେଦନ କରିଥିବା ତଥ୍ୟ ଏବେ ସାମ୍ନାକୁ ଆସିଛି। ବିଶେଷ ସୂତ୍ରରୁ ଖବର ମିଳିଛି, ଅସ୍ତ୍ରବିରତି ପାଇଁ ପାକିସ୍ତାନ ଭାରତକୁ ଥରେ ନୁହେଁ ଦୁଇ ଥର କଲ କରିଥିଲା। ପ୍ରଥମେ ମଇ ୭ ତାରିଖରେ ପାକିସ୍ତାନର ନିର୍ଦ୍ଦେଶକ ଜେନେରାଲ ଅଫ ମିଲିଟାରୀ ଅପରେସନ୍ସ ପକ୍ଷରୁ ଔପଚାରିକ ଭାବେ ବାର୍ତ୍ତା ସହିତ ଅସ୍ତ୍ରବିରତି ପାଇଁ ଭାରତ ସହ ସମ୍ପର୍କ କରାଯାଇଥିଲା। ଏହାପରେ ପୁଣି ମେ' ୧୦ ତାରିଖ ଅପରାହ୍ନ ୩.୩୫ ମିନିଟରେ ଡିଜିଏମଓ ସ୍ତରରେ ଆଲୋଚନା ହୋଇଥିଲା। ଏହାପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଯାଇଥିଲେ। କାରଣ ଉଦ୍ଦେଶ୍ୟ ଥିଲା ଯୁଦ୍ଧ ଘନଘଟାକୁ ଶାନ୍ତ କରିବା। ସେହିପରି 'ଅପରେସନ ସିନ୍ଦୂର'ରେ ପାକିସ୍ତାନରେ ପ୍ରାଣ ହରାଇଥିବା ମୃତକଙ୍କ ସଂଖ୍ୟା ଏବେ ୧୬୦ ଛୁଇଁଛି।

### ଅସ୍ତରଙ୍ଗରେ ଗୋଶାଳା ନିର୍ମାଣ ଦାବି

# ବଢୁଛି ଗୋରୁ ଚୋରା ଚାଲାଣ ସହ ଦୁର୍ଘଟଣା



**କାକଟପୁର/ଅସ୍ତରଙ୍ଗ,୨୮।୫(ସଂଚାର ବ୍ୟୁରୋ):** ଓଡିଶାରେ ଗୋମାଫିଆ ମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ହିନ୍ଦୁ ମାନଙ୍କର ଆରାଧ୍ୟ ଗୋବଂଶଙ୍କୁ ଦୈନିକ ରାଜ୍ୟ ତଥା ଦେଶ ବାହାରକୁ ଅତି ଅମାନୁଷିକ ଭାବରେ ଚାଲାଣ କରାଯାଉଛି। ଗୋ ମାଫିଆ ମାନେ ଗୋ ହତ୍ୟା ଉଦ୍ଦେଶ୍ୟରେ ଏଭଳି ଦେଖାଇକି ଚାଲାଣ ଜାରୀ ରଖିଛନ୍ତି। ଅପରପକ୍ଷରେ ଗୋମାଫିଆ ମାନେ ଗୋରକ୍ଷକ ମାନଙ୍କୁ ହତ୍ୟା ଧମକ ଦେବା ସହ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଖାଲି ସେତିକି ନୁହେଁ, ଗୋରକ୍ଷକ ମାନଙ୍କୁ ମିଥ୍ୟା ମାମଲାରେ ମଧ୍ୟ ଛନ୍ଦି ଦିଆଯାଉଛି। ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ଗୋବଂଶ ହ୍ରାସ ପାଉଥିବା ନେଇ ଅଭିଯୋଗ ହେଉଛି। ଅପରପକ୍ଷେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଟାଉନ ମନ୍ଦିର ସାମ୍ନାରେ ହେଉ ଅବା ବିଭିନ୍ନ ସ୍ଥାନରେ ସନ୍ଧ୍ୟା ଗାଈ ଗୋରୁ ଶୋଇବା ଦ୍ୱାରା ଯାତାୟାତ କରୁଥିବା ଦୁର୍ଘଟଣା ଶିକାର ହେବା ସହ କିଛି ଦିନ ତଳେ ଆମ୍ବୁଲାନ୍ସ ଦୁର୍ଘଟଣା ମଧ୍ୟ ଏକ ବାଛୁରୀ ଜୀବନ ଯାଇଛି। ଅନେକ ସମୟରେ ଦୁର୍ଘଟଣା ରେ ବୁଲା ଗୋରୁ ଗାଈ ଦୁର୍ଘଟଣା ଶିକାର ହେଉଛନ୍ତି। ସେମାନଙ୍କୁ ନିର୍ଦ୍ଦିଷ୍ଟ ଜାଗାରେ ରଖି ଚିକିତ୍ସା ଯୋଗାଇ ଦେବାକୁ ବ୍ୟବସ୍ଥା ନଥିବା ବେଳେ ଗୋ ଚାଲାଣ ବେଳେ ଜବତ ଗୋରୁ ଗୁଡିକୁ ରଖିବା ପାଇଁ ବହୁ ଦୂରରେ ଥିବା ପୁରୀ ଗୋଶାଳା କୁ ଗୋରୁ ମାନଙ୍କୁ ନେବାକୁ ପଡୁଛି। ତେଣୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ଏକ ଉନ୍ନତଧରଣର ଗୋଶାଳା ନିର୍ମାଣ ପାଇଁ ଦାବୀ ଜୋର ଧରିଥିବା ବେଳେ ଅସ୍ତରଙ୍ଗ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କୁ ଅନୁରୋଧ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ଦିନକୁ ଦିନ ଗୋଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଗୋରକ୍ଷକ ମାନଙ୍କ ପାଇଁ ବହୁ ସମୟରେ ଏହି ଗୋରୁ ମାନଙ୍କୁ ଉଦ୍ଧାର କରାଯାଉଥିବା ବେଳେ ବହୁ ଗୋରୁ ବୋଝେଇ ଗାଡିକୁ ମାଫିଆ ମାନେ ଜିଲ୍ଲା ପାର କରିବାରେ ତାଳଦା ସେତୁ ଦେଇ ସକ୍ଷମ ହେଉଛନ୍ତି। ସେହିଭଳି ବିଭିନ୍ନ ଗ୍ରାମାଞ୍ଚଳ ହେଉ ଅବା ଅସ୍ତରଙ୍ଗ ମୁଖ୍ୟ ବଜାର ରେ ସନ୍ଧ୍ୟା ସମୟରେ ଗାଈ ଗୋରୁ ରାସ୍ତାରେ ବୁଲୁଛନ୍ତି ଅବା ଶୋଉଛନ୍ତି। ଯାହା ଫଳରେ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ମଧ୍ୟ ହେଉଛି। ଏହା ଆହତ ଗୋରୁ ଚିକିତ୍ସା ନିମନ୍ତେ ମଧ୍ୟ ସେଠାରେ ସୁବିଧା ନାହିଁ। ତେଣୁ ଚାଲାଣ ହେଉଥିବା ଗୋରୁ ମାନଙ୍କୁ ସୁରକ୍ଷିତ ରଖାଯିବା ଓ ଆହତ ଗୋରୁ ମାନଙ୍କର ଚିକିତ୍ସା ସୁବିଧା ନିମନ୍ତେ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏକ ଗୋଶାଳା ନିର୍ମାଣ ପାଇଁ ଗୋସେବକ ମାନେ ଦୀର୍ଘ ଦିନ ହେବ ଦାବୀ କରି ଆସୁଛନ୍ତି। ଗୋ ତସ୍କର ମାନେ ବିଳମ୍ବିତ ରାତ୍ରର ସୁଯୋଗ ନେଇ ରାସ୍ତାରୁ ଗୋ ମାତାଙ୍କୁ ଗାଡ଼ିରେ ଚାଲାଣ କରୁଥିବାର ନଜିର ରହିଛି। ଏଣୁ ରାଜ୍ୟ ସରକାର ଗୋ ହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଦୃଢ ଆଇନ ପ୍ରଣୟନ, ଗୋରକ୍ଷକଙ୍କ ଉପରେ ଲଗାଯାଉଥିବା ମିଥ୍ୟା ମାମଲା ରଦ୍ଦ କରିବା, ଗୋଚୋରା ଚାଲାଣ କୁ ରୋକିବା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ, ଗୋ ତସ୍କର ମାନଙ୍କୁ ଚିହ୍ନଟ କରି ରାଷ୍ଟ୍ରୀୟ ସୁରକ୍ଷା ଅନୁଯାୟୀ ଦଣ୍ଡ ବିଧାନ, ଗୋ ସଂରକ୍ଷଣ ପାଇଁ ଗୋ ଶାଳା ନିର୍ମାଣ, ଗୋପାଳକ ପାଇଁ ଆବଶ୍ୟକ ତାଲିମ୍ ସହିତ ଆର୍ଥିକ ପ୍ରୋତ୍ସାହନ ଓ ଅସ୍ତରଙ୍ଗ ରେ ଗୋଚାଲାଣ ବନ୍ଦ କରିବା ପାଇଁ ଗୋରକ୍ଷକ ମାନେ ଦାବୀ କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳରେ ଗୋଚାଲାଣ ପାଇଁ ସର୍ବଦା ବେଶ ଚର୍ଚ୍ଚାରେ ରହିଥାଏ। କିଛି ଦିନ ପୂର୍ବେ ଅସ୍ତରଙ୍ଗ ରୁ କାକଟପୁର ଯାଉଥିବା ଏକ କଣ୍ଟେନର କୁ ବିଳମ୍ବିତ ରାତ୍ରରେ ଗୋଚାଲାଣ ହେଉଥିବା ସମୟରେ ଗୋରକ୍ଷକ ମାନଙ୍କ ଉଦ୍ୟମରେ ପୁଲିସ କଣ୍ଟେନର କୁ ଜବତ କରିଥିଲା।

## ଆଇସିଏମ୍ଏଆଇ ପକ୍ଷରୁ ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଦେଶରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆଣ୍ଡ ମ୍ୟାନେଜେମେଣ୍ଟ ଆକାଉଂଟାଂଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍ଏଆଇ) ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଆଇସିଏମ୍ଏଆଇ ଭୁବନେଶ୍ୱର ପକ୍ଷରୁ ଏହାର ବରିଷ୍ଠ ଅଧିକାରୀ ଶ୍ରୀ ହେମନ୍ତ କୁମାର ବିଶ୍ୱାଳ ସୋଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ପ୍ରଫେସର ନାୟକଙ୍କୁ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଅବଦାନ ନିମନ୍ତେ ସୋଆ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛି। ସେହିଭଳି ଶ୍ରୀ ନାୟକଙ୍କ ଔଦ୍ୟୋଗିକତା ଯାତ୍ରା ଏବଂ ସମାଜ ପ୍ରତି କିଛି କରିବାର ପ୍ରତିବଦ୍ଧତା ଅନ୍ୟପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଆଇସିଏମ୍ଏଆଇ ପକ୍ଷରୁ ପ୍ରଶଂସା କରାଯାଇଛି।

## ଡାକ୍ତରଙ୍କ ଅବହେଳା ଯୋଗୁଁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ




**ଜୟପୁର,୨୮।୫ (ସଂଚାର ବ୍ୟୁର):** ପ୍ରସୂତି ଙ୍କ ମୃତ୍ୟୁ। ମୃତ୍ୟୁ ପାଇଁ ପରିବାର ଲୋକ ଦାୟୀ କଲେ ଡାକ୍ତର ଙ୍କୁ। ଘଟଣା ଘଟିଛି ଜୟପୁର ଜିଲ୍ଲା ଚିକିତ୍ସାଳୟ ଠାରେ। ବୈପାରୀଗୁଡା ହନୁମାନ ନଗର ରେ ଅଜୟ ସାଗରିଆ ଙ୍କ ପତ୍ନୀ ଙ୍କୁ ସୋମବାର ଗର୍ଭ ବେଦନା ହେବାରୁ ପ୍ରଥମେ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ନେଇଥିଲେ ସ୍ୱାସ୍ଥ୍ୟ ଅବସ୍ଥା ଗମ୍ଭୀର ହେବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟ କୁ ରେଫର କରିଥିଲେ ଏବଂ ସେଠାରେ ଅସ୍ତ୍ରୋପଚାର ପରେ ବୁଧୁବାର ସକାଳେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା କିନ୍ତୁ ଅପରାହ୍ନ ରେ ସମୟରେ ମାଆ ପୁର୍ଣିମା ମେଡିକାଲ ବେଡ଼ ରେ ହିଁ ମୃତ୍ୟୁ ବରଣ କରିଛନ୍ତି। ତେବେ ପୁର୍ଣିମା ଙ୍କ ମୃତ୍ୟୁ ନେଇ ପୁର୍ଣିମା ଙ୍କ ସ୍ୱାମୀ ଓ ପରିବାର ବର୍ଗ ଡାକ୍ତର ର ଙ୍କ ଅବହେଳା ଯୋଗୁଁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ମୃତ୍ୟୁ ପୁର୍ଣିମା ଙ୍କ ସ୍ୱାମୀ ଙ୍କ ଅଭିଯୋଗ ଯେ ତାଙ୍କ ସ୍ତ୍ରୀ ଙ୍କ ରକ୍ତ ଦରକାର କହିବାରୁ ରକ୍ତ ଆଣିକି ଦେଲେ କିନ୍ତୁ ରକ୍ତ ଚଢାଇ ନାହାନ୍ତି। ଏହା ସହ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସିଏ ସଂଗେ ଡାକ୍ତର ଙ୍କୁ ଡାକିଥିଲେ କିନ୍ତୁ ଡାକ୍ତର ନ ଥିଲେ ଏବଂ ନର୍ସ ଙ୍କୁ ଡାକିଥିଲେ ମଧ୍ୟ ନର୍ସ ବିଳମ୍ବ ରେ ଗଲେ ଫଳରେ ମୋ ସ୍ତ୍ରୀ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଏବଂ ଖବର ଲେଖା ହେବା ସୁଦ୍ଧା କୌଣସି ସମାଧାନ ହୋଇ ନଥିବା ଯୋଗୁଁ ଶବ ଟି ମେଡିକାଲ ରେ ହିଁ ରହିଛି।

## ବିକଶିତ ଗାଁ ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

● ଉପାଧ୍ୟକ୍ଷଙ୍କୁ ବିଡିଓ ଚିହ୍ନି ନଥିବା ବ୍ୟକ୍ତବ୍ୟକୁ ନେଇ ବୈଠକ ମଧ୍ୟରେ ଉତ୍ତେଜନା




**ନାଉଗାଁ,୨୮।୫ (ସଂଚାର ବ୍ୟୁର):** ଜଗତସିଂହପୁର ଜିଲ୍ଲା ନାଉଗାଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବୁଧବାର ବିକଶିତ ଗାଁ ବିକଶିତ ଓଡ଼ିଶାର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ଅମରେନ୍ଦ୍ର ଦାସଙ୍କ ଅନୁମତିକ୍ରମେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିମାନେ କିଛି ପ୍ରସ୍ତାବ ରଖିଥିଲେ। ଯାହାକୁ ବିଡିଓ ଆଶୁତୋଷ ମିଶ୍ର ବିରୋଧ କରିଥିଲେ। ଏପରିକି ବିଡିଓ ମିଶ୍ର ବ୍ଲକକୁ ଆସୁ ନଥିବାରୁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବ୍ଲକ ଉପାଧ୍ୟକ୍ଷ ସୁଜିତ ପୁହାଣ ମତବ୍ୟକ୍ତ କରିଥିଲେ। ଏହି ବକ୍ତବ୍ୟ ପରେ ଉପାଧ୍ୟକ୍ଷ କିଏ ତାଙ୍କୁ ଚିହ୍ନି ନଥିବା ବିଡିଓ ଉତର ଦେଇଥିଲେ। ଯାହାଫଳରେ ବୈଠକରେ ଯୋଗ ଦେଇଥିବା ପଞ୍ଚାୟତ ପ୍ରତିନିଧି ଯଥା ଡାବର ସମିତି ସଭ୍ୟ ସୁବଳ ବେହେରା, ଘୋଡାଂଶ ସମିତି ସଭ୍ୟ ତରୁଣକାନ୍ତ ବାରିକ, ବଛାଲୋ ସମିତି ସଭ୍ୟ ଚନ୍ଦନ ଲେଙ୍କା ଆଦି ବିଡିଓଙ୍କ ଉକ୍ତିକୁ ନେଇ ବିରୋଧ କରିଥିଲେ। ଏପରିକି ବିଡିଓ ଦୀର୍ଘ ୪ମାସ ହେବ ଉକ୍ତ ବ୍ଲକର ଦାୟିତ୍ୱରେ ରହିଥିବା ବେଳେ ୪ଥର ବ୍ଲକକୁ ଆସି ନଥିବା କହିଥିଲେ। ପଞ୍ଚାୟତ ପ୍ରତିନିଧିମାନେ ନିଜ ଆସନରୁ ଉଠି କିଛି ସମୟ ହୋ ହାଲ୍ଲା କରିଥିଲେ। ଯାହାଫଳରେ ବୈଠକ ବନ୍ଦ ରହିଥିଲା। ବିଧାୟକ ଦାସ ପଞ୍ଚାୟତ ପ୍ରତିନିଧିଙ୍କୁ ବୁଝାବୁଝି କରିବା ସହିତ ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ବିଡିଓ ମିଶ୍ର ଉକ୍ତ ବ୍ଲକକୁ ସପ୍ତାହକୁ ୩-୪ ଥର ଆସିବା ପାଇଁ କହିଥିଲେ। ଯଥାଶୀଘ୍ର ଏହି ବ୍ଲକକୁ ନୂତନ ବିଡିଓ ଯୋଗ ଦେବାର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତ ପ୍ରତିନିଧି ମାନେ ନିଜ ନିଜ ଆସନରେ ବସିଥିଲେ। ପରେ ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ଏସଂକ୍ରାନ୍ତରେ ବିଡିଓ ମିଶ୍ରଙ୍କର କୌଣସି ମତାମତ ମିଳିପାରିନାହିଁ। ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦାସ, ଉପାଧ୍ୟକ୍ଷ ସୁଜିତ ପୁହାଣ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ପଞ୍ଚାୟତମାନଙ୍କରୁ ଗ୍ରାମସଭା ମାଧ୍ୟମରେ ସ୍ଥିରୀକୃତ ହୋଇ ଆସିଥିବା ବିଭିନ୍ନ ପ୍ରକଳ୍ପ ଗୁଡିକୁ ଅନୁମୋଦନ କରାଯାଇଥିଲା।

## ପୂର୍ବ ଶତ୍ରୁତାରୁ ଦୋକାନ ଘର ପୋଡ଼ିଦେବା ଅଭିଯୋଗରେ ୧ ଗିରଫ

**ସାଲେପୁର,୨୮।୫ (ସଂଚାର ବ୍ୟୁର):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୋକାନ ଘର ପୋଡ଼ିବା ଅଭିଯୋଗରେ ସାଲେପୁର ପୁଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନୀପୁର ଗ୍ରାମର ଚନ୍ଦ୍ରମଣି ସ୍ୱାଇଁ ସ୍ଥାନୀୟ ମନ୍ଦିର ନିକଟରେ ଏକ କେବିନ୍ ପକାଇ ଦୋକାନ କରିବା ସହ ଗ୍ରୋସରୀ ସାମଗ୍ରୀ ବିକ୍ରୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ଜିଗ୍ନୀପୁର ନିକଟସ୍ଥ ଛୁଆଳିଆ ଗ୍ରାମର ମନୋରଞ୍ଜନ ସ୍ୱାଇଁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଦୋକାନ ଘରେ ନିଆଁ ଲଗାଇଦେଇଥିଲେ। ଫଳରେ ଦୋକାନ ଭିତରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିବା ନେଇ ଚନ୍ଦ୍ରମଣି ସ୍ୱାଇଁ ଗତ ମାର୍ଚ୍ଚ ମାସ ୨ତାରିଖରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୭୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତ ମନୋରଞ୍ଜନ ଉକ୍ତ ଦିନ ଠାରୁ ଫେରାର ଥିଲେ। ଆଜି ସାଲେପୁର ପୁଲିସ ମନୋରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

## ମାରଣାସ୍ତ୍ରରେ ଆକ୍ରମଣ କରି ଲୁଟିନେଲେ ମୋବାଇଲ,ଟଙ୍କା

**ବୈଶିଙ୍ଗା,୨୮।୫(ସଂଚାର ବ୍ୟୁର):** ଗତ କିଛି ସପ୍ତାହ ମଧ୍ୟରେ ବୈଶିଙ୍ଗା ଥାନା ଅଧୀନର ବିଭିନ୍ନ ଅଞ୍ଚଳରେ ଛିନତାୟୀ, ରାହାଜାନୀ ସଂଖ୍ୟା ବଢ଼ି ବଢ଼ି ଚାଲିଥିବାର ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ରୁପସା ଥାନା ଅଧୀନ କସିପଦା ଗ୍ରାମର ଯୁଧିଷ୍ଠିର ଦଳେଇଙ୍କ ପୁଅ ଗଦାଧର ଦଳେଇ(୩୧) ଲିଜରେ ଏକ ଟ୍ରାକ୍ଟର ଆଣିବା ପାଇଁ ମଙ୍ଗଳବାର ପୂର୍ବାହ୍ନ ସମୟରେ ବଡସାହି ଥାନା ଅଧୀନ ହଳଦିପଦା ଗ୍ରାମର ରାମକୃଷ୍ଣ ଦାସଙ୍କ ଘରକୁ ଯାଇଥିଲେ। କଥାବାର୍ତ୍ତା ସାରି ପ୍ରାୟ ରାତ୍ରି ୧୦ଟା ୩୦ ମିନିଟ ସମୟରେ ଘରକୁ ଫେରୁଥିବା ବେଳେ ବୈଶିଙ୍ଗା-ରୁପସା ଏମଡ଼ିଆର-୭୦ ରାସ୍ତାର ବୈଶିଙ୍ଗା ଥାନା ଅଧୀନ ଯାମୁନିଆ ମିଶନ ଶକ୍ତି ହମ୍ପସ ନିକଟରେ ତାଙ୍କୁ ଏକ ବାଇକ ଯୋଗେ ଦୁଇ ଯୁବକ ପିଛା କରିଥିଲେ। ଏହା ଦେଖି ଗଦାଧର ବାଇକ ଟିକୁ ଜୋରରେ ନେଇ ନେଇ ପଳାଉଥିବା ବେଳେ ଉକ୍ତ ଦୁଇ ଯୁବକ ମୁହଁରେ କପଡ଼ା ବାନ୍ଧି ଏକ ଭୁଜାଲୀ ରେ ତାଙ୍କ ଡାହାଣ ହାତ ଏବଂ ଛାତିରେ ହାଣିଦେଇଥିଲେ। ଫଳରେ ସେ ବାଇକ ରୁ ତଳେ ପଡ଼ିଯାଇଥିଲେ। ତାଙ୍କ ନିକଟରୁ ମୋବାଇଲ ସମେତ ତା ନିକଟରେ ଥିବା ପାଖାପାଖି ୧୫ହଜାର ଟଙ୍କା ଲୁଟି ନେଇ ଦୁର୍ବୃତ୍ତ ପଟେ ଖସିଯାଇଥିଲେ। ରାସ୍ତା ପଡ଼ିରହିଥିବା ବେଳେ ରାସ୍ତାରେ ଯାଉଥିବା ଲୋକେ ତାଙ୍କୁ ରୁଗ୍ଣା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ।



## ଏରସମା ନିର୍ବାଚନମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ



**ଜଗତସିଂହପୁର,୨୮।୫(ସଂଚାର ବ୍ୟୁର):** ଆଜି ପୂର୍ବାହ୍ନ ରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ମାନ୍ୟବର ବିଧାୟକ ବାଲିକୁଦା -ଏରସମା ଶ୍ରୀ ସାରଦା ପ୍ରସନ୍ନ ଜେନା କହିଲେ ଯେ, ଜିଲ୍ଲା ପ୍ରଶାସନ ତଥା ଜନ ପ୍ରତିନିଧି ମାନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ସହ ବିଭାଗୀୟ ଅଧିକାରୀ ମାନଙ୍କ ଆନ୍ତରିକ ଉଦ୍ୟମ ରହିଲେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରିବ। ଏହି ବୈଠକ ରେ ବିଧାୟକ ଶ୍ରୀ ଜେନା ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି ତଥା କାର୍ଯ୍ୟକାରିତା ବିଷୟ ରେ ସମୀକ୍ଷା କରିଥିଲେ। ବୈଠକ ରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠି ସମନ୍ୱୟ ଓ ସହଭାଗିତା ରହିଲେ ଉନ୍ନୟନ ସମ୍ଭବ ବୋଲି କହିଥିଲେ। ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ ମଧ୍ୟ ଆନ୍ତରିକତା ଓ ଉପଯୁକ୍ତ ମାଧ୍ୟମ ଦ୍ୱାରା ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।

## ଯୁବ ସଂସଦ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ

● ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଯୁବ ପ୍ରତିନିଧିଙ୍କ ସାମୂହିକ ଶପଥ ପାଠ




**କୋଣାର୍କ,୨୮।୫(ସଂଚାର ବ୍ୟୁର):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ବାଙ୍କୁଏଟ ହଲ ଠାରେ ଆୟୋଜିତ ହେଉଥିବା ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଆଜି ଥିଲା ଦ୍ୱିତୀୟ ଦିବସ। ବୁଧବାର ପୂର୍ବାହ୍ନ ସମୟରେ ଅଗ୍ରଣୀ ସାମାଜିକ ସଂଗଠନ ପ୍ରୋଜେକ୍ଟ ପଏଣ୍ଟ ଓ ୟଙ୍ଗ ଇଣ୍ଡିଆ ମିଳିତ ଆନୁକୁଲ୍ୟରେ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭାରତବର୍ଷର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ୮୧ ଜଣ ଯୁବ ସଂସଦ ପ୍ରତିନିଧି ମାନଙ୍କୁ ନେଇ ଭାରତ ବର୍ଷର ଅଖଣ୍ଡତା, ସାର୍ବଭୌମତ୍ୱ ଓ ସର୍ବପରି ଅପରେସନ ସିନ୍ଦୂର ରେ ଭାରତୀୟ ସେନା ବାହିନୀର ଅଭୁତ ପୂର୍ବ ସଫଳତା ପରିପ୍ରେକ୍ଷୀରେ ଏକ ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ଶୋଭାଯାତ୍ରା କୋଣାର୍କ ଯାତ୍ରୀ ନିବାସ ଠାରୁ ବାହାରି ଓଡ଼ିଆ ଜାତିର ଗର୍ବ ଓ ଗୌରବ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବା ସହ ଭାରତୀୟ ସେନାର ଅପରେସନ ସିନ୍ଦୂର ସମ୍ପର୍କରେ ସ୍ଲୋଗାନ ମାନ ଦେଇଥିଲେ।ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଅତିଥି ଭାବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଯୁବ ପରିବେଶବିତ ସୌମ୍ୟ ରଞ୍ଜନ ବିଶ୍ୱାଳ, ବସନ୍ତ ମଞ୍ଜୁରୀ ପାଠାଗାରର ସଂପାଦକ ତଥା ସମାଜସେବୀ ରାମକୃଷ୍ଣ ମହାନ୍ତି, ରେଡ଼ିଓ ନମସ୍କାର ଅଧ୍ୟକ୍ଷ ଏନଏ ଶାହା ଅନସାରୀ, ପରିବେଶବିତ ସତ୍ୟବ୍ରତ ସାମଲ, ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ ଓ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ତଥା ଶିକ୍ଷାବିତ ରବିନ୍ଦ୍ର ନାଥ ବାହିନୀପତି ପ୍ରମୁଖ ଯୋଗଦେଇ ଭାରତ ବର୍ଷର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ଯୁବ ସଂସଦ ପ୍ରତିନିଧି ମାନଙ୍କୁ ଉତ୍ସାହିତ କରିବା ସହିତ ବିକଶିତ ଓଡିଶା ଓ ବିକଶିତ ଭାରତ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ।

## ଗାଁରେ ଜମିବାଡ଼ି ବିବାଦକୁ ନେଇ ତୁମୁଳକାଣ୍ଡ

### ଜଣେ ମୃତ, ୬ଗୁରୁତର



**ନୟାଗଡ଼,୨୮।୫(ସଂଚାର ବ୍ୟୁର):** ନୟାଗଡ଼ ସଦରଥାନା ଦୁର୍ଦ୍ଧୁରା ଗାଁରେ ଜମିବାଡି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ହଣାକଟା ହୋଇଛି। ଏହି ହଣାକଟାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ୩ ଗୁରୁତରଙ୍କୁ ଭୂବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମୃତକ ଜଣଙ୍କ ହେଲେ ବୁଦ୍ଧିବାମନ ସ୍ୱାଇଁଙ୍କ ପୁଅ ବାବୁ ସ୍ୱାଇଁ (୪୬)। ସୂଚନାନସୁାରେ, ଦୁର୍ଦ୍ଧୁରା ଗାଁର ଦୁଃଖିଶ୍ୟାମ ବଡ଼ତିଆ ଏବଂ ଭ୍ରମର ବଡ଼ତିଆ ଦୁଇଭାଇ। ଭ୍ରମର ନିଜର ଗୋଟିଏ ଯାଗାକୁ ସେହି ଗାଁର ବାବୁ ସ୍ୱାଇଁଙ୍କୁ ବିକ୍ରି କରିବାକୁ କଥା ହୋଇଥିଲେ ଏବଂ ସେହି ବାବଦକୁ ମଧ୍ୟ ବାବୁ ସ୍ୱାଇଁ ଙ୍କ ଠାରୁ ଟଙ୍କା ନେଇଥିଲେ। ସେହି ଜାଗାକୁ ସାନଭାଇ ଦୁଃଖିଶ୍ୟାମ ନେବାକୁ ବଡ଼ଭାଇ ଭ୍ରମରଙ୍କୁ କହିଥିଲେ ମଧ୍ୟ ସେ ଶୁଣିନଥିଲେ। ଆଜି ଭ୍ରମରଙ୍କ ପରିବାର ବାବୁଙ୍କୁ ଜାଗା ମଡାଣ ଦେଉଥିବା ସମୟରେ ଦୁଃଖିଶ୍ୟାମ ଏବଂ ତାଙ୍କର ଦୁଇପୁଅ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଆକ୍ରମଣରେ ବାବୁ ସ୍ୱାଇଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାନଭାଇ ଅମର ଗୁରୁତର ଆହତ ହୋଇଛନ୍ତି। ପ୍ରତିଆକ୍ରମଣରେ ଭ୍ରମର ଏବଂ ଦୁଃଖିଶ୍ୟାମଙ୍କ ପରିବାରର ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିଛି। ଅମର ସ୍ୱାଇଁ, ଭ୍ରମର ବଡତିଆ ଏବଂ ମନୋଜ ବଡତିଆଙ୍କୁ ଭୂବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସଦରଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ ଏବଂ ନୟାଗଡ଼ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଡାକ୍ତରଖାନାରେ ପହଞ୍ଚି ଗୁରୁତରଙ୍କୁ ପଚରାଉଚରା କରି ତଦନ୍ତ ଆରମ୍ଭ କରିଛନ୍ତି। ଏପଟେ ମୃତ ବାବୁ ସ୍ୱାଇଁଙ୍କ ଧର୍ମପତ୍ନୀ ମାମିନା ସ୍ୱାଇଁ ନୟାଗଡ଼ ସଦର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ତଦନ୍ତ ଚଳାଇଥିବା ବେଳେ ଜଣଙ୍କୁ ଗିରଫ ଓ ଦୁଇ ଜଣଙ୍କୁ ଅଟକ ରଖିଥିବା ସୁଚନା ମିଳିଛି ।

## ବର୍ଷାରେ ଭାସିଗଲା କୁମେଲସିଂଙ୍ଗୁ କୁଜେଣ୍ଡି ନାଳ କାଠ ପୋଲ



**କନ୍ଧମାଳ,୨୮।୫(ସଂଚାର ବ୍ୟୁର):** କନ୍ଧମାଳ ଜିଲାରେ ଗତ କିଛି ଦିନ ହେବ ଅଧିକାଂଶ ସ୍ଥାନରେ ବର୍ଷା ସାଙ୍ଗକୁ ଘଡ ଘଡି ଏବଂ ପ୍ରବଳ ପବନ ବହୁଛି ତେବେ ଏହି ଲଗାଣ ବର୍ଷାରେ ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ର କୁମେଲସିଂଙ୍ଗୁ ଓ ଡାଙ୍ଗାଣାମ ଗାଁ ନିକଟ ରେ ଥିବା କୁଜେଣ୍ଡି ନାଳ ର କାଠ ପୋଲ ଧୋଇ ହୋଇ ଯାଇଛି ଯାହା ଫଳରେ ଯାତାୟତ ବାଧା ପ୍ରାପ୍ତ ହୋଇଥିବା ବେଳେ ୨ ଟି ୱାର୍ଡ ର ୮ ରୁ ଉର୍ଦ୍ଧ୍ୱ ଗାଁ କୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ସମୂହ ୮ ଖଣ୍ଡ ଗ୍ରାମବାସୀ ଚାନ୍ଦା କରି ଏବଂ ଶ୍ରମ ଦାନ କରି ପ୍ରତିବର୍ଷ ଏହି ନାଳ ରେ କାଠ ପୋଲ ନିର୍ମାଣ କରୁଛନ୍ତି କିନ୍ତୁ ପ୍ରତିବର୍ଷ ବର୍ଷା ଦିନ ଆସିଲେ କାଠ ପୋଲ ଧୋଇ ହେବା ଦ୍ୱାରା ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟତ ବାଧାପ୍ରାପ୍ତ ହେବା ସହ ଜରୁରୀ ପରିସ୍ଥିତି ରେ ମେଡିକାଲ କିମ୍ବା ଅନ୍ୟ ସମସ୍ୟାରେ ଅସୁବିଧା ହେଉଥିବା ବେଳେ ପୂର୍ବରୁ ସ୍ୱାସ୍ଥ୍ୟ ସେବା ନ ପାଇ ଅସହାୟ ଜନସାଧାରଣ ମୃତ୍ୟୁ ମୁଖରେ ପଡ଼ିଥିବା ଭଳି ନଜିର ରହିଛି। ଏହି କୁଜେଣ୍ଡି ନାଳରେ ପୋଲ ନିର୍ମାଣ ପାଇଁ ଦୀର୍ଘ ବର୍ଷ ହେଲା ଅଞ୍ଚଳ ବାସୀ ପ୍ରଶାସନ କୁ ଗୁହାରି କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ, କନ୍ଧମାଳ ଜିଲ୍ଲାପାଳ ଏବଂ ଏମିତିକି ମୁଖ୍ୟ ମନ୍ତ୍ରୀ ଙ୍କ ନିକଟରେ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ । ବର୍ତ୍ତମାନ ଲୁଇସିଂ ପଞ୍ଚାୟତ ର ୨ ଟି ୱାର୍ଡର ଉପର ଡାଙ୍ଗାଣାମ, ତଳ ଡାଙ୍ଗାଣାମ, ଲାକାଶ୍ରୀ, ବୁଗେରୀ ମାସ୍କା, ମାନ ପଦର, କଟଡି ସିଲା, ଟୁକୁ ପଦର, ଭଳି ଆଠଟି ଗାଁର ଲୋକଙ୍କ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଯାତାୟତ ରେ ବାଧାପ୍ରାପ୍ତ ହୋଇଛି। ଏହି ଘଟଣା କୁ ନେଇଁ ସ୍ଥାନୀୟ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ ପୋଲ ନିର୍ମାଣ ପାଇଁ ଅଭିଯୋଗ କରିଛନ୍ତି ଆମ ତରଫରୁ ଲିଖିତ ଭାବରେ ଆମେ ଜିଲ୍ଲାପାଳ ଙ୍କୁ ଜଣାଇଛୁ ସେହି ନାଳ ରେ ଅଧିକ ଟଙ୍କା ଖର୍ଚ୍ଚ ର ଆବଶ୍ୟକତା ରହିଛି ଯାହାକି ବ୍ଲକ ତରଫରୁ ଦେବା ଅସମ୍ଭବ ତେଣୁ ଅନ୍ୟ ବିଭାଗ ଦ୍ୱାରା ମଞ୍ଜୁର କରାଯାଇ କିଭଳି ପୋଲ ନିର୍ମାଣ ହୋଇ ପାରିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ତେବେ ତୁରନ୍ତ ଏହି କୁଜେଣ୍ଡି ନାଳ ରେ ପୋଲ ନିର୍ମାଣ କରିବାକୁ ୮ ଖଣ୍ଡ ଗ୍ରାମ ବାସୀଙ୍କ ସହ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

## ଡାକ୍ତରଙ୍କୁ ମାଡ଼ ଘଟଣା, ଜେଲଗଲେ ୨ ଯୁବକ

**ବାଲିଅନ୍ତା,୨୮।୫(ସଂଚାର ବ୍ୟୁର):** ବାଲକାଟି ଫାଣ୍ଡି ପୁଲିସ ଗତକାଲି ପୁରୁଣା ଫାଣ୍ଡି ଛକ ନିକଟରେ ଡାକ୍ତରଙ୍କୁ ମାଡ଼ମାରିବା ମାମଲାରେ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଯୁବକ ହେଲେ ବାଲିପାଟଣା ଥାନା ବୋଧଖଣ୍ଡି ମେଳକ ଗ୍ରାମର କୁନା ମଲ୍ଲିକ ଓରଫ କାଳିଆ (୨୯) ଓ ଚିତ୍ତରଞ୍ଜନ ମଲ୍ଲିକ (୧୯)। ପୁଲିସ ସୂଚନା ଅନୁସାରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିଶିଥରଞ୍ଜନ ଶତପଥୀ ଗତକାଲି ସନ୍ଧ୍ୟାରେ ଡ୍ୟୁଟି ସାରି ଭୁବନେଶ୍ୱର ଫେରୁଥିବା ବେଳେ ପୁରୁଣାପାଣ୍ଡି ଛକ ନିକଟରେ ବାଇକ ସାଇଡ଼ ମରାକୁ କେନ୍ଦ୍ରକରି କୁନା, ଚିତ୍ତରଞ୍ଜନ ଏବଂ ଅନ୍ୟ ଜଣେ ଯୁବକଙ୍କ ସହ ନିଶିଥରଞ୍ଜନ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ୩ଜଣଯାକ ନିଶିଥରଞ୍ଜନଙ୍କୁ ମାଡ଼ମାରି ଲହୁଲୁହାଣ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଲୋକେ ଆକ୍ରମଣକାରୀଙ୍କ କବଳରୁ ନିଶିଥରଞ୍ଜନଙ୍କୁ ଉଦ୍ଧାର କରି କୁନା ଓ ଚିତ୍ତରଞ୍ଜନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଯୁବକ ଜଣକ ଖସି ପଳାଇଥିଲା। ଆଜି ପୁଲିସ ଅଟକ କୁନା ଓ ଚିତ୍ତରଞ୍ଜନଙ୍କୁ ଗିରଫ କରି ଜେଲ ପଠାଇଛି ।

## ଖଟିଆରେ ବୁହା ହେଲେ ଗର୍ଭବତୀ

**ଝରୀଗାଁ,୨୮।୫(ସଂଚାର ବ୍ୟୁର):** ପୁଣି ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା। ଗାଁକୁ ରାସ୍ତା ନ ଥିବାରୁ ଗାଁରେ ପହଞ୍ଚି ପାରିଲା ନି ଆମ୍ବୁଲାନ୍ସ । ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଗର୍ଭବତୀ ମହିଳାଙ୍କୁ ଦେଢ କିଲୋମିଟର ଖଟିଆରେ ବୁହା ଯାଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି । ଏହି ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତର ଡୁମୁନିଗୁଡା ଗାଁରେ । ଡୁମୁନିଗୁଡା ଗାଁର ଚକ୍ରଧର ଜାନିଙ୍କ ସ୍ତ୍ରୀ ବିମଳାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ପରିବାର ଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । କିନ୍ତୁ ଆମ୍ବୁଲାନ୍ସ ଗାଡ଼ି ଯାଇଥିଲେ ମଧ ଗାଁକୁ ରାସ୍ତା ନ ଥିବାରୁ ଗାଁରେ ଆମ୍ବୁଲାନ୍ସ ପହଞ୍ଚି ନପାରି ଗାଁଠାରୁ ଦେଢ କିଲୋମିଟର ଦୂରରେ ଅଟକି ରହିଥିଲା।

## ଦୃଷ୍ଟିବାଧିତ ଦେବେନ୍ଦ୍ରଙ୍କୁ ମିଳୁନି ଭତ୍ତା, ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ପରିବାର



**କାକଟପୁର/ଅସ୍ତରଙ୍ଗ,୨୮।୫(ସଂଚାର ବ୍ୟୁର):** ଅନ ଲାଇନି ପ୍ରମାଣପତ୍ର ଯୋଗୁଁ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି ଦୃଷ୍ଟିବାଧିତ ଦେବେନ୍ଦ୍ର ବେହେରା। ଦୀର୍ଘ ବର୍ଷ ହେବ ଭିନ୍ନକ୍ଷମ ଭତ୍ତା ପାଉଥିବା ଦେବେନ୍ଦ୍ର ପ୍ରାୟ ୩ମାସ ହେବ ଭତ୍ତା ପାଇବାରୁ ବଂଚିତ ହୋଇଥିବା ବେଳେ ତାଙ୍କୁ ପ୍ରଶାସନ ପକ୍ଷରୁ ଭତ୍ତା ଦିଆଯିବା ନିମନ୍ତେ ସେ ଗୁହାରି କରିଛନ୍ତି। ଭତ୍ତା ମିଳୁନଥିବାରୁ ପରିବାର ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଯାଇଛି। ଖବର ରୁ ପ୍ରକାଶ ଯେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ରେ ରୁହନ୍ତି ଦୃଷ୍ଟି ବାଧିତ ଦେବେନ୍ଦ୍ର ଓ ତାଙ୍କ ପରିବାର। ପ୍ରାୟ ଦୀର୍ଘ ବର୍ଷ ହେବ ଆଖିକୁ ଠିକ ଭାବେ ଦେଖା ଯାଉନଥିବାରୁ ସେ କୌଣସି କାର୍ଯ୍ୟ କରିବାକୁ ଅକ୍ଷମ ହୋଇଥିଲେ। ଫଳରେ ତାଙ୍କୁ ପ୍ରଶାସନ ପକ୍ଷରୁ ଦୃଷ୍ଟି ବାଧିତ ଭାବେ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ସରକାର ଭିନ୍ନକ୍ଷମ ମାନଙ୍କୁ ଡିଜିଟାଲ ପ୍ରମାଣପତ୍ର ଯୋଗାଇ ଦେବା ନିମନ୍ତେ କ୍ୟାମ୍ପ କରିବା ପରେ ଭିନ୍ନକ୍ଷମ ମାନଙ୍କ ସେଠାରେ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଏହା ପରେ ଭିନ୍ନକ୍ଷମ ପ୍ରମାଣ ପତ୍ର ଦିଆଯାଇଥିଲା। ଭିନ୍ନକ୍ଷମ ପ୍ରମାଣ ପତ୍ରରେ ୧୦୦%ରହିଛି। କିନ୍ତୁ ଅନ ଲାଇନି ସମସ୍ୟା ଯୋଗୁଁ ଦୀର୍ଘ ୩ ମାସ ହେବ ଭତ୍ତା ପାଇନାହାନ୍ତି ଦେବେନ୍ଦ୍ର। ଦୃଷ୍ଟି ବାଧିତ ହେତୁ ଦେବେନ୍ଦ୍ର ଘରୁ କୁଆଡେ ଯାଇ ପାରୁନାହାନ୍ତି। ସେ ପରିବାରର ଏକ ରୋଜଗାର କ୍ଷମବ୍ୟକ୍ତି ଥିବା ବେଳେ ଭିନ୍ନକ୍ଷମ ହେବା ପରେ ଅନେକ ଦୁଃଖ କଷ୍ଟରେ କାଳାତିପାତ କରୁଛନ୍ତି। ତାଙ୍କୁ ମିଳୁଥିବା ଭତ୍ତା ଟଙ୍କାରେ ସେ କଷ୍ଟେ ମଷ୍ଟେ ପରିବାର ଗୁଜୁରାଣ ମେଣ୍ଟାଉଥିବା ବେଳେ ଏବେ ଭତ୍ତା ବନ୍ଦ ହୋଇଯିବାରୁ ପରିବାର ଲୋକଙ୍କ ଦୁର୍ଦ୍ଦସା ବଢ଼ି ଯାଇଛି। ଏଭଳି ସ୍ଥିତିରେ ଦେବେନ୍ଦ୍ର ଙ୍କୁ ସରକାର ତୁରନ୍ତ ଭତ୍ତା ଯୋଗାଇ ଦେବା ନିମନ୍ତେ ସେ ନିବେଦନ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ କହିଛନ୍ତି ତଦନ୍ତ କରାଯାଇ ସମସ୍ୟା ସମାଧାନ କରି ତୁରନ୍ତ ଭତ୍ତା ପ୍ରଦାନ କରାଯିବ।

# ବଢ଼ିଲା ମନ୍ତ୍ରୀ ଓ ଅଫିସରଙ୍କ ମାସିକ ଗାଡ଼ି ଖର୍ଚ୍ଚ

**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ମନ୍ତ୍ରୀ ଓ ଅଫିସରଙ୍କ ମାସିକ ଗାଡ଼ି ଭଡ଼ା ବାବଦ ଖର୍ଚ୍ଚକୁ ବଢ଼ାଇଦେଇଛନ୍ତି। ସରକାରୀ କାମ ପାଇଁ ମନ୍ତ୍ରୀ ଓ ଅଫିସରମାନେ ବ୍ୟବହାର କରୁଥିବା ଘରୋଇ ଯାନ ଭଡ଼ାରେ ସଂଶୋଧନ କରି ରାଜ୍ୟ ସରକାର ବିଭିନ୍ନ ଶ୍ରେଣୀର ଗାଡି ପାଇଁ ମାସିକ ଭଡ଼ା ଦର ଓ ସର୍ବନିମ୍ନ ମାଇଲେଜ ସ୍ଥିର କରିଛନ୍ତି। ମନ୍ତ୍ରୀଙ୍କ ମାସିକ ଗାଡ଼ି ଖର୍ଚ୍ଚ ୫୦ ହଜାର ୪୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ପୂର୍ବରୁ ଏହା ୪୨ ହଜାର ଟଙ୍କା ଥିଲା। ସେହିପରି ଜିଲ୍ଲାପାଳ, ଏସପି ବ୍ୟବହାର କରୁଥିବା ଗାଡିର ମାସିକ ଭଡ଼ା ୪୪,୪୦୦ ଟଙ୍କାକୁ ବୃଦ୍ଧି ହୋଇଛି। ପୂର୍ବରୁ ଏ ବାବଦରେ ସରକାର ୩୭,୦୦୦ ଟଙ୍କା ଦେଉଥିଲେ। ବିଭାଗୀୟ ମୁଖ୍ୟ ଓ ପ୍ରଶାସନିକ ବିଭାଗର ପୁଲ୍ ଗାଡ଼ି ପାଇଁ ଭଡ଼ା ୨୪ ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଓ ନିର୍ଦ୍ଦେଶକ ବ୍ୟବହାର କରୁଥିବା ଗାଡି ଭଡ଼ା ୩୧,୨୦୦ ଟଙ୍କା ଏବଂ ପ୍ରମୁଖ ସଚିବ, କମିଶନର ତଥା ସଚିବ ପାହ୍ୟାର ଅଫିସରଙ୍କ ପାଇଁ ଗାଡ଼ି ଭଡ଼ା ୩୬ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି।

ସେହିପରି ବ୍ଲକ୍, ତହସିଲ୍ ଓ ଫିଲ୍ଡ ଅଫିସ ପାଇଁ ବ୍ୟବହୃତ ହେଉଥିବା ଗାଡ଼ିଗୁଡ଼ିକର ମାସିକ ଭଡ଼ା ୩୭,୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ପୂର୍ବରୁ ୩୧ ହଜାର ଟଙ୍କା ଥିଲା। ଏହାଛଡ଼ା ଜିଲ୍ଲା ଓ ରେଞ୍ଜ ସ୍ତରୀୟ ଅଫିସ ପାଇଁ ଘରୋଇ ଗାଡ଼ିଗୁଡ଼ିକର ଭଡା ୨୪ ହଜାର କରାଯାଇଛି। ଆହୁରି କଲେଜ, ବିଶ୍ୱବିଦ୍ୟାଳୟ ଓ ତାଲିମ ଅନୁଷ୍ଠାନ ପାଇଁ ୩୨ ସିଟର୍ ଘରୋଇ ବସ୍ ଭଡ଼ା ୯୦ ହଜାର ଟଙ୍କା ଓ ୨୫ ସିଟର୍ ବସ ଭଡ଼ା ୭୧ ହଜାର ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

**କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ**

# ନୀଳଡୁଙ୍ଗୁରିରେ ଟିଏମ୍‌ସି ପ୍ରତିଷ୍ଠା ନେଇ ଆଲୋଚନା



**ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୫:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଭେଟି ସମ୍ବଲପୁର ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ (ଟିଏମ୍‌ସି) ପ୍ରତିଷ୍ଠା ପାଇଁ ସହଯୋଗ କରିବା ସକାଶେ ନିବେଦନ କରିବା ସହ ଏ ସମ୍ପର୍କିତ ଏକ ଲିଖିତ ପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୨୦୦୯-୧୦ରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବଲପୁରରେ ଏକ ଟିଏମସି ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା ଓ ଜାତୀୟ ଉଦ୍ୟାନ କୃଷି ମିଶନ (ଏନଏଚଏମ)ର କାର୍ଯ୍ୟକାରୀ କମିଟି ଦ୍ୱାରା ଏହାକୁ ଅନୁମୋଦନ ମଧ୍ୟ କରାଯାଇଥିଲା। କିନ୍ତୁ ବିଶ୍ୱସ୍ତରୀୟ ଟେଣ୍ଡରିଂ ପ୍ରକ୍ରିୟା ମାଧ୍ୟମରେ ଜଣେ ଘରୋଇ ଉଦ୍ୟୋଗୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁଁ ପ୍ରକଳ୍ପଟି ଆଗକୁ ବଢ଼ିପାରିଲା ନାହିଁ। ତେବେ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଭିତ୍ତିଭୂମି ପାଣ୍ଠି (ଏଆଇଏଫ) ଅଧୀନରେ ଆନୁଷଙ୍ଗିକ ଭିତ୍ତିଭୂମି ସହ ସମ୍ବଲପୁରର ନୀଳଡୁଙ୍ଗୁରିରେ ଏକ ଟିଏମ୍‌ସି ପ୍ରତିଷ୍ଠା ପ୍ରସଙ୍ଗର ପୁନର୍ବିଚାର ଓ ସମର୍ଥନ ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଉକ୍ତ ସ୍ଥାନଟି ଭୌଗୋଳିକ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲ୍ଲାକୁ ନେଇ ଏକ କେନ୍ଦ୍ରୀୟ ବଜାରର ପେଣ୍ଠସ୍ଥଳୀ ହେବା ପାଇଁ ଉପଯୁକ୍ତ। ଏହି ଜିଲ୍ଲାଗୁଡ଼ିକରେ ମିଳିତ ଭାବେ ବାର୍ଷିକ ୩୬ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ଫଳ ଏବଂ ପନିପରିବା ଉତ୍ପାଦିତ ହେଉଥିବା ବେଳେ ଏହା ବଜାରର ଆବଶ୍ୟକତାଠାରୁ ୫୦ ପ୍ରତିଶତ ଅଧିକ। ଏବେ ଅଞ୍ଚଳର ଚାଷୀମାନେ ବଜାର ଭିତ୍ତିଭୂମିର ଅଭାବ ଯୋଗୁଁ ନାନାଦି ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ଚାଷୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ଜମିର ସଦୁପଯୋଗ ମଧ୍ୟ କରିପାରୁନାହାଁନ୍ତି।

ଏଠାରେ ବାଇଗଣ, ବନ୍ଧାକୋବି, ଫୁଲକୋବି ଏବଂ ଅନ୍ୟ ଚାଷ ହେଉଛି। କିନ୍ତୁ ଏଠାରେ ଆଳୁ ଓ ପିଆଜର ଅଭାବ ଦେଖାଦେଉଥିବାରୁ ଅନ୍ୟ ରାଜ୍ୟରୁ ଏଠାକୁ ବାର୍ଷିକ ପ୍ରାୟ ୫୦ ହଜାର ମେଟ୍ରିକ୍ ଟନ୍ ଆଳୁ ଆମଦାନୀ କରାଯାଉଅଛି। ଏପରି ସ୍ଥିତିରେ ନୀଳଡୁଙ୍ଗୁରିରେ ଟିଏମ୍‌ସି ପ୍ରତିଷ୍ଠା ହେଲେ ଏହା କୃଷି ବ୍ୟବସାୟ ଓ ବିତରଣ କ୍ଷେତ୍ରରେ ଏକ ଉପଯୁକ୍ତ ପ୍ଲାଟଫର୍ମ ହୋଇପାରିବ।

ସମ୍ବଲପୁର ଏକ ବିକଶିତ ସହର ହୋଇଥିବାରୁ ଏଠାକୁ ଯୋଗାଯୋଗ ବ୍ୟବସ୍ଥା ଉନ୍ନତ ରହିଛି। ଏହାର ଆଖପାଖରେ ଭୁବନେଶ୍ୱର, କଟକ, ରାୟପୁର, ରାଞ୍ଚି ଓ ବିଳାସପୁର ଭଳି ପ୍ରମୁଖ ବଜାର ବି ରହିଛି। ଏଥିସହ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, କୋଲକାତା ଓ ହାଇଦ୍ରାବାଦ ସମେତ ଦୂରବର୍ତ୍ତୀ ମେଟ୍ରୋ ବଜାରଗୁଡ଼ିକୁ ମଧ୍ୟ ସମ୍ବଲପୁରରୁ ରେଳ ଓ ସଡ଼କ ଯୋଗାଯୋଗର ଭଲ ବ୍ୟବସ୍ଥା ରହିଛି। ଏପରି ସ୍ଥିତିରେ ନୀଳଡୁଙ୍ଗୁରିରେ ଟିଏମ୍‌ସି ପ୍ରତିଷ୍ଠା ଦ୍ୱାରା ଏଠାକାର ଉଦ୍ୟାନ କୃଷିକୁ ଫାଇଦା ମିଳିବ। ଚାଷୀଙ୍କ ଆୟ ବଢ଼ିବା ସହ ଫସଲ କ୍ଷୟକ୍ଷତି ହ୍ରାସ ହେବ। ତା'ଛଡ଼ା ସ୍ଥାନୀୟ ଅଞ୍ଚଳ ପାଇଁ ଏକ ଆଧୁନିକ ବଜାର ଯୋଗାଇବା ଦିଗରେ ଏହା ଗେମ ଚେଞ୍ଜର ସାବ୍ୟସ୍ତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ

**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସଫଳତାକୁ ସମର୍ଥନ ଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆସନ୍ତାକାଲି 'ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫' ଆୟୋଜିତ ହେବ। ଆସନ୍ତାକାଲି ଲୋକସେବା ଭବନର ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ଏକ ଲକ୍ଷ ଟଙ୍କା ବା ତଦୁର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ୩ କୋଟି ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବା ଓ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ଅନ୍ୟ ମହିଳାଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ।

**ପୋଲ ଉପରେ ୪ ଫୁଟର ପାଣି**



# ବୌଦ୍ଧ-ବଲାଙ୍ଗୀର ଯୋଗାଯୋଗ ବିଚ୍ଛିନ୍ନ

**କନ୍ଧମାଳ,୨୮।୫(ସଂଚାର ବ୍ୟୁରୋ):** ବୌଦ୍ଧ ଜିଲ୍ଲାରେ ଭୀଷଣ ବର୍ଷା କାରଣରୁ ଏକ ପୋଲ ଉପରେ ୪ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲା ମଧ୍ୟରେ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖବର ଅନୁସାରେ, ବୌଦ୍ଧ ଜିଲ୍ଲାର କନ୍ଧମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡ଼ାକୁ ରେକଡୋଲ ଦେଇ ବଲାଙ୍ଗୀର ଜିଲ୍ଲା ସହିତ ସଂଯୋଗ କରୁଥିବା ମାଣ୍ଡିଆ ଜୋରରେ ସମଲେଶ୍ୱରୀ ସେତୁ ଉପରେ ପାଣି ପ୍ରବାହିତ ହେଉଥିବାରୁ ଯୋଗାଯୋଗ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ମିଳିଥିବା ସୂଚନାନୁସାରେ, ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଘଣ୍ଟାପଡାଠାରୁ ରେକଡୋଲ ଦେଇ ବୌଦ୍ଧରୁ ବଲାଙ୍ଗୀର ଜିଲ୍ଲାକୁ ଯୋଗାଯୋଗ କରୁଥିବା ରାସ୍ତାର ମାଣ୍ଡିଆ ଜୋରର ସମଲେଶ୍ୱରୀ ନାଳର ପୋଲ ଉପରେ ୪ ଫୁଟର ପାଣି ପ୍ରବାହିତ ହୋଇଛି। ଫଳରେ ଏହି ରାସ୍ତାରେ ଯିବାଆସିବା ପୂରାପୂରି ଠପ ହୋଇଯାଇଛି। ଗତକାଲି ରାତିରେ କନ୍ଧମାଳ ଅଞ୍ଚଳରେ କାଳବୈଶାଖୀ ପ୍ରାକ୍ ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଛି। ଫଳରେ ଉକ୍ତ ନାଳ ଉପରେ ପାଣି ପ୍ରବାହିତ ହେଉଛି। ଏହି କାରଣରୁ ଘଣ୍ଟାପଡ଼ା ଓ କୁଲୁତାଜୋର୍ ମଧ୍ୟରେ ବି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗାଡି ମଟର ଚଳାଚଳ ବି ବ୍ୟାହତ ହୋଇଥିବା ଜଣାପଡ଼ିଛି।

# 'ଆମ ବସ୍' ଧକ୍କାରେ ଜଣେ ମୃତ, ୧ ଆହତ

**ଭୁବନେଶ୍ୱର, ୨୮।୫(ସଂଚାର ବ୍ୟୁରୋ):** ରାଜଧାନୀରେ ଆଜି ପୁଣି ଥରେ ଜୀବନ ନେଇଛି 'ଆମ ବସ'। ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଥାନା ଅନ୍ତର୍ଗତ ମୟୂରୀ ହୋଟେଲ ସାମ୍ନାରେ ଆଜି ସନ୍ଧ୍ୟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆମ ବସ୍ ଚାପାରେ ଜଣେ ଯୁବକଙ୍କ ଜୀବନ ଯାଇଛି। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ସ୍ଥାନୀୟ ଲୋକେ ଦୁଇଟି ଆମ ବସ୍‌ରେ ଭଙ୍ଗାରୁଜା କରିଛନ୍ତି। ଏହାକୁ ନେଇ ସେଠାରେ ଦୀର୍ଘ ସମୟ ଧରି ରାସ୍ତା ବନ୍ଦ ରହିଥିଲା। 'ଆମ ବସ' ଧକ୍କାରେ ଜଣେ ବୃଦ୍ଧଙ୍କ ଜୀବନ ଚାଲି ଯାଇଥିବା ବେଳେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ଉକ୍ତ ବୃଦ୍ଧଙ୍କ ଜୀବନ ଯିବା ପରେ ଉତ୍ତ୍ୟକ୍ତ ଲୋକେ କିଛି ସମୟ ଶବ ଧରି ରାସ୍ତାରୋକ କରିଥିଲେ। ଖବର ପାଇ ଖଣ୍ଡଗିରି ପୁଲିସ୍ ସେମାନଙ୍କ ନିକଟରେ ପହଞ୍ଚି ବୁଝାସୁଝା କରୁଥିବା ଜଣାପଡ଼ିଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିନାହିଁ। ସୂଚନାଯୋଗ୍ୟ, ନିକଟରେ 'ଆମ ବସ୍' ଏକାଧିକ ବାର ଦୁର୍ଘଟଣା ଘଟାଇ ନିରୀହ ଲୋକଙ୍କ ଜୀବନ ନେବାର ନଜିର ରହିଛି।



# ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି ସାମଲ

**ଭୁବନେଶ୍ୱର,୨୮।୫(ସଂଚାର ବ୍ୟୁରୋ):** ବିଜେଡିକୁ ଆଜି ଲାଗିଛି ବଡ଼ ଝଟ୍‌କା। କାରଣ ଦଳ ପରିତ୍ୟାଗ କରିଛନ୍ତି ବର୍ଷୀୟାନ୍ ବିଜେଡି ନେତା ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି। ଏହାକୁ ଭଦ୍ରକ ଜିଲ୍ଲାରେ ବିଜେଡି ପାଇଁ ଏକ ବଡ଼ ଧକ୍କା ବୋଲି କୁହାଯାଉଛି। ପ୍ରୟାସକାନ୍ତି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ନିଜେ ସୂଚନା ଦେଇଛନ୍ତି। ସେ ପୂର୍ବରୁ ଦଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୨୦୦୩ରେ ପ୍ରୟାସକାନ୍ତି ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ସେ ବିଜେଡିର ରାଜ୍ୟ ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ତେବେ ତାଙ୍କର ଏପରି ଅଚାନକ ଇସ୍ତଫା ପଛରେ କ'ଣ କାରଣ ରହିଛି, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। କିନ୍ତୁ ଏହା ଦଳ ଭିତରେ ଅସନ୍ତୋଷ କିମ୍ବା ନୂଆ ରାଜନୈତିକ ରଣନୀତିର ସଙ୍କେତ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଏହା ପୂର୍ବରୁ ବିଜେଡିର ନିର୍ବାଚନୀ ପରାଜୟ ପରେ ଦଳ ଭିତରେ ଅସନ୍ତୋଷ ଦେଖାଦେଇଥିବା ଖବର ଆସିଥିଲା। ବିଶେଷକରି ପୂର୍ବତନ ନେତା କାର୍ତ୍ତିକ ପାଣ୍ଡିଆନଙ୍କୁ ନେଇ ଦଳରେ ଅସନ୍ତୋଷର ସ୍ୱର ଉଠିଥିଲା, ଯାହା ପ୍ରଫୁଲ୍ଲ ସାମଲଙ୍କ ବୟାନରେ ମଧ୍ୟ ପ୍ରତିଫଳିତ ହୋଇଥିଲା। ପ୍ରୟାସକାନ୍ତିଙ୍କ ଏହି ନିଷ୍ପତ୍ତି ଭଦ୍ରକ ଜିଲ୍ଲାରେ ବିଜେଡିର ସଙ୍ଗଠନକୁ ଆହୁରି ଦୁର୍ବଳ କରିଦେବା ଆଶଙ୍କା ରହିଛି। ଏଥିସହ ସେ ଆଗକୁ କେଉଁ ରାଜନୈତିକ ଦଳରେ ଯୋଗ ଦେବେ କିମ୍ବା ସ୍ୱାଧୀନ ଭାବେ ରାଜନୀତି କରିବେ, ତା' ଉପରେ ମଧ୍ୟ ସମସ୍ତଙ୍କ ନଜର ରହିଛି।



# ମାଇଁଙ୍କୁ ବ୍ଲାକମେଲ୍ କରି ଭଣଜା ଗିରଫ

**❑ ଅଶ୍ଳୀଳ ଭିଡିଓ ଦେଖାଇ ମାଗୁଥିଲା ଟଙ୍କା**

**ଗୋଲାମୁଣ୍ଡା,୨୮।୫(ସଂଚାର ବ୍ୟୁରୋ):** ନିଜ ମାଇଁଙ୍କ ଅଶ୍ଳୀଳ ଭିଡିଓ ବନାଇବା ସହ ତାକୁ ଆଧାର କରି ବ୍ଲାକ୍‌ମେଲ୍ କରୁଥିବା ଜନୈକ ଯୁବକଙ୍କୁ ଗିରଫ କରିଛି ଗୋଲାମୁଣ୍ଡା ପୁଲିସ୍। ଉକ୍ତ ଭଣଜା ଜଣଙ୍କ ମାଇଁଙ୍କ ଗାଧୋଇବା ସମୟର ଭିଡିଓ ଗାଧୁଆ ଘରେ ମୋବାଇଲ କ୍ୟାମେରା ରଖି ଉତ୍ତୋଳନ କରିଥିଲା। ପରେ ଏହାକୁ ମାଧ୍ୟମ କରି ସେ ମାଇଁଙ୍କଠାରୁ ନିୟମିତ ଭାବେ ଟଙ୍କା ଝଡ଼ାଉଥିଲା। ଏଭଳି ଏକ ଘଟଣା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନାଞ୍ଚଳରେ ଘଟିଛି। ଅଭିଯୁକ୍ତ ପ୍ରେମାନନ୍ଦ ମେହେର ମାଇଁଙ୍କ ଅଜାଣତରେ ତାଙ୍କ ଗାଧୁଆଘରେ ଏକ କ୍ୟାମେରା ଫିଟ୍ କରିବା ସହ ତାଙ୍କର ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲା। ଏହାକୁ ଟଙ୍କା ଆଦାୟର ମାଧ୍ୟମ ଭାବେ ବ୍ୟବହାର କରିବା ଉଦ୍ଦେଶ୍ୟ ନେଇ ସେ ମାଇଁ ଘରର ସଦସ୍ୟମାନଙ୍କୁ ହ୍ୱାଟ୍ସଆପ ମାଧ୍ୟମରେ ବାରମ୍ବାର ପଠାଇଆସୁଥିଲା। ଟଙ୍କା ନ ଦେଲେ ଉକ୍ତ ଭିଡିଓଟିକୁ ସୋସିଆଲ ମିଡିଆରେ ଭାଇରାଲ କରିବା ନେଇ ସେ ବାରମ୍ବାର ଭୟ ଦେଖାଉଥିଲା। ଭାଇରାଲ କରିବା ଆଳରେ ପ୍ରେମାନନ୍ଦ କେତେବେଳେ ସୁନା ଅଳଙ୍କାର ମାଗୁଥିଲା ତ ଆଉ କେତେବେଳେ ଟଙ୍କା ଦାବି କରୁଥିଲା। ପ୍ରେମାନନ୍ଦ ଏଭଳି ମାନସିକ ନିର୍ଯ୍ୟାତନା ଦେଇଚାଲିଥିବାରୁ ଶେଷରେ ମାଇଁ ପରିବାରର ଲୋକେ ଏନେଇ ଗୋଲାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ କରିବା ସହ ଆଜି ଅଭିଯୁକ୍ତ ପ୍ରେମାନନ୍ଦକୁ ଗିରଫ କରିଛି। ଏନେଇ ଗୋଲାମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପ୍ରେମାନନ୍ଦକୁ କୋର୍ଟ ଚାଲାଣ କରାଯାଇଥିବା ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ପଞ୍ଝାରେ ରାଜସ୍ୱ ନିରୀକ୍ଷକ

**❑ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ**



**ଢେଙ୍କାନାଳ, ୨୮।୫ (ସଂଚାର ବ୍ୟୁରୋ):** ହିନ୍ଦୋଳ ତହସିଲ ଅନ୍ତର୍ଗତ ଗଣ୍ଡାନାଳୀ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ ଅନ୍ୟ ଜଣେ ସାଧାରଣ ଲୋକଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଏକ ମ୍ୟୁଟେସନ୍ ମାମଲାରେ ରିପୋର୍ଟ କରିବା ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ସେମାନଙ୍କୁ ପ୍ରମାଣ ସହ ଗିରଫ କରାଯାଇଛି। ଏକ ଜମିବାଡି ମାମଲାରେ ବନ୍ଦୋବସ୍ତ କରାଇଦେବା ସକାଶେ ଏହି ଦୁଇ ଜଣ ଅଭିଯୋଗକାରୀଙ୍କଠାରୁ ୬୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଗିରଫ ହୋଇଥିବା ଆର୍‌ଆଇ ଜଣଙ୍କ ହେଉଛନ୍ତି ହିନ୍ଦୋଳ ତହସିଲ ଗଣ୍ଡାନାଳି ଡିଭିଜନରେ କାର୍ଯ୍ୟରତ ଥିବା ଶଶୀଭୂଷଣ ବେହେରା। ସେହିପରି ତାଙ୍କ ସହ ଗିରଫ ହୋଇଥିବା ଅନ୍ୟ ବ୍ୟକ୍ତି ଜଣଙ୍କ ବିଷ୍ଣୁ ବଲ୍ଲଭ ଖଟୁଆ ବୋଲି ଜଣାପଡ଼ିଛି। ମିଳିଥିବା ଖବର ଅନୁସାରେ, ଆଜି ଶ୍ରୀ ବେହେରା ଓ ଶ୍ରୀ ଖଟୁଆ ବସିଥିବା ସମୟରେ ଅଭିଯୋଗକାରୀ ଜଣଙ୍କ ଲାଞ୍ଚ ବାବଦରେ ୬୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବ ଯୋଜନାନୁସାରେ ମହଜୁଦ ଥିବା ଭିଜିଲାନ୍ସ ଅଧିକାରୀମାନେ ଉଭୟଙ୍କୁ କାବୁ କରିନେଇଥିଲେ। ପୂର୍ବରୁ ଶ୍ରୀ ବେହେରା ବନ୍ଦୋବସ୍ତ ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ଦେବାକୁ ଦାବି କରିବା ସହ ଏଥିରେ କୌଣସି ପ୍ରକାର ମୂଲଚାଲ ହେବ ନାହିଁ ବୋଲି ରୋକ୍‌ଠୋକ୍ କହିଦେଇଥିଲେ। ତେଣୁ ଅଭିଯୋଗକାରୀ ଜଣଙ୍କ ଅନ୍ୟ କୌଣସି ଉପାୟ ନ ପାଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ।

# ଦିବ୍ୟାଙ୍ଗଙ୍କୁ ସପ୍ତାହକ ଭିତରେ ଦିଅ ବିବାହ ସହାୟତା

**ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ**



**ଭୁବନେଶ୍ୱର, ୨୮।୫ (ସଂଚାର ବ୍ୟୁରୋ):** ଦିବ୍ୟାଙ୍ଗଙ୍କୁ ସପ୍ତାହକ ଭିତରେ ବିବାହ ସହାୟତା ରାଶି ପ୍ରଦାନ କରାଯିବ। ଏନେଇ ଆଜି ସୂଚନା ଦେଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଦିବ୍ୟାଙ୍ଗ ଯୁବକଯୁବତୀ ଏବଂ ସାଧାରଣ ବ୍ୟକ୍ତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ଖୁବ୍‌ଶୀଘ୍ର ଦିଆଯିବ। ସହାୟତା ରାଶି ପାଇଁ ଅନେକ ଆବେଦନ ପରେ ଅପେକ୍ଷାରେ ଥିବା ସମୀକ୍ଷା ସମୟରେ ଜଣାପଡ଼ିବା ପରେ ମନ୍ତ୍ରୀ ଉପରୋକ୍ତ ଘୋଷଣା କରିଛନ୍ତି। ଦିବ୍ୟାଙ୍ଗ ଯୁବକଯୁବତୀମାନଙ୍କୁ କୌଣସି ସକ୍ଷମ ବ୍ୟକ୍ତିବିଶେଷ ବିବାହ କରିବା ସକାଶେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସରକାର ଏପରି ବ୍ୟବସ୍ଥା କରିଛନ୍ତି। ତେଣୁ ଯେଉଁସବୁ ଦିବ୍ୟାଙ୍ଗ ଯୁବକଯୁବତୀ ସକ୍ଷମ ପୁଅ କିମ୍ବା ଝିଅଙ୍କ ସହ ବିବାହ କରୁଛନ୍ତି, ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନରେ ଅବହେଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ। ତେଣୁ ସପ୍ତାହକ ଭିତରେ ସେମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ସୁନିଶ୍ଚିତ କରିବା ସକାଶେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୌଣସି ବିଭାଗୀୟ ଅଧିକାରୀ ଏ ଦିଗରେ ଅବହେଳା କଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

# ସ୍ୱାମୀଙ୍କ ଦଶାହରେ ସ୍ତ୍ରୀର ମୃତ୍ୟୁ

**ଗୋଲାମୁଣ୍ଡା,୨୮।୫(ସଂଚାର ବ୍ୟୁରୋ):** ଅଗ୍ନିକୁ ସାକ୍ଷୀ ରଖି ସାତ ଜନ୍ମର ସାଥୀ ହୋଇଥିଲେ। ତେଣୁ ମୃତ୍ୟୁ ପରେ କିଭଳି ବା ସେମାନେ ଅଲଗା ରହିପାରିବେ। ସ୍ୱାମୀଙ୍କ ସୁଖଦୁଃଖରେ ସାଥୀ ହୋଇ ଚାଲିବାକୁ କଥା ଦେଇଥିଲେ। ସେଇଥିପାଇଁ ବୋଧହୁଏ ସ୍ୱାମୀଙ୍କ ପରଲୋକର ମାତ୍ର ୧୦ ଦିନ ଭିତରେ ପରଲୋକ ଗମନ କରିଛନ୍ତି ପତ୍ନୀ। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତର ସାନଚେରଗାଁ ଗ୍ରାମରେ। ପ୍ରକାଶ ଯେ ଗ୍ରାମର ବାସୁରାମ ଦାସ (୯୦)ଙ୍କର ଗତ ସୋମବାର ଅର୍ଥାତ ୧୯ ତାରିଖରେ ମୃତ୍ୟୁ ହୋଇଥିଲା। ଆଜି ତାଙ୍କର ଦଶାହ ଥିବାରୁ ବନ୍ଧୁବାନ୍ଧବ ସମସ୍ତେ ଏକାଠି ହୋଇଥିଲେ। ତେବେ ପରିବାର ଲୋକେ ବାସୁରାମଙ୍କ ମୃତ୍ୟୁଜନିତ ଶୋକରୁ ମୁକୁଳିପାରିନଥିବା ବେଳେ ଆଜି ସେମାନଙ୍କ ଦୁଃଖ ଦ୍ୱିଗୁଣିତ ହୋଇଯାଇଥିଲା। କାରଣ ଆଜି ସ୍ତ୍ରୀ କ୍ଷୀରାବ୍ଦ୍ରୀ ଦାସ (୮୦)ଙ୍କର ମୃତ୍ୟୁ ହୋଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ଚିନ୍ତାଗ୍ରସ୍ତ ହେବା କାରଣରୁ କ୍ଷୀରାବ୍ଦ୍ରୀଙ୍କ ରକ୍ତଚାପ ଓ ହୃଦ୍‌ଘାତ ବଢ଼ିବାରୁ ଆଜି ତାଙ୍କର ମୃତ୍ୟୁ ଘଟିଛି।

# ଅନଲାଇନ ଖେଳ ନେଲା ଯୁବକଙ୍କ ଜୀବନ

**❑ ୩ ଲକ୍ଷ ଟଙ୍କା ହାରିବା ପରେ ବିଷ ପିଇଦେଲେ**

**କେନ୍ଦ୍ରାପଡ଼ା,୨୮।୫(ସଂଚାର ବ୍ୟୁରୋ):** ଅନଲାଇନ ଖେଳ କାଳ ହୋଇଛି। ରାତାରାତି କୋଟିପତି ହେବା ଆଶାରେ ଯୁବକ ଜଣଙ୍କ ଅନଲାଇନ୍ ଗେମ୍ ଖେଳି ଏଥିରେ ୩ ଲକ୍ଷ ଟଙ୍କା ହରାଇବା ପରେ ଶେଷରେ ବିଷ ପିଇଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରି ଥାନା ବଙ୍ଗାରୀ ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଥିବା ବେଳେ ଡାକ୍ତରଖାନାରେ ଉକ୍ତ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, କୋଟିପତି ହେବା ନିଶାରେ ବଙ୍ଗାରୀ ଗାଁର ଉମାକାନ୍ତ ଜେନାଙ୍କ ୧୮ ବର୍ଷୀୟ ପୁଅ ସାହିଲ ଅନଲାଇନରେ ଗେମ ଖେଳୁଥିଲେ। କିନ୍ତୁ କୋଟିପତି ହେବା ତ ଦୂରର କଥା, ବରଂ ମୂଳଧନ ୩ ଲକ୍ଷ ଟଙ୍କା ବି ସେ ହରାଇସାରିଥିଲେ। ଏନେଇ ସେ କାହାକୁ କିଛି ନ କହି ବିଷ ପିଇଦେଇଥିଲେ। ଏନେଇ ସେ ତାଙ୍କ ମାମୁଙ୍କୁ ଫୋନ କରି କହିବା ପରେ ସେ ପହଞ୍ଚି ସାହିଲଙ୍କୁ ତୁରନ୍ତ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ସେଠାରେ ଅବସ୍ଥା ଗୁରୁତର ହେବାରୁ ସାହିଲ୍‌ଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ କଟକ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଖବର ପାଇ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ୨୦ ବର୍ଷ ଚଢ଼ାଉ, ନିଶା ପ୍ରସାରଣ ବୃଦ୍ଧି

**ଭୁବନେଶ୍ୱର,୨୮।୫:** ଚୋରା ନିଶା କାରବାର ରୋକିବାପାଇଁ ପ୍ରାୟ ୨୦ବର୍ଷ ଧରି ଲଗାତାର ଭାବେ ରାଜ୍ୟ ସରକାର ଚଢ଼ାଉ ଅଭିଯାନ ବ୍ୟାପକ କରୁଥିବା ସତ୍ତ୍ୱେ ନିଶା କାରବାର କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ଗାଁ ଗହଳରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ଖୋଲାଖୋଲି ଭାବେ ଉଭୟ ଚୋରା ଓ ସରକାରୀ ଲାଇସେନ୍ସପ୍ରାପ୍ତ ନିଶା ଯେଭଳି ବ୍ୟାପୁଛି ତାହା ବ୍ୟକ୍ତି, ପରିବାର, ସମାଜ ଓ ରାଜ୍ୟର ବିପୁଳ କ୍ଷତି ଘଟାଉଛି।

ଗଞ୍ଜେଇ ଚାଷ ଏବଂ ଏହାର ପରିବହନ, ବିପଣନ, ସଂରକ୍ଷଣ ଓ ବ୍ୟବହାର ଆଇନତଃ ଅପରାଧ ହୋଇଥିଲେ ମଧ୍ୟ ଚୋରା ଗଞ୍ଜେଇ ଚାଲାଣ କ୍ଷେତ୍ରରେ ଓଡ଼ିଶା ଦେଶରେ ବହୁ ଦୁର୍ନାମ ମୁଣ୍ଡାଉଛି। ମଝିରେ ମଝିରେ କୋଟି କୋଟି ଟଙ୍କା ଖର୍ଚ୍ଚକରି ସରକାରଙ୍କ ପକ୍ଷରୁ କିଛି ଗଞ୍ଜେଇ କ୍ଷେତ ନଷ୍ଟ କରାଯାଉଛି। ତେବେ ଯେତେ ପରିମାଣରେ ଗଞ୍ଜେଇ ଓଡ଼ିଶାରେ ଉତ୍ପାଦିତ ହେଉଛି ତାହା ତୁଳନାରେ ନଷ୍ଟ କରାଯାଉଥିବା ଗଞ୍ଜେଇଗଛର ପରିମାଣ ଅତ୍ୟନ୍ତ ନଗଣ୍ୟ ବୋଲି ଅବସରପ୍ରାପ୍ତ ଅବକାରୀ ଓ ପୁଲିସ୍ ଅଧିକାରୀମାନେ ସ୍ୱୀକାର କରୁଛନ୍ତି।



ସେହିଭଳି ଓଡ଼ିଶାରେ ବ୍ରାଉନସୁଗାର, ଚରସ, ହେରୋଇନ୍ ଆଦି ମାରାତ୍ମକ ନିଶା ସାମଗ୍ରୀ ଖୋଲାଖୋଲି ଭାବେ ବିକ୍ରି ହେଉଛି। ଚୋରା ବେପାରୀମାନେ ଏହି ବ୍ୟବସାୟ ଚଳାଇବାପାଇଁ ସତେ ଯେମିତି କାହାରିକୁ ବି ଡରୁ ନାହାନ୍ତି। ଅବଶ୍ୟ ମଝିରେ ମଝିରେ କିଛି କିଛି ବ୍ରାଉନସୁଗାର ଓ ଅନ୍ୟ ନିଶା ସାମଗ୍ରୀ ଜବତ ହେଉଛି।

ସେହିପରି ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡିକ ପାଇଁ ରାଜ୍ୟ ସରକାର ଏମଜିକ୍ୟୁ ମାଧ୍ୟମରେ ଯେଉଁ ସର୍ବନିମ୍ନ ମଦ ଉଠାଣ ବ୍ୟବସ୍ଥା ରଖିଛନ୍ତି ସେଥିରେ ଅନେକ ମଦ ଦୋକାନୀ ମାସକୁ ମାସ ଉଠାଉଥିବା ମଦ ସେମାନଙ୍କ ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ବିକିବା ସମ୍ଭବପର ହେଉନଥିବାରୁ ଲୋକ ଲଗାଇ ସହରର ବସ୍ତିଠାରୁ ଗାଁ ଗହଳ ପର୍ଯ୍ୟନ୍ତ ବିକୁଛନ୍ତି। ଏଥି ସହ ଚୋରା ଓ ନକଲି ମଦର ବି ଚାରିଆଡେ ବନ୍ୟା ପ୍ଲାବିତ ହେଉଛି। ଏମିତିକି ଖୋଦ ରାଜଧାନୀରେ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ବିପୁଳ ପରିମାଣର ଚୋରା ମଦ ନକଲି ବ୍ରାଣ୍ଡ୍‌ରେ ମିଳିବାରୁ ତାହା ଉପରେ ଜେସିବି ଚଢ଼ାଇ ନଷ୍ଟ କରାଯାଉଛି।

ରାସ୍ତାଘାଟ, ଦୋକାନବଜାର, ଶିକ୍ଷାନୁଷ୍ଠାନ, ପାର୍କ, ଧର୍ମାନୁଷ୍ଠାନ ଆଦି ନିକଟରେ ଖୋଲାଖୋଲି ଭାବେ ଦିନ ରାତି ମଦ ଓ ଅନ୍ୟାନ୍ୟ ନିଶା ସେବନ ଚାଲୁଥିବା ରାଜଧାନୀର ବିଭିନ୍ନ ଅଞ୍ଚଳର ଲୋକେ ବାରମ୍ବାର ଅଭିଯୋଗ କରୁଛନ୍ତି। ଏମିତିକି ଏମଏଲ୍‌ଏ କଲୋନୀ ନିକଟରେ ଥିବା ଚାରିନମ୍ବର ହାଟକୁ ମଦୁଆମାନେ ସେମାନଙ୍କ ବାର୍‌ରେ ପରିଣତ କରିଥିବାଭଳି ମନେ ହେଉଛି। ଆଗରୁ ଅନେକ ମଦ ଦୋକାନ ଆଗରେ ପିସିଆର ପଇଁତରା ମାରୁଥିଲା। ଏମିତିକି କମିଶନରେଟ ପୁଲିସ୍ ପକ୍ଷରୁ ଦିଆଯାଇଥିବା ମାର୍ଗନିର୍ଦ୍ଦେଶିକାରେ ମଧ୍ୟ ମଦଦୋକାନ ପାଖରେ ଚାଖଣା ଦୋକାନ ରହିପାରିବ ନାହିଁ ଏବଂ ରାସ୍ତାଘାଟ ଠାରୁ ଅନ୍ୟ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ ନିଷିଦ୍ଧ ବୋଲି କୁହାଯାଇଥିଲା। କିନ୍ତୁ ଏହି ମାର୍ଗନିର୍ଦ୍ଦେଶିକାକୁ ମଧ୍ୟ କଡାକଡି ଭାବେ ପାଳନ କରାଯାଉନାହିଁ।

ରାଜ୍ୟ ସରକାର ପ୍ରତିବର୍ଷ ମଇ ୩୧ରୁ ଜୁନ୍ ୨୬ ପର୍ଯ୍ୟନ୍ତ ନିଶା ବିରୁଦ୍ଧରେ ପ୍ରଚାର ପାଇଁ କୋଟି କୋଟି ଟଙ୍କା ପାଣିରେ ପକାଇ ନଷ୍ଟ କରୁଛନ୍ତି। ମଦ ରାକ୍ଷାସ କବଳରୁ ଯୁବଶକ୍ତିକୁ ରକ୍ଷା କରିବାପାଇଁ ଆଲକହଲମୁକ୍ତ ଗ୍ରାମ ପ୍ରତିଷ୍ଠା ପାଇଁ ରାଜ୍ୟ ଯୁବନୀତିରେ ୧୨ବର୍ଷ ତଳେ ଘୋଷଣା କରାଯାଇଥିଲେ ମଧ୍ୟ ଆଲକହଲମୁକ୍ତ ଗ୍ରାମ ପରିବର୍ତ୍ତେ ଘରେ ଘରେ ନିଶା ପ୍ରସାରଣ ଲାଗି ମଦ ମାଫିଆମାନେ ସକ୍ରିୟ ଉଦ୍ୟମ ଜାରି ରଖିଛନ୍ତି। ଏମିତିକି ରାଜ୍ୟ ସରକାର ସ୍ୱତନ୍ତ୍ର ଆଇନ୍ କରି ଗୁଟ୍‌ଖା, ତମାଖୁ ସେବନ ଓ ଏହାର ପ୍ରସ୍ତୁତି ବିପଣନ ଉପରେ ନିଷିଦ୍ଧାଦେଶ ଜାରି କରିଥିଲେ ମଧ୍ୟ ଏସବୁ ନିଶା ସାମଗ୍ରୀ ବେଧଡକ ଭାବେ ବିକ୍ରି ହେଉଛି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୧.୫% ସୁଧ ସବସିଡି (ଆଇଏସ୍)କୁ କ୍ୟାବିନେଟ ଅନୁମୋଦନ



**ନୂଆଦିଲ୍ଲୀ,୨୮।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସଂଶୋଧିତ ସୁଧ ସବସିଡି ଯୋଜନା (ଏମଆଇଏସଏସ) ଅନ୍ତର୍ଗତ ସୁଧ ସବସିଡି (ଆଇଏସ) ବ୍ୟବସ୍ଥା ଜାରି ରଖିବାକୁ ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ବନ୍ଦୋବସ୍ତକୁ ମଂଜୁର କରିଛନ୍ତି ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସଂଶୋଧିତ ସୁଧ ସବସିଡି ଯୋଜନା ହେଉଛି ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ଲକ୍ଷ୍ୟ ହେଉଛି କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧ ହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତା ସୁନିଶ୍ଚିତ କରିବା। ଏହି ଯୋଜନା ଅଧୀନରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ୭ ପ୍ରତିଶତ ରିହାତି ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ପାଆନ୍ତି, ଯୋଗ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ୧.୫ ପ୍ରତିଶତ ସୁଧ ରିହାତି ପ୍ରଦାନ କରାଯାଏ। ଏହା ସହିତ ଯେଉଁମାନେ ସମୟସୀମା ମଧ୍ୟରେ ସେମାନଙ୍କର ଋଣ ପରିଶୋଧ କରନ୍ତି, ସେମାନେ ତୁରନ୍ତ ପରିଶୋଧ ପ୍ରୋତ୍ସାହନ (ପିଆରଆଇ) ଭାବରେ ୩ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ, ଯାହା ପ୍ରଭାବଶାଳୀ ଭାବରେ କିଷାନ କ୍ରେଡିଟ୍ କାର୍ଡ ଋଣ ଉପରେ ସେମାନଙ୍କର ସୁଧ ହାରକୁ ୪ ପ୍ରତିଶତକୁ ହ୍ରାସ କରିଥାଏ। ସେହିପରି ପଶୁପାଳନ କିମ୍ବା ମତ୍ସ୍ୟପାଳନ ପାଇଁ ନିଆଯାଇଥିବା ଋଣ ଉପରେ କେବଳ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ସୁଧ ଲାଭ ପ୍ରଯୁଜ୍ୟ। ଏହି ସ୍କିମର ଢାଞ୍ଚା ଓ ଅନ୍ୟ ଉପାଦାନଗୁଡ଼ିକ ଲାଗି କୌଣସି ପରିବର୍ତ୍ତନର ପ୍ରସ୍ତାବ ନାହିଁ। ଦେଶରେ ୭.୭୫ କୋଟିରୁ ଅଧିକ କିଷାନ କ୍ରେଡିଟ୍ କାର୍ଡ ଖାତା ଅଛି। କୃଷିକୁ ସଂସ୍ଥାଗତ ଋଣ ପ୍ରବାହ ବଜାୟ ରଖିବା ପାଇଁ ଏହି ସମର୍ଥନ ଜାରି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଉତ୍ପାଦକତା ବୃଦ୍ଧି ଏବଂ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ସଂସ୍ଥାଗତ ଋଣ ପ୍ରଦାନ ୨୦୧୪ ମସିହାରେ ୪.୨୬ ଲକ୍ଷ କୋଟି ଟଙ୍କାରୁ ଡିସେମ୍ବର ୨୦୨୪ ସୁଦ୍ଧା ୧୦.୦୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାମଗ୍ରିକ କୃଷି ଋଣ ପ୍ରବାହ ମଧ୍ୟ ୨୦୧୩-୧୪ ଆର୍ଥିକ ବର୍ଷରେ ୭.୩ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ ଆର୍ଥିକ ବର୍ଷରେ ୨୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅଗଷ୍ଟ ୨୦୨୩ରେ ଆରମ୍ଭ ହୋଇଥିବା କିଷାନ ଋଣ ପୋର୍ଟାଲ୍ (କେଆରପି) ଭଳି ଡିଜିଟାଲ୍ ସଂସ୍କାର ଦାବି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିଛି। ବର୍ତ୍ତମାନର କ୍ରେଡିଟ୍ ଖର୍ଚ୍ଚ ଧାରା, ହାରାହାରି ଏମସିଏଲଆର ଏବଂ ରେପୋ ହାର ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କଗୁଡ଼ିକୁ ସମର୍ଥନ କରିବା ଏବଂ କୃଷକମାନଙ୍କ ପାଇଁ କମ ମୂଲ୍ୟର ଋଣ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସୁଧ ସବଭେନ୍ସନ୍ ହାରକୁ ୧.୫ ପ୍ରତିଶତରେ ବଜାୟ ରଖିବା ଜରୁରୀ ହୋଇଯାଇଛି। ଏହି କ୍ୟାବିନେଟ୍ ନିଷ୍ପତ୍ତି ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଗ୍ରାମୀଣ ଋଣ ଇକୋ-ସିଷ୍ଟମକୁ ସୁଦୃଢ଼ କରିବା ଏବଂ ସମୟୋଚିତ ଏବଂ ସୁଲଭ ଋଣ ଉପଲବ୍ଧତା ମାଧ୍ୟମରେ କୃଷି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି।

# ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରୀ ବୁଚଙ୍କୁ ଲୋକପାଳଙ୍କ କ୍ଲିନଚିଟ



**ନୂଆଦିଲ୍ଲୀ, ୨୮।୫:** ଦୁର୍ନୀତି ବିରୋଧୀ ଓମବଡସମ୍ୟାନ ଲୋକପାଳ ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରୀ ବୁଚଙ୍କୁ କ୍ଲିନଚିଟ ଦେଇଛନ୍ତି। ଲୋକପାଳଙ୍କ ତଦନ୍ତରୁ ଜଣାପଡିଛି ଯେ ବୁଚଙ୍କ ବିରୋଧରେ ଲଗାଯାଇଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ ଏବଂ ଏଥିରେ କୌଣସି ପ୍ରକାରର ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟକଳାପର କୌଣସି ପ୍ରମାଣ ମିଳିନାହିଁ। ଲୋକପାଳ କହିଛନ୍ତି ଯେ ଏହି ଅଭିଯୋଗଗୁଡ଼ିକ ସମ୍ପୂର୍ଣ୍ଣ 'ରାଜନୈତିକ ଭାବରେ ପ୍ରେରିତ' ଏବଂ ଏହାର ଉତ୍ସ ହେଉଛି ୨୦୨୪ ଅଗଷ୍ଟ ୧୦ ତାରିଖର ହିଣ୍ଡେନବର୍ଗ ରିସର୍ଚ୍ଚର ରିପୋର୍ଟ। ଏହି ଘଟଣାର ମୂଳ ଆମେରିକୀୟ ଫାର୍ମ ହିଣ୍ଡେନବର୍ଗ ରିସର୍ଚ୍ଚ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଅଛି। ଅଭିଯୋଗ କରାଯାଇଥିଲା ଯେ ମାଧବୀ ପୁରୀ ବୁଚ ଏବଂ ତାଙ୍କ ସ୍ୱାମୀ ଧୱଳ ବୁଚ ଆଦାନୀ ଗ୍ରୁପ୍ ସହିତ ଜଡିତ ଏକ ପାଣ୍ଠିରେ ପ୍ରଚୁର ପରିମାଣରେ ନିବେଶ କରିଥିଲେ, ଯାହା କନଫ୍ଲିକ୍ଟ ଅଫ ଇଣ୍ଟରେଷ୍ଟ ସୃଷ୍ଟି କରୁଥିଲା। ଏହା ମଧ୍ୟ ଅଭିଯୋଗ କରାଯାଇଥିଲା ଯେ ସେମାନେ ମହିନ୍ଦ୍ରା ଏବଂ ବ୍ଲାକଷ୍ଟୋନ୍ ଭଳି ବଡ଼ କମ୍ପାନୀଗୁଡ଼ିକରୁ 'ପରାମର୍ଶ ଫି' ନାମରେ ଆର୍ଥିକ ଲାଭ ନେଇଥିଲେ। ବୁଧବାର ଦିନର ଆଦେଶରେ ଲୋକପାଳ ନିଷ୍କର୍ଷ କରିଛନ୍ତି ଯେ ଅଭିଯୋଗଗୁଡିକ ମନଗଢ଼ା ଓ କୌଣସି ଭିତ୍ତି ନାହିଁ। ଯାହା ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦିଆଯାଇପାରିବ। ଏହି ଅଭିଯୋଗଗୁଡ଼ିକର ସମାଧାନ ଲୋକପାଳ ଅଧ୍ୟକ୍ଷ ଜଷ୍ଟିସ୍ ଏ.ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଛଅ ଜଣିଆ ଖଣ୍ଡପୀଠ ଦ୍ୱାରା କରାଯାଇଛି। ବୁଚ ୨୦୨୨ ମାର୍ଚ୍ଚ ୨ ତାରିଖରେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ ସେବିର ମୁଖ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ, ତାଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ଗତ ଫେବୃଆରି ୨୮ରେ ପଦ ଛାଡିଥିଲେ। ଏହି ସମ୍ପର୍କରେ ଏକ ପୂର୍ବ ଆଦେଶକୁ ଉଲ୍ଲେଖ କରି ଲୋକପାଳ କହିଛନ୍ତି ଯେ ହିଣ୍ଡେନବର୍ଗ ରିପୋର୍ଟକୁ ଆଧାର କରି ବୁଚଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ।



### ଆଉ ଏକ ନୂଆ ରେକର୍ଡ କରିବ ଭାରତ

# ଖୁବଶୀଘ୍ର ୧ ଟ୍ରିଲିୟନ ଡଲାର ଛୁଇଁବ ରପ୍ତାନୀ

**ନୂଆଦିଲ୍ଲୀ,୨୮।୫:** ଭାରତର ମୋଟ ପଣ୍ୟ ଏବଂ ସେବା ରପ୍ତାନି ଆର୍ଥିକ ବର୍ଷ ୨୬ରେ ଗତ ଆର୍ଥିକ ବର୍ଷର ୮୨୫ ବିଲିୟନ ଡଲାରରୁ ୨୧ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ୧ ଟ୍ରିଲିୟନ ଡଲାର ହେବ ବୋଲି ଆଶା କରାଯାଉଛି। ଏହାର ମୁଖ୍ୟ କାରଣ ଆମେରିକା ଆଡ଼କୁ ରପ୍ତାନିରେ ଉଲ୍ଲେଖନୀୟ ବୃଦ୍ଧି ବୋଲି ଫେଡେରେସନ ଅଫ ଇଣ୍ଡିଆନ ଏକ୍ସପୋର୍ଟ ଅର୍ଗାନାଇଜେସନ (ଏଫଆଇଇଓ)ର ଅଧ୍ୟକ୍ଷ ଏସ ସି ରାଲହାନ ମଙ୍ଗଳବାର କହିଛନ୍ତି। ରାଲହାନ କହିଛନ୍ତି ଯେ ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଆନ୍ତର୍ଜାତୀୟ କ୍ରେତାମାନେ ସେମାନଙ୍କର ସୋର୍ସିଂକୁ ବିବିଧତା ଆଣିବାକୁ ଚାହୁଁଥିବା ଏବଂ ଭାରତ ଚୂଡ଼ାନ୍ତ କରୁଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱାରା ସହାୟତା ମିଳୁଥିବା ଯୋଗୁଁ ଏହି ସୁସ୍ଥ ବୃଦ୍ଧି ହାସଲ ହୋଇପାରେ। ତଥାପି, ସେ ଯୋଗ କରିଛନ୍ତି ଯେ ସୁସ୍ଥ ଆକଳନ ସତ୍ତ୍ୱେ, ଟେକ୍ନିକାଲ ଏବଂ ଅ-ଶୁଳ୍କ ପ୍ରତିବନ୍ଧକ ହେତୁ କିଛି ପ୍ରତିକୂଳତା ଆଶା କରାଯାଉଛି। ଶିଳ୍ପ ସମ୍ମୁଖୀନ ହେଉଥିବା ନୂତନ ଚ୍ୟାଲେଞ୍ଜ ହେଉଛି ଡିଜିଟାଲ ପ୍ରୋଡକ୍ଟ ପାସପୋର୍ଟ (ଡିପିପି)ର କାର୍ଯ୍ୟକାରିତା, ଯାହା ୧ ଜାନୁଆରୀ ୨୦୨୬ରୁ (ୟୁରୋପୀୟ ସଂଘ) ଦ୍ୱାରା ଲାଗୁ ହେବ। ଏହା ଇଲେକ୍ଟ୍ରୋନିକ୍ସ, ବ୍ୟାଟେରୀ, ଟେକ୍ସଟାଇଲ, ଏବଂ ନିର୍ମାଣ ସାମଗ୍ରୀ ଭଳି ବିଭାଗରୁ ଆରମ୍ଭ କରି ବିସ୍ତୃତ ଶ୍ରେଣୀର ଉତ୍ପାଦ ପାଇଁ ବାଧ୍ୟତାମୂଳକ ହେବ, ଏବଂ ୨୦୩୦ ସୁଦ୍ଧା ଏହାର ବିସ୍ତୃତ ରୋଲଆଉଟ ଆଶା କରାଯାଉଛି।

# ବ୍ୟାଙ୍କ ବୁଡ଼ିଲେ ମିଳିବ ୧୦ ଲକ୍ଷ ଯାଏ ବୀମା

## ୬ ମାସରେ ହୋଇପାରେ ଘୋଷଣା



**ନୂଆଦିଲ୍ଲୀ,୨୮।୫:** ବ୍ୟାଙ୍କ ଜମା ଉପରେ ମିଳୁଥିବା ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବଢ଼ିପାରେ । ଅର୍ଥାତ୍ ବ୍ୟାଙ୍କ ବୁଡ଼ିଗଲେ ଗ୍ରାହକଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ମିଳିବ । ଆସନ୍ତା ୬ ମାସ ମଧ୍ୟରେ ସରକାର ଏ ନେଇ ଔପଚାରିକ ଘୋଷଣା କରିପାରନ୍ତି ବୋଲି ଜଣାପଡ଼ିଛି। ବର୍ତ୍ତମାନ ଏହି ସୀମା ୫ ଲକ୍ଷ ଟଙ୍କା ରହିଛି । ଅର୍ଥ ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏ ପ୍ରସ୍ତାବ ଉପରେ ବର୍ତ୍ତମାନ ମାନସ ମନ୍ଥନ ଜାରି ରହିଛି । ତେବେ ନୂଆ ସୀମା କ'ଣ ରହିବ ବର୍ତ୍ତମାନ ଯାଏ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଅଧିକାରୀଙ୍କ କହିବାନୁସାରେ, ନୂଆ ସୀମା ଧାର୍ଯ୍ୟ କରିବା ପାଇଁ ଅନେକ ଦିଗ ଉପରେ ସମୀକ୍ଷା କରାଯାଉଛି । କେତେ ଖାତାଧାରୀ ଏହା ଅନ୍ତର୍ଭୁକ୍ତ ହେବେ, କେତେ ରାଶି ବୀମାଭୁକ୍ତ ହେବ ଏବଂ ସରକାର କେତେ ଗ୍ୟାରେଣ୍ଟି ଦେବେ ତାହା ଉପରେ ଅନୁଧ୍ୟାନ କରାଯାଉଛି । କ୍ୟାବିନେଟ୍ ନିଷ୍ପତ୍ତି ପରେ ଅର୍ଥ ମନ୍ତ୍ରାଳୟ ଏହା ଉପରେ ଘୋଷଣା କରିବ। ପ୍ରକାଶଯୋଗ୍ୟ, ସରକାର ଡିପୋଜିଟ୍ ଇନ୍ସ୍ୟୁରାନ୍ସ ଆଣ୍ଡ୍ କ୍ରେଡିଟ୍ ଗ୍ୟାରେଣ୍ଟି କର୍ପୋରେଶନ୍ ଆକ୍ଟ(ଡିଆଇସିଜିସି) ଅଧୀନରେ ଏବେ ବ୍ୟାଙ୍କ ବନ୍ଦ ହୋଇଗଲେ କିମ୍ବା ବୁଡ଼ିଯିବା ସ୍ଥିତିରେ ଗ୍ରାହକଙ୍କୁ ୫ ଲକ୍ଷ ଟଙ୍କାର ଜମା ବୀମା ପ୍ରଦାନ କରୁଛନ୍ତି। ଜମାକାରୀଙ୍କୁ ୯୦ ଦିନ ମଧ୍ୟରେ ଏହି ରାଶି ମିଳିଥାଏ। ଦେଶରେ ଜମା ବୀମାର ଆରମ୍ଭ ୧୯୬୨ରେ ହୋଇଥିଲା। ଉକ୍ତ ସମୟରେ ଖାତାଧାରୀ ପିଛା ୧୫୦୦ ଟଙ୍କା ପର୍ଯ୍ୟନ୍ତ ବୀମା ରାଶି ପ୍ରଦାନ କରାଯାଉଥିଲା। ଏହାକୁ ନିୟମିତ ବ୍ୟବଧାନରେ ବଢ଼ାଯାଇଥିଲା। ୧୯୭୬ ମସିହାରେ ୨୦ ହଜାର ଟଙ୍କା, ୧୯୮୦ରେ ୩୦ ହଜାର ଟଙ୍କା ଏବଂ ୧୯୯୩ରେ ୧ ଲକ୍ଷ ଟଙ୍କା କରାଯାଇଥିଲା। ୨୦୨୦ ଫେବୃଆରୀରେ ପଞ୍ଜାବ ଆଣ୍ଡ୍ ମହାରାଷ୍ଟ୍ର କୋଅପରେଟିଭ୍ ବ୍ୟାଙ୍କ ସଂକଟ ପରେ ଏହାକୁ ବଢ଼ାଇ ୫ ଲକ୍ଷ ଟଙ୍କା କରାଯାଇଥିଲା ।

# ମ୍ୟୁଚୁଆଲ ଫଣ୍ଡ୍ ବିକିବେ ମୁକେଶ ଅମ୍ବାନୀ, ମିଳିଲା ସେବିରୁ ମଞ୍ଜୁରୀ

**ମୁମ୍ବାଇ,୨୮।୫:** ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବି ଅନୁମୋଦନ ଲାଭ କରିଛି । ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫଏସଏଲ) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ। ଆଶା କରାଯାଉଛି ଯେ କମ୍ପାନୀଟି ଖୁବ୍ ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓ ବ୍ଲାକରକ୍ ଦ୍ୱାରା ସିଡ୍ ସ୍ୱାମୀନାଥନଙ୍କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରାଯାଇଛି। ଜେଏଫଏସଏଲର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଈଶା ଅମ୍ବାନୀ କହିଛନ୍ତି: "ବ୍ଲାକରକ୍‌ର ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ରହିଛି ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଏକାଠି, ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ। ମୁଁ ନିଶ୍ଚିତ ଯେ ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତିକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ।" ବ୍ଲାକରକ୍ ଆନ୍ତର୍ଜାତୀୟ ମୁଖ୍ୟ ରାଚେଲ ଲର୍ଡ କହିଛନ୍ତି: "ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନା ଆଜି ଏକ ଅନନ୍ୟ ମୋଡ଼ରେ ରହିଛି । ଜିଓବ୍ଲାକରକ୍ ନିବେଶକମାନଙ୍କୁ ସିଧାସଳଖ କମ୍ ମୂଲ୍ୟରେ ସଂସ୍ଥାଗତ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରି ଭାରତରେ ଅଧିକ ଲୋକଙ୍କୁ ପୁଞ୍ଜି ବଜାରରେ ପ୍ରବେଶ କରିବାରେ ସାହାଯ୍ୟ କରିବ । ଆମର ସହଭାଗୀ ଜେଏଫଏସଏଲ ସହିତ ମିଶି, ଆମେ ଭାରତକୁ ସଞ୍ଚୟକାରୀଙ୍କ ଦେଶରୁ ନିବେଶକଙ୍କ ଦେଶ ଭାବରେ ପରିବର୍ତ୍ତିତ ହେବା ଦିଗରେ ଯୋଗଦାନ ପାଇଁ ପ୍ରସ୍ତୁତ ରହିଛୁ ।" ବ୍ଲାକରକ ଆନ୍ତର୍ଜାତୀୟ ଇଣ୍ଡେକ୍ସ ଇକ୍ୱିଟିର ପୂର୍ବତନ ମୁଖ୍ୟ ସିଡ୍ ସ୍ୱାମୀନାଥନଙ୍କୁ ଏବେ ଜିଓବ୍ଲାକରକ୍ ଦାୟିତ୍ୱ ମିଳିଛି । ସେ ଏବେ ଯାଏଁ ୧.୨୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ପରିଚାଳନା କରିଛନ୍ତି । ନିଜ ନୂତନ ନିଯୁକ୍ତି ନେଇ ଖୁସି ବ୍ୟକ୍ତ କରି ସେ କହିଛନ୍ତି ଯେ "ମୋତେ ଜିଓବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ନେତୃତ୍ୱ ନେବା ଏବଂ ନିବେଶକମାନଙ୍କ ନିବେଶ କ୍ଷମତା ବୃଦ୍ଧି କରି ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନାକୁ ନୂଆ ରୂପ ଦେବାର ସମ୍ମାନ ମିଳିଛି। ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଲକ୍ଷ୍ୟ ହେଉଛି ସାରା ଭାରତରେ ନିବେଶକମାନଙ୍କୁ ସଂସ୍ଥାଗତ ଗୁଣାତ୍ମକ ନିବେଶ ଉତ୍ପାଦ ପ୍ରଦାନ କରିବା ।

# ଆୟକର ଦାଖଲ ଅବଧି ବୃଦ୍ଧି କଲେ କେନ୍ଦ୍ର ସରକାର




**ନୂଆଦିଲ୍ଲୀ,୨୮।୫:** ୪୬ଦିନ ବଢ଼ିଲା ଆୟକର ଦାଖଲ ସମୟସୀମା । ପୂର୍ବରୁ ଆୟକର ଦାଖଲ କରିବାର ସମୟସୀମା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଥିବାବେଳେ ଏବେ ଏହାକୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ଆଇଟିଆର ଫର୍ମରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ, ସିଷ୍ଟମ ଅପଡେଟ ଓ ଟିଡିଏସ୍ କ୍ରେଡିଟ୍ ରିଫ୍ଲେକ୍ସନ ଯୋଗୁଁ ଏହି ଅଧିକ ସମୟ ପ୍ରଦାନ କରାଯାଇଛି । ସରକାରଙ୍କ ଏହି ନିଷ୍ପତ୍ତି ଦ୍ୱାରା ଆୟକର ଫାଇଲିଂ ସହ ଟିଡିଏସ ରିଟର୍ଣ୍ଣ ମଧ ସହଜ ହେବ ।

# ଡିଜିସିଏର ପ୍ରସ୍ତାବ: କଳା, ବାଣିଜ୍ୟ ଛାତ୍ରଛାତ୍ରୀ ହୋଇପାରିବେ ପାଇଲଟ୍

**ନୂଆଦିଲ୍ଲୀ,୨୮।୫:** କେବଳ ବିଜ୍ଞାନ ପାଠପଢ଼ିଥିବା ଛାତ୍ରଛାତ୍ରୀଙ୍କୁ ପାଇଲଟ୍ ହେବାର ସୁଯୋଗ ମିଳୁଛି। କିନ୍ତୁ ଆଗକୁ କଳା ଓ ବାଣିଜ୍ୟରେ ପାଠପଢ଼ିଥିବା ଛାତ୍ରଛାତ୍ରୀମାନେ ମଧ ପାଇଲଟ୍ ହେବାର ସ୍ୱପ୍ନ ପୂରଣ କରିପାରିବେ। ଏନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ପ୍ରସ୍ତାବ ଦିଆଯାଇଛି। ସଂପ୍ରତି ପ୍ରଚଳନରେ ଥିବା ନିୟମ ଅନୁସାରେ ଯୁକ୍ତ ଦୁଇରେ ପଦାର୍ଥ ବିଜ୍ଞାନ ଓ ଗଣିତ ବିଷୟ ନେଇ ପାଠ ପଢ଼ିଥିବା ଛାତ୍ରଛାତ୍ରୀମାନଙ୍କୁ କମର୍ସିଆଲ୍ ପାଇଲଟ୍ ଲାଇସେନ୍ସ ତାଲିମ ପାଇଁ ଯୋଗ୍ୟ ବିବେଚନା କରାଯାଉଛି। ଯଦି ଡିଜିସିଏ ପ୍ରସ୍ତାବ ମଞ୍ଜୁର ହେବ ତେବେ ଯୁକ୍ତ ଦୁଇ ପଢୁଥିବା ସବୁ ବିଷୟର ପିଲାମାନେ ପାଇଲଟ୍ ହୋଇପାରିବେ। ତେବେ ସେଥିପାଇଁ ସେମାନଙ୍କୁ ମେଡିକାଲ୍ ଓ ଅନ୍ୟାନ୍ୟ ଯୋଗ୍ୟତା ପରୀକ୍ଷାରେ



ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ବିଚାର କରିବା ପରେ ଆଇନ ମନ୍ତ୍ରଣାଳୟ ପାଖକୁ ପଠାଇଦେବ। ତା'ପରେ ଆଇନରେ ଆବଶ୍ୟକ ସଂଶୋଧନ ହୋଇପାରିବ। ନବେ ଦଶକ ମଧ୍ୟଭାଗ ସୁଦ୍ଧା ଦଶମ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ବି ପାଇଲଟ୍ ତାଲିମ ଦିଆଯାଉଥିଲା। ଭାରତ ହେଉଛି ବିଶ୍ୱର ଏକମାତ୍ର ଦେଶ ଯେଉଁଠାରେ ଏବେବି ପାଇଲଟ୍ ତାଲିମ ପାଇଁ ବିଜ୍ଞାନ ପାଠପଢ଼ା ବାଧ୍ୟତାମୂଳକ ରହିଛି। ଯେହେତୁ ସ୍କୁଲ ସ୍ତରରେ ଗଣିତ ଓ ପଦାର୍ଥ ବିଜ୍ଞାନ ବିଷୟ ପଢ଼ାହେଉଛି, ତେଣୁ ଯୁକ୍ତ ଦୁଇରେ ପିଲାମାନେ ସେହି ପାଠପଢ଼ିବା କିମ୍ବା ନ ପଢ଼ିବାର କୌଣସି ଯଥାର୍ଥତା ନାହିଁ। ସେଥିପାଇଁ କଳା ଓ ବାଣିଜ୍ୟ ପିଲାମାନଙ୍କୁ ପାଇଲଟ୍ ତାଲିମ ପାଇଁ ଯୋଗ୍ୟ ବିବେଚନା କରିବାକୁ ପ୍ରସ୍ତାବ ଦିଆଯାଇଛି।

# ନିଲାମ ହେଲା ଗ୍ରାଫାଇଟ୍ ଖଣି

## ବଲାଙ୍ଗୀରର ସାଲେପାଲି ଖଣି



shutterstock.com · 2398322379

**ଭୁବନେଶ୍ୱର,୨୮।୫:** କ୍ରିଟିକାଲ୍ ମିନେରାଲ୍ ଖଣି ନିଲାମରେ ଓଡ଼ିଶାକୁ ବଡ଼ ସଫଳତା ମିଳିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପଞ୍ଚମ ପର୍ଯ୍ୟାୟରେ ଦେଶରେ ୧୦ଟି କ୍ରିଟିକାଲ୍ ମିନେରାଲ୍ ଖଣି ନିଲାମ କରାଯାଇଥିବା ବେଳେ ସେଥିରେ ଓଡ଼ିଶାର ଗୋଟିଏ ଖଣିର ନାମ ରହିଛି। ତାହା ହେଉଛି ଓଡ଼ିଶାର ସାଲେପାଲି ଗ୍ରାଫାଇଟ୍ ଖଣି। ଏହି ଖଣି ପାଇଁ ତାମିଲନାଡୁର କମ୍ପାନିର ଭିନ୍‌ମିର୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍‌କୁ କମ୍ପୋଜିଟ୍ ଲାଇସେନ୍ସ (ସିଏଲ୍) ପ୍ରଦାନ କରାଯାଇଛି। ଖଣି ପାଇଁ କମ୍ପାନିକୁ ଜଙ୍ଗଲ, ବନ୍ୟଜନ୍ତୁ, ପରିବେଶ ମଞ୍ଜୁରି ହାସଲ କରିବାକୁ ହେବ। ଖଣି ଯୋଜନାକୁ ମଧ୍ୟ ମଞ୍ଜୁର କରାଇବାକୁ ପଡ଼ିବ। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ତହସିଲରେ ଥିବା ସାଲେପାଲି ଗାଁ ନିକଟରେ ଏହି ଗ୍ରାଫାଇଟ୍ ଖଣି ରହିଛି। ଏହି ଖଣି ୧୨୨୩.୨୯ ହେକ୍ଟର ଅଞ୍ଚଳରେ ବ୍ୟାପିଛି। ମିନେରାଲ୍ ଏକ୍ସପ୍ଲୋରେସନ୍ ଆଣ୍ଡ୍ କନ୍ସଲ୍‌ଟାନ୍ସି ଲିମିଟେଡ୍ (ଏମ୍ଇସିଏଲ୍)ର ଏହାର ଜି-୨ ସ୍ତରୀୟ ଅନ୍ୱେଷଣ ଓ ବିନିର୍ଫିକେସନ୍ ସର୍ବେକ୍ଷଣ ଲାଗି ଏହା ସୁପାରିସ୍ କରିଥିଲା। ଗ୍ରାଫାଇଟ୍ ହେଉଛି ଏକ ବିରଳ ଖଣିଜ ପଦାର୍ଥ ଯାହାକୁ ସବୁଜ ଶକ୍ତି ଓ ପ୍ରଯୁକ୍ତି କ୍ଷେତ୍ରରେ ବ୍ୟବହାର କରାଯାଇଥାଏ। ବିଶେଷ କରି ଇଲେକ୍ଟ୍ରିକ୍ ଯାନ (ଇଭି)ର ଲିଥିୟମ୍-ଇଅନ୍ ବ୍ୟାଟେରି ଓ ବ୍ୟାଟେରି ଷ୍ଟୋରେଜ୍ ବ୍ୟବସ୍ଥାରେ ଏହାକୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ବ୍ୟବହାର କରାଯାଇଥାଏ। ଏହା ବ୍ୟତୀତ ରିଫ୍ରାକ୍ଟରି ଉପକରଣ, ଇସ୍ପାତ ଉତ୍ପାଦନ, ଗାଡ଼ିର ବ୍ରେକ୍, ଲୁବ୍ରିକ୍ୟାଣ୍ଟ୍ ଓ ପେନ୍‌ସିଲ୍ ପ୍ରସ୍ତୁତି ଲାଗି ମଧ୍ୟ ଗ୍ରାଫାଇଟ୍‌କୁ ବ୍ୟବହାର କରାଯାଇଥାଏ। ଜିଓଲୋଜିକାଲ୍ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍ଆଇ) ରିପୋର୍ଟ ଅନୁସାରେ ଓଡ଼ିଶାର କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ, କୋଟଗଡ଼, ଦାରିଙ୍ଗିବାଡ଼ି, ରାଇକିଆ, କେ ନୂଆଗାଁ ଆଦିରେ ଗ୍ରାଫାଇଟ୍‌ର ସନ୍ଧାନ ମିଳିଛି। ଢେଙ୍କାନାଳ ଜିଲ୍ଲା ବନ୍ଧୁଭୂଇଁ ଅଞ୍ଚଳରେ ମଧ ଗ୍ରାଫାଇଟ୍ ଥିବା କୁହାଯାଉଛି। ସେହିପରି ନୟାଗଡ଼ ଜିଲ୍ଲାର ବାଇଗୁଣିଆ ପଞ୍ଚାୟତ ଅଧୀନ ଖୁଣ୍ଟୁପଡ଼ା ଗ୍ରାମରେ ଗ୍ରାଫାଇଟ୍ ଖଣିର ସନ୍ଧାନ ମିଳିଥିବା ନେଇ ଜିଏସ୍ଆଇ ପକ୍ଷରୁ ସୂଚନା ଦିଆଯାଇଥିଲା।

## ଆଜିର ସୁନା ଦର



ଆଜି ଦେଶର ବିଭିନ୍ନ ସହରରେ ସାମାନ୍ୟ କମିଛି ସୁନା ଦର । ଜାଣନ୍ତୁ କେଉଁ ସହରରେ କଣ ଅଛି ସୁନା ମୂଲ୍ୟ । ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ହ୍ରାସ ପାଇଛି । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୪୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୩୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୩୫୦ ଟଙ୍କାକୁ ପହଞ୍ଚିଛି । ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭, ୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୩୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୭, ୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୫୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୪୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୩୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୫୮୦ ଓ ୮୯, ୩୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୦୧,୦୦,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ଏବଂ ଡିଜେଲ ଦାମ୍ ପ୍ରତିଦିନ ବଦଳିଥାଏ । ଆଜି ଅଏଲ ମାର୍କେଟିଂ କମ୍ପାନୀମାନେ ଦେଶର ସମସ୍ତ ରାଜ୍ୟ ପାଇଁ ପେଟ୍ରୋଲ-ଡିଜେଲ ଦାମ୍ ଜାରି କରିଦେଇଛନ୍ତି । ତଦନୁସାରେ ଭୁବନେଶ୍ୱର ଓ ଚେନ୍ନାଇରେ ଆଜି ପେଟ୍ରୋଲ ଶସ୍ତା ହୋଇଛି । ଏହା ବ୍ୟତୀତ କିଛି ଏମିତି ରାଜ୍ୟ ଅଛି ଯେଉଁଠି ପେଟ୍ରୋଲ ଏବଂ ଡିଜେଲ ଦାମରେ କୌଣସି ପରିବର୍ତ୍ତନ ହୋଇନି । ଚାଲନ୍ତୁ ଜାଣିବା ଆଜି ଦେଶର ପ୍ରମୁଖ ସହରରେ ପେଟ୍ରୋଲ-ଡିଜେଲ ଦାମ୍ଆ ଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି । ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି ।

# ଛତିଶଗଡ଼ରୁ ଧାନ ଆଣି ବିକ୍ରି କରୁଥିଲେ ବେପାରୀ

## ୨୨୮ ପ୍ୟାକେଟ ଧାନ ଜବତ କଲା ଯୋଗାଣ ବିଭାଗ





**ସୁବର୍ଣ୍ଣପୁର, ୨୮।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଜୁଲୁଣ୍ଡା ସାପ୍ତାହିକ ବଜାର ଓ ସେବା ସମବାୟ ସମିତି ଠାରୁ ଯୋଗାଣ ବିଭାଗ ୨୨୮ପ୍ୟାକେଟ ଧାନ ଜବତ କରିଥିବା ଜଣାପଡ଼ିଛି। ସୁଚନା ଅନୁସାରେ ବିନିକା ବ୍ଲକ ଅମକ୍ଷମୁଣ୍ଡା ଗ୍ରାମର ପରମେଶ୍ୱର ସ୍ୱାଇଁ ଜୁଲୁଣ୍ଡା ବଜାର ଠାରେ ଏକ କିରାନା ଦୋକାନ ଦେବା ସହ ଧାନ ଚାଉଳ କାରବାର କରୁଛନ୍ତି। ସେ ଦୀର୍ଘ ଦିନ ହେଲା ଛତିଶଗଡ଼ ରୁ ଧାନ ଆଣି ଡୁଙ୍ଗୁରିପାଲି ଓ ବିନିକା ଅଞ୍ଚଳରେ ବିକ୍ରିକରୁଥିବା। ଯୋଗାଣ ବିଭାଗ ପାଖରେ ଅଭିଯୋଗ ହୋଇଥିଲା। ଖବର ପାଇ ବିନିକା ଯୋଗାଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ପହଞ୍ଚିବା ବେଳକୁ ଓଡି ୧୭ଏସି ୬୭୯୩ ଟାଟା ଗାଡ଼ି ରୁ ଧାନ ଅନଲୋଡ ହୋଇ ଓଡି ୩୧ ଏମ୍ ୧୨୪୫ ଟ୍ରାକ୍ଟର ରେ ଲୋଡ ହୋଇଥିଲା। ଯୋଗାଣ ଅଧିକାରୀ ଶ୍ରୀ ପଣ୍ଡା ଧାନ ବେପାରୀ ପରମେଶ୍ୱର ଓ ପୁଅ ମାନସ କୁ ଧାନ ବିଷୟରେ ତଦନ୍ତ କଲାବେଳେ ପୁଅ ମାନସ ଯୋଗାଣ ଅଧିକାରୀ ଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଯୋଗାଣ ଅଧିକାରୀ ଙ୍କୁ ଠେଲି ସେଠାରୁ ଧାନ ବୋଝେଇ ଟ୍ରାକ୍ଟର ଧରି ଜୁଲୁଣ୍ଡା ସେବା ସମବାୟ ସମିତି କୁ ନେବା ସହ ଟାଟା ଗାଡ଼ି କୁ ଅନ୍ୟତ୍ର ପଠେଇ ବାପ ପୁଅ ଦୁହେଁ ଫେରାର ମାରିଥିଲେ।

ଲଛିପୁର ଥାନା ଅଧିକାରୀ ଓ ସୋନପୁର ଏସିଏସଓ ଲଲିତ ମୋହନ ପଟ୍ଟନାୟକ ପହଞ୍ଚି ଦୁଇ ସ୍ଥାନରୁ ୨୨୮ପ୍ୟାକେଟ ଅର୍ଥାତ ୮୨ କୁଇଣ୍ଟାଲ ଧାନ ଜବତ କରି ଖୁର୍ଦ୍ଦିଆବାହାଲ ସମଲେଶ୍ୱରୀ ରାଇସ ମିଲ ରେ ଜମା ଦେଇଥିବା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ସ୍ୱାଇଁ ଙ୍କ ଗୋଦାମ ମାନଙ୍କରେ ଶତାଧିକ ଧାନ ଓ ଚାଉଳ ରହିଥିବା ଲୋକେଯୋଗାଣ ଅଧିକାରୀ ଙ୍କ ଅଭିଯୋଗ କରିଛନ୍ତି। ଛତିଶଗଡ଼ଗଡ଼ ରୁ ଧାନ ଅକ୍ଷଣି ବିନିକା ଓ ଡୁଙ୍ଗୁରିପାଲି ର ବିଭିନ୍ନ ପ୍ୟାକ୍ସ ଓ ରାଇସ ମିଲ ରେ ବିକ୍ରୟ କରୁଥିବାରୁ ଚାଷୀ ମାନେ ଅସୁବିଧାର ସମ୍ମୁଖିନ ହେଉଥିବା ଯୋଗାଣ ଅଧିକାରୀ ଙ୍କ ଠାରେ ଚାଷୀ ଅଭିଯୋଗ କରୁଛନ୍ତି।

● ରଜ ପୂର୍ବରୁ ଗଳାପୋଲରେ ଗାଡି ଚଳାଚଳ କରିବ

# ନିର୍ମାଣକାରୀ ସଂସ୍ଥା ସହିତ କ୍ରିୟାନୁଷ୍ଠାନ କମିଟିର ଆଲୋଚନା



**ଯାଜପୁର ରୋଡ଼, ୨୮।୫(ସଂଚାର ବ୍ୟୁରୋ):** ଆସନ୍ତା ରଜ ଅର୍ଥାତ ଚଳିତ ମାସ ଜୁନ ୧୪ ତାରିଖ ପୂର୍ବରୁ ଯାଜପୁର ରୋଡ଼ରେ ନିର୍ମାଣଧୀନ ରେଳବାଇ ଗଳାପୋଲରେ ଲଘୁଯାନ ଚଳାଚଳ କରିବ ବୋଲି ରେଳବାଇ ସୂତ୍ରରୁ ସୂଚିତ କରାଯାଇଛି। ବ୍ୟାସନଗର ନାଗରିକ କମିଟି ଦ୍ୱାରା ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଆଜି ନିର୍ମାଣଧୀନ ଗଳାପୋଲଠାରେ ପହଂଚି ସମ୍ପୃକ୍ତ ନିର୍ମାଣକାରୀ ସଂସ୍ଥାର ଅଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିବାପରେ ଏହି ତଥ୍ୟ ହସ୍ତଗତ ହୋଇଛି। ତେବେ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ହେଲେ ଏଥିରେ ସାମାନ୍ୟ କେତୋଟି ଦିନ ବିଳମ୍ବ ହୋଇପାରେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏଥି ସହିତ ଗଳାପୋଲ ଉଭୟ ପରେ ସେଡ ନିର୍ମାଣ କାର୍ଯ୍ୟ ଦୁଇମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବବୋଲି କୁହାଯାଇଛି। ରେଳବାଇ କଥା ଦେଇ କଥା ରଖିବା ସହିତ ବହୁ ପ୍ରତିକୂଳ ଭିର୍ତ୍ତିଭୂମି ଓ ପରିସ୍ଥିତିରେ ବର୍ଷକ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଯାଉଥିବାରୁ ଏନେଇ ଦାବି କରି ଆସୁଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଆଜିର ଏହି ଆଲୋଚନରେ କମିଟି ଆବାହକ ଶ୍ରୀ ଦୁର୍ଯ୍ୟୋଧନ ରାଉତ, ଡ଼ଃ.ଚିନ୍ତାମଣି ପାଢ଼ୀ, ଚନ୍ଦ୍ରମଣି ସାମଲ, ପ୍ରଫୁଲ୍ଲ ନାୟକ, ସଦାଶିବ ଦାସ, ରଘୁନାଥ ବେହେରା, କୈଳାସ କୁମାର ପରିଡା, ହେମନ୍ତ କୁମାର ଧୀର, ଦାମୋଦର ପଣ୍ଡା, ସାହିଲ ବୋଇତାଇ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ହେଲେ ତୁଳେଶ୍ୱର ନାଏକ



**ଭବାନୀପାଟଣା,୨୮।୫(ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ବିଗତ ଦିନରେ ନବ କଳେବର ହୋଇଥିବା ବେଳେ ଗୋଲାମୁଣ୍ଡା ବ୍ଲକ ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ ଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଭାବରେ ମନୋନୀତ କରାଯାଇଛି। ଯାହାକୁ ନେଇ ଜିଲ୍ଲା କଂଗ୍ରେସ ମହଲରେ ଖୁସିର ଲହରୀ ଦେଖା ଦେଇଛି। ଇତି ପୂର୍ବରୁ ଶ୍ରୀ ନାଏକ ରାଜନୀତି କ୍ଷେତ୍ରରେ ୨୦୦୨ ମସିହାରେ ସମିତି ସଭ୍ୟ ଭାବରେ ନିର୍ବାଚିତ ହୋଇ ରାଜନୀତିରେ ପାଦ ଥାପିଥିଲେ। ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ଭାବରେ ରହିଥିଲେ। ଇତି ପୂର୍ବରୁ କଳାହାଣ୍ଡି ଲୋକସଭା ଯୁବ କଂଗ୍ରେସ ସଭାପତି, ଜିଲ୍ଲା କିସାନ କଂଗ୍ରେସ କମିଟିର ସଭାପତି ଦାୟିତ୍ୱରେ କାର୍ଯ୍ୟ ତୁଲାଇ ଆସୁଥିଲେ। ବର୍ତ୍ତମାନ ପ୍ରଦେଶ କଂଗ୍ରେସ କମିଟି ର ସମ୍ପାଦକ ଭାବରେ ମନୋନୀତ କରି ଚାରୋଟି ଜିଲ୍ଲାରେ କଂଗ୍ରେସ କୁ ତୃଣମୂଳ ସ୍ତରରେ ସଂଗଠିତ କରିବା ପାଇଁ ଦାୟିତ୍ୱ ଅର୍ପଣ କରିଛନ୍ତି। ଗଞ୍ଜାମ ପୂର୍ବ, ଗଞ୍ଜାମ ପଶ୍ଚିମ ଅନୁଗୁଳ, ଢେଙ୍କାନାଳ ଜିଲ୍ଲା ର କଂଗ୍ରେସ କୁ ସୁଦୃଢ଼ କରିବା ପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏବଂ ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଆସ୍ଥା ପ୍ରକଟ କରି ସଂଗଠନ କୁ ସୁଦୃଢ଼ କରିବା ପାଇଁ ପ୍ରଭାରୀ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭା ଚାରିଟି ଜିଲ୍ଲା ର ପ୍ରଭାରୀ ମନୋନୀତ ହେଲା ପରେ ଶ୍ରୀ ନାଏକ ଏଆଇସିସି ମଲ୍ଲିକାର୍ଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, କେସି ବେନୁଗୋପାଳ, ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଓଡିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାରତ ବେମାଲ ଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସମସ୍ତ ଙ୍କୁ ନେଇ କଂଗ୍ରେସ ସଂଗଠନ କୁ ମଜଭୁତ କରିବା ହିଁ ମୋର ଏକମାତ୍ର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ ଶ୍ରୀ ନାଏକ।

# ବିନା ସୂଚନା ଫଳକରେ ଚାଲିଛି ୩୦ କୋଟିର ରାସ୍ତା କାମ



**ବାଲିଆପାଳ,୨୮।୫ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟୟ କରୁଛନ୍ତି କୋଟି କୋଟି ଟଙ୍କା।କିନ୍ତୁ ଲୋକଙ୍କୁ ଅନ୍ଧାରରେ ରଖି ଠିକାଦାର ଓ ଯନ୍ତ୍ରୀ ହେଉଛନ୍ତି ମାଲାମାଲ।ଏମିତି ଏକଘଟଣା ପରିଲକ୍ଷିତ ହେଉଛି ଲଙ୍ଗଳେଶ୍ୱର ଠାରୁ କଷାଫଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ।ଏଇ ରାସ୍ତା ଗ୍ରାମ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେବାପରେ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୩୦କୋଟି ଟଙ୍କା।ପାଞ୍ଚ କିଲୋମିଟର କଂକ୍ରିଟ ଓ ୧୦କିଲୋମିଟର ପିଚୁ ସହିତ ଓସାରିଆ ଦୁଇ ଟିକିଆ ରାସ୍ତା ନିର୍ମାଣ ହେବା।ପ୍ରାୟ ଏକ ବର୍ଷ ହେବ ରାସ୍ତା କାମ ଆରମ୍ଭ ହୋଇ ଚାଲିଥିଲେ ହେଁ ଏଯାଏ ସୂଚନା ଫଳକ ଲାଗିନାହିଁ।ରାସ୍ତାର ଦୁଇ ପାଖରେ ଲୁଣି ମାଟି ପଡୁଥିବା ବେଳେ ମଲା ପଥର ମେଟାଲ ସହିତ କାର୍ଯ୍ୟ ନିମ୍ନ ମାନର ହେଉଛି।ଦୀର୍ଘ ଏକ ବର୍ଷ ଧରି ମନ୍ଥର ଗତିରେ କାର୍ଯ୍ୟ ଚାଲୁଥିବାରୁ ଯାତାୟତରେ ଲୋକେ ବହୁତ ହଇରାଣ ହରକତ ହେଉଛନ୍ତି।ପ୍ରତିଦିନ ରାସ୍ତାରେ ଧୂଳି ଏତେ ଜୋରରେ ଉଡୁଛି ଯେ ଯିବା ଆସିବା ଲୋକ ସହିତ ରାସ୍ତା ପାଖ ଲୋକ ଅସ୍ତବ୍ୟସ୍ତ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି।ଲଙ୍ଗଳେଶ୍ୱର ଠାରୁ ଗଞ୍ଜା ପର୍ଯ୍ୟନ୍ତ ଡ୍ରେନ କାମଟି ସବୁଠୁ ନିମ୍ନ ମାନର ହେଉଛି।ଡ୍ରେନ ସାଇଟରେ ବାଲି ନ ପକେଇ ମାଟି ପଡୁଛି ଯାହାକି ରାସ୍ତା କିଛିଦିନ ପରେ ଦବିଯିବାର ସମ୍ଭାବନା ରହିଛି।ଡ୍ରେନର ସାଇଜ ଠିକ ହେଉ ନାହିଁ କାର୍ଯ୍ୟ ଦେଖିବା ପାଇଁ ସରକାରୀ ଅଫିସର କେହି ଆସୁ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।ମିସ୍ତ୍ରୀ ଲେବର ସେମାନେ ତାଙ୍କ ମନ ଇଚ୍ଛା କାମ କରୁଛନ୍ତି।ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ଏଯାଏଁ କିଛି ସୁଫଳ ମିଳୁ ନାହିଁ ବୋଲି ଅଭିଯୋଗ ହୋଇଛି। ଫରଚ୍ୟୁନ ଗ୍ରୁପ ୪%ଲେସରେ କାର୍ଯ୍ୟ ନେଇ ବାଲିଆପାଳର ଅନ୍ୟ ଜଣେ ପାସି ଠିକାଦାରକୁ କାର୍ଯ୍ୟଭାର ଦେଇଥିବାର ଜଣାପଡ଼ିଛି।ଲୋକଙ୍କୁ ଅନ୍ଧାରରେ ରଖି ଯନ୍ତ୍ରୀ ଓ ଠିକାଦାର ମନମୁଖୀ କାର୍ଯ୍ୟ ଚଳାଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।ଖୁବଶୀଘ୍ର କାର୍ଯ୍ୟର ସୂଚନା ଫଳକ ନ ଲଗାଇଲେ ଅଞ୍ଚଳ ବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି।ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ସାହୁଙ୍କୁ ଏ ବିଷୟରେ ପଚାରିବାରୁ କାର୍ଯ୍ୟ ଠିକ ଚାଲିଛି ମାନ ହ୍ରାସ କରାଯାଉନାହିଁ ବୋଲି ସେ କହିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ମୃତ

**ନୟାଗଡ଼, ୨୮।୫(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମହିପୁର ରେଞ୍ଜ ସୁର୍କାବାଡୀ ନିକଟ କାଜୁ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ପୋକସଙ୍ଗା ଗାଁର ବ୍ରଜବନ୍ଧୁ ମଲ୍ଲିକ। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ପାରାଢିପି ପଞ୍ଚାୟତର ପୋକସୁଙ୍ଗା ଗ୍ରାମର ବ୍ରଜବନ୍ଧୁ ଜମି ବିକ୍ରି କରି ଧାର ଆଣିଥିବା ଟଙ୍କା ଫେରାଇ ବାକୁ ଗତକାଲି ସନ୍ଧ୍ୟାରେ ସୁର୍କାବାଡୀ ଯାଇଥିଲେ। ତେବେ ସେଠାରୁ ରାତିରେ ଫେରୁଥିବା ବେଳେ ବଣୁଆ ହାତୀ ଆକ୍ରମଣର ଶିକାର ହୋଇଥିଲେ। ବିଳମ୍ବିତ ରାତିରେ ଖବର ପାଇ ମହିପୁର ବନବିଭାଗ ଏବଂ ଓଡଗାଁ ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ଓଡଗାଁ ଡକ୍ତରଖାନାକୁ ପଠାଇଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଅଞ୍ଚଳବସୀ ଦାବି କରିଛନ୍ତି।




# ୧୦ଦିନ ପରେ ଅଭିଯୁକ୍ତ ଗୋଆରୁ ଗିରଫ

● ଗୁଣିଗାରେଡି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣା



**ଭବାନୀପାଟଣା, ୨୮।୫(ସଂଚାର ବ୍ୟୁରୋ):** ଗୁଣିଗାରେଡି ସନ୍ଦେହରେ କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଦେପୁର ଗାଁରେ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଗତ ୧୮ ତାରିଖ ଦିନ ଗୁଣି ଗାରେଡି କୁ ନେଇ ଦେପୁର ଗ୍ରାମର ଲିଙ୍ଗରାଜ ମାଝୀ(୨୨) ଯୁବକ, ସେହି ଗ୍ରାମର ୬୫ ବର୍ଷ ର ବୃଦ୍ଧ ରୂପସିଂ ମାଝୀ ଙ୍କୁ ପଞ୍ଚାୟତ ଗୃହ ଠାରେ ହତ୍ୟା କରିଥିଲା, ପରେ ଶବକୁ କାନ୍ଧ ରେ ବୋହି ଗାଁ ପୋଖରୀ କୁ ନେଇ ମୁଣ୍ଡ ଓ ଗଣ୍ଡି ଅଲଗା କରି ପୋଖରୀ ରେ ପୋତି ଫେରାର ହୋଇଯାଇଥିଲା। ଏନେଇ ମୃତକ ରୂପସିଂ ମାଝୀ ଙ୍କ ପରିବାର ଲୋକେ କଲମପୁର ଥାନା ରେ ଗତ ୨୦ ତାରିଖରେ ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ ଦେବାପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୂର୍ବରୁ ଗ୍ରାମ ର ଲିଙ୍ଗରାଜ ମାଝୀ ଗୁଣି ଗାରେଡି କୁ ନେଇ ବୃଦ୍ଧ ଙ୍କୁ ଜୀବନ ରେ ମାରି ଦେବାକୁ ଧମକ ଦେଇଥିବା ବେଳେ ଲିଙ୍ଗରାଜ ଉପରେ ସନ୍ଦେହ କରି ପୋଲିସ ଏକ ଟିମ ଗଠନ କରି ଫେରାର ଥିବା ଲିଙ୍ଗରାଜ ମାଝୀ କୁ ଗୋଆରୁ ଗିରଫ କରି ଆଣିଥିଲା। ପରେ ଅଭିଯୁକ୍ତ ସତ ସ୍ୱିକାର କରି କ୍ରାଇମ ରିକ୍ରିଏସନ ସମୟରେ ଘଟଣା ସ୍ଥଳକୁ ଯାଇ ଗୋଟିଗୋଟି କରି ସତ ଓଗାଳିଥିଲା। ଜୁନାଗଡ଼, ଜୟପାଟଣା, କଲମପୁର ଥାନା ପୋଲିସ ସମେତ ବଲାଙ୍ଗୀର ଓଡ୍ରାଫ ଟିମ୍ ଓ ଅଗ୍ନିଶମ ବାହିନୀ ଙ୍କ ସହାୟତା ରେ ପୋଖରୀ ମଧ୍ୟରୁ ମୃତକ ରୂପସିଂ ର ଗଣ୍ଡି କୁ ଉଦ୍ଧାର କରାଯାଇଛି।ତେବେ ମୃତକ ଙ୍କ ମୁଣ୍ଡ ମିଳିନାହିଁ। ପୁଲିସ ଘଟଣା ର ତଦନ୍ତ ଜାରି ରଖିଛି।

# ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ମୃତ ତିନି ଆହତ ବାରିପଦାରେ ଚିକିତ୍ସିତ

ବୈଶିଙ୍ଗା -୨୮/୫- ବୁଧବାର ଭୋର ୪.୩୦ ମିନିଟ ସମୟରେ ବୈଶିଙ୍ଗା ଥାନା ଅନ୍ତର୍ଗତ ଆଗ୍ରିଆ ହନୁମାନ ମନ୍ଦିର ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ତିନି ଜଣ ଗୁରୁତର ଆହତ ଅବସ୍ଥାରେ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ ବାଲେଶ୍ୱର ସହରରେ ବିଦ୍ୟୁତ ସରବରାହ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଟ୍ରାକ୍ଟର ବାରିପଦା ରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଆଗ୍ରିଆ ନିକଟରେ ଏକ ଦୃତଗାମୀ ଟ୍ରକ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଟ୍ରକ ଧକ୍କା ରେ ଟ୍ରାକ୍ଟର ଟି ରାସ୍ତା ପାର୍ଶ୍ୱରେ ଓଲଟି ପଡ଼ିବାରୁ ଏହାର ଡାଲା ତଳେ ଚାପିହୋଇ ଯାଇଥିଲେ ବାହାର ରାଜ୍ୟରୁ ଆସି ଥିବା ଶ୍ରମିକ ମାନେ। ଖବରପାଇ ବୈସିଙ୍ଗା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ସେତେବେଳକୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ସେମାନେ ହେଲେ ହରିୟାଣା କର୍ଣଲ୍ ଜିଲ୍ଲାର ସୁନ୍ଦର ଡଲ୍, ବୟସ ୪୦ ଓ ଉତ୍ତର ପ୍ରଦେଶ ମିରଟ ଅଞ୍ଚଳର ଅତୁଲ ଭାରତୀ, ୩୮ ବର୍ଷ। ଆହତ ମାନେ ହେଲେ ହରିୟାଣା କର୍ଣଲ୍ ଅଞ୍ଚଳର ପ୍ରଦିପ ରମଣ, କରନ୍ ଭଟ୍ଟନାଗର ଓ ବିକାଶ କଲ୍ୟାଣ। ଆହତମାନଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ନେଇଥିଲେ ଗୁରୁତର ହେବାରୁ ପରେ ବାରିପଦା ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ଫେରାର ହୋଇଯାଇଥିବା ଟ୍ରକକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ଚାଲିଥିବା ବୈଶିଙ୍ଗା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



# ରଥଯାତ୍ରା ପାଇଁ ପାଣ୍ଠି ଯୋଗାଇଦେବାକୁ ମନ୍ତ୍ରୀଙ୍କୁ ଚିଠିଲେଖିଲେ ସାଂସଦ



**ନୀଳଗିରି,୨୮।୫(ସଂଚାର ବ୍ୟୁରୋ):** ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ପାଇଁ ରାଜ୍ୟ ଆଇନମନ୍ତ୍ରୀଙ୍କୁ ପାଣ୍ଠି ଯୋଗାଇ ଦେବାକୁ ଚିଠିଲେଖି ଅନୁରୋଧ କରିଛନ୍ତି ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ରାଜ୍ୟର ତୃତୀୟ ସର୍ବବୃହତ ନୀଳଗିରି ଜଗନ୍ନାଥଙ୍କ ରଥଯାତ୍ରାକୁ ସରସସୁନ୍ଦର କରିବା ସହିତ ଏହାର ସୁପରିଚାଳନା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଏନେଇ ରାଜ୍ୟ ଅବକାରୀ, ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କୁ ଗତ ୨୪ତାରିଖ ଚିଠି ଲେଖିଥିବା ଜଣାଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ନୀଳଗିରି ରଥଯାତ୍ରା ମହାଧୁମଧାମରେ ପାଳନ ହେଉଥିବା ବେଳେ ଏହାକୁ ସୁରୁଖୁରୁରେ ପାଳନକରିବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ବାଲେଶ୍ୱର ସାଂସଦ ମନ୍ତ୍ରୀଙ୍କୁ ଚିଠିଲେଖି ପାଣ୍ଠିଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

● କୋମଣ୍ଡ ମାଙ୍କଡ଼ା ଖଣି ଅଡିଓ ଭାଇରାଲ ଘଟଣା

# ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବି କଲେ ସାମ୍ବାଦିକ ଭବନ ସଦସ୍ୟ

**ନୟାଗଡ଼,୨୮।୫(ସଂଚାର ବ୍ୟୁରୋ):** ଓଡ଼ଗାଁ ବ୍ଲକ କୋମଣ୍ଡ ବେଆଇନ ମାଙ୍କଡ଼ା ଖଣି କାରବାରକୁ ନେଇ ଏକ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ କି ନୟାଗଡ଼ ସାମ୍ବାଦିକଙ୍କୁ ଦିଆଯାଉଥିବା କୁହାଯାଇଥିଲା। ଏହା ସହିତ ସାମ୍ବାଦିକଙ୍କ ନାଁରେ ଅଶ୍ଳୀଳ ଭାଷା ବ୍ୟବହାର କରାଯାଇଛି। ଯାହାକୁ ଆଜି ସାମ୍ବାଦିକ ଭବନ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ଏଭଳି ଅପ୍ରାସଙ୍ଗିକ ପ୍ରସଙ୍ଗରେ ସାମ୍ବାଦିକଙ୍କ ନାଁ ଯୋଡ଼ି ସେମାନଙ୍କୁ ବଦନାମ କରାଯାଉଥିବା ସଦସ୍ୟମାନେ ମତ ଦେଇଛନ୍ତି। ଅଡିଓ ଭାଇରାଲ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଦାବି ହୋଇଛି। ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆର୍ଥିକ ଦେଣନେଣ ଓ ଅଡିଓର ସତ୍ୟାସତ୍ୟ ଜିଲ୍ଲା ପ୍ରଶାସନ ଓ



ପୁଲିସ ପ୍ରଶାସନ ତଦନ୍ତ କରି ଉନ୍ମୋଚନ କରୁ ବୋଲି ମତ ପ୍ରକାଶ ପାଇଛି। ଏନେଇ ଆଜି ସାମ୍ବାଦିକ ଭବନ ସଦସ୍ୟମାନେ ନୟାଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତତସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ପଟ୍ଟନାୟକ, ନିହାର ରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଖଟେଇ, ବିଭୂତି ଭୂଷଣ ସ୍ୱାଇଁ, ଅମିତ ପଟ୍ଟନାୟକ, ବିଶ୍ୱଜିତ ନାୟକ, ଭାସ୍କର ଚନ୍ଦ୍ର ସ୍ୱାଇଁ, ନବକିଶୋର ମିଶ୍ର, ବିଭୂତି ଭୂଷଣ ମାହାପାତ୍ର, ପ୍ରଦୀପ କୁମାର ପାତ୍ର, ପ୍ରଶାନ୍ତ କୁମାର ଜେନା, ଦେବବ୍ରତ ନାୟକ, ରବୀନ୍ଦ୍ର କୁମାର ଦାଶ, ରାଜ କୁମାର ସାହୁ, ସ୍ୱରୂପ ପଟ୍ଟନାୟକ, ଗୌରୀ ଶଙ୍କର ଦାଶ, ଦିନମଣି ମହାନ୍ତି ପ୍ରମୂଖ ସାମିଲ ହୋଇଥିଲେ।

# ହୃଦଘାତରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଅକାଳ ବିୟୋଗ

**ନୀଳଗିରି,୨୮।୫(ସଂଚାର ବ୍ୟୁରୋ):** ଜଦିଡା ଗାଁ ଜନୈକ ଅବସର ପ୍ରାପ୍ତ କର୍ମଚାରୀ ଙ୍କ ର ହୃଦ ଘାତରେ ଅକାଳ ବିୟୋଗ ହୋଇଯାଇଛି।ସୂଚନା ଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ଜଦିଡା ଗାଁ ର ସ୍ୱର୍ଗତ ଜଗନ୍ନାଥ ରାଉତ ଙ୍କର ମଧ୍ୟମ ପୁତ୍ର କାର୍ତ୍ତିକ ଚନ୍ଦ୍ର ରାଉତ(୭୭) ଗତକାଲି ରାତିରେ ହଠାତ ଛାତି ଯନ୍ତ୍ରଣା ହେବାରୁ ପରିବାର ଲୋକେ ପ୍ରଥମେ ବାଲେଶ୍ୱରଡାକ୍ତର ଖାନା କୁ ନେଇ ଥିଲେ।ଅବସ୍ଥା ସଙ୍କଟାପନ୍ନ ହେବା ରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।ଚିକିତ୍ସାଧିନ ଅବସ୍ଥାରେ ଆଜି ସକାଳ୮.୩୦ମିନିଟ ସମୟ ରେ ତାଙ୍କର ହୃଦ ଘାତରେ ମୃତ୍ୟୁ ହୋଇଥିଲା।ଦିନ ପ୍ରାୟ ଅପରାହ୍ନ୧ଘଟିକା ସମୟ ରେ ପୋଡାଶୁଳ ବଜାରେ ପହଁଚିବା ପରେ ଶୋଭାଯାତ୍ରାରେ ଶଶୁରଘର ଜାମୁଡ଼ିଆ ଗାଁ ପର୍ଯ୍ୟନ୍ତ ନିଆଯାଇ ସେଠାରୁ ଜନ୍ମମାଟି ଜଦିଡା ଗାଁମଶାଣି ରେ ଶ୍ରୀ ରାଉତ ଙ୍କର ଶେଷ କୃତ ସମ୍ପନ୍ନ କରାଯାଇଥିବା ବେଳେ ପୁତୁରା ରବୀନ୍ଦ୍ର ରାଉତ ମୁଖାଗ୍ନି ଦେଇଛନ୍ତି।ଶ୍ରୀ ରାଉତ ରାଜସ୍ୱ ବିଭାଗ ରେ ଅମିନ ଭାବେ ଚାକରିକରି ଅବସର ନେଇଥିଲେ।ସେ ଜଣେ ମିଷ୍ଟଭାସି, ମେଳାପୀ, ପରଉପକାରୀ, ବନ୍ଧୁବର୍ଷଳଥିଲେ।ତାଙ୍କ ମୃତ୍ୟୁ ରେ ପରିବାର, ବନ୍ଧୁ ବାନ୍ଧବ ସହିତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ତାଙ୍କ ମୃତ ପାଥିବ ଶରୀର ନିକଟରେ ସ୍ତ୍ରୀ କନକଲତା ରାଉତ, ପୁତ୍ର ବୋଧୂ ଜୁଳି ରାଉତ, ପୁତୁରା ବୋହୂ, ଭଣଜା ମିଥୁନ ଦଳେଇ, ଭାଇ ନରେନ୍ଦ୍ର ରାଉତ, ଗଦାଧର ରାଉତ, ଭଉଣୀହେମ, ତାଙ୍କ ୩ଝିଅ, ଜ୍ୱାଇଁ, ବନ୍ଧୁ ବାନ୍ଧବ, ସମ୍ପର୍କୀୟ ଶେଷ ଦର୍ଶନ କରିଥିଲେ।

# ପରାକ୍ରମ ଶୋଭାଯାତ୍ରା, ଜାଗ୍ରତ ମହିଳାମାନଙ୍କ ଅଭିନବ ଉଦ୍ୟମ



**ସୁବର୍ଣ୍ଣପୁର,୨୮।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଜାଗ୍ରତ ରାଷ୍ଟ୍ରବାଦୀ ମହିଳାମାନଙ୍କ ଉଦ୍ୟମରେ ଆଜି ସକାଳ ୮ଟାରୁ ଏକ ଭବ୍ୟ "ପରାକ୍ରମ ଶୋଭାଯାତ୍ରା" ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଅପରେସନ ସିନ୍ଦୁରର ଶୌର୍ଯ୍ୟ, ସେନାଶକ୍ତି ଓ ପ୍ରଜାଶକ୍ତିର ଗୌରବକୁ ଉଜାଗର କରିଥିଲା। ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିର ଠାରୁ ଆରମ୍ଭ ହୋଇ ବିଜୁପଟ୍ଟନାୟକ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ଜିଲ୍ଲା ଓ ସୋନପୁର ସହରର ବହୁ ସଂଖ୍ୟକ ମହିଳା, ମା, ଭଉଣୀ ଓ ସମ୍ମାନୀତ ଅତିଥିମାନେ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ଶ୍ରୀମତୀ ସୌମ୍ୟରୂପା ରଥ, ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବର୍ଗ।ତତସହ ଶୋଭାଯାତ୍ରାରେ ଜିଲ୍ଲାର ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ସେବା ସଂଗଠନର ଶହ ଶହ ମାଁ, ଭଉଣୀ ଅଂଶଗ୍ରହଣ କରି ଦେଶପ୍ରେମ ଓ ସେନାଶକ୍ତି ପ୍ରତି ସମର୍ଥନ ପ୍ରକାଶ କରିଥିଲେ। ଶୋଭାଯାତ୍ରା ପରେ ମହିଳା ସମନ୍ୱୟ ସମିତି ତରଫରୁ ବିଜୁ ପଟ୍ଟନାୟକ ଛକ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା, ଯାହାର ସଂଯୋଜନା କରିଥିଲେ ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ମହାପାତ୍ର। ସଭାରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ତଥା ବରଗଡ଼ରୁ ଆସିଥିବା ମୁଖ୍ୟ ବକ୍ତା ସୁଶ୍ରୀ ଜୟଶ୍ରୀ ମହାପାତ୍ର, ଅଧିବକ୍ତା ପ୍ରାନ୍ତ ମହିଳା ସମନ୍ୱୟର ସହ ସଂଯୋଜିକା ଓ ଅନ୍ୟମାନେ ଦେଶର ସୁରକ୍ଷା ଓ ପରାକାଷ୍ଠା ଉପରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଆରତୀ ଖମାରୀ, ସ୍ମିତାରାଣୀ ମେହେର, ନିରୂପମା ପରଧିଆ, ସୁନନ୍ଦା ସାହୁ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ସରୀତା ସାହୁ, ପୁଷ୍ପାଞ୍ଜଳୀ ମଲ୍ଲିକ, ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ପୂର୍ଣ୍ଣିମା ଓ ଲକ୍ଷ୍ମୀ ଭଉଣୀ ତଥା ଅନେକ ମହିଳା କାର୍ଯ୍ୟକର୍ତ୍ତାଙ୍କ ଅଭିନବ ଅଭିଯାନ ଜଣସାଧାରଣଙ୍କ ଭିତରେ ଦେଶପ୍ରେମ ଓ ଜାଗୃତି ଉନ୍ମେଷ କରିଥିଲା। ଏହି ଅବସରରେ ପର୍ଯ୍ୟଟନରେ ଯାଇ ବଳିଦାନ ହୋଇଥିବା ଅମର ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଜଣାଇବା ସହ ଦେଶପ୍ରତି କୃତଜ୍ଞତା ପ୍ରକାଶ କରାଯାଇଥିଲା। ଜିଲ୍ଲା ମାରୱାଡ଼ି ଯୁବାମଞ୍ଚ ଓ ଟ୍ରକ ଆସୋସିଏସନ୍ ତରଫରୁ ସମସ୍ତ ସହଭାଗୀ ଓ ସାଧାରଣ ଲୋକମାନଙ୍କୁ ଥଣ୍ଡାପାନୀୟ ବିତରଣର ବ୍ୟବସ୍ଥା ହୋଇଥିଲା। ସୋନପୁର ଜନସାଧାରଣ, ପ୍ରଶାସନ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ବିପୁଳ ସମର୍ଥନ ଓ ଅନୁଶାସନାତ୍ମକ ଅଭିଗମରେ ଏହି ପରାକ୍ରମ ଶୋଭାଯାତ୍ରା ବେଶ ସଫଳ ଓ ସଂଗଠିତ ହୋଇପାରିଥିବାରୁ ଆୟୋଜକଙ୍କ ପକ୍ଷରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।



# ଫେକ୍ ନ୍ୟୁଜ୍‌କୁ ଧରିଲେ ଟ୍ୱିଙ୍କିଲ୍



ଅପରେସନ୍ ସିନ୍ଦୂର' ଆଧାରିତ ଚଳଚ୍ଚିତ୍ର ନିର୍ମାଣ କରିବା ଲାଗି ବଲିଉଡ୍‌ର ଦୁଇ ଜଣାଶୁଣା ଅଭିନେତା ଅକ୍ଷୟ କୁମାର ଓ ଭିକି କୌଶଲ୍‌ଙ୍କ ଭିତରେ ଝଗଡ଼ା ଲାଗିଛି ବୋଲି ଜୋର୍‌ଦାର୍ ଚର୍ଚ୍ଚା ଚାଲିଥିଲା। ଅର୍ଥାତ୍ ଦୁଇ କଳାକାରଙ୍କ ଭିତରେ ଟାଇଟଲ୍ ହାତେଇବା ନେଇ ଟଣାଓଟରା ଚାଲିଥିବା କଥା ଇଣ୍ଟର୍‌ନେଟ୍‌ରେ ପ୍ରଚାର ହେଉଥିଲା। ଅସଲରେ ପ୍ରଯୋଜକ ଉତ୍ତମ ମାହେଶ୍ୱରୀ ପ୍ରଥମେ 'ଅପରେସନ୍ ସିନ୍ଦୂର' ଶୀର୍ଷକ ଛବି କରୁଥିବା ନେଇ ଘୋଷଣା କରିଥିଲେ। କିନ୍ତୁ କଡ଼ା ସମାଲୋଚନା ପରେ ସେ ଏଥିରୁ ଓହରି ଯାଇଥିଲେ। ଏହାପରେ ଅକ୍ଷୟ ଓ ଭିକିଙ୍କୁ ନେଇ ଚର୍ଚ୍ଚା ମୁଣ୍ଡ ଟେକିଥିଲା। ତେବେ ଏହି ଘଟଣା ଉପରୁ ପର୍ଦ୍ଦା ହଟାଇଛନ୍ତି ଅକ୍ଷୟଙ୍କ ପତ୍ନୀ ଟ୍ୱିଙ୍କିଲ୍ ଖାନ୍ନା। ସେ କହିଛନ୍ତି ଯେ ଯେତେବେଳେ ମୁଁ ଏସବୁକୁ ନେଇ ସୋସିଆଲ୍ ମିଡିଆରେ ଶହ ଶହ ମେସେଜ୍ ପାଇଲି, ସଙ୍ଗେ ସଙ୍ଗେ ଅକ୍ଷୟଙ୍କୁ ଫୋନ୍‌କଲି। ଅକ୍ଷୟ କହିଲେ, ଏଇଟା ପୂରାପୂରି ଫେକ୍ ନ୍ୟୁଜ୍। ସଂପୂର୍ଣ୍ଣ ମିଛକଥା। ଆଜିକାଲି ସୋସିଆଲ୍ ମିଡିଆରେ ଏତେ ମିଛ ଖବର ଆସୁଛି ଯେ କେଉଁଟି ସତ ଓ କେଉଁଟି ମିଛ ତାହା କଳନା କରିବା କାଠିକର ପାଠ ବୋଲି ଟ୍ୱିଙ୍କିଲ୍ କହିଛନ୍ତି।

# ଆସୁଛନ୍ତି ମହେଶ ବାବୁଙ୍କ ପୁତୁରା ଜୟା କ୍ରିଷ୍ଣା



ପୁଣି ଜଣେ ଫିଲ୍ମ ପରିବାରର ସନ୍ତାନ ଅଭିନୟକୁ ଆସୁଛନ୍ତି। ବଲିଉଡ୍ ନୁହେଁ, ଟଲିଉଡ୍‌ରେ ତାଙ୍କ ଆଗମନ ବେଶ୍ ଚର୍ଚ୍ଚାରେ ଅଛି। ସେ ହେଉଛନ୍ତି ତେଲୁଗୁ ସୁପର୍‌ଷ୍ଟାର୍ ମହେଶ ବାବୁଙ୍କ ପୁତୁରା ଘଟ୍ଟାମନେନୀ ଜୟା କ୍ରିଷ୍ଣା। ତେଲୁଗୁ ଅଭିନେତା-ପ୍ରଯୋଜକ ରମେଶ ବାବୁଙ୍କ ପୁଅ ଜୟା କ୍ରିଷ୍ଣା ଆମେରିକାରେ ରହି ଅଭିନୟ ତାଲିମ ଗ୍ରହଣ କରିଛନ୍ତି। ବାବୁ ଖାନ୍‌ଦାନ୍‌ର ତୃତୀୟ ପିଢ଼ି ହେଉଛନ୍ତି ଜୟା କ୍ରିଷ୍ଣା। ତାଙ୍କ ଜେଜେବାପା କ୍ରିଷ୍ଣା ତେଲୁଗୁ ସିନେମାରେ ଜଣେ କିଂବଦନ୍ତି ପୁରୁଷ ହୋଇଥିବା ବେଳେ ବାପା ରମେଶ ବାବୁ ୮୦ରୁ ୯୦ ଦଶକ ମଧ୍ୟରେ ବହୁ ହିଟ୍ ଛବି ଉପହାର ଦେଇ ଦର୍ଶକଙ୍କ ହୃଦୟରେ ରାଜ୍ କରିଥିଲେ। ତାଙ୍କ ଅଭିନୀତ 'ସମ୍ରାଟ୍', 'ବଜାର ରାଓଡି' ଓ 'ମୁଗୁରୁ କୋଡୁକୁଲ୍ଲୁ' ଆଦି ତେଲୁଗୁ ଛବି ସୁପର୍‌ଡୁପର୍ ହିଟ୍ ହୋଇଥିଲା। ଏହାପରେ ସେ ପ୍ରଯୋଜନାକୁ ଆସି ସାନଭାଇ ମହେଶ ବାବୁଙ୍କ ସୁପର୍‌ହିଟ୍ ଛବି 'ଡୁକୁଡୁ', 'ଅର୍ଜୁନ୍', 'ଅଥିଧି'ର ନିର୍ମାଣ କରିଥିଲେ। ସୂଚନା ଅନୁସାରେ, 'ଆର୍‌ଏକ୍ସ ୧୦୦' ଫେମ୍ ନିର୍ଦ୍ଦେଶକ ଅଜୟ ଭୂପତିଙ୍କ ନିର୍ଦ୍ଦେଶିତ ଏକ ଆକ୍‌ସନ୍ ଭର୍ତ୍ତି ଚଳଚ୍ଚିତ୍ର ଜରିଆରେ ଜୟା କ୍ରିଷ୍ଣାଙ୍କୁ ଲଞ୍ଚ୍ କରିବ ତେଲୁଗୁ ସିନେମାର ପ୍ରତିଷ୍ଠିତ ପ୍ରଯୋଜନା ସଂସ୍ଥା ବୈଜୟନ୍ତୀ ଫିଲ୍ମସ୍। ଏକ ପ୍ରତିଷ୍ଠିତ ଫିଲ୍ମ ପରିବାରରୁ ଆସିଥିବାରୁ ଜୟା କ୍ରିଷ୍ଣାଙ୍କ ଡେବ୍ୟୁ ନେଇ ତେଲୁଗୁ ଫିଲ୍ମ ଶିଳ୍ପରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି।

## ହାଲ୍‌ଚାଲ୍



- ସଂକେତ ତ୍ରିପାଠୀ ଓ ଇଲା ମିଶ୍ରଙ୍କ ପ୍ରଯୋଜିତ ପ୍ରଥମ ଓଡ଼ିଆ ସିନେମା 'ଗୁରୁଜୀ ନମସ୍କାର'ର ପୋଷ୍ଟ ପ୍ରଡକ୍‌ସନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିତେନ୍ଦ୍ରୀୟ ପ୍ରଧାନ ଏହାର ନିର୍ଦ୍ଦେଶକ। ଏଥିରେ ଅମନ, ଶିବାଂଶୀ ସେନ୍, ଗୌରବ ମହାନ୍ତି, ଶ୍ରୁତି ଦାସମହାପାତ୍ର ଓ ଇଲୁ ବାନାର୍ଜୀ ମୁଖ୍ୟ ଭୂମିକାରେ ଅଛନ୍ତି। ସଂକେତ ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିବା ବେଳେ ଶ୍ରୀକାନ୍ତ ଗୌତମ ଗୀତ ରଚନା କରିଛନ୍ତି। ଅଭିଜିତ ମଜୁମ୍‌ଦାର୍ ଏହାର ସଙ୍ଗୀତ ନିର୍ଦ୍ଦେଶକ।



- ଅଭିଷେକ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ତଥା ଆକାଶ, ଅଙ୍କିତ କୁମାର, ବିଭାସ ଓ ଅନୁ ଚୌଧୁରୀ ଅଭିନୀତ 'ଜୟହିନ୍ଦ୍'ର ପୋଷ୍ଟ ପ୍ରଡକ୍‌ସନ୍ କାମ ଚାଲିଥିବା ବେଳେ ଏହାର ପ୍ରଯୋଜିକା ଶୁଭଶ୍ରୀ ମଙ୍ଗରାଜ ଆଉ ଏକ ଓଡ଼ିଆ ଛବି ନିର୍ମାଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏହାର କାହାଣୀ ଚୟନ ଚାଲିଛି।



- 'କସ୍ତୁରୀ'ଓ 'ରାକେଟ୍' ପରେ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି ଆଉ ଏକ ଓଡ଼ିଆ ଛବିର ନିର୍ଦ୍ଦେଶନା ଦେବାକୁ ପ୍ରସ୍ତୁତ ହେଉଛନ୍ତି। ଏହାର ସ୍କ୍ରିପ୍ଟ କାମ ଚାଲିଛି।

# ଆଇଟମ୍ ଗୀତରେ ବାବୁଙ୍କ ସହ ନାଚିଲେ କୁକିଜ୍





ଏବେ ଓଡ଼ିଆ ଚଳଚ୍ଚିତ୍ରର ଜଣାଶୁଣା ନାୟିକାମାନେ ଆଇଟମ୍ ନମ୍ବର କରିବାକୁ ଆଗେଇ ଆସୁଛନ୍ତି। ଅନୁ ଚୌଧୁରୀ, ନମ୍ରତା ଥାପ୍ପା, ଏଲିନା, ଦିବ୍ୟା, ଅନନ୍ୟା, ଅଙ୍କିତା ଦାଶ, ଲଭ୍‌ଲି, ଅନୁଭା, ସୁପ୍ରିୟା, ରୀୟା ଓ ଜୀନାଙ୍କ ପରି ଆଗଧାଡ଼ିର ନାୟିକାମାନେ ଆଇଟମ୍ ନମ୍ବର କରି ବେଶ୍ ଚର୍ଚ୍ଚିତ ବି ହୋଇଛନ୍ତି। ଏବେ ଏହି ତାଲିକାରେ ଆଉ ଏକ ନାଆଁ ଯୋଡ଼ିହୋଇଛି। ସେ ହେଲେ 'କସ୍ତୁରୀ' ଓ 'ହାଫ୍ ଲଭ୍‌ଷ୍ଟୋରି' ଭଳି ଓଡ଼ିଆ ଛବି ଓ 'ଆସ୍ତିକ ନାସ୍ତିକ', 'ମା ପେଟରୁ ମୁଁ ଜଗତଜିତା' ଓ 'ତୋ ବିନୁ ଅନ୍ୟ ଗତି ନାହିଁ' ଭଳି ଟେଲିସିନେମା ଏବଂ 'ରକ୍ତତୀର୍ଥ' ଭଳି ୱେବ୍ ସିରିଜ୍‌ର ନାୟିକା କୁକିଜ୍ ସ୍ୱାଇଁ। ବାବୁସାନ୍‌ଙ୍କ ଅଭିନୀତ 'ବୋଉ ବୁଟୁ ଭୂତ'ରେ ପ୍ରଥମଥର ପାଇଁ ଆଇଟମ୍ ଗାର୍ଲ ସାଜିଛନ୍ତି କୁକିଜ୍। ଏଥିରେ ଥିବା 'ଡୁଙ୍ଗୁଥିଲି...' ଗୀତରେ ନଜର ଆସିବେ ସେ। ଏହି ଆଇଟମ୍ ଗୀତରେ ବାବୁସାନ୍ ଓ କୁକିଜ୍‌ଙ୍କ ବ୍ୟତୀତ ବଣ୍ଟି ଅନୁଗୁଳିଆ ଓ ଉଦିତ ଗୁରୁଙ୍କୁ ବି ଦେଖିବାକୁ ମିଳିବ। ଗୌରବ ଆନନ୍ଦଙ୍କ ସ୍ୱର ସଂଯୋଜିତ ଏହି ଆଇଟମ୍ ନମ୍ବରରେ କଣ୍ଠଦାନ କରିଛନ୍ତି କୁଲଦୀପ ଓ ଅନ୍ତରା ଚକ୍ରବର୍ତ୍ତୀ। ଏହି ସିନେମାରେ କୁକିଜ୍‌ଙ୍କୁ ପ୍ରଥମଥର ଲାଗି ବାବୁସାନ୍‌ଙ୍କ ସହ ସ୍କ୍ରିନ୍ ସେୟାର୍ କରିବାର ସୁଯୋଗ ମିଳିଛି।

ଏ ନେଇ କୁକିଜ୍ କହନ୍ତି, "ବାହାଘର ପରେ ଏହା ମୋର ପ୍ରଥମ ସିନେମା। ନିଜେ ବାବୁସାନ୍ ମହାନ୍ତି ପ୍ରଥମେ ଏହି ଆଇଟମ୍ ନମ୍ବର ଲାଗି ଆପ୍ରୋଚ୍ କରିଥିଲେ। ପରେ ପ୍ରଯୋଜିକା ତୃପ୍ତି ଶତପଥୀ ମ୍ୟାମ୍ ଓ କୋରିଓଗ୍ରାଫର୍ ଅମିତ ସାର୍ କଲ୍ କରିଥିଲେ। ବାବୁସାନ୍‌ଙ୍କ ସହ ସ୍କ୍ରିନ୍ ସେୟାର୍ କରିବାର ସୁଯୋଗ ହାତଛଡ଼ା କରିବାକୁ ଚାହିଁଲିନି। ଏଣୁ ହଁ ଭରିଥିଲି। ଦୁଇଦିନ ଧରି ଏହି ଗୀତର ସୁଟିଂ ହୋଇଥିଲା।"

# ଅତିଥି କଳାକାର ଶୀତଲ୍



ଓଲିଉଡ୍‌ର ଲୋକପ୍ରିୟ ନାୟିକା ଶୀତଲ୍‌ଙ୍କୁ ଦର୍ଶକ ଶେଷଥର ଲାଗି ଓଡ଼ିଆ ଛବି 'ଆଜିର ରେବତୀ'ରେ ଦେଖିବାକୁ ପାଇଥିଲେ। ଆର୍ ଆର୍ ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍‌ସନ୍ସ ବ୍ୟାନର୍‌ରେ ନିର୍ମିତ ରମେଶ ବାରିକଙ୍କ ପ୍ରଯୋଜିତ ତଥା ଶୁଭ୍ରାଂଶୁ ଦାସଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ବେଶ୍ ବଳିଷ୍ଠ ଅଭିନୟ ବି କରିଥିଲେ ସେ। ଏବେ ପୁଣି ସେହି ପ୍ରଯୋଜନା ସଂସ୍ଥାର ଅନ୍ୟଏକ ସିନେମାରେ କାମ କରୁଛନ୍ତି ଶୀତଲ୍। ହେଲେ ଏଥିରେ ତାଙ୍କୁ ମୁଖ୍ୟ ଭୂମିକା ନୁହେଁ, ବରଂ ଅତିଥି କଳାକାର ଭାବେ ଦେଖିବାକୁ ମିଳିବ। ଏହା ତାଙ୍କର ପ୍ରଥମ ଗେଷ୍ଟ ଆପିୟରାନ୍ସ ହେବ।

ଏଥିରେ ଶୀତଲ୍‌ଙ୍କ ଭୂମିକାଟି ସଂକ୍ଷିପ୍ତ ହେଲେ ବି ଦମ୍‌ଦାର୍। ତାଙ୍କ ଚରିତ୍ରକୁ ଦର୍ଶକ ପସନ୍ଦ କରିବେ ବୋଲି ପ୍ରଯୋଜକ ରମେଶ ବାରିକ କହିଛନ୍ତି। ଏଠାରେ ଯେଉଁ ଓଡ଼ିଆ ସିନେମା କଥା କୁହାଯାଉଛି, ତାହା ହେଲା 'ସ୍ୱଟ୍ ବୟ'। ଏଥିରେ 'ରାମ୍' ଫେମ୍ ରୂପ୍‌ସା ନାୟିକା ଭୂମିକାରେ ଥିବା ବେଳେ ଅଭିଷେକ ପଣ୍ଡା ନାୟକ ଭୂମିକାରେ ଅଛନ୍ତି। ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ 'ସ୍ୱଟ୍‌ବୟ'ର ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀରଞ୍ଜନ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଅସଦ୍ ନିଜାମ୍। ୨୦୧୫ରେ ରିଲିଜ୍ ହୋଇଥିବା 'ଯିଏ ଯାହା କହୁ ମୋର ଡ଼୍ରୋ' ଛବିରୁ କ୍ୟାରିୟର୍ ଆରମ୍ଭ କରିଥିଲେ ଶୀତଲ୍। ଏହାପରେ ସେ 'ଭଲପାଏ ତତେ ୧୦୦ରୁ ୧୦୦', 'ଦିଲ୍ ଦିୱାନା ହେଇଗଲା', 'ସୁନାପିଲା- ଟିକେ ସ୍କୃ ଢିଲା', 'ତୁ ଯେ ସେଇ', 'ତୋ'ର ଦିନେକୁ ମୋ'ର ଦିନେ', 'ପ୍ରେମରେ ପ୍ରେମରେ', 'ମିଷ୍ଟର୍ ମଜ୍‌ନୁ', 'ତୋ'ର ମୋର କଟି', 'ତୁ ମୋ ଓକେ', 'ପ୍ରଥା' ଓ 'ଆଜିର ରେବତୀ' ଆଦି ଫିଲ୍ମରେ ନଜର ଆସିଛନ୍ତି ।

# 'ଶମ୍ଭୁ'ର କେଲୁ କୁଅଁର



ଅରିନ୍ଦମଙ୍କ ଅଭିନୀତ 'ଲଭ୍ ୟୁ ହମେଶା' ଓ ବାବୁସାନ୍‌ଙ୍କ ଅଭିନୀତ 'ବିଦ୍ୟାରାଣୀ'ରେ ଖଳନାୟକ ଭାବେ ନଜର ଆସିଥିବା ଯାତ୍ରା ଜଗତର ଜଣାଶୁଣା ଅଭିନେତା ପୀୟୂଷ ତ୍ରିପାଠୀଙ୍କୁ ଓଡ଼ିଆ ସିନେପ୍ରେମୀ ପୁଣି ଥରେ ବଡ଼ପରଦାରେ ଦେଖିବାକୁ ପାଇବେ। ନୂଆ ଓଡ଼ିଆ ଛବି 'ଶମ୍ଭୁ'ରେ ଆଉ ଥରେ ଖଳନାୟକୀ କରୁଛନ୍ତି ସେ। ଏଥିରେ ପୀୟୂଷଙ୍କ ଅଭିନୀତ ଚରିତ୍ରର ନାଆଁ ରହିଛି କେଲୁ କୁଅଁର। ବ୍ରହ୍ମପୁରିଆ ଯୁବକ କେଲୁ ରାଜଧାନୀରେ ରହନ୍ତି। ଜଣେ ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଅପରାଧ ଦୁନିଆରେ ନିଜର ଦବଦବା ଜାହିର କରନ୍ତି। ଘଟଣାକ୍ରମେ ନାୟକ ଶମ୍ଭୁଙ୍କ ସହ କେଲୁ କୁଅଁରର ଶତ୍ରୁତା ହୁଏ। ଶେଷରେ ଏହି ଶତ୍ରୁତା କିଭଳି ରୂପନିଏ ତାହା ଜାଣିବାକୁ ହେଲେ ଆପଣଙ୍କୁ ଚଳଚ୍ଚିତ୍ରର ରିଲିଜ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଆକ୍‌ସନ୍‌ରେ ଭରପୂର ଏହି କାହାଣୀରେ ଜବରଦସ୍ତ ଟୁଇଷ୍ଟ ରହିଛି ବୋଲି କହିଛନ୍ତି ନିର୍ଦ୍ଦେଶକ ଏସ୍ ଦିଲୀପ ପଣ୍ଡା। ଏହି ଫିଲ୍ମର ନାୟକ ଶମ୍ଭୁ ଭୂମିକାରେ ଅଛନ୍ତି ଶୁଭମ୍। ତମନ୍ନା, ଜୀବନ ପଣ୍ଡା, ହରିହର ମହାପାତ୍ର, ବାବୁ ପ୍ରଧାନ, ଚିନ୍ତାମଣି ବିଶ୍ୱାଳ, କେକେ, ଡିସ୍କୋ ରେଡ୍ଡୀ, ବ୍ଲାକ୍ ରବି ଓ ଶିଶୁ କଳାକାର ବିନସ୍ୱୀ ଜେନା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଫାଇଟ୍ ମାଷ୍ଟର୍ ଶୈଳେନ୍ଦ୍ର ଏହାର ଷ୍ଟଣ୍ଟ ଡିରେକ୍ଟର୍। ଅନୁପମା ମୁଭିଜ୍ ବ୍ୟାନର୍‌ରେ ନିର୍ମିତ ତଥା ବିଭୂତି ଜେନାଙ୍କ ପ୍ରଯୋଜିତ 'ଶମ୍ଭୁ'ର ସଂଳାପକାର ଡକ୍ଟର ରଜନୀରଂଜନ ଓ ସଙ୍ଗୀତକାର ଦୀପକ କୁମାର।

# ରଚନା ଅପା ମୋ ଗୁରୁ





ସିନେମା କି ଟେଲିଭିଜନ୍ ପରଦାରେ ଦିଶୁଥିବା ଚେହେରାମାନେ ଆଖିକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଦିଶନ୍ତି। ସେମାନଙ୍କ ବେଶଭୂଷାଠୁ ନେଇ କେଶବିନ୍ୟାସ, ମେକ୍‌ଅପ୍‌ରୁ ନେଇ ସାଜସଜ୍ଜାଯାଏ ସବୁକିଛି ନିଖୁଣ ହୋଇଥାଏ। ହେଲେ ଆପଣ ଜାଣନ୍ତି କି ସେହି ସୁନ୍ଦର ଚେହେରା ପଛରେ କେତେ ଜଣଙ୍କର ହାତ ଥାଏ ? ମେକ୍‌ଅପ୍ ମ୍ୟାନ୍, କଷ୍ଟ୍ୟୁମ୍ ଡିଜାଇନର୍, ହେୟାର୍ ଷ୍ଟାଇଲିଷ୍ଟ ଆଦିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଚଳଚ୍ଚିତ୍ର ନାୟିକାଙ୍କ ଅଧା ସୌନ୍ଦର୍ଯ୍ୟ ତ ଥାଏ ତାଙ୍କ କେଶବିନ୍ୟାସରେ।



ଅଭିନେତ୍ରୀଙ୍କ କେଶକୁ ଯେତେ ସୁନ୍ଦର ଶୈଳୀରେ ସଜାଯାଏ ତାଙ୍କ ସୌନ୍ଦର୍ଯ୍ୟ ସେତେ ଉକୁଟି ଉଠେ। ସିନେମା/ଧାରାବାହିକରେ ଅଭିନେତ୍ରୀମାନଙ୍କ କେଶକୁ ଆକର୍ଷଣୀୟ ଢଙ୍ଗରେ ଉପସ୍ଥାପିତ କରିବାର ଦାୟିତ୍ୱ 'ହେୟାର୍ ଷ୍ଟାଇଲିଷ୍ଟ'ମାନଙ୍କ ହାତରେ ଥାଏ। ଓଲିଉଡ୍‌ର ଜଣେ ଜଣାଶୁଣା ହେୟାର୍ ଷ୍ଟାଇଲିଷ୍ଟ ହେଉଛନ୍ତି ମୌସୁମୀ ସ୍ୱାଇଁ (ସୁମି)। ୨୦୦୧ ମସିହାରେ ସିଦ୍ଧାନ୍ତ ମହାପାତ୍ର ଓ ରଚନା ବାନାର୍ଜୀଙ୍କ ଅଭିନୀତ ସିନେମା 'ମୋ କୋଳ ତୋ ଝୁଲଣା'ରୁ ସେ କ୍ୟାରିୟର୍ ଆରମ୍ଭ କରିଥିଲେ।



ବିନା କୌଣସି ଯୋଜନାରେ ସେ କେମିତି ସିନେଜଗତକୁ ପଶି ଆସିଥିଲେ ସେକଥା ମନେପକାନ୍ତି ସୁମି, "ବିୟୁଟିସିଆନ୍ କୋର୍ସ କରିବା ପରେ ଭୁବନେଶ୍ୱରର ମାଷ୍ଟର୍‌କ୍ୟାଣ୍ଟିନ୍ ଅଞ୍ଚଳରେ ଥିବା ଏକ ପାର୍ଲର୍‌ରେ ମାତ୍ର ୨ଦିନ କାମକରିଥାଏ। ଏଇ ସମୟରେ 'ମୋ କୋଳ ତୋ ଝୁଲଣା' ସିନେମାର ଯିଏ ହେୟାର୍ ଷ୍ଟାଇଲିଷ୍ଟ ଥିଲେ ସେ ୮ଦିନ କାମକରି ହଠାତ୍ କାମ ଛାଡ଼ିଦେଲେ। ସେତେବେଳେ ମୁଁ ଯେଉଁ ପାର୍ଲର୍‌ରେ କାମ କରୁଥିଲି ଫିଲ୍ମ ୟୁନିଟ୍ ପକ୍ଷରୁ ହେୟାର୍ ଷ୍ଟାଇଲିଷ୍ଟ ଯୋଗାଇ ଦେବା ପାଇଁ ସେ ପାର୍ଲର୍ ସହ ଯୋଗାଯୋଗ କରାଗଲା। ସେମାନେ ମୋତେ ହେୟାର୍ ଷ୍ଟାଇଲିଷ୍ଟ ଭାବେ ସୁଟିଂସ୍ଥଳ ଢେଙ୍କାନାଳ ପଠାଇଲେ। ସେଇଠୁ ଆରମ୍ଭ ହେଲା ମୋର ସିନେମା ସହ ସଂଯୋଗ।"



କ୍ୟାରିୟର୍‌ର ପ୍ରଥମ ଦିନକୁ ମନେପକାଇ ହେୟାର୍ ଷ୍ଟାଇଲିଷ୍ଟ ସୁମି କହନ୍ତି, "ମୁଁ ସୁଟିଂ ସେଟସ୍‌ରେ ପ୍ରଥମଥର ପାଇଁ ମୁନାଭାଇ (ସିଦ୍ଧାନ୍ତ ମହାପାତ୍ର) ଓ ରଚନାଅପା (ରଚନା ବାନାର୍ଜୀ)ଙ୍କୁ ଦେଖି ଖୁବ୍ ଉତ୍ସାହିତ ହୋଇଗଲି। ମୋତେ ଖୁବ୍ ଡର ବି ଲାଗୁଥାଏ। ହେଲେ ରଚନାଅପାଙ୍କ କେଶସଜ୍ଜା କରିବା ମୋ ପାଇଁ ଆଶୀର୍ବାଦ ଥିଲା। ତାଙ୍କୁ ମୁଁ ଗୁରୁ ଭଳି ମାନେ। ମୁଁ ଯାହା ବି କିଛି ଶିଖିଥିଲି, ତା'ଠାରୁ ଅଧିକ ସେ ମୋତେ ଶିଖେଇଛନ୍ତି। ସେ ମୋ ହାତ ଧରି କାମ କରେଇଛନ୍ତି। ତାଙ୍କ ହେୟାର୍ ଷ୍ଟାଇଲିଂ କରି କରି ମୁଁ ନିଜକୁ ଦକ୍ଷ କରିପାରିଛି।"

ରଚନା ବାନାର୍ଜୀଙ୍କ ପରେ ପରେ ଓଲିଉଡ୍‌କୁ ଆସିଥିବା ଅଧିକାଂଶ ନାୟିକାଙ୍କ କେଶବିନ୍ୟାସ କରିଛନ୍ତି ସୁମି। ଫିଲ୍ମ କି ସିରିୟଲ୍‌ରେ କାମ କଲା ବେଳେ ଅଭିନେତ୍ରୀଙ୍କ ଚେହେରା ଓ ଚରିତ୍ର ଅନୁସାରେ ହିଁ କେଶସଜ୍ଜା କରିବାକୁ ପଡ଼େ ବୋଲି ସେ ମତ ଦିଅନ୍ତି। ସବୁ ଅଭିନେତ୍ରୀଙ୍କ ମୁହଁକୁ ସବୁ ପ୍ରକାରର ଡିଜାଇନ୍ ମାନେନାହିଁ। ମୁହଁର ଗଢ଼ଣ ଓ କଷ୍ଟ୍ୟୁମ୍ ଦେଖି କେଶଶୈଳୀ ଡିଜାଇନ୍ କରିବାକୁ ପଡ଼େ। ଆଜିକାଲି ଅଭିନେତାଅଭିନେତ୍ରୀଙ୍କ କେଶସଜ୍ଜା ସମୟରେ ବହୁଳ ଭାବେ 'ହେୟାର୍ ଏକ୍ସଟେନ୍‌ସନ୍' ବ୍ୟବହାର କରାଯାଉଛି। ଏ ବିଷୟରେ ସୁମିଙ୍କୁ ପଚାରିବାକୁ ସେ କହନ୍ତି କି ଆଜିକାଲି ପ୍ରାୟ ସମସ୍ତଙ୍କ କେଶରେ 'ହେୟାର୍ ଏକ୍ସଟେନ୍‌ସନ୍' ଲଗାଇବାକୁ ପଡୁଛି। କାରଣ ଅସଲ କେଶରେ ସେତେ ଭଲ ଡିଜାଇନ୍ କରିହୁଏନି। 'ହେୟାର୍ ଏକ୍ସଟେନ୍‌ସନ୍' ଲଗାଇଲେ ଲୁକ୍ ଭଲ ଆସେ। ପ୍ରାୟ ୨୫ ବର୍ଷ ହେବ ଏଇ ବୃତ୍ତିରେ ଥିବା ସୁମିଙ୍କୁ ଓଲିଉଡ୍‌ରେ ହେୟାର୍ ଷ୍ଟାଇଲିଂ କ୍ୟାରିୟର୍‌ର ଭବିଷ୍ୟତ ସଂପର୍କରେ ପଚାରିଲେ ସେ ମତ ଦିଅନ୍ତି, "ଇଣ୍ଡଷ୍ଟ୍ରିରେ ବହୁତ ହେୟାର୍ ଷ୍ଟାଇଲିଷ୍ଟ ଅଛନ୍ତି। ମାତ୍ର ବଛା ବଛା କେତେଜଣ ନିଜର ସ୍ଥିତି ସୁଦୃଢ଼ କରିପାରିଛନ୍ତି। ଠିକ୍ ଭାବେ ଦାୟିତ୍ୱ ତୁଲାଇ ପାରିଲେ ଏହା ମଧ୍ୟ ଉତ୍ତମ ରୋଜଗାରର ମାଧ୍ୟମ ହୋଇପାରିବ।"



ସ୍ୱାସ୍ଥ୍ୟବିଭାଗରେ ସର୍ବାଧିକ ୧୧୭, ବ୍ଲକ କାର୍ଯ୍ୟାଳୟରେ ୫୭, ରାଜସ୍ୱ ବିଭାଗରେ ୨୪

# ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡି




**ସେବା ବାଧାପ୍ରାପ୍ତ ୨୩୬ଟି ପଦବୀ ଖାଲି**

**ବାଲିଆପାଳ,୨୮।୫(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି କର୍ମଚାରୀ ମରୁଡି ଦେଖାଦେଇଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନିକ ଉଦାସୀନତା କାରଣରୁ ବର୍ଷ ବର୍ଷ ଧରି ଏହି ପଦବୀ ପୂରଣ ହୋଇପାରୁନଥିବା କୁହାଯାଇଛି।ଫଳରେ ବିଭିନ୍ନ ସରକାର୍ଯ୍ୟାଳୟରେ ସେବା ବାଧାପ୍ରାପ୍ତ ହେଉଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସୂଚନ ଅଧିକାର ତଥ୍ୟ ଆଧାରରେ ବାଲିଆପାଳ ବ୍ଲକରେ ସ୍ୱାସ୍ଥ୍ୟ, ଶିକ୍ଷା, ରାଜସ୍ୱ, ବ୍ଲକ କାର୍ଯ୍ୟାଳୟ, କୃଷି ବିଭାଗ, ପ୍ରାଣୀ ବିଭାଗ .ପୋଲିସ ବିଭାଗ ସମେତ ବିଭିନ୍ନ କାର୍ଯ୍ୟାଳୟରେ ମୋଟ ୨୩୬ ଟି ସରକାରୀ ପଦବୀ ଖାଲି ପଡ଼ିଛି।ତେବେ କେବଳ ସ୍ୱାସ୍ଥ୍ୟ ବିଭାଗରେ ସର୍ବାଧିକ ୧୧୭ଟି ପଦବୀ ଖାଲି ପଡ଼ିଛି। ଯେଉଁଥିରେ ୨ ଜଣ ସର୍ଜରୀ ସ୍ପେସାଲିଷ୍ଟ ପଦବୀ ୮ ବର୍ଷ ହେଲା ଖାଲି ପଡ଼ିଛି।ସେହିପରି ପାଞ୍ଚବର୍ଷ ହେଲା ବିପିଏଚଓ ପଦବୀ ଖାଲି ପଡ଼ିଛି, ଚାରିବର୍ଷ ହେଲା ୨ଜଣ ସୁପରିଟେଣ୍ଟ ପଦବୀ ଖାଲି ପଡ଼ିଛି। ୧୦ବର୍ଷ ହେଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ଏଟେଣ୍ଡାଣ୍ଟ ୭ ଜଣ, ସୁଇପର୭ଜଣ ନାହାନ୍ତି।ସେହିପରି ବାଲିଆପାଳ ବ୍ଲକରେ ୫୭ଟି ପଦବୀ ଖାଲି ପଡ଼ିଛି। ବିଡିଓ ପଦବୀ ଖାଲିପଡ଼ିଥିବା ବେଳେ ତହସିଲଦାର ଉଭୟ ଦାୟିତ୍ୱ ତୁଲାଉଛନ୍ତି।ସେହିପରି ଏକାଉଣଯଟ ଅଫିସର, ଦୁଇଜଣ ଏଇ, ୬ ଜଣ ପିଇଓ, ୧୧ ଜଣ ଏଡିଇଓ, ୨୭ଜଣ ଜିଆରଏସ ପଦବୀ ରହିଛି।ସେହିପରି ରାଜସ୍ୱ ବିଭାଗରେ ୨୪ଟି ପଦବୀ ଖାଲି ପଡ଼ିଛି ଯେଉଁଥିରେ କେବଳ ବାଲିଆପାଳ ତହସିଲରେ ୧୮ଟି ପଦବୀ ଖାଲି ପଡ଼ିଛି।ଯେଉଁଥିରେ ଅତିରିକ୍ତ ତହସିଲଦାର ମଧ୍ୟ ରହିଛନ୍ତି।ସେହିପରି କୃଷି ବିଭାଗରେ ସହ କୃଷି ଅଧିକାରୀ, ଏବଂ ୯ଜଣ ଭିଏ ବ୍ଲ୍ୟୁ ମିଶାଇ ୧୦ଟି ପଦବୀ ଖାଲି ପଡ଼ିଛି। ପ୍ରାଣୀ ସମ୍ପଦ ବିଭାଗରେ ଗତ ୨୦୨୧ ମସିହାରୁ ପ୍ରାଣୀ ଚିକିତ୍ସାଅଧିକାରୀ ପଦବୀ ଏବଂ ୨୨୩ ମସିହାରୁ ସହ ପ୍ରାଣି ଚିକିତ୍ସାଅଧରକାରୀ ପଦବୀ ଖାଲି ପଡ଼ିଛି।ଶିକ୍ଷା ବିଭାଗରେ ବ୍ଲକ ଶିକ୍ଷାଅଧିକାରୀ, ୨ ଜଣ ଏବିଇଓ ସମେତ ୫ଟି ପଦବୀ ଖାଲି ପଡଛି। ସେହପରି ସମନ୍ୱିତ ଶିଶୁ ବିଖାଶ ବିଭାଗରେ ୨୦୨୨ ମସିହାରୁ ୫ ଜଣ ସୁପରଭାଇଜର ପଦବୀ ଖାଲି ପଡ଼ିଛି। ଦୀର୍ଘବର୍ଷ ଧି ଏହି ସବୁ ବିଭାଗରେ ପଦବୀ ଖାଲି ପଦବୀ ପୂରଣ ହେଉନଥିବା ବିରୋଧରେ ବାଲିଆପାଳ ସୂଚନା ଅଧିକାର ସଂଘର ସଭାପତି ଅନୁଜ ମହାପାତ୍ର ରାଜ୍ୟ ସରକାର ଙ୍କ ବିରୋଧରେ ଜନ ସ୍ୱାର୍ଥ ମାମଲା ଦାଏର କରିଛନ୍ତି।ସେହିପରି ବାଲିଆପାଳ ସୂଚନା ଅଧିକାର ସଂଘ ପକ୍ଷରୁ ଆସନ୍ତା ୩୧ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘର ସଭାପତି ଶ୍ରୀ ମହାପାତ୍ର କହିଛନ୍ତି।

## ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ




**କଳିଙ୍ଗନଗର,୨୮।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ ଦାନଗଦି ଅଞ୍ଚଳ ରେ +୨ ବିଜ୍ଞାନ ରେ ଷ୍ଟିଲ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦାନଗଦି ରେ ଛଅ ଜଣ ଛାତ୍ର ଛାତ୍ରୀ ଟପ୍ପ ର ହୋଇଛନ୍ତି, ସ୍କୁଲ ପରିସରରେ ଏହି ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି, ଏହି ଅବସରରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ରେ ଭଲ ପାଠ ପଢା ଯାଉଥିବାରୁ ସେମାନେ ଏପରି ସଫଳତା ହାସଲ କଲେ ବୋଲି ମତବ୍ୟକ୍ତ କରିଛନ୍ତି, କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନେ ବହୁତ ଖୁସି ଅଛନ୍ତି, ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳରେ ଦାନଗଦି ସ୍ଥିତ ଷ୍ଟିଲ୍ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବ୍ଲକ ସ୍ତରରେ ସୁନାମ ଆଣିଛି। ଚଳିତ ବର୍ଷ ଏ ଅନୁଷ୍ଠାନର ଛାତ୍ର କଳ୍ପତରୁ ନାୟକ ୫୩୬ (୮୯.୩) ପ୍ରତିଶତ ମାର୍କ ରଖି ଟପ୍ପର ସାଜିଥିବା ବେଳେ ସୋମନାଥ ମହାନ୍ତ (୫୧୯), ସିଦ୍ଧିତା ସର୍ବପୂଜ୍ୟ ବ୍ରହ୍ମ (୫୧୧), ବିଶ୍ୱେଶ୍ୱର ସାହୁ(୪୯୨), ଶୁଭଶ୍ରୀ ସାହୁ (୪୮୬), ଅମିତ୍ କୁମାର ମହାନ୍ତ (୪୬୬) ମାର୍କ ରଖି କୃତିତ୍ୱ ହାସଲ କରିଛନ୍ତି। ଏହିପରି ସମସ୍ତ ଛାତ୍ରଛାତ୍ରୀ ପାସ୍ କରି ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଉନ୍ନତମାନର ତଥା ଆଧୁନିକ ଶୈଳୀରେ ଶିକ୍ଷାଦାନ ପାଇଁ ଚର୍ଚ୍ଚା ରେ ଥିବା ଏହି ଅନୁଷ୍ଠାନ ଦୀର୍ଘ ୧୩ ବର୍ଷ ଧରି ସଫଳତାର ପାହାଚ ଚଢ଼ି ଚାଲିଛି। ଏହି ଅବସରରେ ଅନୁଷ୍ଠାନ ର ଅଧ୍ୟକ୍ଷ ସୁବୋଧ କୁମାର ବେହେରା ଓ ଅନୁଷ୍ଠାନ ର ଅଧ୍ୟାପକ ଅଧ୍ୟାପିକା ମାୟାଧର ଜେନା, ମନୋରମା ସେନାପତି, ଚିତ୍ତରଞ୍ଜନ ମଲ୍ଲିକ ଏବଂ ଅଭିଭାବକ ଛାତ୍ର ଛାତ୍ର ମାନଙ୍କ ର ଉଜ୍ଜଳ ଭବିଷ୍ୟତ ର କାମନା କରିଛନ୍ତି।

## ଗୋଟିଏ ରାତିରେ ୨ଟି ଦୋକାନରୁ ଚୋରି



**ବୈଶିଙ୍ଗା,୨୮।୫(ସଂଚାର ବ୍ୟୁରୋ):** ଗୋଟିଏ ରାତିରେ ଲୁଟି ନେଲେ ଦୁଇ ଦୋକାନ। ବେତନଟୀ ବ୍ଲକର ବୈଶିଙ୍ଗା ଥାନା ଅନ୍ତର୍ଗତ ବଙ୍ଗାଳିଡାହି ଛକର ଶିରିଶ ଚନ୍ଦ୍ର ମହାନ୍ତଙ୍କ ପାନ ଦୋକାନ ଓ ପଡୋଶୀ ବାମଡା ଛକର ମନୋରମା ସାହୁଙ୍କ ଦୋକାନରୁ ଗତ ରାତିରେ ଚୋରୀ ହୋଇଥିବା ଜଣାଯାଇଛି। ବିଳମ୍ବିତ ରାତିରେ ଲୋକମାନେ ଶୋଇଯିବା ପରେ କୌଶଳ କ୍ରମେ ଚୋରମାନେ ଦୋକାନ ଚାବି ଭାଙ୍ଗି ଦୋକାନ ମଧ୍ୟରେ ଥିବା ଟଙ୍କା ଓ ପେଟ୍ରୋଲ ଲୁଟି ନେଇଯାଇଥିବା ଜଣାଯାଇଛି। ଦୋକାନରେ ରଖାଯାଇଥିବା ହନୁମାନ ମୂର୍ତ୍ତିଙ୍କ ଦାନପତ୍ର ମଧ୍ୟ ଚୋରମାନେ ନେଇ ଯାଇଛନ୍ତି। ପୂର୍ବରୁ ଉକ୍ତ ଗ୍ରାମର ରମାକାନ୍ତ ମହାନ୍ତଙ୍କ ମଟର ସାଇକେଲ ଚୋରୀ ଓ ବଙ୍ଗାଳିଡାହି ଛକରୁ ବ୍ୟାଙ୍କ ଅଫ ଇଣ୍ଡିଆ କିଓସ୍କ ଶାଖାରୁ କମ୍ପୁଟର, ପ୍ରିଣ୍ଟର, ଇନଭଟର ଚୋରୀ ସହିତ କିଛିଦିନ ତଳେ ଗୋରୁ ଚୋରୀ ପାଇଁ ଅଞ୍ଚଳବାସୀ ଚିନ୍ତିତ ଥିବାବେଳେ ଗତରାତିରେ ଦୁଇଟି ଦୋକାନରୁ ଚୋରୀ ପରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ପୁଲିସ ପ୍ରଶାସନ ତରଫରୁ ରାତ୍ରୀ ପେଟ୍ରୋଲିଙ୍ଗ କରିବା ପାଇଁ ସାଧାରଣରେ ଦାବି ଉଠୁଛି ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ଫୁଲବାଣୀ,୨୮।୫(ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ସୀମାନ୍ତରେ ଥିବା ମଞ୍ଜାନି ଘାଟି ବେଡ଼ଦା ପଦର ଛକରେ ମଙ୍ଗଳ ବାର ଦିନ ସନ୍ଧ୍ୟାବେଳେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବା ଫଳରେ ଜଣେ ମୃତ ଜଣେ ଗୁରୁତର ଥିବା ସୂଚନା ମିଳିଛି।ମୃତକ ଜଣକ ହେଲେ ହେମନ୍ତ ଭୋଇ ( ବାପୁ) ବୟସ ୪୦ ବର୍ଷ ହୋଇଥିବା ବେଳେ ଗୁରୁତର ବ୍ୟକ୍ତିର ପରିଚୟ ମିଳି ପାରିନାହିଁ।ସୂଚନା ପ୍ରକାରେ ଖଲି ବେରେଣା ଗାଁର ହେମନ୍ତ ଭୋଇ ଛେଳି ଖୋଜିବାକୁ ଯାଇ ଘରକୁ ଟିଭିଏସ ଲୁନା ଗାଡ଼ିରେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଙଡ ୨୯ ଉ ୨୫୦୦ ବାଇକ୍ ସହିତ ମୁହାଁ ମୁହିଁ ଧକ୍କା ହୋଇଥିଲା।ଉଭାୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖଜୁରୀପଡ଼ା ମେଡିକାଲ ଏବଂ ପରେ ଫୁଲବାଣୀ ମେଡିକାଲରେ ନେଇ ଭର୍ତ୍ତି କରାଯାଇଥିଲା।ସେଠାରେ ଡାକ୍ତର ହେମନ୍ତ ଭୋଇ ଙ୍କୁ ମୃତ ଘୋଷଣା କରିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




**ବରଗଡ଼,୨୮।୫(ସଂଚାର ବ୍ୟୁରୋ):** ଭେଡ଼େନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧ୍ୟକ୍ଷ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଏବଂ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଡୋଳାମଣି ଖେତି ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୪୦ ଗୋଟି ଅଭିଯୋଗ ମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ, ୧୭ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମେସର୍ସ ସିରିୟସ ସ୍ପେଶାଲିଷ୍ଟ କେମିକାଲ ପ୍ରାଇଭେଟ ଲିମିଟେଡ଼ର ଜନ ଶୁଣାଣି ଅନୁଷ୍ଠିତ




**କଳିଙ୍ଗନଗର,୨୮।୫(ସଂଚାର ବ୍ୟୁରୋ):** ଆଜି ଦାନଗଦି ଭବନ ଠାରେ କଳିଙ୍ଗନଗର ଶିଳ୍ପାଞ୍ଚଳ ର ଦାନଗଦି ତହସିଲ ଅଧୀନରେ ଥିବା ଯଖପୁରା ଠାରେ ୫୨ ଏକର ଜାଗା ରେ ପ୍ରସ୍ତାବିତ ୨ ଲକ୍ଷ ଟି. ପି. ଏ କ୍ଷମତା ବିଶିଷ୍ଟ କୋଇଲା ତାର ଡିଷ୍ଟି ନେସେନ ୟୁନିଟ ଓ ୧ ଲକ୍ଷ ୟୁନିଟ କାର୍ବବନ ବ୍ଲାକ ସହିତ ୧୧ ମେଗାୱାଟ ର ସହ ଉତ୍ପାଦନ ପାୱାର ପ୍ଲାଣ୍ଟ ପାଇଁ ପରିବେଶ ମଞ୍ଜୁରୀ ସମ୍ବନ୍ଧିୟ ଜନ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି, ଆଜିର ଏହି ଜନ ଶୁଣାଣି ରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲପାଳ ସପନ କୁମାର ନନ୍ଦ ଓ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ମଦନ ମୋହନ ସାହୁ ମଞ୍ଚ ଉପରେ ଉପସ୍ଥିତ ଥିଲେ। ଏହି ପରିବେଶ ସମ୍ବନ୍ଧିୟ ଜନ ଶୁଣାଣୀ ରେ ମୁଖ୍ୟତଃ କାରଖାନା ନିର୍ମାଣ ପାଇଁ ୯୦ ପ୍ରତିଶତ ଜନସାଧାରଣ ସହମତି ପ୍ରକାଶ କରିବା ସହ ସମସ୍ତ ଙ୍କର ଗୋଟିଏ ଅଭିଯୋଗ ଥିଲା ସ୍ଥାନୀୟ ନିଯୁକ୍ତି, ପାରିପାର୍ଶ୍ୱିକ ଉନ୍ନତି ପ୍ରତି ଦୃଷ୍ଟି ଦେବାପାଇଁ, ଏହା ସହ ଟ୍ରାଫିକ ସମସ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଓଭର ବ୍ରିଜ କୁ ନେଇ ଅଭିଯୋଗ ହୋଇଥିଲା। କମ୍ପାନୀ ସ୍ଥାନୀୟ ନିଯୁକ୍ତି ଦେବା ସହ ବୃକ୍ଷ ରୋପଣ, ପାରିପାର୍ଶ୍ୱିକ ଉନ୍ନତି ପାଇଁ ପ୍ରତିଶ୍ରୁତି ନୁହେଁ ବଦ୍ଧ ପରିକର ବୋଲି ପ୍ରକଳ୍ପ ମ୍ୟାନେଜର ନିହାର ରଞ୍ଜନ ପଣ୍ଡା କହିଥିଲେ ଆଉ ପାୱାର ପ୍ଲାଣ୍ଟ ପାଇଁ ସ୍ଥାନୀୟ ବାସିନ୍ଦା ଯେଉଁ ଭୟଭୀତ ହେଉଛନ୍ତି ସେମାନେ ବିଲ୍‌କୁଲ ଚିନ୍ତା କରିବା ର ନାହିଁ କାରଣ ଏହି ପାୱାର ପ୍ଲାଣ୍ଟ ଟିରେ କୋଇଲା ବ୍ୟବହାର ହେବ ନାହିଁ ତେଣୁ ପାଉଁଶ ବାହାରିବ ନାହିଁ, କାରଖାନା ଭିତରେ ଶୂନ୍ୟ ବର୍ଜ ଜଳ ନିଷ୍କାସନ ହେବ କାରଖାନା ଭିତରେ ପାଣି କୁ ପୁନଃ ସଂଶୋଧିତ କରାଯିବ, ରାସ୍ତାରେ ପାଣି ସିଞ୍ଚନ ସହ ସରକାର ଙ୍କ ନିୟମ ଅନୁସାରେ ୩୩% ବୃକ୍ଷ ରୋପଣ ହେବା କଥା କିନ୍ତୁ ଆମ କମ୍ପାନୀ ୩୫% ବୃକ୍ଷ ରୋପଣ ନିଶ୍ଚିତ କରିବ ବୋଲି କହିଥିଲେ। ଏହି ଜନ ଶୁଣାଣୀ ରେ ମୋଟ ୭୨ ଜଣ ନିଜର ମତ ରଖିଥିବା ବେଳେ ୭୦ ଜଣ ସପକ୍ଷ ରେ ଜଣେ ବିପକ୍ଷ ରେ ଓ ଆଉ ଜଣେ ସ୍ଥାନୀୟ ପ୍ରଭାବିତ ଅଞ୍ଚଳ ରୁ ହୋଇ ନ ଥିବାରୁ ତାଙ୍କ ମତ କାଟ ଖାଇଥିଲା, ଜଣେ ଦୃଷ୍ଟିହୀନ ବ୍ୟକ୍ତି ମଧ୍ୟ ନିଜର ମତ ରଖିଥିଲେ। ଏସ. ଏସ. ପି. ଏଲ କମ୍ପାନୀ ତରଫରୁ ମହା ପ୍ରବନ୍ଧକ ପତଞ୍ଜଲି ପରିମି ଆଜିର ଜନ ଶୁଣାଣୀ ରେ ସ୍ଥାନୀୟ ବାସିନ୍ଦା, ପ୍ରଶାସନ ଓ ଗଣ ମାଧ୍ୟମ କୁ ଧନ୍ୟବାଦ ଦେବା ସହ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ କୁ ରୋକାଯିବ ବୋଲି କହିଥିଲେ, ଏହି ଜନ ଶୁଣାଣି ରେ ଅନ୍ୟତମ ପ୍ରକଳ୍ପ ମ୍ୟାନେଜର ଶିବ ରାମ ପଟ୍ଟନାୟକ ଯୋଗ ଦେଇଥିଲେ।

## ସୁନନ୍ଦ ହେଲେ ସାଂସଦଙ୍କ ତିର୍ତ୍ତୋଲ ପ୍ରତିନିଧି



**ତିର୍ତ୍ତୋଲ,୨୮।୫(ସଂଚାର ବ୍ୟୁରୋ):** ଜଗତସିଂହପୁର ଲୋକସଭା ଆସନ କ୍ଷତ୍ର ର ମାନ୍ୟବର ଲୋକସଭା ସାଂସଦ ବିଭୂ ପ୍ରସାଦ ତରାଇ ତିର୍ତ୍ତଲ ନିର୍ବାଚନ ମଣ୍ଡଳୀ ର ତିର୍ତ୍ତଲ ବ୍ଲକ ନିମନ୍ତେ, ତାଙ୍କର ପ୍ରତିନିଧି ଭାବରେ ଦୃଢ଼ ସଙ୍ଗଠକ, ଯୁବ ନେତୃତ୍ୱ ତଥା ପୂର୍ବତନ ଜଗନ୍ନାଥପୁର ମଣ୍ଡଳ ସଭାପତି ଶ୍ରୀ ସୁନନ୍ଦ ବିଶ୍ୱାଳ ଙ୍କୁ ମନୋନୀତ କରିଛନ୍ତି। ଏ ସମ୍ପର୍କରେ ସାଂସଦ ଚିଠି ନଂ ଏମ.ପି. ଏଲ.ଏସ./ବି.ପି.ଟି/୦୮୮ ତା ୨୬ ରିଖ ରେ ରେ ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ ଙ୍କୁ ଅବଗତ କରିଛନ୍ତି। ଶ୍ରୀ ସୁନନ୍ଦ ବିଶ୍ୱାଳ ଦୀର୍ଘ ବର୍ଷ ହେବ ବିଜେପି ରାଜନୀତି ରେ ସକ୍ରିୟ ଭୂମିକା ଗ୍ରହଣ କରିଆସୁଛନ୍ତି। ଏହା ସହ ବିଭିନ୍ନ ସଂଗଠନ ରେ ରହି ତିର୍ତ୍ତଲ ବ୍ଲକ ଲୋକମାନଙ୍କ ସହିତ ଜଡ଼ିତ ରହିଛନ୍ତି। ସାଂସଦ ବିଭୂ ପ୍ରସାଦ ତରାଇ ଙ୍କ ପ୍ରତିନିଧି ଭାବେ ମନୋନୀତ ହେବାପରେ ସୁନନ୍ଦ ବିଶ୍ୱାଳ ସାଂସଦ ଙ୍କୁ ସାଧୁବାଦ ଜଣାଇଛନ୍ତି। ଦଳ ତୃଣମୂଳ ସଂଗଠନ ଠାରୁ ଆରମ୍ଭ କରି ଦଳୀୟ ସଂଗଠନ କୁ ମଜବୁତ କରିବାପାଇଁ ସବୁ ପ୍ରକାର କର୍ମୀ ମାନଙ୍କୁ ସହଯୋଗ କରିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ସୁନନ୍ଦ ଙ୍କ ପରି ଦୃଢ଼ ସଙ୍ଗଠକ ଙ୍କୁ ସାଂସଦ ତାଙ୍କର ପ୍ରତିନିଧି ଭାବେ ବାଛି ଥିବାରୁ ଦଳୀୟ କର୍ମୀ ମାନେ ତାଙ୍କୁ ସୁବେଚ୍ଛା ଜଣାଇଛନ୍ତି।

## ସକାଳୁଆ ଅଫିସ ଏବେ ଖାଲି ନାଁ କୁ ମାତ୍ର, ଜ୍ୱାଇଁ ପୁଅ ପରି ନିଜ ଇଚ୍ଛାରେ ଆସୁଛନ୍ତି ସରକାରୀ ବାବୁ




**ବାଲିଆପାଳ,୨୮।୫(ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟ ଏବେ ସମ୍ପୂର୍ଣ ଭାବେ ଦେବାଳିଆ ଅବସ୍ଥାରେ ଚାଲୁଛି। କାହିଁକିନା ସରକାରୀ ବାବୁ ମାନେ ନିଜ ମନମାନିରେ କାର୍ଯ୍ୟାଳୟକୁ ଚଳାଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଏବେ ସକାଳୁଆ ଅଫିସ ହୋଇଛି କ୍ଷବହୁ ଦୂରରୁ ଲୋକେ ଅଧିକ ଗ୍ରୀଷ୍ମ ପ୍ରଭାହ ପାଇଁ ସକାଳ ଅଫିସ ସମୟ ପୂର୍ବରୁ ପହଁଚି ଯାଉଛନ୍ତି, କିନ୍ତୁ ବାବୁ ମାନଙ୍କର ଦେଖାନାହିଁ। ଏବେ କାର୍ଯ୍ୟାଳୟ ଖୋଲିବାର ସମୟ ୭ ଟା ହୋଇଥିବା ବେଳେ ଖୋଲାହେଉଛି ଦିନ ୮ଟା୩୦ ପରେ। ଏହିପରି ଦୃଶ୍ୟ ଦେଖିବାକୁ ମିଳୁଛି ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ରେ। କୌଣସି ବିଭାଗର ଅଧିକାରୀ ଠିକ ସମୟରେ ନ ଆସିବା ସହିତ ଅନ୍ୟ କର୍ମଚାରୀ ମାନେ ମଧ୍ୟ ଠିକ ସମୟରେ କାର୍ଯ୍ୟାଳୟକୁ ଆସୁନାହାନ୍ତି କ୍ଷଯାହାଫଳରେ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ବିରକ୍ତଭାବ ପ୍ରକାଶ କରୁଛନ୍ତି କ୍ଷତେବେ ଜିଲ୍ଲାପାଳ ଏ ଦିଗରେ ବିଶେଷ ନଜର ଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।

## ଚାଷୀଙ୍କ ଧାନ କିଣାରେ ଦାଉ ସାଧୁଛି ଲଘୁଚାପ ବର୍ଷା



**କଳାହାଣ୍ଡି,୨୮।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଗତ ୨୦ ତାରିଖଠାରୁ ରବି (ଡାଲୁଆ) ଧାନ ପାଇଁ ମଣ୍ଡି ଖୋଲିଛି। ମଣ୍ଡି ଖୋଲିବା ପରେ ଲଘୁଚାପ ବର୍ଷା ହେବା ଯୋଗୁଁ ଧାନକିଣାରେ ଚାଷୀ ଙ୍କୁ ଦାଉ ସାଧୁଛି।ଏହାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି। ମଣ୍ଡି ଖୋଲିବାର ୨ଦିନ ପରେ ଜିଲ୍ଲାରେ ବର୍ଷା ପ୍ରାୟ ଲାଗି ଲାଗି ହେଉଛି। ବିଶେଷ କରି ଅପରାହ୍ନରେ ପ୍ରବଳ ଘଡ଼ ଘଡି ସହ ପ୍ରବଳ ବର୍ଷା ହେଉଛି। ଜିଲ୍ଲାର ସମସ୍ତ ମଣ୍ଡି ଖୋଲା ଆକାଶ ତଳେ ଚାଲିଥିବାରୁ ବର୍ଷା ଯୋଗୁଁ ସେଠାରେ ଥିବା ଧାନ ଭିଜିଯାଉଛି। ଆରଏମସି ପକ୍ଷରୁ ଜିଲ୍ଲାର ଦାସିଗାଁ ମଣ୍ଡିରେ ଚାଷୀଙ୍କ ଧାନ ଭିଜିଯାଇଛି। ଚାଷୀ ତାରପୋଲିନ ବ୍ୟବହାର କରୁଥିଲେ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ତଳପଟେ ପାଣି ପଶି ଧାନ ଭିଜିଯାଉଥିବା ଚାଷୀ ପ୍ରକାଶ କରିଛନ୍ତି। ସେହିପରି ଖଳାରେ ଚାଷୀ ରଖିଥିବା ଧାନ ଭିଜିଯାଉଥିବାବେଳେ କ୍ଷେତରେ ଥିବା ଧାନ ମଧ୍ୟ ବର୍ଷା ଯୋଗୁଁ ଶୋଇପଡ଼ି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ଜିଲ୍ଲାର ଚାଷୀମାନେ ପ୍ରାୟ ୬୦ ପ୍ରତିଶତ ଧାନ ଅମଳ କରି ସାରିଛନ୍ତି। ବର୍ଷା ଦାଉ ସାଧୁଥିବାରୁ ପ୍ରାୟ ୧୦ ପ୍ରତିଶତ ଧାନ କ୍ରୟ ହୋଇ ନଥିବା ଜଣାପଡ଼ିଛି। ଜିଲ୍ଲାରେ ଗତ ୬ ଦିନରେ ୧୭୪୩ ଜଣ ଚାଷୀଙ୍କ ୧ ଲକ୍ଷ ୧୭ ହଜାର ୪ଶହ କ୍ୟୁଣ୍ଟାଲ ଧାନ ଉଠାଣ କରାଯାଇଥିବା ଯୋଗାଣ ବିଭାଗ ଭାଗ ପକ୍ଷରୁ ଜଣାପଡ଼ିଛି। ଚଳିତ ରବି ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ୧୪୫ଟି ଧାନ ମଣ୍ଡି ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଧାନ କିଣା ଟାର୍ଗେଟ ୨୦ ଲକ୍ଷ ୬୦ ହଜାର ରହିଛି। ସେହିପରି ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ୪୮, ୮୧୮ ଜଣ ଚାଷୀ ଅନଲାଇନ ମାଧ୍ୟମରେ ନାମ ପଞ୍ଜୀକରଣ କରିଛନ୍ତି। ୬୪ ପ୍ୟାକ୍ସ ଓ ୨୫ ସ୍ୱୟଂ ସହାୟକ ଗୋଷ୍ଠୀର ମିଳିତ ସହଯୋଗରେ ଏହି ଧାନ ସଂଗ୍ରହ ବ୍ୟବସ୍ଥା କରାଯାଇଛି। ଜିଲ୍ଲାର ୭୦ ମିଲର୍ସ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଛନ୍ତି।

## ବେଧଡକ ଭାବେ ଚାଲିଛି ବାଲି ଉତ୍ତୋଳନ

### ଆତଙ୍କିତ ଗ୍ରାମବାସୀ, ପ୍ରଶାସନ ଜ୍ଞାତସାରରେ ଚାଲିଛି ବେଆଇନ ବାଲି ଚାଲାଣ



**ବାଲିଆପାଳ,୨୮।୫(ସଂଚାର ବ୍ୟୁରୋ):** ଦୀର୍ଘ ଦିନରୁ ବାଲିଆପାଳ ବ୍ଲକରେ ଥିବା ନିଖିରା ପଞ୍ଚାୟତ ପାଳପଡା ର ବିଭିନ୍ନ ସ୍ଥାନରେ କିଛି ଅସାଧୁ ବାଲି ମାଫିଆ ଅବାଧରେ ଚୋରା ବାଲି ଉତ୍ତୋଳନ କରିଆସିଛନ୍ତି। ପ୍ରତ୍ୟେକ ଦିନ ଶହଶହ ଟ୍ରିପ ବାଲି ଉତ୍ତୋଳନ ହେବାରୁ ପାଳପଡା ବନ୍ଧ ପାର୍ଶ୍ୱରେ ବଡ଼ ବଡ଼ ଖାଲ ସୃଷ୍ଟି ହେଉଛି। ଯାହା ଫଳରେ ଭୟଭୀତ ଅବସ୍ଥାରେ ଗ୍ରାମବାସୀ। ଏହି ବେଆଇନ ବାଲି ଉତ୍ତୋଳନ ବିରୋଧ ରେ ବାରମ୍ବାର ଗ୍ରାମବାସୀ ପ୍ରଶାସନ କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ରୁ ଗ୍ରାମବାସୀ ଅସୋନ୍ତୋଷ ପ୍ରକାଶ କରିଛନ୍ତି। ବାଲିଆପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଲି, ମାଟି ଚୋରା ଚାଲାଣ ହେଉଥିବା ବେଳେ ବାଲିଆପାଳ ରେ ଥିବା ଲଘୁ ଖଣିଜ ଅଧିକାରୀ ହାତ ବାନ୍ଧି ବସିଛନ୍ତି। ବୁଧବାର ଗ୍ରାମରେ କିଛି ସଚେତନ ନାଗରିକ ବାଲି ଉତ୍ତୋଳନ କୁ ବିରୋଧକରି ଟ୍ରାକ୍ଟର ଅଟକାଇବା ସହିତ ପୋଲିସ କୁ ଖବର ଦେଇଥିଲେ। ମାତ୍ର ପୋଲିସ ବିଳମ୍ବରେ ପହଞ୍ଚିବା ସହିତ ଦେଖି ନଦେଖିଲା ପରି ପଳାଇ ଆସିବାର ଗ୍ରାମବାସୀ ଚନ୍ଦ୍ରକାନ୍ତ ଦାସ, ଭଗବାନ ଦାସ, ସୁଶାନ୍ତ ଗିରି, ସନ୍ତୋଷ ଦାସ ଅଧିକାରୀ, ଦେବେନ୍ଦ୍ର ଦାସ, ଗୌରାଙ୍ଗ ଦାସ ନିରଞ୍ଜନ ଦାସ ଅଧିକାରୀ ପ୍ରମୁଖ ଅଭିଯୋଗ କରିଛନ୍ତି। ପୋଲିସ ସରକାରଙ୍କ ରାଜସ୍ୱ କଥା ଚିନ୍ତା ନକରି କେବଳ ନିଜର ପକେଟ୍ ଗରମ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଗଞ୍ଜାମର ଚଳଚ୍ଚିତ୍ରକୁ ଅନ୍ତର୍ଜାତୀୟ ସମ୍ମାନ



**ବ୍ରହ୍ମପୁର,୨୮।୫(ସଂଚାର ବ୍ୟୁରୋ):** ଗଞ୍ଜାମର କ୍ଷୁଦ୍ର ଚଳଚ୍ଚିତ୍ର 'ଅଦମ୍ୟ'କୁ ମିଳିଛି ଆର୍ନ୍ତଜାତୀୟ ସମ୍ମାନ।ଗଞ୍ଜାମର ଲୋକକଳା ବାଘ ନାଚକୁ ନେଇ ଅଦମ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ମହାରାଷ୍ଟ୍ରର ଔରଙ୍ଗାବାଦ୍ ରେ ଚତୁର୍ଥ ବର୍ଷ ଆଇଡଲ୍ ଇଣ୍ଟରନେସନାଲ ଫିଲ୍ମ ଫେଷ୍ଟିଭାଲ ୨୦୨୫ରେ ଅଦମ୍ୟକୁ ବେଷ୍ଟ ସର୍ଟ ଫିଲ୍ମରେ ପୁରସ୍କୃତ କରାଯାଇଛି। ଏହା ଓଡ଼ିଶା ତଥା ଗଞ୍ଜାମ ଜିଲ୍ଲା ପାଇଁ ଗର୍ବ ଓ ଗୌରବର କଥା। ଆର୍ନ୍ତଜାତୀକ ନିର୍ଦ୍ଦେଶକ କ୍ରିଷ୍ଣା ଡିକେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅଦମ୍ୟ ଚଳଚ୍ଚିତ୍ରରେ ଅନେକ ନାମୀଦାମୀ କଳାକାର ମଧ୍ୟ ଅଭିନୟ କରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବରିଷ୍ଠ ଅଭିନେତା ଜୟ ପ୍ରକାଶ ଚୌଧରୀ, ପ୍ରିତିରାଜ୍ ପ୍ରଧାନ, ନାରାୟଣ ମହାରଣା, ମଧୁସୂଦନ ମିଶ୍ର, କ୍ଷୀରସିନ୍ଧୁ ମହାନ୍ତି, ସପନ କୁମାର ଅଭିନୟ କରିଥିବା ବେଳେ ଡି.ଓ.ପି ଭାବେ ରଞ୍ଜିତ କୁମାର ରଥ ଦାୟିତ୍ୱ ଗ୍ରହଣ କରିଥିଲେ। ମୁଖ୍ୟ ଭୂମିକା ଭାବେ ବିବେକ କୁମାର ଡାକୁଆ, ନାୟିକା ଭାବେ ଇ. ସଞ୍ଚିତା ପାତ୍ର ଏବଂ ଶିଶୁ କଳାକାର ଭାବେ କାଜଲ, ସୁଇଟି, ଶୁଭମ୍ ଅଭିନୟ କରିଥିଲେ। ଏହି ଅନ୍ତର୍ଜାତୀୟ ଉତ୍ସବରେ ଦେଶ ବିଦେଶର ଅନେକ ଫିଲ୍ମ ମେକର ମାନେ ମଧ୍ୟ ଉପସ୍ଥିତ ଥିଲେ ଯଥା ଜାପାନର ହଲିଉଡ୍ ଡାଇରେକ୍ଟର ଇସମୁ ଇମାକକାଏ ଙ୍କୁ ମଧ୍ୟ ବେଷ୍ଟ ଫିଲ୍ମ ଭବେ (ଡ୍ରାଗୋନ ହାର୍ଟ) କୁ ପୁରସ୍କୃତ କରାଯାଇଥିଲା। ଫେଷ୍ଟିଭାଲର ଡିରେକ୍ଟର ରାଜକମ୍ବଲ୍ ଥିବା ବେଳେ ଏହାର ସମ୍ପୁର୍ଣ୍ଣ ଦାୟିତ୍ୱ ନେଇଥିଲେ ତୁଷାର ଥରୋଟ। ଅଦମ୍ୟ ଚଳଚ୍ଚିତ୍ର ପୁରସ୍କୃତ ହୋଇଥିବାରୁ ଚରିଆଡ଼ୁ ପ୍ରଶଂସାର ସୁଅ ଛୁଟୁଛି।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବ୍ଲକ ଟପର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

**ବାଲିଆପାଳ,୨୮।୫(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ମେଟ୍ରିକ୍ ଟପ୍ପର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଲିଆପାଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ମଞ୍ଚ କାର୍ଯ୍ୟଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ମଞ୍ଚର ଉପସଭାପତି ପୂର୍ଣ୍ଣଚନ୍ଦ୍ର ରାଜ, ସମ୍ପାଦକ ଡଃ ବଙ୍କିମ ଜେନା, ସଦସ୍ୟ ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବାଲିଆପାଳ ବ୍ଲକର ଦେଭୋକର ଛାତ୍ର ସତ୍ୟଜିତ ଦାସ, ଲଙ୍ଗଳେଶ୍ୱରର ଛାତ୍ରୀ ଦେବପ୍ରିୟା ବେହେରା, ଶ୍ରୀରାମପୁର ର ଛାତ୍ରୀ ସ୍ୱତୀ ସ୍ୱୟଂ ପ୍ରଭା ପାତ୍ର ୫୬୫ ଲେଖାଏଁ ନଂ ରଖି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଅତିଥି ମାନେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଦେ, ସମାଜସେବୀ ଗୁଣାକର ପାଳ, ଶିଶୁ ସାହିତ୍ୟିକ କାଳି କିଙ୍କର ଦାସ, କବି ଶ୍ରୀହରି ମଣ୍ଡଳ, ସୌଭାଗିନି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମଞ୍ଚର କର୍ମକର୍ତ୍ତା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।